# ଉତ୍କଳ ପ୍ରସଙ୍ଗ



ନଭେମ୍ବର, ୧୯୯୮

Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ମହାତ୍ମା ଗାନ୍ଧୀ ମାର୍ଗଠାରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି (୧୫-୮-୧୯୯୮)।



ସଚିବାଳୟସ୍ଥ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାପାଳ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ କରୁଛନ୍ତି (୭-୮-୧୯୯୮)।



ପୁରୀଠାରେ ଲୋକ ସେବକ ମଣ୍ଡଳପକ୍ଷରୁ ଆୟୋଜିତ ଦକ୍ଷିଣ ଏସୀୟ ମୈତ୍ରୀ ଶିବିରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି (୫-୧୦-୧୯୯୮)



ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଏସ୍.ଟି.ପି.ଆଇର ଆର୍ଥଷ୍ଟେସନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛନ୍ତି (୩୧-୧୦-୧୯୯୮)

# ଉତ୍କଳ ପ୍ରସଙ୍ଗ

୫୫ ଭାଗ ୪ର୍ଥ ସଂଖ୍ୟା କାର୍ତ୍ତିକ-ମାର୍ଗଶିର ୧୯୨୦ ଶକାବ୍ଦ ନଭେମ୍ବର ୧୯୯୮

**ଶ୍ରୀ ସଂଜୀବ ଚନ୍ଦ୍ର ହୋତା**
ପ୍ରମୁଖ ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ରବୀନ୍ଦ୍ରନାଥ ଦାଶ**
ନିର୍ଦ୍ଦେଶକ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ମାନସ ନାୟକ

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ଖବର ସମ୍ପର୍କିତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ ।*

*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

**ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ**
**ଏବଂ**
**ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ ।**
**(ଫୋଟୋଟାଇପସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)**

# ସୂଚୀ


| | | |
|---|---|---|
| ନୂତନ ଓଡ଼ିଶା ଗଠନର ସ୍ୱପ୍ନ ଓ ସଂକଳ୍ପ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଶାସନ ଓ ଜନସାଧାରଣଙ୍କ ଭିତରେ ଥିବା ବ୍ୟବଧାନ କମାଇବା ଆବଶ୍ୟକ | ମୁଖ୍ୟମନ୍ତ୍ରୀ | ୪ |
| ଐତିହାସିକ ଚାନ୍ଦବାଲି ବନ୍ଦର | ଅଧ୍ୟାପକ ଶାନ୍ତନୁ କୁମାର ମହାନ୍ତି | ୬ |
| ଶ୍ରୀଲିଙ୍ଗରାଜ ମନ୍ଦିରର ଶିଳାଲେଖ | ଡଃ ସ୍ନିଗ୍ଧା ତ୍ରିପାଠୀ | ୧୧ |
| ବିଦ୍ରୋହୀ ଦିବାକର | ଶ୍ରୀ ବ୍ରଜ ପାଇକରାୟ | ୧୭ |
| ସ୍ମୃତି ନେହେରୁ | ଡକ୍ଟର ଜଗନ୍ନାଥ ମହାନ୍ତି | ୨୦ |
| କବି ବାଞ୍ଛାନିଧି : ଏକ ଦୃଷ୍ଟିପାତ | ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ | ୨୩ |
| ଶହୀଦ ଜୟୀ ରାଜଗୁରୁ | ଶ୍ରୀ ଦେବାଶିଷ ପଟ୍ଟନାୟକ | ୨୭ |
| ଓଡ଼ିଶାରେ ସମ୍ବାଦ–ସାହିତ୍ୟର ପ୍ରବର୍ତ୍ତକ ଡକ୍ଟର ମହତାବ | ଶ୍ରୀ ମହେଶ୍ୱର ମଲିଆ | ୨୯ |
| ଶାସନକୁ ଦକ୍ଷ ଓ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଚଉଦ ଦଫା କାର୍ଯ୍ୟକ୍ରମ | .. | ୩୩ |
| ସାଂପ୍ରତିକ ମରୁଡ଼ି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପଦକ୍ଷେପ | ଶ୍ରୀ ମୀନକେତନ ବେହେରା | ୩୬ |
| ପ୍ରବାଦ ପୁରୁଷ ବିର୍ସା ମୁଣ୍ଡା | ଶ୍ରୀ ମେଘନାଦ ଟୁଡୁ | ୩୮ |
| ଓଡ଼ିଶାର ନୌ–ବାଣିଜ୍ୟ | ଜୟନ୍ତୀ ରଥ | ୪୦ |
| ମଧୁସୂଦନ : ଏକ ମହାଜୀବନର ମୂଲ୍ୟାଙ୍କନ | ସୁରେନ୍ଦ୍ର ମହାନ୍ତି | ୪୩ |
| ବିସ୍ମୃତିରୁ ସ୍ମୃତିର ସ୍ୱାକ୍ଷର | ଶ୍ରୀ ଶୁଭ ନାରାୟଣ ସ୍ୱାଇଁ | ୪୭ |
| କାର୍ତ୍ତିକ ମାସର ମହତ୍ତ୍ୱ | ଅଧ୍ୟାପକ ଡଃ ରବି ନାୟକ | ୫୧ |
| ଓଡ଼ିଶାରେ କମ୍ପ୍ୟୁଟରର ଉପଯୋଗ | ଶ୍ରୀ ସିତୀକାନ୍ତ ଷଡ଼ଙ୍ଗୀ | ୫୩ |
| ଶକ୍ତିପୀଠ ମା' ଲଙ୍କେଶ୍ୱରୀ : ଏକ ଐତିହାସିକ ଅନୁଶୀଳନ | ଲାୟନ ମାଣିକଚାନ୍ଦ ଅଗ୍ରୱାଲ | ୫୫ |
| ସ୍ମୃତି ରୋମନ୍ଥନ | ଶ୍ରୀ ବାବୁଲି ଚରଣ ପାତ୍ର | ୫୭ |
| ବୋଇତ ବନ୍ଦାଣ | ଶ୍ରୀ ହରିରାମ ସିଂହ | ୫୭ |
| ସମ୍ବାଦ ପରିକ୍ରମା | .. | ୫୮ |



ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ
**ପଣ୍ଡିତ ଜବାହରଲାଲ ନେହେରୁ**

# ଅମର ଶହୀଦ



ବିର୍ସା ମୁଣ୍ଡା



ଜୟୀ ରାଜଗୁରୁ



ଲକ୍ଷ୍ମଣ ନାୟକ

# ନୂତନ ଓଡ଼ିଶା ଗଠନର ସ୍ୱପ୍ନ ଓ ସଂକଳ୍ପ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ଆଜି ସ୍ୱାଧୀନତା ଦିବସର ଯେଉଁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆମେ ଶେଷ କରିବାକୁ ଯାଉଛେ ତାହା ଏକ କଷ୍ଟଲବ୍ଧ ସ୍ୱାଧୀନତା । ସ୍ୱାଧୀନତା କିପରି ଭାବରେ ଆମେ ଉପଭୋଗ କରୁଛେ, ୫୦ ବର୍ଷ ପୂର୍ବର କଥା ଚିନ୍ତା କଲେ ହଳାହୁପେ ହୃଦୟଙ୍ଗମ କରିପାରିବା ପରାଧୀନ ଭାରତବର୍ଷର କି ଅବସ୍ଥା ଥିଲା । ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଯେଉଁମାନେ ନିଜକୁ ବଳିଦାନ କରିଛନ୍ତି, ସେମାନଙ୍କୁ ଆଜି ନମ୍ର ପ୍ରଣିପାତ କରିବାର ଦିନ । ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ଜୟୀ ରାଜଗୁରୁ, ବକ୍ସିଜଗବନ୍ଧୁ ବିଦ୍ୟାଧର ଏବଂ ଅସଂଖ୍ୟ ପାଇକ ସେନାନୀ । ୧୮୫୭ ବିଦ୍ରୋହର ରାଣୀ ଲକ୍ଷ୍ମୀବାଈ, ତାନ୍ତିଆଟୋପେ, ନାନା ସାହେବ ଏବଂ ସେମାନଙ୍କ ସହିତ ହଜାର ହଜାର ଭାରତୀୟ ।

ଆମେ ସ୍ମରଣ କରିବା ସ୍ୱାଧୀନତାର ଶେଷ ଯୁଦ୍ଧ, ଯେଉଁଥିରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭାରତୀୟ ଆଜାଦ୍‌ହିନ୍ଦ୍ ଫୌଜର ନେତୃତ୍ୱ ନେଇ ଏ ଦେଶକୁ ସ୍ୱାଧୀନ କରିବା ପାଇଁ ବାହାରି ଆସିଥିଲେ । ଯେଉଁମାନେ ଶସ୍ତ୍ର ଧରି ଏ ଦେଶର ସ୍ୱାଧୀନତା ପାଇଁ ଜୀବନ ବଳିଦାନ କରିଛନ୍ତି, ଶହୀଦ ହୋଇଛନ୍ତି, ସେମାନେ ଆମର ସ୍ମରଣୀୟ । ବିନା ଅସ୍ତ୍ରରେ ବିଶାଳ ଭାରତବର୍ଷର ଜନସାଧାରଣଙ୍କୁ ସଂଗ୍ରାମରେ ଆଗେଇ ନେବା ପାଇଁ ଏବଂ ଶୃଙ୍ଖଳ ମୁକ୍ତ କରିବା ପାଇଁ ମହାତ୍ମା ଗାନ୍ଧୀ ପୃଥିବୀରେ ଯେଉଁ ଅଭିନବ ସମର ଆରମ୍ଭ କରିଥିଲେ, ଅହିଂସ ସଂଗ୍ରାମ ନାମରେ ତାହା ପୃଥିବୀର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏ ଜାତିର ମୁକ୍ତିଦାତା ମହାତ୍ମା ଗାନ୍ଧୀଙ୍କୁ ଆଜି ଗଭୀର ଶ୍ରଦ୍ଧା ଓ ଭକ୍ତିର ସହିତ ଆମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ଏହା ସହିତ ଯେଉଁମାନେ ବନ୍ଦୀଶାଳାରେ ଜୀବନ ବିତାଇ ଅମର ହୋଇ ଯାଇଛନ୍ତି, ଫାଶୀ ଖୁଣ୍ଟରେ ଚଢ଼ିଛନ୍ତି ସେମାନଙ୍କୁ ବିଶେଷ ଭାବରେ ସ୍ମରଣ କରିବା । ୧୯୪୨ ମସିହାର ଆନ୍ଦୋଳନ ହେଉଛି ଆମର ଶେଷ ଅହିଂସ ଆନ୍ଦୋଳନ । ସେ ଆନ୍ଦୋଳନ ଥିଲା ଛାତ୍ର ଓ ଯୁବକମାନଙ୍କର ଆନ୍ଦୋଳନ । ସେ ଆନ୍ଦୋଳନରେ ଯେଉଁମାନେ ଭାଗ ନେଇଛନ୍ତି, ଶହୀଦ୍ ହୋଇଛନ୍ତି, ସେମାନଙ୍କୁ ଆଜି ସମ୍ମାନର ସହିତ ପ୍ରଣାମ କରିବାର ଦିନ ।

ଭାରତ ଏକ ବିଶାଳ ଦେଶ । ଏହାର ଅତୀତ ଥିଲା ପୃଥିବୀରେ ଅନନ୍ୟ ଏବଂ ଏହାର ଭବିଷ୍ୟତ ମଧ୍ୟ ଅନନ୍ୟ ହେବାକୁ ଯାଉଛି । ଯେଉଁମାନେ ଏ ସ୍ୱପ୍ନ ଆମକୁ ଦେଇଥିଲେ, ଭାରତବର୍ଷକୁ ମହାନ୍ କରିବା ପାଇଁ ସାରା ଜୀବନ ସାଧନା କରିଥିଲେ, ସେମାନଙ୍କ ମଧ୍ୟରେ ଶ୍ରୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ରବୀନ୍ଦ୍ରନାଥ ଠାକୁରଙ୍କୁ ହୃଦୟର ଗଭୀର କୋଣରୁ ପ୍ରଣାମ ଜଣେଇବାର କଥା । ଆମେ ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଏହାକୁ ପୃଥିବୀରେ ଶକ୍ତିଶାଳୀ ରାଷ୍ଟ୍ର କରିବା ପାଇଁ ବହୁ ଉଦ୍ୟମ କରିଛେ । ମହାତ୍ମା ଗାନ୍ଧୀ ଏବଂ ସବୁ ସ୍ୱାଧୀନତା ସଂଗ୍ରାମୀ ସ୍ୱପ୍ନ ଦେଖିଥିଲେ, ଭାରତ ସ୍ୱାଧୀନ ହେବ ଗରିବ ଲୋକଙ୍କର ମୁକ୍ତି ପାଇଁ । ଗରିବ ଲୋକଙ୍କୁ ପ୍ରକୃତ ସ୍ୱାଧୀନତାର ସ୍ୱାଦ ଦେବା ପାଇଁ ଏ ଦେଶର ମୁକ୍ତି ସଂଗ୍ରାମ ସଂଘଟିତ ହୋଇଥିଲା । ସ୍ୱାଧୀନତା ସମୟରେ ୩୦ କୋଟି ଲୋକଙ୍କର ଭାରତବର୍ଷ ଆଜି ଶହେ କୋଟି ଲୋକଙ୍କର ଦେଶରେ ପରିଣତ ହୋଇଛି ଏବଂ ୧୦୦ କୋଟି ଲୋକଙ୍କ ଭିତରୁ ଆଜି ୭୦ କୋଟିରୁ ଊର୍ଦ୍ଧ୍ୱ ଦାରିଦ୍ର୍ୟର ଶୃଙ୍ଖଳରୁ ମୁକ୍ତ ହୋଇଛନ୍ତି । ଏ କିଛି କମ୍ ଗର୍ବ ଏବଂ ଗୌରବର କଥା ନୁହେଁ । ଏହା ସଙ୍ଗେ ସଙ୍ଗେ ବିଭିନ୍ନ କ୍ଷେତ୍ରରେ ଆମ ଦେଶ ପ୍ରଗତି କରି ଚାଲିଛି । ଆଧୁନିକ ଜ୍ଞାନ ବିଜ୍ଞାନ, ମହାକାଶ ବିଦ୍ୟା ଏବଂ ଆଣବିକ ଶକ୍ତିରେ ଭାରତ ପୃଥିବୀର ଏକ ଶକ୍ତି ରୂପେ ଆଜି ଗୃହୀତ ହେଉଛି । ଶାସ୍ତ୍ରରେ ଯାହାକୁ କୁହାଯାଉଛି ଖେଚର ବିଦ୍ୟା, ନକ୍ଷତ୍ର ବିଦ୍ୟା ଆମେ ସେଥିରେ ନିଜର ପାରଙ୍ଗମତା ଦେଖେଇ ପାରିଛେ । ଆଜି ଶିଳ୍ପ ଓ କୃଷି କ୍ଷେତ୍ରରେ ଭାରତବର୍ଷରେ ବିପୁଳ ଅଗ୍ରଗତି ହୋଇଛି । ସ୍ୱାଧୀନତା ପ୍ରାପ୍ତି ସମୟରେ ଆମେ ଏକ ବୁଭୁକ୍ଷୁ ଦେଶ ହୋଇ ରହିଥିଲେ । ଖାଦ୍ୟ ପଦାର୍ଥ ପାଇଁ ପୃଥିବୀରେ ଆମକୁ ହାତ ପତେଇବା ପାଇଁ ପଡୁଥିଲା । ଆଜି ଆମେ କେବଳ ସ୍ୱାବଲମ୍ବୀ ନୋହୁଁ, ପୃଥିବୀର ବିଭିନ୍ନ ଦେଶକୁ ଭାରତ ଆଜି ଖାଦ୍ୟ ଶସ୍ୟ ପଠେଇବା ପାଇଁ ସମର୍ଥ ହୋଇଛି । ଶିଳ୍ପ କ୍ଷେତ୍ରରେ ସାମାନ୍ୟ ଛୁଞ୍ଚି ମଧ୍ୟ ଆମେ ଏ ଦେଶରେ ଉତ୍ପାଦନ କରୁ ନଥିଲେ । କିନ୍ତୁ ଆଜି ଛୁଞ୍ଚିଠାରୁ ଆରମ୍ଭ କରି ଉଡ଼ାଜାହାଜ, ବୁଡ଼ାଜାହାଜ ପର୍ଯ୍ୟନ୍ତ ବିଭିନ୍ନ ଯନ୍ତ୍ରପାତି ଆଜି ଏ ଦେଶରୁ ଉତ୍ପାଦନ କରୁଛେ । ଶିଳ୍ପ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ଏବଂ ପୃଥିବୀର ଅନ୍ୟତମ ଶିଳ୍ପ ପ୍ରଧାନ ଦେଶ ଭାବରେ ପରିଗଣିତ ହୋଇ ପାରିଛୁ । ତା' ସଙ୍ଗେ ସଙ୍ଗେ ଜ୍ଞାନ, ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ କୌଶଳରେ ଭାରତବର୍ଷ ପୃଥିବୀରେ ପ୍ରଧାନ ସ୍ଥାନ ଅଧିକାର କରିଛି । ଭାରତବର୍ଷର ଇଞ୍ଜିନିୟର, ହଜାର ହଜାର ଟେକ୍‌ନିସିଆନ୍ ଆଜି ପୃଥିବୀର ବିଭିନ୍ନ

ଦେଶରେ ସଫଳତାର ସହିତ କାର୍ଯ୍ୟ କରୁଛନ୍ତି । ଯାହାକୁ ମଧ୍ୟମ ଧରଣର ବୈଷୟିକ ଜ୍ଞାନ ବୋଲି କୁହାଯାଏ, ସେ ଜ୍ଞାନରେ ଭାରତ ହେଉଛି ପୃଥିବୀର ସର୍ବପ୍ରଧାନ ଦେଶ । ଏସବୁ ସହିତ ସ୍ୱାଧୀନତାର ଦିନରେ ଯାହା ଆମେ କରିଚେ ସେଥିପାଇଁ ଗର୍ବ ଅନୁଭବ କରିବା ସଙ୍ଗେ ସଙ୍ଗେ ଯାହା କରି ପାରି ନାହେଁ, ସେଥିପାଇଁ ଆମକୁ ନୂତନ ସଂକଳ୍ପ ଗ୍ରହଣ କରିବାକୁ ହେବ । ଯଦିବା ଆମେ କୋଟି କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛେ ତଥାପି ଦାରିଦ୍ର୍ୟ ଏ ପର୍ଯ୍ୟନ୍ତ ଦୂରୀଭୂତ ହୋଇ ନାହିଁ । ଏବେ ମଧ୍ୟ କୋଟି କୋଟି ଲୋକ ଦାରିଦ୍ର୍ୟର କଷାଘାତରେ ସନ୍ତୁଛନ୍ତି । ଏବେ ମଧ୍ୟ ନିରକ୍ଷର ଅବସ୍ଥାରେ କୋଟି କୋଟି ଲୋକ ଏ ଭାରତବର୍ଷରେ ରହିଛନ୍ତି । ଏବେ ମଧ୍ୟ ବହୁ ଲୋକ କୁସଂସ୍କାର ଭିତରେ ରହିଛନ୍ତି । ତେଣୁ ଆଜି ଦାରିଦ୍ର୍ୟ, ନିରକ୍ଷରତା, କୁସଂସ୍କାର ଓ ଦୁଃସ୍ଥ ଅବସ୍ଥାରୁ ସମସ୍ତଙ୍କୁ ମୁକ୍ତ କରିବା ପାଇଁ ଆମେ ପ୍ରତିଜ୍ଞାବଦ୍ଧ ହେବା ଉଚିତ ।

ପଣ୍ଡିତ ଜବାହାରଲାଲ ନେହେରୁ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଶ୍ରୀ ରାଜୀବ ଗାନ୍ଧୀ, ଏମାନେ ଏ ଦେଶକୁ ସମୃଦ୍ଧିଶାଳୀ କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି । ଶ୍ରୀ ପି.ଭି. ନରସିଂହ ରାଓ ନୂତନ ଅର୍ଥନୀତି ପ୍ରବର୍ତ୍ତନ କରି ଏ ଦେଶକୁ ଆଗେଇ ନେବା ପାଇଁ ଚେଷ୍ଟା କରିଛନ୍ତି । ଦେଶର ପ୍ରଗତି ପାଇଁ ଏମାନଙ୍କର ମହାନ୍ ଅବଦାନ ଆମର ସ୍ମରଣୀୟ । ଭାରତବର୍ଷ କେବେହେଲେ ନେତୃତ୍ୱର ଅଭାବ ଅନୁଭବ କରିନାହିଁ, ଭବିଷ୍ୟତରେ ମଧ୍ୟ ଏ ନେତୃତ୍ୱର ଅଭାବ ରହିବ ନାହିଁ । କାରଣ ଏହା ଏକ ବିଶାଳ ଦେଶ । ଏଥିରେ ସାମୟିକଭାବେ ନେତୃତ୍ୱର ଅଭାବ ରହିପାରେ । କିନ୍ତୁ ଜନସାଧାରଣଙ୍କ ଭିତରୁ ନେତୃତ୍ୱ ଆସିବ ଏବଂ ଏ ଦେଶ କେବେହେଲେ ନେତୃତ୍ୱହୀନ ହେବନାହିଁ । ଏହା ହିଁ ହେଉଛି ଅତୀତର ପ୍ରମାଣ ଏବଂ ଭବିଷ୍ୟତର ମଧ୍ୟ ଏହା ହେଉଛି ସତ୍ୟ ।

ଓଡ଼ିଶା ଭାରତବର୍ଷରେ ବହୁତ ପଛରେ ପଡ଼ିଛି । ଓଡ଼ିଶା ଦିନେ ଏକ ଅଗ୍ରଣୀ ଭୂମି ହୋଇ ରହିଥିଲା । ପ୍ରାଚୀନ କଳିଙ୍ଗର ନାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଦକ୍ଷିଣ-ପୂର୍ବ ଏସିଆର ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ, ବ୍ରହ୍ମଦେଶ, ଥାଇଲାଣ୍ଡ, ମ୍ୟାଲେସିଆ, ଫିଲିପାଇନ୍ସ୍ ଯେଉଁ ଦେଶକୁ ଗଲେ ସେ ଦେଶର ଇତିହାସରେ ପ୍ରାଚୀନ କଳିଙ୍ଗର ପଦଚିହ୍ନ ଦେଖିବାକୁ ମିଳିଥାଏ । ସେ ସବୁ ଦେଶରେ ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇଛି କଳିଙ୍ଗର ମହାନ୍ ଅବଦାନ । ଏକ ବିଶାଳ ନୌବାଣିଜ୍ୟର ଦେଶ ଭାବରେ କଳିଙ୍ଗ ଭାରତବର୍ଷରେ ସେତେବେଳେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା । ସେଥିପାଇଁ କଳିଙ୍ଗ ଅଧିକାର କରିବା ପାଇଁ ସମ୍ରାଟ୍ ଅଶୋକ ଉଦ୍ୟମ କରିଥିଲେ ଏବଂ ତା'ପରେ ପରେ ବହୁ ଉଦ୍ୟମ ମଧ୍ୟ ହୋଇଥିଲା । କଳିଙ୍ଗର ଯେଉଁ ଐଶ୍ୱର୍ଯ୍ୟ ସେଥିରେ ପ୍ରଲୋଭିତ ହୋଇ ଅନେକ ଏ ରାଜ୍ୟ ଆକ୍ରମଣ କରିଛନ୍ତି, କିନ୍ତୁ ସେମାନେ ସମସ୍ତେ ପରାସ୍ତ ହୋଇଛନ୍ତି । ବହୁକାଳ ଧରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଓଡ଼ିଶା ତା'ର ସ୍ୱାଧୀନତା ଅକ୍ଷୁଣ୍ଣ ରଖିଥିଲା । ଅଶୋକଙ୍କଠାରୁ ଆରମ୍ଭ କରି ଆକବରର ପର୍ଯ୍ୟନ୍ତ ସମସ୍ତ ସାମ୍ରାଜ୍ୟର ଈର୍ଷାର କାରଣ ହୋଇଥିଲା । କିନ୍ତୁ ବହୁ ବର୍ଷ ଧରି ଆମେ ପରାଧୀନ ହୋଇଗଲେ । ମୋଗଲ, ମରହଟ୍ଟା, ଇଂରେଜ ଶାସନରେ ଦୀର୍ଘ କାଳର ପରାଧୀନତା ଫଳରେ ଓଡ଼ିଶା ଦରିଦ୍ର ହୋଇଗଲା । ବିଶେଷ ଭାବରେ ଇଂରେଜମାନଙ୍କ ସମୟରେ ଆମେ ସବା ପଛରେ ପଡ଼ିଗଲେ । ସ୍ୱାଧୀନତା ପରେ ଆମର ଯେତେ ଅଗ୍ରଗତି ହେଲେ ମଧ୍ୟ ଭାରତବର୍ଷର ଅନ୍ୟସବୁ ରାଜ୍ୟ ତୁଳନାରେ ପଛରେ ପଡ଼ି ରହିଛେ । ଅନ୍ୟମାନେ ଅଗ୍ରଗତି କରିସାରିଛନ୍ତି । ପଟୁଆରରେ ଯେଉଁମାନେ ପଛରେ ଥାନ୍ତି ସେମାନେ ଯଦି ଖୁବ୍ ଦ୍ରୁତ ଗତିରେ ନ ଆଗାନ୍ତି, ତା'ହେଲେ ପଛରେ ପଡ଼ି ରହିଥିବେ । ଠିକ୍ ସେଇଆ ହୋଇଛି ଓଡ଼ିଶାର ଅବସ୍ଥା । ଓଡ଼ିଶାର ଅଗ୍ରଗତି ପାଇଁ ଏବଂ ଅନ୍ୟମାନଙ୍କ ସମକକ୍ଷ ହେବା ପାଇଁ ଓଡ଼ିଶା ପାଇଁ ଦରକାର ଡବଲ ମାର୍ଚ୍ଚ ଅର୍ଡ଼ର । ଦୁଇଗୁଣ ବେଗରେ ଯଦି ଓଡ଼ିଶାକୁ ଆଗେଇ ନନେବା, ତା'ହେଲେ ଆମେ ଭାରତର ଅଗ୍ରଗାମୀ ରାଜ୍ୟ ରୂପେ ପରିଗଣିତ ହୋଇ ପାରିବା ନାହିଁ । ସେଥିପାଇଁ କୃଷି, ଶିଳ୍ପ, ପର୍ଯ୍ୟଟନରେ ଏବଂ ଗରିବ ଲୋକଙ୍କ ଅବସ୍ଥା ପରିବର୍ତ୍ତନ କରିବାରେ ଆମକୁ ଯଥେଷ୍ଟ ଉଦ୍ୟମ କରିବା ପାଇଁ ପଡ଼ିବ । ଓଡ଼ିଶାକୁ ଉଠେଇବା ପାଇଁ କେନ୍ଦ୍ର ସରକାରଙ୍କର ସାହାଯ୍ୟ ହେଉ, ବାହାରର ଋଣ ହେଉ ବା ପୁଞ୍ଜି ବିନିଯୋଗ ହେଉ ସମସ୍ତ ପ୍ରକାର ପ୍ରଚେଷ୍ଟା ଆମକୁ କରିବାକୁ ପଡ଼ିବ । କାରଣ ଆଜି ପ୍ରମାଣିତ ହୋଇ ଯାଇଛି, ଓଡ଼ିଶାରେ ଯେଉଁ ପ୍ରାକୃତିକ ସମ୍ପଦ ରହିଛି ଭାରତବର୍ଷର ଅନ୍ୟ କୌଣସି ରାଜ୍ୟ ତା' ସହିତ ତୁଳନୀୟ ନୁହେଁ । ଓଡ଼ିଶାରେ ଯେଉଁ ବିପୁଳ ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ, ଜଳ ସମ୍ପଦ, ମୃତ୍ତିକା ସମ୍ପଦ ଏବଂ ଅତ୍ୟନ୍ତ ବୁଦ୍ଧିମାନ ଓ ପରିଶ୍ରମୀ ଲୋକଶକ୍ତି ରହିଛି ଭାରତରେ ଖୁବ୍ କମ୍ ରାଜ୍ୟରେ ଅଛି । ତେଣୁ ଏ ସମସ୍ତ ସମ୍ପଦର ଅଧିକାରୀ ହୋଇ ଆମେ ପଛରେ ପଡ଼ିବା ଏକ ହାସ୍ୟାସ୍ପଦ ଅବସ୍ଥା । ଏ ଅବସ୍ଥାରୁ ଆମକୁ ଶୀଘ୍ର ଉଠିବାକୁ ପଡ଼ିବ ଏବଂ ଓଡ଼ିଶାକୁ ଆଗେଇ ନେବାକୁ ହେବ । ଏଥିପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାକୁ ଆହୁରି ଦ୍ରୁତତର କରିବା ପାଇଁ ମୁଁ ଆପଣଙ୍କ ନିକଟରେ ସଂକଳ୍ପ ନେଉଛି । ଯେଉଁ ଅଭିଯାନ ଆରମ୍ଭ ହୋଇଛି, ତାହା ବନ୍ଦ ହେବାର ନୁହେଁ ।

ନୌ-ବାଣିଜ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶାରେ ଆଜି ତିନୋଟି ବନ୍ଦର ହେବା ପାଇଁ ଯାଉଛି । ପାରାଦ୍ୱୀପ ବନ୍ଦରର ସଂପ୍ରସାରଣ ହେଉଛି । ତା' ସାଙ୍ଗେ ସାଙ୍ଗେ ଉତ୍ତରରେ ଧାମରା ବନ୍ଦର, ଦକ୍ଷିଣରେ ଗୋପାଳପୁର ବନ୍ଦର ପୂର୍ବ ଭାରତରେ ସବୁଠାରୁ ଶ୍ରେଷ୍ଠ ବନ୍ଦରରେ ପରିଣତ ହେବ । ଏ ବନ୍ଦର ସହିତ ଅନେକ କଳକାରଖାନା ଗଢ଼ି ଉଠିବ । ଇସ୍ପାତ୍ କାରଖାନା ସହିତ ଆଲୁମିନିୟମ୍ ଓ ଆଲୁମିନା କାରଖାନା ହେବା ପାଇଁ ଯାଉଛି । ଅନୁଗୁଳ ଓ ଦାମନଯୋଡ଼ିରେ ଆପଣମାନେ ଗୋଟିଏ, ଗୋଟିଏ ଆଲୁମିନିୟମ, ଆଲୁମିନା କାରଖାନା ଦେଖୁଛନ୍ତି । ସେହିପରି ଶ୍ରୀ... ସ୍ମେଲ୍ଟର ଅନୁଗୁଳ, ଖଣି ରିଫାଇନାରୀ ଦାମନଯୋଡ଼ି ହେବା ପାଇଁ ଯାଉ...

ଆଗାମୀ ୪/୫ ବର୍ଷ ଭିତରେ। ତା' ସହିତ ତିନୋଟି ତୈଳବିଶୋଧନାଗାର ଓଡ଼ିଶାରେ ହେବା ପାଇଁ ଯାଉଛି। ବିଦ୍ୟୁତ ଶକ୍ତି କ୍ଷେତ୍ରରେ ବିପୁଳ ପୁଞ୍ଜି ବିନିଯୋଗ କରାଯାଉଛି। ବିଦ୍ୟୁତ୍ କ୍ଷେତ୍ରରେ ଓଡ଼ିଶା ଆଜି ଯେ କେବଳ ଭାରତବର୍ଷରେ ବଳକା ରାଜ୍ୟ ତା' ନୁହେଁ, ଆଗାମୀ ୧୦ ବର୍ଷ/୨୦ ବର୍ଷ ପାଇଁ ମଧ୍ୟ ବଳକା ରାଜ୍ୟ ହୋଇ ରହିବା। ବିନା ବିଦ୍ୟୁତ୍‌ରେ କୌଣସି ଅଗ୍ରଗତି ହୋଇନାହିଁ। କୃଷି, ଶିଳ୍ପର ବିକାଶ ହୁଏନାହିଁ। ତେଣୁ ଆମର ସଂକଳ୍ପ ହେଉଛି ବିଦ୍ୟୁତ୍ ଶକ୍ତି ଯଥେଷ୍ଟ ବଢ଼େଇ ଭାରତବର୍ଷକୁ ଯେପରି ବିଦ୍ୟୁତ୍ ଆଲୋକରେ ଆଲୋକିତ କରିପାରିବା। ସେଥିପାଇଁ ଆଜି ପ୍ରବଳ ଉଦ୍ୟମ ଆରମ୍ଭ ହୋଇଛି।

ଏହାଛଡ଼ା ଗରିବ ଲୋକମାନଙ୍କ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ ଚାଲିଛି ତାକୁ ଆମକୁ ଦ୍ୱିଗୁଣିତ କରିବାକୁ ହେବ। ଓଡ଼ିଶାରେ ବହୁତ ଲୋକ ଅଛନ୍ତି ଯେଉଁମାନଙ୍କର ଘରଡ଼ିହ ନାହିଁ, ଲକ୍ଷ ଲକ୍ଷ ଲୋକ ଯାଯାବର ଅବସ୍ଥାରେ ରହିଛନ୍ତି। ସମସ୍ତଙ୍କୁ ଆଗାମୀ ଜାନୁଆରୀ ୨୬ ତାରିଖ ପୂର୍ବରୁ ଘରଡ଼ିହ ଦେବା ପାଇଁ ମୁଁ ମୋର ସଂକଳ୍ପ ଏ ଉତ୍ସବରେ ଘୋଷଣା କରୁଛି। ଏହା ସଙ୍ଗେ ସଙ୍ଗେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ଘର ନାହିଁ କହିଲେ ଚଳେ। ସବୁ ଗରିବ ଲୋକଙ୍କୁ ୫ ବର୍ଷ ଭିତରେ ବାସଗୃହ ଓ ଇନ୍ଦିରା ଆବାସ ଯୋଗେଇ ଦେବା ଆମର ଲକ୍ଷ୍ୟ।

ଏହା ସହିତ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଚେ। କୃଷିର ଉତ୍ପାଦନ ଦ୍ୱିଗୁଣିତ କରିବା ପାଇଁ ଉଦ୍ୟମ ହେଉଛି। ଶତକଡ଼ା ୫୦ ଭାଗ ଜମିକୁ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହେଉଛି। ନୂତନ କୃଷିନୀତି ଫଳରେ କୃଷି କ୍ଷେତ୍ରରେ ଆମେ କେବେହେଲେ ପଛରେ ପଡ଼ିବାର ପ୍ରଶ୍ନ ଉଠୁନାହିଁ। ସେହିପରି ଶିଳ୍ପ କ୍ଷେତ୍ରରେ ବିପୁଳ ବିକାଶ ସାଧିତ ହୋଇଛି। ବେକାର ସମସ୍ୟାର ସମାଧାନ ପାଇଁ କଳକାରଖାନାର ବିସ୍ତାର କରି ଲୋକଙ୍କୁ ଆତ୍ମନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଛି। ଏ କାର୍ଯ୍ୟକ୍ରମ ଖୁବ୍ ଜୋର୍‌ସୋର୍‌ରେ ଚାଲୁ ରହିବ। ଆଗାମୀ ୫ ବର୍ଷ ଭିତରେ ଆମେ ଦେଖିପାରିବା କିପରି ନୂଆ ନୂଆ ସହର ଗଢ଼ି ଉଠିଛି ବିଭିନ୍ନ ବନ୍ଦର, ଖଣି ଖାଦାନ୍ ଓ ଅଞ୍ଚଳକୁ କେନ୍ଦ୍ର କରି। ହଜାର ହଜାର ଯୁବକ ସେଠାରେ ଆତ୍ମନିଯୁକ୍ତ ହୋଇପାରିବେ। ତା'ଛଡ଼ା - ଶିକ୍ଷାର ବିଶେଷତଃ ମହିଳା ଶିକ୍ଷାର ଉନ୍ନତି ପାଇଁ ଦୃଷ୍ଟି ଦିଆ ଯାଉଛି। ଆଦିବାସୀ, ହରିଜନ ବହୁଳ ପ୍ରତି ପଞ୍ଚାୟତରେ ଅନ୍ତତଃ ୨ଟି କରି ବୋର୍ଡିଂ ସ୍କୁଲ ଖୋଲାଯିବ। ଫଳରେ ଶିକ୍ଷା କ୍ଷେତ୍ରରେ ଯେଉଁମାନେ ପଛରେ ପଡ଼ିରହିଛନ୍ତି ସେମାନଙ୍କୁ ଆଗେଇ ନେଇ ପାରିବା। ଓଡ଼ିଶାରେ ଅନୁନ୍ନତ ଅଞ୍ଚଳକୁ କେ.ବି.କେ. ଜିଲ୍ଲା ବୋଲି କୁହାଯାଉଛି। ଏହିପରି ୮ଟି ଜିଲ୍ଲା ଅଛି କୋରାପୁଟ୍‌ରୁ ଆରମ୍ଭ କରି ବଲାଙ୍ଗୀର ପର୍ଯ୍ୟନ୍ତ। ଏହି ୮ଟି ଜିଲ୍ଲାକୁ ଉପରକୁ ଉଠେଇବା ପାଇଁ ଆଗାମୀ ୯ ବର୍ଷ ପାଇଁ ୫,୫୦୦ କୋଟି ଟଙ୍କାର ଯୋଜନା କରାଯାଉଛି। ଏହାଛଡ଼ା ସମ୍ବଲପୁରଠାରୁ ଆରମ୍ଭ କରି କଳାହାଣ୍ଡି ପର୍ଯ୍ୟନ୍ତ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଉନ୍ନତି ନିମନ୍ତେ ଏକ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ଗଠନ କରାଯାଉଛି, ଯାହା ଜରିଆରେ ଏ ଅଞ୍ଚଳର ଦ୍ରୁତତର ଉନ୍ନତି ସମ୍ଭବ ହେବ। ଏସବୁ କାର୍ଯ୍ୟକ୍ରମ ଯୁବକମାନଙ୍କ ଜରିଆରେ କାର୍ଯ୍ୟକାରୀ କରାଯିବ। ସେହିମାନଙ୍କର ସଂକଳ୍ପ ଓ ସଂଗ୍ରାମରେ ଆମେ ନୂଆ ଓଡ଼ିଶା ଆଜି ଗଠନ କରିବା ପାଇଁ ଯାଉଚେ। ଯେଉଁ ଓଡ଼ିଶା ଭାରତବର୍ଷରେ ତାର ଜୟପତାକା ଉଡ଼େଇ ପାରିବ, ପ୍ରାଚୀନ କଳିଙ୍ଗର ପୁନରୁଦ୍ଧାର କରିପାରିବ, ଆଜି ସେହି ଓଡ଼ିଶାର ସ୍ୱପ୍ନ ଓ ସଂକଳ୍ପର ଦିନ।

**ଚଳିତ ଋତୁରେ ୧୨୫ କୋଟି ଟଙ୍କା**
**ସମବାୟ ଋଣ ବିନିଯୋଗ କରାଯିବ**

ଚଳିତ ୧୯୯୮–୯୯ ଋତୁରେ କୃଷୀମାନଙ୍କୁ ୧୨୫ କୋଟି ଟଙ୍କାର ସମବାୟ ଋଣ ଦିଆଯିବା ପାଇଁ ସମବାୟ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଧିକ ଉତ୍ପାଦନକ୍ଷମ ଧାନ, ଆଳୁ, ବାଣିଜ୍ୟିକ ଫସଲ, ଆଳୁ ଓ ଅନ୍ୟାନ୍ୟ ପରିବାପରିବା ଉତ୍ପାଦନ ପାଇଁ କୃଷୀମାନଙ୍କୁ ଏହି ଫସଲ ଋଣ ବିଭିନ୍ନ ସମବାୟ ଋଣ ଲଗାଣକାରୀ ସଂସ୍ଥା ଜରିଆରେ ପ୍ରଦାନ କରାଯିବ।

ଗତ ୧୯୯୩–୯୪ ମସିହାଠାରୁ ୧୯୯୬–୯୭ ପର୍ଯ୍ୟନ୍ତ ଏହି ଚାରିବର୍ଷ ମଧ୍ୟରେ ରାଜ୍ୟର ସମବାୟ ସମିତିଗୁଡ଼ିକ ଋତୁରେ ପ୍ରାୟ ୭୬ କୋଟି ଟଙ୍କା ଫସଲ ଋଣ ବାବଦରେ ବିନିଯୋଗ କରିଥିବା ବେଳେ କେବଳ ଗତ ୧୯୯୭–୯୮ ଋତୁରେ ୬୯ କୋଟି ଟଙ୍କାର ଋଣ ଲଗାଣ କରାଯାଇଥିଲା। କିନ୍ତୁ ଚଳିତ ଋତୁରେ ଏହି ଫସଲ ଋଣ ଲଗାଣ ପରିମାଣ ଉତ୍ସାହଜନକ ଢାଞ୍ଚାରେ ବୃଦ୍ଧି କରାଯାଇଥିବାରୁ ଏହା ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି।

# ଶାସନ ଓ ଜନସାଧାରଣଙ୍କ ଭିତରେ ଥିବା ବ୍ୟବଧାନ କମାଇବା ଆବଶ୍ୟକ

**ମୁଖ୍ୟମନ୍ତ୍ରୀ**

ଜନସାଧାରଣଙ୍କୁ ଶାସନର ସୁଫଳ ସହଜଲଭ୍ୟ କରି ସୀମିତ ସମୟ ମଧ୍ୟରେ ସାଫଲ୍ୟ ହାସଲ କରିବା ଦିଗରେ ଶାସନ ସଚିବ ଓ ବିଭାଗୀୟ ମୁଖ୍ୟମାନେ ତତ୍ପରତା ପ୍ରକାଶ କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି ।

ଗତ ଅଗଷ୍ଟ ୨୭ ତାରିଖରେ ସଚିବାଳୟ ସମ୍ମିଳନୀ କକ୍ଷରେ ରାଜ୍ୟର ଶାସନ ସଚିବ ଓ ବିଭାଗୀୟ ମୁଖ୍ୟମାନଙ୍କର ଏକ ସମ୍ମିଳନୀରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ସେମାନଙ୍କର କାର୍ଯ୍ୟପ୍ରଣାଳୀ ଉପରେ ହିଁ ସରକାରଙ୍କ ଭାବମୂର୍ତ୍ତି ନିର୍ଭରଶୀଳ । ଆମ ରାଜ୍ୟରେ ବହୁ ଯୋଜନା ଓ କାର୍ଯ୍ୟକ୍ରମ ରୂପାୟିତ ହୋଇଥିଲେ ହେଁ ସ୍ୱାଧୀନତାର ୫୦ ବର୍ଷ ପରେ ମଧ୍ୟ ଓଡ଼ିଶା ଏକ ପଛୁଆ ରାଜ୍ୟ ରୂପେ ବିବେଚିତ ହେଉଛି । ଏହି ପଛୁଆ ପଣ ଦୂର କରିବା ପାଇଁ ସମୂହ ଭାବରେ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ପଡ଼ିବ । ଉଦାରୀକରଣ ଭାରତୀୟ ଅର୍ଥନୀତିର ଏକ ପ୍ରଧାନ ଆକର୍ଷଣ ହୋଇଥିବାରୁ ଏଦିଗରେ ଶାସନ ସଚିବମାନଙ୍କର ଦାୟିତ୍ୱ ବଢ଼ିଯାଇଛି ବୋଲି ସେ କହିଥିଲେ ।

ଆଇନ୍ ଶୃଙ୍ଖଳାର ସୁରକ୍ଷା, ରାଜସ୍ୱ ଆଦାୟ, ଅତ୍ୟାବଶ୍ୟକ ସାମଗ୍ରୀର ସୁଷମ ବଣ୍ଟନ ସହ କୃଷି, ଶିଳ୍ପ ଓ ଗ୍ରାମାଞ୍ଚଳର ଉନ୍ନତି ପ୍ରଶାସନର ପ୍ରଧାନ ଲକ୍ଷ୍ୟ । ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାକୁ ଦ୍ରୁତତର କରିବାକୁ ପଡ଼ିବ ।

ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସିଦ୍ଧାନ୍ତ ନେବା ଦିଗରେ ଅହେତୁକ ବିଳମ୍ବ ହେଉ ଥିବାରୁ କ୍ଷୋଭ ପ୍ରକାଶ କରି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକେ ଶୀଘ୍ର ଫଳ ଆଶା କରୁଥିବାରୁ ଶାସନ ଲୋକଙ୍କ ପ୍ରତି ସହାନୁଭୂତିଶୀଳ ହେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । କୌଣସି କ୍ଷେତ୍ରରେ ଲୋକଙ୍କ ପ୍ରତି ଶାସନର ଅନାଦର ବା ବିତୃଷ୍ଣା ଭାବ ଦେଖା ଦେବା ଆଦୌ ଉଚିତ ନୁହେଁ ବୋଲି ସେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟର ପ୍ରତି ବ୍ଲକ୍‌ରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ପ୍ରତି ବର୍ଷ ପ୍ରାୟ ଦୁଇ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏହା ଦ୍ୱାରା ଯେଉଁଭଳି ପରିବର୍ତ୍ତନ ଆସିବା କଥା ତାହା ଆସୁନାହିଁ । ଦୁର୍ନୀତି ଓ ବାଟମାରଣାର ଅଭିଯୋଗ ଆସୁଛି । ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପ୍ରତି କଠୋର ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ପାଇଁ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ ।

କର୍ମଚାରୀଙ୍କ ଭିତରେ ଭଲକାମ ପାଇଁ ପୁରସ୍କାର ଓ ଖରାପ କାମ ପାଇଁ ଦଣ୍ଡ ଦେବାର ପ୍ରଥା ବ୍ରିଟିଶ୍ ଶାସନ କାଳରୁ ଅନୁସୃତ ହୋଇଆସୁଥିଲେ ମଧ୍ୟ ବର୍ତ୍ତମାନ ଧୂଆଁ ମୂଳା ଓ ଅଧୂଆ ମୂଳା ସମାନ ବିବେଚିତ ହେଉଛନ୍ତି । ସାଧୁ, ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ଅଫିସରଙ୍କୁ ଶୀଘ୍ର ପୁରସ୍କୃତ କରିବା ଏବଂ ଅସାଧୁ ବା ଅଯୋଗ୍ୟ ଅଫିସରଙ୍କ ପାଇଁ ବାଧ୍ୟତାମୂଳକ ଅବସର ପାଇଁ ବୟସ ସୀମା ୬୦ ବର୍ଷ ପରିବର୍ତ୍ତେ ୫୦ ବା ୫୫ ବର୍ଷ କରିବା ସଙ୍ଗେ ସଙ୍ଗେ ଅପାରଗତା ପାଇଁ ଦଣ୍ଡିତ କରିବା ନିମନ୍ତେ ମଧ୍ୟ ବ୍ୟବସ୍ଥା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସରକାରୀ ସିଦ୍ଧାନ୍ତ ବା ଆଦେଶର ବିରୁଦ୍ଧାଚରଣ କରୁଥିବା ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ ଏବଂ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

ଅନାବଶ୍ୟକ ଖର୍ଚ୍ଚକୁ ସଙ୍କୁଚିତ କରିବା ଓ ବଳକା କର୍ମଚାରୀଙ୍କୁ କ୍ଷେତ୍ରରେ ପୁନଃସ୍ଥାପନ କରିବା ପାଇଁ ପରାମର୍ଶ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ, ଦରମା ସଂଶୋଧନ ଫଳରେ କର୍ମଚାରୀମାନେ ପୂର୍ବାପେକ୍ଷା ବହୁ ଅଧିକ ବେତନ ପାଇବେ । ସେହି ତୁଳନାରେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅଧିକ ନିଷ୍ଠା ବୃଦ୍ଧି ପାଇବା ଦରକାର ।

ଜିଲ୍ଲାପାଳ ଓ ପଦସ୍ଥ କର୍ମକର୍ତ୍ତାମାନେ ମଫସଲ ଗ୍ରାମରେ ରାତ୍ରିଯାପନ କରିବା ଓ ଗାଁ ଗଣ୍ଡାର ଲୋକଙ୍କ ସୁଖଦୁଃଖ ବୁଝିବା ଦ୍ୱାରା ପ୍ରଶାସନ ଓ ଲୋକଙ୍କ ଭିତରେ ବ୍ୟବଧାନ କମିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଶାସନ ସଚିବ, ବିଭାଗୀୟ ମୁଖ୍ୟ ଓ ଅନ୍ୟାନ୍ୟ ପଦସ୍ଥ ଅଫିସରମାନେ ନିୟମିତରୂପେ ସେମାନଙ୍କ ଅଧୀନସ୍ଥ ଦପ୍ତରଗୁଡ଼ିକ ପରିଦର୍ଶନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରିଥିଲେ ।

କେତେଗୁଡ଼ିଏ ମୌଳିକ ରୁଟିନ୍ ବନ୍ଧା କାମ ମଧ୍ୟ ନିୟମିତ ରୂପେ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଷ୍ଟାଫ୍ ମିଟିଂ, ଠିକ୍ ସମୟରେ ଚରିତ୍ର ଲିପି ଲେଖିବା, ଲୋକସେବା ଆୟୋଗର କାମଚଳା ପଦୋନ୍ନତି ନିୟମିତ କରାଇବା, କ୍ୟାଡ଼ର ରୁଲ୍ ପ୍ରଣୟନ କରିବା, ହାଇକୋର୍ଟ ଓ ଟ୍ରିବ୍ୟୁନାଲ୍‌ରେ ଥିବା ମକଦ୍ଦମାଗୁଡ଼ିକୁ ତଦ୍‌ବିର କରିବା ଦିଗରେ ଶାସନ ସଚିବ ଓ ବିଭାଗୀୟ ମୁଖ୍ୟମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର । ସେହିପରି ସରକାରୀ ଦପ୍ତରମାନଙ୍କରେ ଓଡ଼ିଆ ଭାଷା କଡ଼ାକଡ଼ି ଭାବରେ ପ୍ରଚଳନ କରିବା ଓ ପନ୍ଦର ଦିନ ମଧ୍ୟରେ ସମସ୍ତ ଇଂରାଜୀ ଟାଇପ୍ ରାଇଟରଗୁଡ଼ିକୁ ପ୍ରତ୍ୟାହାର କରିନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର, ରାଜସ୍ୱ ପର୍ଷଦ ସଭ୍ୟ ଶ୍ରୀ ସହଦେବ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ଉନ୍ନୟନ କମିଶନର ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, କୃଷି ଉତ୍ପାଦନ କମିଶନର ଶ୍ରୀ ଅଭୟ ରଥଙ୍କ ସମେତ ସମସ୍ତ ଶାସନ ସଚିବ ଓ ବିଭାଗୀୟ ମୁଖ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଐତିହାସିକ ଶ୍ରୀନ୍ଦବାଲି ବନ୍ଦର

ଅଧ୍ୟାପକ ଶାନ୍ତନୁ କୁମାର ମହାନ୍ତି

କଳିଙ୍ଗ ନୌ–ବାଣିଜ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଅଦ୍ୟାବଧି ସଂକଳିତ ହୋଇପାରି ନାହିଁ । ପ୍ରାଚୀନ କାଳରେ କଳିଙ୍ଗ ସାଗର ବା ପୂର୍ବ ସାଗର ଉପକୂଳରେ ଅନେକ ପ୍ରାକୃତିକ ପୋତାଶ୍ରୟ ଓ ବୋଇତ ବନ୍ଦର ଥିଲା ।ସେହିସବୁ ବନ୍ଦରର ଅବସ୍ଥିତି ଯୋଗୁ ଓଡ଼ିଆମାନେ ସାଗର ସେପାରି ଭୂଖଣ୍ଡରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଶାଳୀ କରାଇଥିଲେ । ବିଶ୍ୱବାସୀ ଓଡ଼ିଆମାନଙ୍କର ଏହି ଦୁଃସାହସିକ ସମୁଦ୍ର ଯାତ୍ରାର ବିବରଣୀ ଶୁଣି ବିସ୍ମୟ ପ୍ରକାଶ କରିଥାନ୍ତି । ବୋଇତ ସାହାଯ୍ୟରେ ମାସ ମାସ, ବର୍ଷ ବର୍ଷ ଧରି ଅଶାନ୍ତ ନଦୀ ବା ସମୁଦ୍ର ବକ୍ଷରେ ଜଳଯାତ୍ରା କରିବା ନିଶ୍ଚିତଭାବେ ଦୁଃସାହସିକ କାର୍ଯ୍ୟ । ତେବେ ଓଡ଼ିଆମାନେ ଏହି ଅସାଧ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ ନିଜର ଅନନ୍ୟ ନିଷ୍ଠା, ଶକ୍ତି ଓ ସାହସ ବଳରେ । ତାହା ସମ୍ଭବ ହୋଇପାରିଥିଲା କଳିଙ୍ଗ ଉପକୂଳରେ ଗଢ଼ି ଉଠିଥିବା ଅନେକ ପୋତାଶ୍ରୟ ଯୋଗୁ । ତନ୍ମଧ୍ୟରୁ କେତେକ ଇତିହାସର ଅତଳ ଗର୍ଭରେ ଲୀନ, ହୋଇ ସାରିଛି ତ ଆଉ କେତେକ ଅସହିଷ୍ଣୁ କାଳର ଫୁତ୍କାରରେ ଜୀବନ୍ମୃତ । ହେଲେ ଏବେ ମଧ୍ୟ ସକ୍ରିୟ ସେ ମୁହାଣ ବା ପୋତାଶ୍ରୟ ଯେ କି ଆଗାମୀ କାଲିକୁ ହାତଠାରି ଡାକୁଛି । ଦିନେ ଯେଉଁ ନଦୀ, ସାଗର, ବେଳାଭୂମି ଓଡ଼ିଆମାନଙ୍କୁ ସମୁଦ୍ର ଯାତ୍ରା ପାଇଁ ଉଦ୍‌ବୁଦ୍ଧ କରିଥିଲା, ଆଜି ସେ ସବୁ ହଜିଲା ଅତୀତର ଅଭୁଲା କଥା ମନେ ପକାଇ, ବିଦାୟୀ ବୋଇତର ପଥ ଚାହିଁ ଆବେଗ ଓ ଆନନ୍ଦରେ ଛାତି ଫୁଲେଇ ଦେଉଛନ୍ତି ।

## ବାଣିଜ୍ୟିକ ସ୍ୱାଭିମାନ

ସ୍ୱାଭିମାନ ଓଡ଼ିଶାର ଭୂଷଣ । ଆମ ଓଡ଼ିଶାର ସ୍ୱାଭିମାନ ଐତିହାସିକ, ସାମରିକ, ଧାର୍ମିକ, ପାରମ୍ପରିକ ଓ ବାଣିଜ୍ୟିକ । ଓଡ଼ିଶା ନୌ–ବାଣିଜ୍ୟ ପରମ୍ପରାରେ ଯେତିକି ଗରୀୟସୀ ସେତିକି ମହାନ୍ । ବୋଇତବନ୍ଦାଣ, ଖୁଦୁରୁକୁଣୀ, ବାଲିଯାତ୍ରା ଦିନ ଓଡ଼ିଆର ଛାତି ଫୁଲିଉଠେ ଆଉ ଓଡ଼ିଆଣୀର ଆଖି ଲୁହରେ ଭରିଯାଏ । ନଦୀ, ସମୁଦ୍ରରୁ ଭାସିଆସେ ବୋଇତିଆଳର ସଙ୍ଗୀତ । ଖ୍ରୀଷ୍ଟୀୟ ୧ମ ଶତାବ୍ଦୀଠାରୁ ଊନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ, ଉତ୍କଳ ନୌ–ବାଣିଜ୍ୟରେ ପ୍ରସିଦ୍ଧି ଲାଭ କରିଥିଲା । ତାମ୍ରଲିପ୍ତି, ପାଲୁର, ଦନ୍ତପୁର, ସୁବର୍ଣ୍ଣରେଖା, ଚାନ୍ଦୁଆ, ସାରଥା, ବାଲେଶ୍ୱର, କାଞ୍ଚନପୁର, ଚୂଡ଼ାମଣି, ଧାମରା, ଶ୍ରୀନ୍ଦବାଲି, ଫଲ୍‌ସପଏଣ୍ଟ, ପୁରୀ ଓ ଗୋପାଳପୁର ପ୍ରଭୃତି ବନ୍ଦରର ଅବସ୍ଥିତି ଓଡ଼ିଆମାନଙ୍କୁ ନୌ–ବାଣିଜ୍ୟ କ୍ଷେତ୍ରରେ ସୁଦକ୍ଷ ଓ ଶକ୍ତିଶାଳୀ କରାଇଥିଲା । ଏହି ବନ୍ଦରଗୁଡ଼ିକ ଓଡ଼ିଶାରୁ ସମୁଦ୍ରଗାମୀ ବୋଇତ ବା ଜାହାଜମାନଙ୍କ ପାଇଁ ଦ୍ୱାର ସ୍ୱରୂପ ଥିଲା । କବିଶେଖର ଚିନ୍ତାମଣି ମହାନ୍ତି ତନ୍ମଧ୍ୟରୁ କେତୋଟିର ବର୍ଣ୍ଣନା କରିଯାଇଛନ୍ତି ।

ତାମ୍ରଲିପ୍ତପୁରୀ କୁବେର–ଭୁବନ
ବାଣିଜ୍ୟ–କମଳା ।–ଗୃହ ସିଂହାସନ ।

xx xx xx xx

ସ୍ୱର୍ଣ୍ଣ ସୈକତିନୀ ନଦୀ ସ୍ୱର୍ଣ୍ଣରେଖା
ଗୌରବ ପୁରାଣେ ଖ୍ୟାତି ଯା'ର ଲେଖା ।

xx xx xx xx

ପାଣ୍ଡପଡ଼ା ମୁଖେ ବିଦିତ ସାରଥା
ବଖାଣେ ନୀରବେ କିଛୁ ପୂର୍ବ କଥା ।

xx xx xx xx

ତୀରେ ବାଲେଶ୍ୱର ସମୃଦ୍ଧ ନଗର
ସଦ୍‌ଗୁଣ–ସଜ୍ଜନତା–ମାଣିକ୍ୟ ଆକର ।

xx xx xx xx

ପ୍ରାଚୀନ ବାଣିଜ୍ୟ କେନ୍ଦ୍ର–ଚୂଡ଼ାମଣ
ଯୋଗାଉଣ ଥିଲା ଉତ୍କଳେ ଲବଣ ।

xx, xx xx xx

ବହିତ୍ର–ବନ୍ଦିତ ରମ୍ୟ ଶ୍ରୀନ୍ଦବାଲି
ବାଣିଜ୍ୟ ଗୌରବ ରକ୍ଷୁଛି ସଫାଳି ।

xx xx xx xx

ପାଶେ ତା'ର ଶୁଦ୍ର ଧାମରା ମୁହାଣ
ବଖାଣେ ଯେ ବର୍ଣ୍ଣା ଭବିଷ୍ୟ ପୁରାଣ ।

xx xx xx xx

ବାଳୁତ ଗୋପାଳପୁର ପୋତାଶ୍ରୟ
ଯୋଗେ, ଯା ବକ୍ଷ କୁଳ ସ୍ଥପନୟ ।

ଉତ୍କଳର ନୌ–ବାଣିଜ୍ୟ ପରମ୍ପରାରେ, ଆନ୍ତର୍ଜାତିକ ନୌ–ଯାତ୍ରାର ଇତିହାସରେ ଏହିସବୁ ବନ୍ଦରଗୁଡ଼ିକର ପ୍ରସିଦ୍ଧି ଓ ପରମ୍ପରା ଏବେ ସୁଦ୍ଧା ବିସ୍ମୃତ ହୋଇଯାଇ ନାହିଁ । ଏଗୁଡ଼ିକ ବୋଇତଠାରୁ ଷ୍ଟିମର ପର୍ଯ୍ୟନ୍ତ ନୌ–ବାଣିଜ୍ୟାଦୀତ ଉତ୍କଳର

ଗଳାହାର ବା ମଥାମଣି–ଦୂର ଅତୀତର ସେହି ସମୁଦ୍ର ଯାତ୍ରୀମାନଙ୍କର ଫେରନ୍ତା ଉଲ୍ଲାସର ନୀରବ ମୂକସାକ୍ଷୀ ।

## ପ୍ରାଚୀନ ଇତିବୃତ୍ତ

ଓଡ଼ିଶାର ପ୍ରାଚୀନ ବନ୍ଦରଗୁଡ଼ିକର ପୂର୍ଣ୍ଣାଙ୍ଗ ଇତିହାସ ଅଦ୍ୟାବଧି ସଂଗୃହୀତ ହୋଇପାରି ନାହିଁ । ଧାମରା, ଶୁଦ୍ଧବାଲି ବନ୍ଦରର ସୁଦୀର୍ଘ ଇତିହାସ ଓ ସୁମହାନ ପରମ୍ପରା ଅଛି । ଖ୍ରୀଷ୍ଟୀୟ ୧ମ ଶତାବ୍ଦୀର ବହୁ ପୂର୍ବରୁ ଉତ୍କଳୀୟମାନେ ଜଳଯାତ୍ରା ସମ୍ପର୍କରେ ଅଭିଜ୍ଞ ଥିବାର ପ୍ରମାଣ ମିଳେ । ୧ମ ଶତାବ୍ଦୀରେ ଲିଖିତ ପ୍ଲିନି (Plinny) ଙ୍କ 'ନେଚୁରାଲ ହିଷ୍ଟ୍ରି' ପୁସ୍ତକରେ ଥିବା 'ଚେ–ଲି–ତା–ଲୋ' ଓ ଚରିତ୍ରପୁର ବନ୍ଦର ଆଜିର ଶୁଦ୍ଧବାଲି ଓ ଶୁଦ୍ଧିପୁର ବୋଲି ଅନୁମାନ କରାଯିବାର ଯଥେଷ୍ଟ କାରଣ ରହିଛି । ଶୁଦ୍ଧବାଲି ନିକଟବର୍ତ୍ତୀ ତାଳେଶ୍ୱରୀ ଓ ଜୟଦୁର୍ଗା ଶକ୍ତିପୀଠରେ ବହୁ ବୌଦ୍ଧକୀର୍ତ୍ତି ବିଦ୍ୟମାନ । କେହି କେହି ଗବେଷକ ପ୍ରମାଣ କରନ୍ତି ଯେ ଖ୍ରୀ: ୨ୟ ଶତାବ୍ଦୀରେ ଲିଖିତ ଟୋଲେମି (Ptolemy)ଙ୍କ 'ଭୂଗୋଳ' ବର୍ଣ୍ଣିତ 'ଆଦାମସ୍' ବନ୍ଦର ସମ୍ଭବତଃ ଆଜିର ଧାମରା । ଖ୍ରୀ ୭ମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହୁଏନସାଂଙ୍କ ଭ୍ରମଣ ବୃତ୍ତାନ୍ତରେ ଧାମରା ସ୍ଥାନିତ । ଐତିହାସିକ ହଣ୍ଟର ସାହେବଙ୍କ 'ଓଡ଼ିଶା' (୧୮୭୨) ପୁସ୍ତକରେ ତତ୍କାଳୀନ ଓଡ଼ିଶାରେ ସୁବର୍ଣ୍ଣରେଖା, ଛନୁଆ, ବାଲେଶ୍ୱର, ଲଇଛଣପୁର, ଚୂଡ଼ାମଣି, ଧାମରା, ଫଲସ୍‌ପଏଣ୍ଟ, ପୁରୀ ଓ ଗୋପାଳପୁର ପ୍ରଭୃତି ୯ ଗୋଟି ବନ୍ଦରର ବର୍ଣ୍ଣନା ମିଳେ । ତନ୍ମଧ୍ୟରୁ ୬ ଗୋଟି ବନ୍ଦର କେବଳ ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ । ସେତେବେଳେ ଶୁଦ୍ଧବାଲି ବନ୍ଦର ଧାମରା ସହିତ ସଂଲଗ୍ନ ଥାଇ ଉପକୂଳ ରେଖାଠାରୁ ଯଥେଷ୍ଟ ଦୂରରେ ଥିବାରୁ ହଣ୍ଟରଙ୍କ ବର୍ଣ୍ଣନାରେ ତାହା ନିର୍ଦ୍ଦିଷ୍ଟ ସ୍ଥାନ ପାଇ ପାରିନଥିଲା । ଏସ୍.ଏଲ୍. ମେଡ଼ଞ୍ଜି ତାଙ୍କ ଓଡ଼ିଶା ପ୍ରଦେଶ ଅନୁଧ୍ୟାନ ଏବଂ ବନ୍ଦୋବସ୍ତ (୧୮୯୦–୧୯୦୦) ବିବରଣୀରେ ଶୁଦ୍ଧବାଲି ବନ୍ଦରର ଅବସ୍ଥିତି ଓ ପ୍ରାଧାନ୍ୟ ସମ୍ପର୍କରେ ବିଶଦ୍ ବ୍ୟାଖ୍ୟା କରି ଯାଇଛନ୍ତି । କମିଶନର ରେଭେନ୍‌ସାଙ୍କ ୧୮୬୬ ମସିହା ପରିଦର୍ଶନ ବିବରଣୀରୁ ଜଣାଯାଏ ଯେ ବାଣିଜ୍ୟ କାରବାରରେ ଶୁଦ୍ଧବାଲି ବନ୍ଦର ବିଶେଷ ପ୍ରସାର ଲାଭ କରିଥିଲା । ତାହାର କାରଣ ହେଲା ଏହା ବର୍ଷର ସବୁ ଋତୁରେ କାର୍ଯ୍ୟକାରୀ ହୋଇ ପାରୁଥିଲା ଏବଂ ଏକ ପ୍ରାକୃତିକ ନଦୀବନ୍ଦର ରୂପେ ବିଶେଷ ସ୍ଥାନ ଅଧିକାର କରିଥିଲା । ଏହାକୁ ଅଗ୍ରାଧିକାର ଦେଇ ଇଂରେଜ ସରକାର ହୃଦୟଙ୍ଗମ କରି କହିଥିଲେ–"ଶୁଦ୍ଧବାଲି ବନ୍ଦରକୁ ଭାରତର ଦ୍ୱାର କହିଲେ ଅତ୍ୟୁକ୍ତି ହେବନାହିଁ ।" ଓଡ଼ିଶାର ବହୁବନ୍ଦର ଏଥିପୂର୍ବରୁ ଓ ପରେ ଅଯୋଗ୍ୟ ଘୋଷିତ ହେଲେ ହେଁ ଶୁଦ୍ଧବାଲି କ୍ଷେତ୍ରରେ ତାହା ହୋଇନଥିଲା ।

ବ୍ରିଟିଶ ଅମଳରେ ଧାମରା ଓ ଶୁଦ୍ଧବାଲି ବନ୍ଦର ପୁନର୍ଗଠିତ ହେଲା । ତେଣୁ କେହି କେହି ଏହି ସମୟକୁ ବନ୍ଦରର ପ୍ରତିଷ୍ଠାକାଳ ବୋଲି ମନେ କରିଥାନ୍ତି । କିନ୍ତୁ ତାହା ଠିକ୍ ନୁହେଁ । ଉତ୍କଳ ନୌ–ବାଣିଜ୍ୟ ପରମ୍ପରାରେ ଏହି ବନ୍ଦରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମି ଓ ଭୂମିକା ଥିଲା । ଷ୍ଟିମର ଆସିବା ପୂର୍ବରୁ ଏହା ବୋଇତ ବନ୍ଦର ଭାବେ କାର୍ଯ୍ୟ କରୁଥିଲା । ମହାନଦୀ ପଥ ଦେଇ ବିଦେଶରୁ ଫେରୁଥିବା ସାଧବମାନେ ଯେମିତି କଟକ ବାଲିଯାତ୍ରା ପଡ଼ିଆରେ ବିପଣୀ ଖୋଲୁଥିଲେ, ବୈତରଣୀ ମୁହାଣ ପଥ ଦେଇ ଶୁଦ୍ଧବାଲି ବାଟେ ବିଦେଶରୁ ଫେରୁଥିବା ସାଧବମାନେ ସେମିତି ଯାଜପୁର ଦଶାଶ୍ୱମେଧ ଘାଟରେ ବାଲୁକାଯାତ୍ରା ନାମକ ବାଣିଜ୍ୟମେଳାରେ ଏକତ୍ରିତ ହେଉଥିଲେ । ବାଲିଦ୍ୱୀପ ସହ ସମ୍ପର୍କରୁ ଶୁଦ୍ଧବାଲି ନାମର ସୃଷ୍ଟି । ଧାମରା ଓ ଶୁଦ୍ଧବାଲି ହେଉଛି ଓଡ଼ିଶାର ଏକମାତ୍ର ବନ୍ଦର, ଯେ କି ଉତ୍କଳରେ ବୋଇତଠାରୁ ଷ୍ଟିମର ପର୍ଯ୍ୟନ୍ତ ନୌବାଣିଜ୍ୟକୁ ବହୁ ଶତାବ୍ଦୀ ଧରି ସମ୍ଭାଳି ରଖିଥିଲା ।

## ଭୌଗୋଳିକ ସ୍ଥିତି

ଶୁଦ୍ଧବାଲି (ଧାମରା) ବନ୍ଦର ପୂର୍ବଉପକୂଳର Stratic positionରେ ଅବସ୍ଥିତ । ଏହାର ଭୌଗୋଳିକ ଭିତିଭୂମି ଓ ପ୍ରାକୃତିକ ପରିବେଶ ଏହାକୁ ପ୍ରଥମ ଶ୍ରେଣୀ ପୋତାଶ୍ରୟର ମାନ୍ୟତା ପ୍ରଦାନ କରିଛି । ଶୁଦ୍ଧବାଲିର ଭୂଗୋଳ ନଦୀ, ଉପନଦୀ, ଲୁଣା ଜଙ୍ଗଲ, ବେଳାଭୂମି, ତ୍ରିକୋଣଭୂମି, ଗ୍ରାଣଭୂମି, ସମୁଦ୍ର, ଦ୍ୱୀପପୁଞ୍ଜକୁ ନେଇ ଗଠିତ । ବୈତରଣୀ, ବ୍ରାହ୍ମଣୀ ନଦୀ ମୁହାଣ ଅଞ୍ଚଳରେ ଥିବା ଭିତରକନିକା ତ୍ରିକୋଣଭୂମି, କାଳିଭଞ୍ଜଡ଼ିଆ ଟାପୁ, କନିକା ବାଲି, ବାବୁବାଲି, ସର୍ଟ ଦ୍ୱୀପ, ହୁଇଲର ଦ୍ୱୀପ ସମୂହ, ପାଳମିରା ଚରା ପ୍ରଭୃତି ଏଠାରେ ପ୍ରକୃତିର ବୈଚିତ୍ର୍ୟ ସୃଷ୍ଟି କରିଛି । ବହୁ ବର୍ଷ ପୂର୍ବେ ଶୁଦ୍ଧବାଲି Brake water ଅଞ୍ଚଳ ରୂପେ ପରିଚିତ ଥିଲା । ସମୁଦ୍ର ଜୁଆର ଶୁଦ୍ଧବାଲି ପର୍ଯ୍ୟନ୍ତ ଆସି ପୁଣି ଫେରିଯାଏ, କାଳକ୍ରମେ ଏଠାରେ ବାଲିଦାଣ୍ଡି ସୃଷ୍ଟି ହେଲା । ଏହିଭଳି ଏକ ବାଲିଦାଣ୍ଡି ଆଜି, କନିକାଠାରୁ ଶୁଦ୍ଧବାଲି, ବାଲିଗାଁ ପର୍ଯ୍ୟନ୍ତ ଲମ୍ବି ସେଠାରୁ ଘଣ୍ଟେଶ୍ୱର, କରଞ୍ଜିଆଡ଼ିଆ ଯାଏ ବିସ୍ତୃତ । ଅଧୁନା ସମୁଦ୍ର ଘୁଞ୍ଚି ଯାଇ ଧାମରାଠାରେ ପହଞ୍ଚିଛି । ଶୁଦ୍ଧବାଲିଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ବୈତରଣୀ ନଦୀର ହାରାହାରି ଗଭୀରତା ୩୦ ଫୁଟ । ମୁହାଣର ପ୍ରଶସ୍ତ ଜଳ ଭାଗରୁ ଯେଉଁ ପ୍ରଣାଳୀଗୁଡ଼ିକ ବଙ୍ଗୋପସାଗରକୁ ଲମ୍ବି ଯାଇଛି ତାହାର ଗଭୀରତା ପ୍ରାୟ ୬୦ ଫୁଟ ।

ଧାମରା ମୁହାଣରେ ଛୋଟବଡ଼ ପ୍ରାୟ ୭ଟି ଦ୍ୱୀପ ଅଛି । ସେଗୁଡ଼ିକ ହେଲା ଆଉଟର୍ ହୁଇଲର (୭୬୩ ଏକର), ବୃହତ୍ ହୁଇଲର (୬୩ ଏକର), କ୍ଷୁଦ୍ର ହୁଇଲର (୧୧ ଏକର), ନଡ଼ିଆଗଛ ଦ୍ୱୀପ (୯୮ ଏକର), ସର୍ଟ ଦ୍ୱୀପ (୪୨ ଏକର) ଏବଂ ବୁଢ଼ିଆଟାରା ଓ ନସ୍କାଟାପୁ । ସମୁଦାୟ ଦ୍ୱୀପକୁ ସର୍ଟ ଏବଂ ହୁଇଲର ଦ୍ୱୀପପୁଞ୍ଜ କୁହାଯାଏ । ୧୮୮୮ ମସିହାଠାରୁ ୧୯୧୮ ମସିହା ସୁଦ୍ଧା ସର୍ଟ ଦ୍ୱୀପରେ ନିର୍ମିତ ତିନୋଟି ବତୀଘର ମଧ୍ୟରୁ ଜରାଜୀର୍ଣ୍ଣ ଅବସ୍ଥାରେ ଦୁଇଟି ବିଦ୍ୟମାନ । ଏହି ଦ୍ୱୀପର କିଛିଅଂଶକୁ ସମୁଦ୍ର ଗ୍ରାସ କରିଛି । ସର୍ଟ, ହୁଇଲର ଦ୍ୱୀପ ପାଖରେ ଏବଂ ମଝିରେ ତିନିଗୋଟି ବାହୁ ବା ନାଳ ସମୁଦ୍ରକୁ ପ୍ରସାରିତ । ଏଗୁଡ଼ିକୁ ଉତ୍ତରନାଳ, ମଧ୍ୟନାଳ କୁହାଯାଏ । ଏହି ନାଳଗୁଡ଼ିକୁ ପରିବର୍ତ୍ତନଶୀଳ ଓ ଗଭୀରତାରେ ଅସମାନ ।

ସମଗ୍ର ପୂର୍ବ ଉପକୂଳରେ ଧାମରା ମୁହାଣ ସର୍ବାଧିକ କ୍ରିୟାଶୀଳ । ଏହାର ବ୍ୟାପକତା ଦେଖିଲେ ଯେ କେହି ବିସ୍ମୟାଭିଭୂତ ନ ହୋଇ ରହି ପାରିବ ନାହିଁ । ଶୁଆବାଲି ଠାରୁ ବୈତରଣୀ ନଦୀ ପଥରେ ଧାମରା ମୁହାଣ ପର୍ଯ୍ୟନ୍ତ ଦୂରତା ପ୍ରାୟ ୨୦ କି.ମି. । ମଝିରେ ବ୍ରାହ୍ମଣୀ–ବୈତରଣୀ ମିଳନ ସ୍ଥଳର ଗଣ୍ଡ 'ଲଳିତା ପାଟିଆ' । ଏହିଠାରୁ ମୁହାଣ ପର୍ଯ୍ୟନ୍ତ ପ୍ରବାହିତ ନଦୀ 'ଧାମରା ନଦୀ' ନାମରେ ନାମିତ । ଏହି ନଦୀ ନୌ–ଚାଳନା ପାଇଁ ସୁବିଧାଜନକ ଓ ପୋତାଶ୍ରୟ ପାଇଁ ନିରାପଦ । ଶୁଆବାଲି ଓ ଧାମରାର ଭୌଗୋଳିକ ପରିବେଶକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏକ ଉତ୍ତମ ବନ୍ଦର ନିମିତ୍ତ ସମସ୍ତ ସମ୍ଭାବ୍ୟ ପ୍ରାକୃତିକ ଶକ୍ତି ଏଠାରେ ଯୁଗ ଯୁଗ ଧରି ଗଚ୍ଛିତ ରହିଛି । ସାରା ପୃଥିବୀର ସାମୁଦ୍ରିକ ମାନଚିତ୍ର (Maritime map) ଓ ଜୁଆର ସାରଣୀ (Tide Table)ରେ ଶୁଆବାଲି ଓ ଧାମରା ନାମ ରହିଛି ।

## ଧାମରା–ଶୁଆବାଲି–ଏକ ବନ୍ଦର

ଧାମରା–ଶୁଆବାଲି–ବ୍ରାହ୍ମଣୀ, ବୈତରଣୀ, ସାଳନ୍ଦୀ ନଦୀ ଉପତ୍ୟକାରେ ମିଳିତ ବନ୍ଦର ସଂସ୍କୃତିର ଅଭିନ୍ନ ପରିପ୍ରକାଶ । ଏହା ବାହାରକୁ ଦୁଇଟି ବନ୍ଦର ଭଳି ଜଣାପଡୁଥିଲେ ହେଁ ପ୍ରକୃତରେ ଏହା ଏକ ବନ୍ଦରାଞ୍ଚଳ ଅନ୍ତର୍ଭୁକ୍ତ । ନଦୀ ମୁହାଣରେ ଧାମରା ଓ ଏହାର ଅନତିଦୂର ଉଚ୍ଚଭୂମିରେ ଶୁଆବାଲି । ତେଣୁ ବନ୍ଦର କାର୍ଯ୍ୟ ପ୍ରଥମେ ମୁହାଣରୁ ଆରମ୍ଭ ହୋଇ ଶୁଆବାଲି ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଲା ଏବଂ ପୂର୍ଣ୍ଣାଙ୍ଗ ବନ୍ଦରଟିଏ ଶୁଆବାଲିରେ ଗଢ଼ିଉଠିଲା । ଏକଦା ସମୁଦ୍ର ଶୁଆବାଲି ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସମୁଦ୍ରକୂଳର ବାଲିବୁଦ ନିକଟରେ ସୁଦୂର ବାଲିଦ୍ୱୀପରୁ ଆସୁଥିବା ସାଧବର ବଣିଜ ବୋଇତ ଲାଗୁଥିଲା । ଶୁଆବାଲି ସେହିଭଳି ଏକ ବାଲିବୁଦ ଉପରେ ଅବସ୍ଥିତ । ତେଣୁ ବାଲିଦ୍ୱୀପ ସହ ସମ୍ପର୍କର ସ୍ୱାକ୍ଷର ସୁସ୍ପଷ୍ଟ । ଆଜି ସମୁଦ୍ର ମଥା ପିଟୁଛି ଧାମରାରେ । ବହୁବର୍ଷ ପୂର୍ବେ ମୁହାଣ ନିକଟରେ ସମ୍ଭବତଃ ଗୋଟିଏ ଗ୍ରାମ ଥିଲା ଧାମରା । ତେଣୁ ବ୍ରାହ୍ମଣୀ–ବୈତରଣୀ ମିଳନସ୍ଥଳରୁ ସମୁଦ୍ରଗାମୀ ନଦୀକୁ 'ଧାମରାନଦୀ' ମୁହାଣକୁ ଧାମରା ମୁହାଣ ଏବଂ ଏଠାରେ ପୂଜିତା ଦେବୀଙ୍କୁ ଧାମରାଈ କୁହାଯାଏ ।

ଇଂରେଜମାନେ ଜଳପଥରେ ପ୍ରଥମେ ଆସି ପହଞ୍ଚିଲେ ନଦୀ ମୁହାଣ ବା ବନ୍ଦର–ଦ୍ୱାର ଧାମରାରେ । ସେମାନେ ଦେଖିଲେ ଯେ ଏହା ଏକ ଉତ୍କୃଷ୍ଟ ପୋତାଶ୍ରୟ, କିନ୍ତୁ ନଦୀକୂଳ ଖାଲୁଆ, ସନ୍ତସନ୍ତିଆ ହୋଇ ଥିବାରୁ କୋଠାବାଡ଼ି ଓ କାରଖାନା ନିର୍ମାଣ ପାଇଁ ଅନୁପଯୁକ୍ତ । ତାଛଡ଼ା ଧାମରା ନିମ୍ନଭୂମି, ଜୁଆରିଆ ଏବଂ ବାତ୍ୟାପ୍ରବଣ ଅଞ୍ଚଳ । ଏଠାରେ ବାଣିଜ୍ୟ କୋଠୀ କିମ୍ବା ଜେଟୀ ନିର୍ମାଣ କରାଯାଇନଥିଲା; କେବଳ କଷ୍ଟମସ୍ ଚୌକି ଥିଲା । ଧାମରା ମୁହାଣର ପର୍ଟ ଏବଂ କୁଜଙ୍ଗର ଦ୍ୱୀପରେ ଜାହାଜ ଲାଗିବା ପରେ ଦେଶୀଡ଼ଙ୍ଗୀ ସାହାଯ୍ୟରେ ମାଲ ଖଲାସ ବା ବୋଝେଇ ହେଉଥିଲା । ପ୍ରାକୃତିକ ମନୋନୟନ ଏବଂ ସୁବିଧାଯୋଗୁ ଅପେକ୍ଷାକୃତ ଉଚ୍ଚଭୂମି ଶୁଆବାଲିକୁ ବନ୍ଦର କାର୍ଯ୍ୟ ସ୍ଥାନାନ୍ତରିତ ହେଲା । ଶୁଆବାଲିରେ ବନ୍ଦର ଅଫିସ ସହିତ ଶୁଳ୍କ ଆଦାୟ ଅଫିସ୍, ଡାକବଙ୍ଗଳା, ଯାତ୍ରୀଘର, ଭଣ୍ଡାରଘର, ପତାକାସ୍ତମ୍ଭ, ପାଣିପାଗ ଅଫିସ ନିର୍ମିତ ହେଲା । ୨୦୫ ଫୁଟ (୬୫ ମିଟର) ଲମ୍ବର ଜାହାଜଗୁଡ଼ିକ ପାଇଁ ଦୁଇଟି ଘଣ୍ଟରେ କାଠନିର୍ମିତ ଜେଟୀ ଥିଲା । ୧୦୬୦ ଫୁଟ (୩୦୦ ମିଟର) ବିସ୍ତୃତ ଗଭୀର ଜଳରେ ଏକ ସମୟରେ ୨୦୫ ଫୁଟ ଲମ୍ବର ୬ଟି ଜାହାଜ ରହିପାରୁଥିଲା । ମୁହାଣରେ ସୁଉଚ୍ଚ ବତୀଘର ଥିଲା ଏବଂ ନଦୀ ମଧ୍ୟରେ ଭାସମାନ ସଙ୍କେତ ପ୍ରଦାନକାରୀ ବର୍ଣ୍ଣୀ ଭାସୁଥିଲା । ଏହାକୁ ଲକ୍ଷ୍ୟକରି ଜାହାଜଗୁଡ଼ିକ ନଦୀଭିତରକୁ ପ୍ରବେଶ କରୁଥିଲେ । ବନ୍ଦରାଞ୍ଚଳରେ କମ୍ପାନୀ ତରଫରୁ ବିଜୁଳି ଆଲୋକର ବ୍ୟବସ୍ଥା ଥିଲା । ଏହିଭଳି ଭାବରେ ଶୁଆବାଲିରେ ରାଜ୍ୟର ପ୍ରଧାନବନ୍ଦର ଗଢ଼ି ଉଠିଲା । ୧୮୮୫ ମସିହା ବେଳକୁ 'ଇଷ୍ଟ କୋଷ୍ଟ କେନାଲ' ନୌଚଳାଚଳ ପାଇଁ ମୁକ୍ତ ହୋଇଯିବା ଦ୍ୱାରା ଧାମରା ମୁହାଣ ପଥଦେଇ ଜାହାଜଗୁଡ଼ିକର ଯାତାୟତ ବହୁତ କମିଗଲା । କୋଷ୍ଟ କେନାଲ (ଦୈର୍ଘ୍ୟ ୨୧୦ କି.ମି.), ଯେ କି ଧାମରାର ପ୍ରଧାନ ପ୍ରତିବନ୍ଧକ, ମଙ୍ଗୋଇ, ବୈତରଣୀ ନଦୀ ପଥରେ ଶୁଆବାଲିକୁ ସଂଯୋଗ କରୁଥିଲା ।

ଧାମରା ଓ ଶୁଆବାଲି ବନ୍ଦରର ଇତିହାସ ଅନୁଧ୍ୟାନ କଲାବେଳେ ଗବେଷକମାନେ ଏହାର ନାମକରଣ ଓ ତଦ୍‌ଜନିତ ବିବରଣୀକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବ୍ରିଟିଶ ସରକାର କିପରି ଏବଂ କେଉଁ ପରିସ୍ଥିତିରେ ଏହାର ନାମକରଣ ପ୍ରଥମେ ଧାମରା (ଶୁଆବାଲି) କରି ପରେ ୧୮୮୧ ମସିହାରେ ଶୁଆବାଲି (ଧାମରା) କଲେ ତାହା ସହଜରେ ବୁଝାପଡ଼େନାହିଁ । ଏମିତି ବି ହୋଇପାରେ ଯେତେବେଳେ ଶୁଆବାଲି ବନ୍ଦର ଧାମରାର ଅଂଶବିଶେଷ ଥିଲା ସେତେବେଳେ ଏହା ଧାମରା (ଶୁଆବାଲି) ଏବଂ ପରେ ଯେତେବେଳେ ଶୁଆବାଲିରେ ମୁଖ୍ୟବନ୍ଦର ଗଢ଼ିଉଠିଲା ଏହା ଶୁଆବାଲି (ଧାମରା) ନାମରେ ୧୮୮୧ ମସିହା ସରକାରୀ ବିଜ୍ଞପ୍ତି ଅନୁଯାୟୀ ସ୍ୱୀକୃତି ଲାଭ କଲା । ଏଯାବତ୍ ଯେଉଁସବୁ ତଥ୍ୟ ହସ୍ତଗତ ହୋଇଛି ତାହାକୁ ନେଇ ବନ୍ଦରର ଧାରାବାହିକ ଇତିହାସ ଲେଖିବା କଷ୍ଟକର ମନେହୁଏ ।

୧୮୬୮ ଏବଂ ୧୮୮୧ ମସିହାରେ ଯଥାକ୍ରମେ ସ୍ୱୀକୃତିପ୍ରାପ୍ତ ଧାମରା ଓ ଶୁଆବାଲି ବନ୍ଦରକୁ ଶେଷରେ ୧୯୦୬ ମସିହାରେ ଏକତ୍ରୀକରଣ କରାଯାଇ ଗୋଟିଏ ବନ୍ଦରର ମାନ୍ୟତା ଦିଆଗଲା । ଇଣ୍ଡିଆନ୍ ପୋର୍ଟ ଆକ୍ଟ, ୧୯୦୮ ବଳରେ ଏହାକୁ ପରିଚାଳନା କରାଗଲା । ଓଡ଼ିଶା ବନ୍ଦର ସମୂହର କେନ୍ଦ୍ର ଅଫିସ ଶୁଆବାଲିରେ ରହିଲା । ଜଣେ ଉଚ୍ଚ ପଦାଧିକାରୀ ଏହାର ଦାୟିତ୍ୱ ନିର୍ବାହ କରୁଥିଲେ । ସେ କଟକ, ପୁରୀ, ବାଲେଶ୍ୱର ଜିଲ୍ଲାରେ ଥିବା ବନ୍ଦରଗୁଡ଼ିକର ସଂରକ୍ଷଣ, ଉନ୍ନୟନ ନିମିତ୍ତ ଯୋଜନା ପ୍ରସ୍ତୁତ କରୁଥିଲେ । ମଝିରେ ମଝିରେ ସାମୁଦ୍ରିକ, ନଦୀପଥ ଅନୁଧ୍ୟାନକାରୀ ଦଳ ଶୁଆବାଲି ଆସି ନଦୀ ଗଭୀରତା, ମୁହାଣ ଏବଂ ଜଳପଥ ଅନୁଧ୍ୟାନ କରୁଥିଲେ । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

କଥା ହେଉଛି ଯେ ୧୯୬୦ ମସିହା ପର୍ଯ୍ୟନ୍ତ ଏହି ନଦୀପଥକୁ ଖନନ କରାଯିବା ସପକ୍ଷରେ କେହି ମତ ପ୍ରଦାନ କରି ନ ଥିଲେ । କାରଣ ସ୍ରୋତର ପ୍ରଖରତା ଏବଂ ଜାହାଜଗୁଡ଼ିକର ପକ୍ଷୀଗୁଳିତ କ୍ରିୟା ଦ୍ୱାରା ନଦୀଶଯ୍ୟାରେ ପଟୁ ଓ ବାଲି ଜମା ହୋଇପାରୁନଥିଲା । ତେଣୁ ବନ୍ଦର ଇତିହାସରେ କେବେ ବି ଖନନ କାର୍ଯ୍ୟ କରାଯାଇନାହିଁ । ୧୯୨୪ ମସିହା ସୁଦ୍ଧା ଓଡ଼ିଶାର ଅନ୍ୟାନ୍ୟ ବନ୍ଦର ଅଯୋଗ୍ୟ ଘୋଷିତ ହୋଇସାରିଥିଲେ । ମାତ୍ର ଚାନ୍ଦବାଲି (ଧାମରା) ବନ୍ଦର ଇଣ୍ଡିଆନ ପୋର୍ଟ ଆକ୍ଟ, ୧୯୦୮ ଏବଂ ଇଣ୍ଡିଆନ ସି' କଷ୍ଟମସ୍ ଆକ୍ଟ ୧୯୦୮ ଦ୍ୱାରା ପୂର୍ବପରି ପରିଚାଳିତ ହେଉଥିଲା ଓ ହେଉଅଛି । ଏହି ବନ୍ଦରର ସୀମା ଚାନ୍ଦବାଲି ଉପରିସ୍ଥ ମହୁରୀଗାଁଠାରୁ ମୁହାଣ ପର୍ଯ୍ୟନ୍ତ ଏବଂ ପଟାମୁଣ୍ଡାଇ ସନ୍ନିକଟ ଅଳଭାଠାରୁ ବାସୁଦେବପୁର ପାଖ ବାଲିଆପାଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଯେମିତି ଧାମରା ବନ୍ଦରର ସୀମା ଏକଦା ଚାନ୍ଦବାଲି ପୋତାଶ୍ରୟର ସୀମା ଅନ୍ତର୍ଗତ ଥିଲା, ସେମିତି ଚାନ୍ଦବାଲି ବନ୍ଦରସୀମା ଧାମରା ପୋତାଶ୍ରୟର ସୀମା ଭିତରେ ରହିଲା । ୧୯୬୭ ମସିହା ପରଠାରୁ ଜାହାଜ ଚଳାଚଳ ବନ୍ଦ ହୋଇ ଯାଇଥିଲେ ହେଁ ପୋର୍ଟ ଅଫିସ୍ କାର୍ଯ୍ୟ ଏଯାବତ୍ ଚାଲୁରହିଛି । କାରଣ ସରକାର ଏହି ବନ୍ଦରକୁ ଅକାମୀ ବୋଲି ଘୋଷଣାନାମା ଜାରି କରିନାହାନ୍ତି ।

## ବାଣିଜ୍ୟ କାରବାର

ରପ୍ତାନୀ ଦ୍ରବ୍ୟ—ଧାନ, ଚାଉଳ, ଚୂଡ଼ା ମୁଗ, ବିରି, ଝୋଟ, ଚମଡ଼ା, ଶୁଖୁଆ, ଲାଖ, ଘିଅ, କଂସାବାସନ, ପାଟମଠା, କାଠ ସରଞ୍ଜାମ ଇତ୍ୟାଦି ।

ଆମଦାନୀ ଦ୍ରବ୍ୟ—କିରୋସିନି ତେଲ, ମଟର ତେଲ, ଲୁଣ, ଲଙ୍କା, ମସଲା, ଡିଜେଲ, ପେଟ୍ରୋଲ, ଅଖା, ଲୁଗା, ଧୂଆଁପତ୍ର, ମନୋହାରୀ ଦ୍ରବ୍ୟ ଇତ୍ୟାଦି ।

ଜାହାଜ କମ୍ପାନୀ—ମ୍ୟାକ୍‌ନିଲ କମ୍ପାନୀ, କଲିକତା, ଇଣ୍ଡିଆ ଜେନେରାଲ ନେଭିଗେସନ ଏଣ୍ଡ ରେଲୱେ କମ୍ପାନୀ, ଓଡ଼ିଶା କୋଷ୍ଟିଙ୍ଗ ଷ୍ଟିମ ନେଭିଗେସନ କମ୍ପାନୀ, ବ୍ରିଟିଶ ଇଣ୍ଡିଆ ଷ୍ଟିମ ନେଭିଗେସନ କମ୍ପାନୀ, ଫ୍ରେଡରିକ୍ ଗେବେଲ୍ କମ୍ପାନୀ, କଲିକତା, ବେଙ୍ଗଲ ଓଡ଼ିଶା ଟ୍ରେଡ଼ିଂ କମ୍ପାନୀ, ନଦିଆଚାନ୍ଦ ଦେ, ବାଲେଶ୍ୱର, ଚାନ୍ଦବାଲି ଷ୍ଟିମସିପ୍ କମ୍ପାନୀ, ଚାନ୍ଦବାଲି ଷ୍ଟିମର ସର୍ଭିସ କମ୍ପାନୀ, ରଘୁନାଥ ରାୟ ହରଗୋବିନ୍ଦ, ଚାନ୍ଦବାଲି/ ଇସ୍‌ମାଇଲ ବ୍ରଦର୍ସ, ବମ୍ବେ/ଚାନ୍ଦବାଲି ଷ୍ଟିମର କମ୍ପାନୀ, କଲିକତା/ହିନ୍ଦୁସ୍ଥାନ ସିପିଙ୍ଗ କମ୍ପାନୀ କଲିକତା/ଇଣ୍ଡିଆନ୍ ନେଭିଗେସନ୍ କମ୍ପାନୀ, କଲିକତା ।

ଜାହାଜର ନାମ—ଯାତ୍ରା, କଟକ୍, ଗଙ୍ଗାସଗର ପ୍ରସାଦ, ସନ୍ଦିପ, ସେଲେମା, ସୀତାକୁଣ୍ଡ, ଭଦ୍ରା, ପ୍ରସ୍‌ପରସ, ଓଡ଼ିଆ, ରାଧାଗୋବିନ୍ଦ, ଅମରଚାନ୍ଦ, ମହାବିଷ୍ଣୁ, ରାମମୂର୍ତ୍ତି, ଶ୍ରୀଧନଲକ୍ଷ୍ମୀ, ନାଗର ମେରାସାହେବ, ବୀରଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ, କେ: ଏ: ବିଶାଳାକ୍ଷୀ, ସମ୍ପଦ, ପଦ୍ମା, ମହାବୀରପ୍ରସାଦ, ଚାନ୍ଦବାଲି, ମେଭିସ୍, ଇଂସେପ୍ରିନ୍ସ୍, ଧାମରା, ବୈତରଣୀ, ରାମରାଜା, ନୀଳାସୁ ।

**ବାଣିଜ୍ୟିକ ସମ୍ପର୍କ**—ଭାରତର କଲିକତା, ବମ୍ବେ, କଚ୍ଛ ଏବଂ କାଲିକଟ, ସିଂହଳର ଗେଲ୍ ଏବଂ କଲମ୍ବୋ, ଭାରତ ମହାସାଗରର ମରିସସ୍, ଜାଞ୍ଜିବର ଦୀପପୁଞ୍ଜ ।

## ଉନ୍ନତ ବନ୍ଦର ଓ ନିରାପଦ ପୋତାଶ୍ରୟ

ଚାନ୍ଦବାଲି (ଧାମରା) ଓଡ଼ିଶାର ସର୍ବାଧିକ କାର୍ଯ୍ୟକ୍ଷମ ବନ୍ଦର ଓ ପୂର୍ବ ଉପକୂଳର ସର୍ବୋତ୍ତମ ପୋତାଶ୍ରୟ । ଆମେରିକାର ନିଉଅର୍ଲିନସ୍, ନର୍ଫୋକ୍ ଏବଂ ଭାରତର କାଣ୍ଡଲା, କୋଚିନ ବନ୍ଦରର ଭିତ୍ତିଭୂମି ସହ ଏହାର ସାମଞ୍ଜସ୍ୟ ଅଛି । ଧାମରା ମୁହାଣ ଅଧୁନା ସ୍ଥିତିକୁ ଲକ୍ଷ୍ୟକଲେ ଏହାର ଅତୀତ ରୂପରେଖ କଳନା କରିହେବ । ଏଠାରେ ନିଶ୍ଚିତଭାବେ ଏଭଳି କିଛି ପ୍ରାକୃତିକ ଶକ୍ତିଅଛି, ଯଦ୍ଵାରାକି ଏହି ପୋତାଶ୍ରୟ ଏବେ ବି ସୁରକ୍ଷିତ । ଉନ୍ନତ ବନ୍ଦର ନିମିତ୍ତ ଉତ୍ତମ ପୋତାଶ୍ରୟ ପ୍ରଥମ ଓ ପ୍ରଧାନ ଆବଶ୍ୟକତା । ପ୍ରାୟ ୪ କି: ମି: ପ୍ରସ୍ଥ ବିଶିଷ୍ଟ ଧାମରାମୁହାଣ ପଥରେ ବ୍ରାହ୍ମଣୀ, ବୈତରଣୀ, ସାଳନ୍ଦୀ ଏବଂ ବହୁ ଉପନଦୀର ପ୍ରକାଣ୍ଡ ଜଳରାଶି ପ୍ରବାହିତ ହୁଏ । ଏଠାରେ ଜୁଆରର ହ୍ରାସବୃଦ୍ଧି (Tidal variation) ୧୨ ଫୁଟରୁ ୧୬ ଫୁଟ୍ ଯାଏ ହେବ । ନାବିକମାନଙ୍କ କହିବା ଅନୁଯାୟୀ ଭିତରକନିକା ଓ କାଳିଭଞ୍ଜଡ଼ିଆ ଜଙ୍ଗଲ ଦ୍ୱାରା ସୁରକ୍ଷିତ ଏହି ଧାମରା ନଦୀର ବିରାଟ ଜଳଭାଗର ଅବସ୍ଥିତି ଏପରି ଯେ ବଙ୍ଗୋପସାଗରର ବାତ୍ୟା ଏହାକୁ ଅଶାନ୍ତ ଏବଂ କ୍ଷୁବ୍ଧ କରିପାରେନାହିଁ ।

ଚାନ୍ଦବାଲି ଥିଲା ଭାରତର ଏକ ଉନ୍ନତ ପ୍ରଥମଶ୍ରେଣୀ ପୋତାଶ୍ରୟ ଓ ପ୍ରସିଦ୍ଧ ପ୍ରାକୃତିକ ନଦୀବନ୍ଦର । ବର୍ଷର ସବୁ ସମୟରେ ଏହା ନୌଚଳାଚଳ ଉପଯୋଗୀ । ଏହି ପରିପ୍ରେକ୍ଷୀରେ ଜାତୀୟ ଓ ଆନ୍ତର୍ଜାତିକ ବନ୍ଦର ବିଶେଷଜ୍ଞଙ୍କ ମତାମତ ପ୍ରଣିଧାନଯୋଗ୍ୟ ।

"ପରିଶେଷରେ ମୁଁ ଏହି ମନ୍ତବ୍ୟ ପ୍ରକାଶ କରିବାକୁ ଚାହେଁ ଯେ ଏହି ଜିଲ୍ଲାରେ କେତେମାସ ସର୍ଭେ କରିବା ପାଇଁ ଅତିବାହିତ କରିବା ପରେ, ସବୁଠାରୁ ଅଧିକ ସୁନିଶ୍ଚିତ ହୋଇ ପାରିଛି ଯେ ଭବିଷ୍ୟତରେ ବନ୍ଦର ପାଇଁ ଶ୍ରେଷ୍ଠତ୍ୱ ଅର୍ଜନ କରିବାର ସମ୍ଭାବନା ଧାମରା ନଦୀର ଯଥେଷ୍ଟ ରହିଛି । ସମଗ୍ର ପ୍ରଦେଶ ମଧ୍ୟରେ ଧାମରା ନଦୀ ନିଃସନ୍ଦେହରେ ସବୁଠାରୁ ଏକ ଉତ୍କୃଷ୍ଟ ଜଳପଥ ଅଟେ ଏବଂ ତାହା ସହିତ ମିଳିତ ହୋଇଥିବା ମତେଇ, ବ୍ରାହ୍ମଣୀ, ଖରସୁଆ ଓ ବୈତରଣୀ ନଦୀମାନଙ୍କର ସମ୍ମିଳିତ ସ୍ରୋତର ସାହାଯ୍ୟରେ ତାହା ଅତି ନିକଟ ଭବିଷ୍ୟତରେ ଓଡ଼ିଶା ପ୍ରଦେଶର ଏକ ବିଶାଳ ଜଳପଥ ହୋଇ ପାରିବ ।"

(କ୍ୟାପ୍‌ଟେନ୍ ଏଚ୍.ଜି.ଜି. ଏସ୍‌ଟନ୍ ବିହାର-ଓଡ଼ିଶା ସରକାରଙ୍କଦ୍ୱାରା ନିଯୁକ୍ତ ସର୍ଭେୟର ୧୯୨୬-୨୭)

"ଧାମରା ନଦୀର ସମୁଦ୍ରଠାରୁ ପ୍ରସ୍ତାବିତ ବନ୍ଦର ସ୍ଥାନ ପର୍ଯ୍ୟନ୍ତ ନୌଚଳାଚଳର ଉପଯୋଗିତା ଏପରି ଯେ, ତହିଁରେ ଉତ୍ତର-ନାଳ

ବାଟେ ଉଠିଆ ଜୁଆରରେ ୧୭ ଫୁଟ୍ ଓ ପଡ଼ିଆ ଜୁଆରରେ ୧୩ ଫୁଟ ଗଭୀର ଜଳରେ ଭାସମାନ ହେବା ଭଳି ଜାହାଜ ଆସିପାରିବ । ମଧ୍ୟନାଳରେ ଉଠିଆ ଜୁଆରରେ ୨୦ ଫୁଟ୍ ଓ ପଡ଼ିଆ ଜୁଆରରେ ୧୬ ଫୁଟ୍ ଗଭୀର ଜଳରେ ଭାସମାନ ହେବାଭଳି ଜାହାଜମାନ ଆସିପାରିବ । ତେଣୁ ଏହାର ପ୍ରାକୃତିକ ଅବସ୍ଥିତିରେ ଏବଂ ବିନା ଉନ୍ନୟନରେ ଏହି ନଦୀ ୩,୦୦୦ ଟନ୍‌ରୁ ୪,୦୦୦ ଟନ୍ ସାମର୍ଥ୍ୟ ବିଶିଷ୍ଟ ଜାହାଜଗୁଡ଼ିକୁ ସ୍ଥାନ ଦେବାକୁ ସକ୍ଷମ ଅଟେ ।"

(କେର୍ଣ୍ଣେଲ ଟି:ଏସ୍:ଓର୍ କେନ୍ଦ୍ର ଜଳଶକ୍ତି, ସେଚନ ଏବଂ ନୌ-ଚଳାଚଳ କମିଶନ୍‌ର ୧୯୪୯)

"ଶୁନ୍ଦବାଲି ସମ୍ଭବତଃ କ୍ଷୁଦ୍ର ଏବଂ ମଧ୍ୟମ ବନ୍ଦର ନିମିତ୍ତ ଉତ୍ତମ ପ୍ରାକୃତିକ ସୁବିଧା ପ୍ରଦାନ କରେ ; କିନ୍ତୁ ପ୍ରଶ୍ନ ଉଠେ କାହିଁକି ଏଠାରେ ଥିବା ସୁବିଧା ସୁଯୋଗର ପୂର୍ଣ୍ଣ ବିନିଯୋଗ କରାଯାଉନାହିଁ ? ବନ୍ଦରସ୍ଥଳ ଶୁନ୍ଦବାଲି କିମ୍ବା ଧାମରାରେ ଗଢ଼ିଉଠିବ କାରଣ ଶୁନ୍ଦବାଲିକୁ ନୌଚଳାଚଳ ଅସୁବିଧାଜନକ ଏବଂ ବୃହତ୍ ଜାହାଜଗୁଡ଼ିକର ଯାତାୟାତ ସମ୍ଭବ ନୁହେଁ......ଧାମରାରେ କୌଣସି ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ମୁଁ ମତାମତ ଦେଉଛି ଯେ ଶୁନ୍ଦବାଲିକୁ ପ୍ରଥମେ କାର୍ଯ୍ୟକ୍ଷମ ବନ୍ଦରରେ ପରିଣତ କରାଯିବା ଉଚିତ୍ ଏବଂ ତା'ପରେ ଚରଦିଆ ଏବଂ ଧାମରା ଗ୍ରାମ ମଧ୍ୟରେ ଥିବା ଅଞ୍ଚଳର ପୂର୍ଣ୍ଣାଙ୍ଗ ଅନୁଧ୍ୟାନ ଆବଶ୍ୟକ ।"

(ଏସ୍:ଏସ୍: ବାଜପ୍ତା, ଡେପୁଟି ମେରାଇନ୍ ସର୍ଭେୟର, ୧୯୬୭)

"ମୁହାଣ ପଥରୁ ସ୍ୱଚ୍ଛ ପଟୁ ନିଷ୍କାସନ ଫଳରେ ଶୁନ୍ଦବାଲି ବନ୍ଦରକୁ ୨୦ ଫୁଟ ଗଭୀର ଜଳରେ ଭାସମାନ ହେଲାଭଳି ଜାହାଜ ଆସିପାରିବ ।......ଓଡ଼ିଶାର ପୂର୍ବ ଉପକୂଳରେ ସମସ୍ତ ସୁବିଧା ବହନ କରିଥିବା ଶୁନ୍ଦବାଲି ଏବଂ ପ୍ରାକୃତିକ ବନ୍ଦର ହୋଇଥିବାରୁ ଏହାକୁ ବାସ୍ତବରେ ପୁନର୍ଜୀବିତ କରାଯାଇ ପାରିବ......ଶୁନ୍ଦବାଲି ବନ୍ଦର ଓଡ଼ିଶାର ଏକମାତ୍ର ଉତ୍ତମ ବନ୍ଦର ଭାବେ ପ୍ରତୀୟମାନ ହୁଏ ଯେ କି ସଂକଟ କାଳରେ ଧାନ-ଉତ୍ପାଦନକାରୀ ପଡ଼ୋଶୀ ଅଞ୍ଚଳମାନଙ୍କରେ ପଣ୍ୟଦ୍ରବ୍ୟର ଆଭ୍ୟନ୍ତରୀଣ ବଣ୍ଟନ କ୍ଷେତ୍ରରେ ସହାୟକ ହେବ ଏବଂ ଯଦି ଉନ୍ନତି କରାଯାଏ ଏହା ସମଗ୍ର ପୂର୍ବ ଉପକୂଳର ପ୍ରଧାନ ବନ୍ଦର ଭାବେ ଗଢ଼ିଉଠିବ ।"

(ତୃତୀୟ ପଞ୍ଚବାର୍ଷିକ ଯୋଜନା ଚିଠା ୧୯୬୧-୬୬)

## ବନ୍ଦର ପୁନର୍ଗଠନ ଉଦ୍ୟମ

ସ୍ୱାଧୀନତାପରେ ବିଭିନ୍ନ ସମୟରେ ଶୁନ୍ଦବାଲି ବନ୍ଦରକୁ ପୁନର୍ଗଠନ ଓ ପରିବର୍ଦ୍ଧନ କରିବା ନିମିତ୍ତ ସ୍ଥାନୀୟ ଅଧିବାସୀଙ୍କ ସମେତ ଓଡ଼ିଶାର ନେତୃବର୍ଗ ବହୁବାର ଉଦ୍ୟମ କରିଛନ୍ତି । ତାହା ଫଳବତୀ ହୋଇପାରିନାହିଁ । ୧୯୬୦ ମସିହା ଜାନୁୟାରୀ ୨୯ ତାରିଖ । ଧାମରା (ଶୁନ୍ଦବାଲି) ବନ୍ଦର ଉନ୍ନୟନ ସମ୍ମିଳନୀ ଶୁନ୍ଦବାଲି ସହର ଉପକଣ୍ଠରେ ଅନୁଷ୍ଠିତ ହେଉଥାଏ । ସଭାପତି ଅଭିଭାଷଣରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ସାଂସଦ ସୁରେନ୍ଦ୍ର ମହାନ୍ତି ବ୍ୟକ୍ତ କଲେ-"ଆଜି ଯେଉଁ ଉପଲକ୍ଷରେ ଆପଣମାନେ ସମବେତ ହୋଇଛନ୍ତି ତାହା ଏକ ଆଞ୍ଚଳିକ ଉଦ୍ୟମ ବା ଆଞ୍ଚଳିକ ସ୍ୱାର୍ଥ ସୀମିତ ପ୍ରଶ୍ନ ନୁହେଁ । ଓଡ଼ିଶା ପୁନର୍ଗଠନର ବ୍ୟାପକ ପ୍ରଶ୍ନ ଓ ଉଦ୍ୟମ ସହିତ ଏହି ସମସ୍ୟା ଅତି ଘନିଷ୍ଠ ଭାବେ ଜଡ଼ିତ ।......ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଓଡ଼ିଶାରେ କେବଳ ଶୁନ୍ଦବାଲି ଓ ଗୋପାଳପୁର ବନ୍ଦର କାର୍ଯ୍ୟ କରୁଥିଲା । ମାତ୍ର ବର୍ମା ସହିତ ଭାରତର ସମ୍ପର୍କ ଛିନ୍ନ ହେବା ପରେ ଗୋପାଳପୁର ବନ୍ଦର ବନ୍ଦ ହୋଇ ପଡ଼ିଲା । ତେଣୁ ଏହି ପରିସ୍ଥିତିରେ ଓଡ଼ିଶାରେ ସ୍ୱାଧୀନତା ପୂର୍ବରୁ ନଅଗୋଟି ବନ୍ଦର କାର୍ଯ୍ୟ କରୁଥିଲେ ହେଁ ସ୍ୱାଧୀନତା ପରେ ଓଡ଼ିଶାର ଶୁନ୍ଦବାଲିଠାରେ ଗୋଟିଏ ମାତ୍ର ବନ୍ଦର ଅବଶିଷ୍ଟ ରହିଲା । ଏହି ପୃଷ୍ଠଭୂମିରେ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବନ୍ଦର ନିର୍ମାଣ ପାଇଁ ଏକ ଜାତୀୟ ଆକାଙ୍କ୍ଷା ପ୍ରକାଶ ପାଇବାରେ କୌଣସି ବୈଚିତ୍ର୍ୟ ନାହିଁ । ଶୁନ୍ଦବାଲିଠାରେ ଏବେ ଯେଉଁ ବନ୍ଦରଟି ଅଛି ତାହା ନାମକୁମାତ୍ର ବଞ୍ଚିଥିଲେ ହେଁ କାର୍ଯ୍ୟତଃ ତାହା ପ୍ରାୟ ବନ୍ଦ ହୋଇପଡ଼ିଛି ।" ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଓଡ଼ିଶାର ଜନନାୟକ ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ରାୟଙ୍କ 'ଧାମରା (ଶୁନ୍ଦବାଲି) ବନ୍ଦରର ଇତିହାସ' ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ପୁସ୍ତକରେ ବନ୍ଦର ପୁନର୍ଗଠନ ସପକ୍ଷରେ ଯେଉଁ ମୂଲ୍ୟବାନ ତଥ୍ୟ ସନ୍ନିବେଶିତ ହୋଇଛି, ତାହାକୁ ଭିତ୍ତିକରି ବିଶିଷ୍ଟ ସାହିତ୍ୟିକ ଏବଂ ବିଧାୟକ ନିତ୍ୟାନନ୍ଦ ମହାପାତ୍ର ଏକଦା ବିଧାନସଭାରେ ପ୍ରମାଣିତ କରିଥିଲେ ଯେ ମହାନଦୀର ମୁହାଣରେ ଅନୁଷ୍ଠିତ ହେବାକୁ ଯାଉଥିବା ପାରଦ୍ୱୀପ ବନ୍ଦରଠାରୁ ବ୍ରାହ୍ମଣୀ, ବୈତରଣୀ ଓ ସାଲନ୍ଦୀର ଏକତ୍ରିତ ନଦୀ ହଂସୁଆ ମୁହାଣରେ ଧାମରା ସ୍ଥାନଟି ଅଧିକ ଉପଯୁକ୍ତ ।

୧୯୭୦ ମସିହା ଜାନୁୟାରୀ ୨୪ ତାରିଖରେ ଜାତୀୟ ବନ୍ଦର ପରିଷଦ (National Harbour Board)ର ଅଷ୍ଟାଦଶ ଅଧିବେଶନ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ଅବସରରେ ଶୁନ୍ଦବାଲି ବନ୍ଦର ଉନ୍ନୟନ କମିଟି ତରଫରୁ କେନ୍ଦ୍ର ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରୀ କେ: ରଘୁରାମିୟା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ଶିକ୍ଷାମନ୍ତ୍ରୀ ହରିହର ପଟେଲଙ୍କୁ ଓଡ଼ିଶାର ବହୁ ମନ୍ତ୍ରୀ, ବିଧାୟକ ସାଂସଦ, ନେତୃବର୍ଗ ଓ ଶୁନ୍ଦବାଲିର ବିଶିଷ୍ଟ ନାଗରିକମାନଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସେତେବେଳେ ଶୁନ୍ଦବାଲି ଏବଂ ଗୋପାଳପୁର ବନ୍ଦରର ସଂରକ୍ଷଣ ଓ ପରିବର୍ଦ୍ଧନ ଏକ ସମୟରେ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଥିଲା । ତାହାପୂର୍ବରୁ କେନ୍ଦ୍ର ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରଣାଳୟର ଉନ୍ନୟନ ଉପଦେଷ୍ଟା ସୁସ୍ପଷ୍ଟ ଦର୍ଶାଇଥିଲେ-"ଶୁନ୍ଦବାଲି ବନ୍ଦର କିଛି ପରିମାଣରେ ଉନ୍ନତ ଏବଂ ଏହା ଓଡ଼ିଶାର ଏକମାତ୍ର ନଦୀ ବନ୍ଦର ଯେ କି ସ୍ୱଳ୍ପବ୍ୟୟରେ କାର୍ଯ୍ୟ ନିର୍ବାହ କରିପାରିବ ଏବଂ ଉନ୍ନତ ହୋଇପାରିବ ।"

## ଧାମରା-ଶୁନ୍ଦବାଲି ବନ୍ଦରର ପୁନରୁଦ୍ଧାର

ଧାମରା-ଶୁନ୍ଦବାଲି ବନ୍ଦର ନିର୍ମାଣ ପାଇଁ ୧୯୯୭ ମସିହା ଏପ୍ରିଲ ୭ ତାରିଖରେ ରାଜ୍ୟ ସରକାର ଓ ସିଙ୍ଗାପୁରସ୍ଥିତ ଆନ୍ତର୍ଜାତିକ

ସିଂପୋର୍ଟ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସେହି ଅନୁଯାୟୀ ୧୯୯୮ ମସିହା ଏପ୍ରିଲ ୨ ତାରିଖ ବନ୍ଦର ନିର୍ମାଣ ପାଇଁ ଅନୁମୋଦନପତ୍ର ସ୍ୱାକ୍ଷରିତ ହେବା ପରେ ଜୁଲାଇ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ସେଦିନ ଧାମରା ମୁହାଣର ବ୍ୟାପକତାକୁ ଅବଲୋକନ କରି ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ପଦାଧିକାରୀବୃନ୍ଦ ସ୍ତମ୍ଭୀଭୂତ ହୋଇ ଯାଇଥିଲେ । ଏହା କ'ଣ ସେଇ 'କଳିଙ୍ଗର ପ୍ରବେଶପଥ' ଯେ କି ଛାତି ତଳେ ସାଇତି ରଖିଛି ଓଡ଼ିଆ ସାଧବ ପୁଅର ଯଶସ୍ୱୀ ବାଣିଜ୍ୟିକ ପରାକ୍ରମର ଗୌରବଗାଥା ? ବୋଇତରୁ ଷ୍ଟିମର.....ଷ୍ଟିମରରୁ ଜାହାଜ । ସୁଦୂର ଅତୀତରୁ ନିକଟ ଅତୀତ.....ନିକଟ ଅତୀତରୁ ଆଗାମୀ ଭବିଷ୍ୟତ । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞାପନ ଅନୁଯାୟୀ 'ଧାମରା-ଶୁନ୍ଦବାଲି : ଆଗାମୀ କାଲିର ବନ୍ଦର-ଓଡ଼ିଶାର ସୁନେଲି ଭବିଷ୍ୟତର ସ୍ୱପ୍ନ ।' ଧନେଶ୍ୱର ସାଧବର ବୋଇତ ବନ୍ଦର ଆଜି ଆଧୁନିକ ସାଧବର କ୍ରୀଡ଼ାଙ୍ଗନ ।

ସିଙ୍ଗାପୁରସ୍ଥିତ ଏହି ବହୁ ରାଷ୍ଟ୍ରୀୟ ଆନ୍ତର୍ଜାତିକ କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୧୨୦୦ କୋଟି ଟଙ୍କା ବ୍ୟୟରେ ୨୦୦୧ ମସିହା ସୁଦ୍ଧା ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ କରିବ, ଯଦ୍ଦ୍ୱାରା ୧୦ ନିୟୁତ ଟନରୁ ଅଧିକ ପଣ୍ୟଦ୍ରବ୍ୟ କାରବାର କରିବା ସମ୍ଭବ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ ଓ ଏହାର ମାଲ ପରିବହନ ଶକ୍ତି ୨୫ ନିୟୁତ ଟନକୁ ବୃଦ୍ଧି କରାଯିବ । ୨୦୨୦ ମସିହା ସୁଦ୍ଧା ଏହା ଏକ ପୂର୍ଣ୍ଣାଙ୍ଗ ବନ୍ଦରରେ ପରିଣତ ହୋଇ ଏସିଆ ମହାଦେଶର ବୃହତ୍ତମ ବନ୍ଦର ହେବ ବୋଲି ପ୍ରକାଶ ।

ଏହି ବନ୍ଦର ସକାଶେ ୧,୭୦୦ ଏକର ଏବଂ ଭଦ୍ରକ-ଧାମରା ୬୨ କି.ମି. ଦୈର୍ଘ୍ୟ ରେଳପଥ ପାଇଁ ୩,୧୦୦ ଏକର ଜମି ଆବଶ୍ୟକ ହେବ । ଉପକୂଳରେଖାର ୧୬ ମିଟରଠାରୁ ବନ୍ଦର ପର୍ଯ୍ୟନ୍ତ ୧୮ କି.ମି. ଲମ୍ବର ପ୍ରଣାଳୀ ଖନନ କରାଯାଇ ଅମରନଗର ଓ ଶରତ ପ୍ରସାଦ ଗାଁ ମଧ୍ୟରେ ବନ୍ଦର ନିର୍ମାଣ ହେବ । ଏଥିରେ ସମୁଦାୟ ୧,୦୦୦ ମିଟର ଲମ୍ବର ବର୍ଥ ରହିବ ଓ ପ୍ରତି ଘଣ୍ଟାରୁ ୪,୦୦୦ରୁ ୬,୦୦୦ ଟନ୍ ମାଲ ବୋଝେଇ ଓ ଖଲାସ ହେବ । ଉଚ୍ଚ ସାମୁଦ୍ରିକ ଜୁଆରରେ ଏହି ବନ୍ଦରର ଗଭୀରତା ସାଢ଼େ ୧୭ ମିଟର ହେବାଦ୍ୱାରା ୧ ଲକ୍ଷ DWT କ୍ଷମତା ବିଶିଷ୍ଟ କେପ୍ ସାଇଜ ଜାହାଜ ଚଳାଚଳ ସମ୍ଭବ ହେବ । କୋଇଲା, ଲୁହା ପଥର କୋକ୍, ସାର ଆଦି ପରିବହନ ସୁବିଧା ପାଇଁ ଏହି ବନ୍ଦରର ଉଜ୍ଜ୍ୱଳ ଭବିଷ୍ୟତ ଥିବା ସାଙ୍ଗକୁ ଭାରତୀୟ ପଣ୍ୟ ସାମଗ୍ରୀକୁ ବିଶ୍ୱ ବଜାରରେ ଅଧିକ ପ୍ରତିଯୋଗିତା କରିବା ସକାଶେ ଏହା ବିଶେଷ ସହାୟକ ହେବ ।

ଓଡ଼ିଶାର ମଧ୍ୟଭାଗରେ ଜାତୀୟସ୍ତରରେ ମାନ୍ୟତା ପ୍ରାପ୍ତ ପାରାଦ୍ୱୀପ ବନ୍ଦର ଏବଂ ଦକ୍ଷିଣଭାଗରେ ଗୋପାଳପୁର ବନ୍ଦର ଅଧୁନା କର୍ମମୁଖର । ତେଣୁ ଉତ୍ତରଭାଗରେ ଆଉ ଏକ ବନ୍ଦରର ଆବଶ୍ୟକତା ବହୁଦିନରୁ ଅନୁଭୂତ ହେଉଥିଲା । ଏବେ ଇତିହାସର ପୁନରାବୃତ୍ତି ହେବାକୁ ଯାଉଛି । ଓଡ଼ିଶାର ଏହି ପ୍ରାଚୀନ ଧାମରା-ଶୁନ୍ଦବାଲି ବନ୍ଦରର ଧ୍ୱଂସାବଶେଷ ଉପରେ ଆଧୁନିକ ବନ୍ଦରର ଆସପ୍ରକାଶ ଓଡ଼ିଶାର ବାଣିଜ୍ୟିକ ସ୍ୱାଭିମାନ ଓ ନୌବାଣିଜ୍ୟ ସଂସ୍କୃତିକୁ ପୁନର୍ଜୀବିତ କରୁଛି । ଆଜି ମନେପଡ଼େ ପିଲାଦିନେ ପଢ଼ିଥିବା ପାଠବହିର ଧାଡ଼ିଟିଏ 'ଶୁନ୍ଦବାଲି ଆମ ଟିକି ବନ୍ଦର' ।

---

ଶୁନ୍ଦବାଲି-୭୫୬୧୩୩

### ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଦ୍ୱାରା
### ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ

୧୯୯୮-୯୯ ଆର୍ଥିକ ବର୍ଷରେ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଦ୍ୱାରା ୧୦,୫୦,୬୨୮ ଜଣ ହିତାଧିକାରୀ ଉପକୃତ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ରାଜ୍ୟର ୧୯ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଦ୍ୱାରା ଯୋଜନାରେ ୭,୩୪,୦୨୮ ଜଣ ଓ ଅଣ-ଯୋଜନାରେ ୩,୧୬,୪୦୦ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଏଥିପାଇଁ ଯୋଜନାରେ ୨୨୨୯.୨୩ ଲକ୍ଷ ଟଙ୍କା ଓ ଅଣ-ଯୋଜନାରେ ୯୮୭-୨୬ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

ଧାର୍ଯ୍ୟଲକ୍ଷ୍ୟ ହିତାଧିକାରୀଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୪୫,୫୦୦ ଜଣ, ଢେଙ୍କାନାଳ ଜିଲ୍ଲାର ୫୮,୦୦୦ ଜଣ, ବାଲେଶ୍ୱର ଜିଲ୍ଲାର ୬୨,୧୦୦ ଜଣ, ଭଦ୍ରକ ଜିଲ୍ଲାର ୧୨,୨୦୦ ଜଣ, ସୋନପୁର ଜିଲ୍ଲାର ୩୩,୦୦୦ ଜଣ, ଗଞ୍ଜାମ ଜିଲ୍ଲାର ୧,୧୨,୦୦୦ ଜଣ, ପୁରୀ ଜିଲ୍ଲାର ୪୨,୧୦୦ ଜଣ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ୩୧,୪୦୦ ଜଣ, ନୂଆପଡ଼ା ଜିଲ୍ଲାର ୨୩,୫୦୦ ଜଣ, ସମ୍ବଲପୁର ୫୦,୦୦୦ ଜଣ, ଝାରସୁଗୁଡା ଜିଲ୍ଲାର ୩୨,୦୦୦ ଜଣ ଓ ଦେବଗଡ଼ ଜିଲ୍ଲାର ୨୦,୫୦୦ ଜଣ ଅଛନ୍ତି ।

ସେହିପରି କଟକ ଜିଲ୍ଲାର ୬୯,୭୬୮ ଜଣ ହିତାଧିକାରୀ, ଜଗତସିଂହପୁର ଜିଲ୍ଲା ୩୨,୫୦୦ ଜଣ, ଯାଜପୁର ୫୨,୫୦୦ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାର ୨୬,୫୦୦ ଜଣ, କୋରାପୁଟ ଜିଲ୍ଲାର ୧,୪୧,୩୦୦ ଜଣ, ନବରଙ୍ଗପୁର ଜିଲ୍ଲାର ୧,୩୮,୫୫୦ ଜଣ ଓ ମାଲକାନଗିରି ଜିଲ୍ଲାର ୨୪,୨୦୦ ଜଣ ହିତାଧିକାରୀ ଉପକୃତ ହେବାର ଲକ୍ଷ୍ୟ ରହିଛି । ଏହି ଯୋଜନାରେ ରାଜ୍ୟର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଏବଂ କେତୋଟି ସହରାଞ୍ଚଳର ବସ୍ତି ବାସିନ୍ଦାମାନଙ୍କ ମଧ୍ୟରେ ୬ ବର୍ଷରୁ କମ୍ ବୟସର ଶିଶୁ ତଥା ଗର୍ଭବତୀ ଏବଂ ପ୍ରସୂତି ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ।

# ଶ୍ରୀଲିଙ୍ଗରାଜ ମନ୍ଦିରର ଶିଳାଲେଖ

ଡଃ ସ୍ନିଗ୍ଧା ତ୍ରିପାଠୀ

ଓଡ଼ିଶାର ସର୍ବପ୍ରାଚୀନ ନଗରୀ ତୋସଳୀ–ଏକାମ୍ରର ଇତିହାସ ମୁଖ୍ୟତଃ ପୁରାଭିଲେଖ ଆଧାରିତ, ଏହା ଅନସ୍ୱୀକାର୍ଯ୍ୟ । ଯୁଗେ ଯୁଗେ ନାନା ଧର୍ମର ପତନ–ଅଭ୍ୟୁଦୟର ଗାଥା ସହିତ ରାଜନୈତିକ, ଆର୍ଥିକ–ସାମାଜିକ ଅଭିବୃଦ୍ଧିର ଇତିହାସ ଏଠାକାର ପୁରାଭିଲେଖଗୁଡ଼ିକ ହିଁ ଯତ୍ନରେ ସଂରକ୍ଷଣ କରିଛି । କିନ୍ତୁ ଆମର ଦୁର୍ଭାଗ୍ୟର ବିଷୟ, ଉପଯୁକ୍ତ ସଂରକ୍ଷଣ ଅଭାବରେ ଏହି ମୂଲ୍ୟବାନ ପ୍ରତ୍ନ–ଲେଖର ଅଧିକାଂଶ ଶୋଚନୀୟ ଭାବେ ଜୀର୍ଣ୍ଣ । ବର୍ତ୍ତମାନ ପରିସ୍ଥିତିରେ ଏହି ଜୀର୍ଣ୍ଣ, କ୍ଷତ–ବିକ୍ଷତ ଶିଳାଲେଖଗୁଡ଼ିକର ସମ୍ପୂର୍ଣ୍ଣ ପାଠୋଦ୍ଧାର ଅତ୍ୟନ୍ତ କଷ୍ଟସାଧ୍ୟ । ତଥାପି, ଏହି ଭଗ୍ନାବଶେଷରୁ ଯେଉଁ ଐତିହାସିକ ତଥ୍ୟ ସମୂହ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇଛି ତା'ର ମୂଲ୍ୟ କିଛି କମ୍ ନୁହେଁ । ଓଡ଼ିଶା ଇତିହାସର ପ୍ରତିଟି ଅଧ୍ୟାୟକୁ ଏହି ଅଭିଲେଖଗୁଡ଼ିକ ଅତି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇ ସମୃଦ୍ଧ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ, ମନ୍ଦିର–ନଗରୀର ସମସ୍ତ ଆବିଷ୍କୃତ ଅଭିଲେଖ ସମ୍ବନ୍ଧରେ ଆଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । କେବଳ, ଏକାମ୍ର–କ୍ଷେତ୍ରର ମୁଖ୍ୟ ବିଗ୍ରହ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଉତ୍କୀର୍ଣ୍ଣ ପ୍ରାୟ ଶତରୁ ଊର୍ଦ୍ଧ୍ୱ ଶିଳାଲେଖ ବିଷୟରେ ଏକ ସମ୍ୟକ୍ ଏବଂ ସଂକ୍ଷିପ୍ତ ପରିଚୟ ପ୍ରଦାନ ଏଠାରେ କରାଯାଇଛି । ଏହି ଅଭିଲେଖଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା ହେଲେ ଏକ ସୁବୃହତ୍ ଗ୍ରନ୍ଥରେ ପରିଣତ ହେବ, ଏହା ନିଃସନ୍ଦେହରେ କୁହାଯାଇ ପାରେ ।

୧୮୯୩ ମସିହାଠାରୁ ଅର୍ଥାତ୍ ବିଗତ ଶତାବ୍ଦୀର ଶେଷ ଦଶକରୁ ପୁରାତତ୍ତ୍ୱବିଦ୍ ଗଣ ଉକ୍ତ ମନ୍ଦିରର ଶିଳାଲେଖଗୁଡ଼ିକର ପାଠୋଦ୍ଧାର ପାଇଁ ପଦକ୍ଷେପ ନେଇଥିଲେ । ସେହି ସମୟରେ ମଧ୍ୟ, ସେମାନେ ବହୁ ଅଭିଲେଖ ଜୀର୍ଣ୍ଣାବସ୍ଥା ପ୍ରାପ୍ତ ହୋଇଥିବା ଲକ୍ଷ୍ୟ କରିଥିଲେ । ସର୍ବପ୍ରଥମେ ସ୍ୱର୍ଗତ ମନମୋହନ ଚକ୍ରବର୍ତ୍ତୀ ଉକ୍ତ ମନ୍ଦିରରେ ଉତ୍କୀର୍ଣ୍ଣ କେତେକ ଗଙ୍ଗ ଓ ସୂର୍ଯ୍ୟବଂଶୀ ଶାସନକାଳୀନ ଅଭିଲେଖର ପାଠୋଦ୍ଧାର କରି ଏସିଆଟିକ ସୋସାଇଟିର ଗବେଷଣା ପତ୍ରିକାରେ (୬୨ ଖଣ୍ଡ, ୧୮୯୩)ରେ ପ୍ରକାଶ କରିଥିଲେ । ୧୯୦୩ ମସିହାରେ ଉକ୍ତ ପତ୍ରିକାର ୭୨ତମ ଖଣ୍ଡରେ ଆଉ କିଛି ଗଙ୍ଗବଂଶୀୟ ଅଭିଲେଖର ପାଠ ଶ୍ରୀଯୁକ୍ତ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ । ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ପଣ୍ଡିତ ସତ୍ୟନାରାୟଣ ରାଜଗୁରୁ, ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏବଂ ପ୍ରଫେସର ଦୀନେଶ ଚନ୍ଦ୍ର ସରକାର ପ୍ରମୁଖ ଆଉ କେତେକ ଗଙ୍ଗବଂଶୀୟ ଅଭିଲେଖର ପାଠୋଦ୍ଧାର କରି ବିଭିନ୍ନ ଐତିହାସିକ ଗବେଷଣା ପତ୍ରିକାରେ (ଏପିଗ୍ରାଫିଆ ଇଣ୍ଡିକା, ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ, ଇଣ୍ଡିଆନ୍ କଲଚର ଇତ୍ୟାଦି) ପ୍ରକାଶ କରି ଯାଇଛନ୍ତି । ଓଡ଼ିଶାର ଗଙ୍ଗବଂଶୀୟ ଅଭିଲେଖ ସମୂହ ସଙ୍କଳନ କରିବା ସମୟରେ ପଣ୍ଡିତ ରାଜଗୁରୁ କେତେକ ଦ୍ୱିଭାଷୀ ଅର୍ଥାତ୍ ତେଲୁଗୁ ଓ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ଶ୍ରୀଲିଙ୍ଗରାଜ ମନ୍ଦିର ଶିଳାଲେଖ ପାଠ କରିଥିଲେ । ଆଲୋଚ୍ୟ ପ୍ରବନ୍ଧର ଲେଖିକା ମଧ୍ୟ ୧୯୭୦–୭୧ ମସିହା ସମୟରେ ଶ୍ରୀଲିଙ୍ଗରାଜ ମନ୍ଦିରରୁ ସୂର୍ଯ୍ୟବଂଶୀ ଗଜପତି ଶାସନକାଳୀନ କେତେକ ଅଭିଲେଖର ପାଠୋଦ୍ଧାର କରି ଓଡ଼ିଆ ପତ୍ରିକାମାନଙ୍କରେ ପ୍ରକାଶ କରିଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ, ଆଜି ପର୍ଯ୍ୟନ୍ତ ଉକ୍ତ ମନ୍ଦିରରୁ ଯେଉଁ ସବୁ ଶିଳାଲେଖର ପାଠୋଦ୍ଧାର କରାଯାଇଛି, ତନ୍ମଧ୍ୟରୁ ଅଧିକାଂଶରୁ ସମ୍ପୂର୍ଣ୍ଣ ପାଠୋଦ୍ଧାର ସମ୍ଭବ ହୋଇ ନାହିଁ । ଏହାର ଅନ୍ୟତମ କାରଣ, ଲେଖଗୁଡ଼ିକ ପ୍ରାୟ ଭଗ୍ନାବଶେଷରେ ପରିଣତ ହୋଇଛି । ଲେଖଗୁଡ଼ିକର ଜୀର୍ଣ୍ଣାବସ୍ଥା ବିଗତ ଶତାବ୍ଦୀରେ ମନମୋହନ ଚକ୍ରବର୍ତ୍ତୀ ମଧ୍ୟ ଲକ୍ଷ୍ୟ କରିଥିଲେ । ୧୯୫୭–୫୮ ସମୟରେ ସ୍ୱର୍ଗତ ଦୀନେଶ ଚନ୍ଦ୍ର ସରକାର ଉକ୍ତ ଲେଖଗୁଡ଼ିକର ପ୍ରତିଲିପି ସଂଗ୍ରହ କରାବେଳେ, ଏଗୁଡ଼ିକର ଶୋଚନୀୟ ଜୀର୍ଣ୍ଣାବସ୍ଥା ଲକ୍ଷ୍ୟ କରି ମନ୍ତବ୍ୟ ଦେଇଥିଲେ, ଦୁର୍ଭାଗ୍ୟର ବିଷୟ ଅଧିକାଂଶ ଲେଖ ଭଗ୍ନାବସ୍ଥାରେ ରହିଛି ଏବଂ ଖୁବ କମ୍ ସଂଖ୍ୟକ ଅଭିଲେଖର ପାଠୋଦ୍ଧାର ସମ୍ଭବ ହୋଇଛି । ବାରମ୍ବାର ଚୂନର ପ୍ରଲେପ ଦ୍ୱାରା ମଧ୍ୟ ବହୁ ଲେଖ ବର୍ତ୍ତମାନ ଲୁପ୍ତ ।

ତଥାପି ଯେଉଁ କେତେକ ଅଭିଲେଖ ବର୍ତ୍ତମାନ ସୁଦ୍ଧା ପାଠ କରାଯାଇଛି, ଓଡ଼ିଶାର ମଧ୍ୟଯୁଗୀୟ ଇତିହାସ ଓ ସଂସ୍କୃତି ପୁନରୁଦ୍ଧାରରେ ସେଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶ୍ରୀଲିଙ୍ଗରାଜ ମନ୍ଦିରର ନିର୍ମାଣକାଳ, ଐତିହାସିକମାନଙ୍କ ମତରେ ଖ୍ରୀଷ୍ଟୀୟ ପ୍ରାୟ ୧୦ମ ୧୧ଶ ଶତାବ୍ଦୀର ସୋମବଂଶୀ ରାଜତ୍ୱକାଳୀନ ସାଧାରଣତଃ କୁହାଯାଏ । କିନ୍ତୁ ସୋମବଂଶୀ ଶାସନକାଳୀନ କୌଣସି ଅଭିଲେଖ ଏହି ମନ୍ଦିରରେ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଇନାହିଁ । ମନ୍ଦିରର ନିର୍ମାଣକାଳ ଯେବେ ହୋଇଥାଉ ନା କାହିଁକି, ଏଥିରେ ଉତ୍କୀର୍ଣ୍ଣ ଅଭିଲେଖଗୁଡ଼ିକ ଖ୍ରୀଷ୍ଟୀୟ ପ୍ରାୟ ଦ୍ୱାଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ଲେଖାଯାଇଥିଲା । ଅର୍ଥାତ୍ ଗଙ୍ଗ ସମ୍ରାଟ ଅନନ୍ତବର୍ମା–ଚୋଡ଼ଗଙ୍ଗଙ୍କ ରାଜତ୍ୱକାଳୀନ ବା ପରବର୍ତ୍ତୀ ସମୟରେ

ଲେଖାଯାଇଥିବା ଅଭିଲେଖଗୁଡ଼ିକ ଏହି ମନ୍ଦିରରେ ଦେଖାଯାଏ । ଏଗୁଡ଼ିକ ମଧ୍ୟରେ ସର୍ବପ୍ରାଚୀନ ଚୋଡ଼ଗଙ୍ଗଙ୍କ ରାଜତ୍ୱକାଳୀନ ଶକାବ୍ଦ ୧୦୩୬ (ଖ୍ରୀ: ଅ: ୧୧୧୪–୧୫)ରେ ଉତ୍କୀର୍ଣ୍ଣ ଅଭିଲେଖର ସନ୍ଧାନ ମିଳିଛି । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ଏବଂ ତତ୍‌ପରବର୍ତ୍ତୀ ସମୟର ଯେଉଁ ସବୁ ଗଙ୍ଗ ଅଭିଲେଖ ଉକ୍ତ ମନ୍ଦିରରେ ଉତ୍‌କୀର୍ଣ୍ଣ କରାଯାଇଛି, ସେ ସବୁ ମୂଳତଃ ସଂସ୍କୃତ ଭାଷାରେ ଲେଖାହୋଇଥିବା ଦେଖାଯାଏ । ଏଠାରେ ସୂଚନା ଯୋଗ୍ୟ, ଗଙ୍ଗବଂଶ ଶାସନ କାଳରେ, ଓଡ଼ିଶାରେ ରାଜକୀୟ ବା ସରକାରୀ ଭାଷା ରୂପେ ସଂସ୍କୃତ ଭାଷାର ପ୍ରଚଳନ ଥିଲା । ବିଭିନ୍ନ ଗଙ୍ଗ ଶାସକମାନଙ୍କ ପ୍ରଦତ୍ତ ତାମ୍ରଶାସନ ତଥା ଉତ୍‌ସର୍ଗମୂଳକ ଶିଳାଲେଖଗୁଡ଼ିକ ସାଧାରଣତଃ ସଂସ୍କୃତ ଭାଷାରେ ଲିଖିତ । ତେବେ, ତାମ୍ରଶାସନ ତଥା ପ୍ରଶସ୍ତିମୂଳକ ଅଭିଲେଖଗୁଡ଼ିକରେ ଅପେକ୍ଷାକୃତ ଶୁଦ୍ଧ ସଂସ୍କୃତ ଭାଷା ବ୍ୟବହୃତ ହୋଇଥିଲେହେଁ, ମନ୍ଦିର ଗାତ୍ରରେ ଉତ୍‌କୀର୍ଣ୍ଣ ଉତ୍‌ସର୍ଗମୂଳକ ଅଭିଲେଖଗୁଡ଼ିକରେ ବ୍ୟବହୃତ ସଂସ୍କୃତ ଭାଷାରେ ବିଶେଷ ତାରତମ୍ୟ ପରିଲକ୍ଷିତ ହୁଏ । ଏଗୁଡ଼ିକରେ ବ୍ୟାକରଣ, ବର୍ଣ୍ଣପ୍ରକରଣ ତଥା ଉଚ୍ଚାରଣ ଜନିତ ବର୍ଣ୍ଣପ୍ରକରଣ–ତ୍ରୁଟି ଅତ୍ୟଧିକ ମାତ୍ରାରେ ଲକ୍ଷ୍ୟ କରାଯାଇଛି । ଅବଶ୍ୟ, ଏପ୍ରକାର ତ୍ରୁଟିଯୁକ୍ତ ଅଭିଲେଖଗୁଡ଼ିକରୁ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ତଥ୍ୟ ଉଦ୍ଧାର କରାଯାଇଛି । ନିମ୍ନୋକ୍ତ କେତେକ ଉଦାହରଣରୁ ଏବିଷୟରେ ଧାରଣା କରାଯାଇପାରିବ । ସଂସ୍କୃତ ଭାଷା ଅନଭିଜ୍ଞ, ଅଳ୍ପଶିକ୍ଷିତ ଲେଖକ–ଲିପିକାର ଦ୍ୱାରା ଏପ୍ରକାର ଅଭିଲେଖମାନ ସାଧାରଣତଃ ଉତ୍‌କୀର୍ଣ୍ଣ କରାଯାଉଥିଲା । ଆଞ୍ଚଳିକ ପ୍ରାକୃତ ଅର୍ଥାତ୍ ସାଧାରଣ ଲୋକଙ୍କ କଥିତ ଭାଷାର ବିଶେଷ ପ୍ରଭାବ ଏଗୁଡ଼ିକରେ ଲକ୍ଷଣୀୟ । ଆହୁରି ମଧ୍ୟ, ସଂସ୍କୃତ ଭାଷାର ଆଞ୍ଚଳିକ ଉଚ୍ଚାରଣରୁ ଜାତ ନାନା ଅପଭ୍ରଂଶ ଶବ୍ଦର ବ୍ୟବହାର ଏହି ଅଭିଲେଖଗୁଡ଼ିକର ବୈଶିଷ୍ଟ୍ୟ । କ୍ଷେତ୍ର ବିଶେଷରେ ଲକ୍ଷ୍ୟ କରାଯାଇଛି, ସଂସ୍କୃତ ଭାଷାରେ ଅଳ୍ପ ଜ୍ଞାନ ଥିବା ଲେଖକ ନିଜକୁ କବି ବୋଲି ଲୋକଙ୍କ ମନରେ ଧାରଣା ଦେବା ଉଦ୍ଦେଶ୍ୟରେ କାବ୍ୟିକ ଗଦ୍ୟରେ ରାଜ ପ୍ରଶସ୍ତି ରଚନାର ବିଫଳ ପ୍ରଚେଷ୍ଟା । ଚୋଡ଼ଗଙ୍ଗଦେବଙ୍କ ୩୭ ରାଜତ୍ୱ ବର୍ଷକାଳୀନ (ଖ୍ରୀ: ୧୧୧୪–୧୧୧୫) ଏକ ଅଭିଲେଖରେ, ଲେଖକ ଶାର୍ଦ୍ଦୂଳ–ବିକ୍ରୀଡ଼ିତ ଛନ୍ଦରେ ପ୍ରଶସ୍ତିମୂଳକ ଶବ୍ଦ ଏବଂ ବାକ୍ୟ ସଠିକ ଉପସ୍ଥାପିତ କରି ନ ପାରି ଅବଶିଷ୍ଟାଂଶ ଗଦ୍ୟରେ ଲେଖିଥିବା ଲକ୍ଷ୍ୟ କରାଯାଇଛି । ଏହି ସମୟର ଭୁବନେଶ୍ୱରର ମନ୍ଦିରମାନଙ୍କରେ ଥିବା ଗଙ୍ଗବଂଶୀୟ ଉତ୍‌ସର୍ଗମୂଳକ ଅଭିଲେଖଗୁଡ଼ିକରେ ଆଉ ଏକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଅନନ୍ତବର୍ମା ଚୋଡ଼ଗଙ୍ଗଙ୍କ ସମୟଠାରୁ ଦ୍ୱିଭାଷୀ ଅଭିଲେଖ ଉତ୍‌କୀର୍ଣ୍ଣ ପ୍ରଥାର ପ୍ରଚଳନ । ଗଙ୍ଗବଂଶୀମାନେ ଦାକ୍ଷିଣାତ୍ୟରୁ ଆସିଥିଲେ ଏବଂ ଚୋଳ–ଚାଲୁକ୍ୟବଂଶୀମାନଙ୍କ ସହିତ ସେମାନଙ୍କ ବୈବାହିକ ସମ୍ପର୍କ ଥିଲା । ତେଣୁ ତେଲୁଗୁ–ତାମିଲ ଭାଷାଭାଷୀ ଅଞ୍ଚଳର ସଂସ୍କୃତି ସହ ସେମାନେ ଅଧିକ ପରିଚିତ ଥିଲେ । ଓଡ଼ିଶାର ଉତ୍ତରାଞ୍ଚଳକୁ ଆସିବା ସଙ୍ଗେ ସଙ୍ଗେ ତେଲୁଗୁ–ତାମିଲ ଭାଷାଭାଷୀ ଅଞ୍ଚଳର ସଂସ୍କୃତି ମଧ୍ୟ ସେମାନଙ୍କ ସହ ଏ ଅଞ୍ଚଳରେ ପ୍ରସାର ଲାଭ କଲା । ଦକ୍ଷିଣ ଭାରତ ବିଶେଷତଃ ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଅଞ୍ଚଳ ଚୋଡ଼ଗଙ୍ଗଙ୍କ ରାଜ୍ୟ ଅନ୍ତର୍ଭୁକ୍ତ ଥିବା ହେତୁ, ଏହି ଅଞ୍ଚଳର ବହୁ ସଂଖ୍ୟାରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର–ପୁରୀ ଅଞ୍ଚଳକୁ ଆସୁଥିବା ଦୃଷ୍ଟିରୁ, ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟଠାରୁ ଭୁବନେଶ୍ୱର ତଥା ପୁରୀଠାରେ ମନ୍ଦିରମାନଙ୍କରେ ସଂସ୍କୃତ ଭାଷା ସହ ପ୍ରଚ୍ଛନ୍ନ–ତେଲୁଗୁ ଭାଷାରେ ଉତ୍‌ସର୍ଗମୂଳକ ଅଭିଲେଖମାନ ଉତ୍‌କୀର୍ଣ୍ଣ କରିବା ପ୍ରଥା ପ୍ରଚଳିତ ହେବା ଦେଖାଯାଏ । ଏହି ଦ୍ୱିଭାଷୀ ଲେଖଗୁଡ଼ିକରେ ପ୍ରଥମାର୍ଦ୍ଧରେ ସଂସ୍କୃତ ଭାଷାରେ ଯେଉଁ ବିଷୟର ଅବତାରଣା କରାଯାଇଥାଏ, ଦ୍ୱିତୀୟାର୍ଦ୍ଧରେ ପ୍ରଚ୍ଛନ୍ନ–ତେଲୁଗୁ ଭାଷାରେ ତାହାହିଁ ଅନୂଦିତ ହୋଇଥାଏ । କେବେ କେବେ ତେଲୁଗୁ ଭାଷାରେ ଲେଖାଯାଇଥିବା ଅଂଶରେ ବିଶଦ ଭାବରେ ବିବରଣୀ ଦିଆଯାଇଥାଏ । ଏହି ଦ୍ୱିଭାଷୀ ଅଭିଲେଖଗୁଡ଼ିକ ସାଧାରଣତଃ , ତୀର୍ଥଯାତ୍ରୀରେ ଆସୁଥିବା ତେଲୁଗୁ ଭାଷୀ ଲିପିକାର ଅଥବା ଗଙ୍ଗଶାସନ କାଳରେ ଏଠାରେ ବସବାସ ସ୍ଥାପନ କରିଥିବା ଅଳ୍ପଶିକ୍ଷିତ ସାଧାରଣ ତେଲୁଗୁଭାଷୀ ଲିପିକାରମାନଙ୍କ ଦ୍ୱାରା ଉତ୍‌କୀର୍ଣ୍ଣ ହୋଇଥିବା ମନେ ହୁଏ । ଅନେକ ସମୟରେ ଏହିପରି ଉତ୍‌ସର୍ଗମୂଳକ ଅଭିଲେଖଗୁଡ଼ିକରେ ତତ୍‌କାଳୀନ ପ୍ରଚଳିତ କଥିତ ଭାଷା ତଥା ବହୁ ଅପଭ୍ରଂଶ ଶବ୍ଦର ବ୍ୟବହାର ପରିଲକ୍ଷିତ ହୁଏ । ଏହି ଦ୍ୱିଭାଷୀ ଲେଖଗୁଡ଼ିକର ଅନ୍ୟତମ ଉଦ୍ଦେଶ୍ୟ, ସାଧାରଣ ଲୋକେ ଯେପରି ସହଜରେ ବୁଝିପାରିବେ ସେହିଭଳି ଭାଷାର ବ୍ୟବହାର ।

ଶ୍ରୀଲିଙ୍ଗରାଜ ମନ୍ଦିରରେ ଉତ୍‌କୀର୍ଣ୍ଣ ସଂସ୍କୃତ ଭାଷାର ଅଭିଲେଖଗୁଡ଼ିକରେ ଆଞ୍ଚଳିକ ଉଚ୍ଚାରଣଗତ ଅପଭ୍ରଂଶ ଶବ୍ଦର ବ୍ୟବହାର ଲକ୍ଷଣୀୟ । ଉଦାହରଣ ସ୍ୱରୂପ, 'କୃତ୍ତିବାସ' ପରିବର୍ତ୍ତେ 'କୀର୍ତ୍ତିବାସ' 'ଧ୍ୱଂସ' ପରିବର୍ତ୍ତେ 'ଧନ୍‌ସି' ବା 'ଧ୍ୱନ୍‌ସି', 'ଚତୁର୍ତ୍ତ୍ରିଂଶତମେ' ପରିବର୍ତ୍ତେ 'ଚତୁସ୍ତ୍ରିନ୍‌ସତମେ', 'ଶିବନାଥ' ପରିବର୍ତ୍ତେ 'ଶିଉନାଡ', 'ବିଂଶତ' ପରିବର୍ତ୍ତେ 'ବିଶଂତି' ଏବଂ ଏହି ପରି ଆହୁରି ଅନେକ ଉଦାହରଣ ଦିଆଯାଇପାରେ । ବ୍ୟାକରଣଗତ ତ୍ରୁଟି, ଯେପରି, ସନ୍ଧି, ବିଭକ୍ତି ଇତ୍ୟାଦି ସଠିକ୍ ବ୍ୟବହୃତ ହୋଇ ନ ଥିବା ଲକ୍ଷଣୀୟ,–'ମାତାପିତୃଭ୍ୟାଂ' ସ୍ଥଳେ ମାତାପିତୟେ୍ୟ ଇତ୍ୟାଦି । କେବଳ ଯେ ଲିଙ୍ଗରାଜଙ୍କ ମନ୍ଦିରରେ ଏଭଳି ତ୍ରୁଟିଯୁକ୍ତ ଅଭିଲେଖମାନ ରହିଛି, ତାହା ନୁହେଁ, ଓଡ଼ିଶାର ବିଭିନ୍ନ ମନ୍ଦିର ଗାତ୍ରରେ ଉତ୍‌କୀର୍ଣ୍ଣ ମଧ୍ୟଯୁଗୀୟ ଅଭିଲେଖଗୁଡ଼ିକରେ ସାଧାରଣତଃ ଏପ୍ରକାର ତ୍ରୁଟି ଦେଖାଯାଏ । ତଥାପି ଏପ୍ରକାର ଅଭିଲେଖରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ତଥ୍ୟ ଉଦ୍‌ଘାଟନ ସମ୍ଭବ ହୋଇଛି । ଉଚ୍ଚାରଣଜନିତ ଏକ ଅପଭ୍ରଂଶ ଶବ୍ଦରୁ ସୃଷ୍ଟି ହୋଇ ଶ୍ରୀଲିଙ୍ଗରାଜଙ୍କୁ କେନ୍ଦ୍ର କରି ଏଠାରେ ପ୍ରଚଳିତ ଏକ ଉପାଖ୍ୟାନର ଅବତାରଣା ଏଠାରେ କରାଯାଇ ପାରେ ।

ଏକାମ୍ର–କ୍ଷେତ୍ର ଅର୍ଥାତ୍ ପ୍ରାଚୀନ ଭୁବନେଶ୍ୱରର ମୁଖ୍ୟ ବିଗ୍ରହ ପ୍ରାଚୀନ କାଳରୁ କୃତ୍ତିବାସ ନାମରେ ଖ୍ୟାତ । ଭୁବନେଶ୍ୱରଙ୍କ

ଅଧିକାଂଶ ପ୍ରାକ-ମଧ୍ୟଯୁଗୀୟ ତଥା ମଧ୍ୟଯୁଗୀୟ ଅଭିଲେଖ ଏବଂ ଏଠାକାର ପୌରାଣିକ ସାହିତ୍ୟ ଯଥା, ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା ଆଦି ଗ୍ରନ୍ଥମାନଙ୍କରେ ତାଙ୍କୁ କୃତ୍ତିବାସ ନାମରେ ଅଭିହିତ କରାଯାଇଛି । କୃତ୍ତିବାସ ନାମକୁ କେନ୍ଦ୍ର କରି ନାନା ଉପାଖ୍ୟାନ ଏହି ସବୁ ଆଞ୍ଚଳିକ ପୌରାଣିକ ସାହିତ୍ୟରେ ବର୍ଣ୍ଣିତ ହୋଇଛି । ଏହିଭଳି ଏକ ଉପାଖ୍ୟାନ ଅନୁଯାୟୀ, କୃତ୍ତିବାସ, ସ୍ୱୟମ୍ଭୂ-ଲିଙ୍ଗ ରୂପେ ଅନାଦି କାଳରୁ ଏକାମ୍ର-କ୍ଷେତ୍ରରେ ପୂଜା ପାଇ ଆସୁଛନ୍ତି । କୃତ୍ତିବାସଙ୍କ ନାମର ଉଦ୍ଭବ ସମ୍ପର୍କରେ ବର୍ଣ୍ଣିତ ଉପାଖ୍ୟାନଟି ସଂକ୍ଷେପରେ ହେଲା,-ପୁରାକାଳରେ ଦ୍ରୁମିଳ ନାମରେ ପ୍ରବଳ ପ୍ରତାପୀ ଅସୁର ରାଜାଙ୍କ ଶତପୁତ୍ର ମଧ୍ୟରେ କୀର୍ତ୍ତି ଓ ବାସ ନାମରେ ଦୁଇଜଣ ପ୍ରବଳ ପରାକ୍ରମୀ ଓ ଅତ୍ୟାଚାରୀ ପୁତ୍ର ଥିଲେ । ବ୍ରାହ୍ମଣମାନଙ୍କ ଆଶୀର୍ବାଦରେ କୌଣସି ପୁରୁଷ ଦ୍ୱାରା ସେମାନେ ହତ ହୋଇ ପାରିବେ ନାହିଁ ବୋଲି ବର ଲାଭ କରିଥିଲେ । କ୍ରମେ ଏହି ଦୁଇ ଭାଇଙ୍କ ଅତ୍ୟାଚାର ଅସହ୍ୟ ହେବାରୁ ଏମାନେ ପିତାଙ୍କ ରାଜ୍ୟରୁ ବିତାଡ଼ିତ ହେଲେ । ଇତସ୍ତତଃ ଭ୍ରମଣ କରୁ କରୁ ସେମାନେ ଏକାମ୍ର କ୍ଷେତ୍ରରେ ପହଞ୍ଚି ଶିବଙ୍କ ଆରାଧନାରେ ନିମଗ୍ନା ଦେବୀ ପାର୍ବତୀଙ୍କୁ ଗୋପାଳୁଣୀ ବେଶରେ ଦେଖିବାକୁ ପାଇଲେ । ଦେବୀଙ୍କ ରୂପରେ ମୁଗ୍ଧ ହୋଇ କୀର୍ତ୍ତି ଓ ବାସ ତାଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କଲେ । ଶିବଙ୍କ ନିର୍ଦ୍ଦେଶ କ୍ରମେ, ପାର୍ବତୀ କୀର୍ତ୍ତି ଓ ବାସ ଦୁଇ ଅସୁରଙ୍କୁ ପାଦ ଖୁରରେ ହତ୍ୟା କଲେ । ସେହି ଦିନଠାରୁ ଦୁଇ ଭାଇଙ୍କ ନାମାନୁସାରେ ଏକାମ୍ରର ମୁଖ୍ୟ ବିଗ୍ରହଙ୍କ ନାମ ହେଲା 'କୃତ୍ତିବାସ' ଏବଂ ଯେଉଁ ସ୍ଥାନରେ ଦୁଇ ଅସୁର ନିହତ ହେଲେ, ସେ ସ୍ଥାନରେ ଏକ କୁଣ୍ଡ ସୃଷ୍ଟି ହେଲା ଯାହା 'ଦେବୀ-ପାଦହରା-କୁଣ୍ଡ' ନାମରେ ପରିଚିତ ହେଲା ।

ତେବେ, କୀର୍ତ୍ତି ଓ ବାସଙ୍କ ନାମାନୁସାରେ ମୁଖ୍ୟ ବିଗ୍ରହଙ୍କ ନାମ କୀର୍ତ୍ତିବାସ ହେବା କଥା ! ଲିଙ୍ଗରାଜଙ୍କ ମନ୍ଦିରରେ ଗଙ୍ଗବଂଶୀ ତଥା ପରବର୍ତ୍ତୀ ସମୟର ଅଭିଲେଖଗୁଡ଼ିକରେ, ପ୍ରସଙ୍ଗକ୍ରମେ 'କୃତ୍ତିବାସ' ପରିବର୍ତ୍ତେ 'କୀର୍ତ୍ତିବାସ' ଲେଖାଯାଇଥିବା ଲକ୍ଷ୍ୟ କରାଯାଇଛି । କିନ୍ତୁ, ଅପେକ୍ଷାକୃତ ଶୁଦ୍ଧ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ଭୁବନେଶ୍ୱରର ଅନ୍ୟାନ୍ୟ ପ୍ରାକ୍-ମଧ୍ୟଯୁଗୀୟ ଅଭିଲେଖ, ଉଦାହରଣ ସ୍ୱରୂପ, ସୋମବଂଶୀ ଉଦ୍ୟୋତକେଶରୀଙ୍କ ରାଜତ୍ୱକାଳୀନ (ଆ: ମା: ଏକାଦଶୀ ଶତାବ୍ଦୀ) ବ୍ରହ୍ମେଶ୍ୱର ମନ୍ଦିର ଶିଳାଲେଖ, ଗଙ୍ଗବଂଶୀ ଅନଙ୍ଗଭୀମ ୩ୟଙ୍କ କନ୍ୟା ଚନ୍ଦ୍ରିକାଦେବୀଙ୍କ ଅନନ୍ତ ବାସୁଦେବ ମନ୍ଦିରର ଶିଳାଲେଖ (ଖ୍ରୀ:ଅ: ୧୨୭୮) ତଥା ଏକାମ୍ରପୁରାଣ ଆଦି ସଂସ୍କୃତ ଭାଷାରେ ରଚିତ ଆଞ୍ଚଳିକ ପୌରାଣିକ ସାହିତ୍ୟରେ 'କୃତ୍ତିବାସ' ଲେଖାହୋଇଥିବା ଦେଖାଯାଏ । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ୍ୟ, ଭୁବନେଶ୍ୱରର ସର୍ବପ୍ରାଚୀନ ଅଭିଲେଖଗୁଡ଼ିକରେ ଯଥା, ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ଧଉଳି ଅନୁଶାସନ (ଖ୍ରୀ: ପୂ: ୩ୟ ଶତାବ୍ଦୀ), କଳିଙ୍ଗ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ (ଖ୍ରୀ: ପୂ: ୧ମ ଶତାବ୍ଦୀ) କାମ୍ରକ୍ଷେତ୍ର ଅଥବା ଏଠାକାର ମୁଖ୍ୟ ଶୈବ ବିଗ୍ରହ କୃତ୍ତିବାସଙ୍କ ଉଲ୍ଲେଖ ନାହିଁ । କିନ୍ତୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଥିବା ଅଧିକାଂଶ ଶିଳାଲେଖରେ 'କୀର୍ତ୍ତିବାସ' ଲେଖା ହୋଇଥିବା ଦେଖାଯାଏ । ମନେ ହୁଏ, 'କୀର୍ତ୍ତିବାସ' ଶବ୍ଦଟି ଏକ ଅଶୁଦ୍ଧ ଉଚ୍ଚାରଣରୁ ଜନ୍ମ ନେଇ ପ୍ରଚଳିତ ଭାଷାରେ ଅନ୍ତର୍ଭୁକ୍ତ ହୋଇଛି । ଶିବଙ୍କ 'କୃତ୍ତିବାସ' ନାମଟି ଶୁକ୍ଳ ଯଜୁର୍ବେଦ ବର୍ଣ୍ଣିତ ପ୍ରଖ୍ୟାତ ଗଜାସୁର-ବଧ ଉପାଖ୍ୟାନ ସ୍ମରଣ କରାଏ । ଗଜାସୁରର ବଧ ସମୟରେ, ତା'ର ପ୍ରାର୍ଥନାକ୍ରମେ ଶିବ ଉକ୍ତ ଅସୁରର ଚର୍ମ ପରିଧାନ କରି 'କୃତ୍ତିବାସ' ନାମରେ ଭୂଷିତ ହୋଇଥିଲେ । 'କୃତ୍ତିବାସ' ଏକ ଯୁଗ୍ମ ଶବ୍ଦ, ଅର୍ଥାତ୍ 'କୃତ୍ତି' ଅର୍ଥ ହେଲା ଚର୍ମ ଏବଂ 'ବାସ' ଅର୍ଥାତ୍ ପରିଧାନ (ଚର୍ମ ଯାହାଙ୍କ ପରିଧାନ, ସେ ହେଲେ କୃତ୍ତିବାସ) ।

ପ୍ରାକ୍-ମଧ୍ୟଯୁଗୀୟ ଅଭିଲେଖଗୁଡ଼ିକରେ, ଉଚ୍ଚାରଣଗତ ତ୍ରୁଟିରୁ ସୃଷ୍ଟ ଅପଭ୍ରଂଶ ଶବ୍ଦଗୁଡ଼ିକ ମଧ୍ୟରେ 'ର'କାର ବ୍ୟବହାରରେ ଅଧିକ ବିଭ୍ରାନ୍ତି ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ 'ଋଷି' ସ୍ଥଳେ 'ରିଷି'; 'ଶ୍ରଦ୍ଧ' ପରିବର୍ତ୍ତେ 'ଶ୍ରୁଦ୍ଧ', 'ଶ୍ରୀ' ସ୍ଥଳେ 'ଶ୍ରି', ଧ୍ରୁବ ପରିବର୍ତ୍ତେ 'ଧ୍ରୁବ' ଏବଂ ଏହିପରି ଆହୁରି ଅନେକ । ସଂସ୍କୃତ ତଥା ଉତ୍ତର ଭାରତୀୟ ଆଞ୍ଚଳିକ ଭାଷାରେ 'ଋ'କାରର ଉଚ୍ଚାରଣ ସାଧାରଣତଃ 'ରି' ହୋଇଥାଏ । ଯେପରି, 'ଋଷି'ର ଉଚ୍ଚାରଣ 'ରିଷି' । ଅଳ୍ପଶିକ୍ଷିତ ଲେଖକ-ଲିପିକାର 'ଋ' ଓ 'ରି'ର ବର୍ଣ୍ଣପ୍ରକରଣ ତଥା ଉଚ୍ଚାରଣଗତ ପାର୍ଥକ୍ୟ ବୁଝି ନ ପାରି ବିଭ୍ରାନ୍ତିକର ଶବ୍ଦମାନ ଅଭିଲେଖରେ ଉତ୍କୀର୍ଣ୍ଣ କରିଯାଇଛନ୍ତି । ଲିଖିତ ଓ କଥିତ ଭାଷା ତଥା ସଠିକ ଉଚ୍ଚାରଣରେ ପାର୍ଥକ୍ୟ ବୁଝି ନ ପାରିବା ଦ୍ୱାରା ଯେଉଁସବୁ ବିଭ୍ରାନ୍ତିକର ଶବ୍ଦମାନ ସୃଷ୍ଟି ହେଉଥିଲା,'କାଳକ୍ରମେ ସେଥିରୁ ଅନେକ ଶବ୍ଦ ପ୍ରଚଳିତ ଭାଷାରେ ସ୍ଥାନ ପାଇଥିବା ଲକ୍ଷ୍ୟ କରାଯାଏ । ଏହାର ଏକ ପ୍ରକୃଷ୍ଟ ଉଦାହରଣ 'କୃତ୍ତିବାସ' ପରିବର୍ତ୍ତେ 'କୀର୍ତ୍ତିବାସ' । ଅଶୁଦ୍ଧ ଉଚ୍ଚାରଣରୁ ଜନ୍ମନେଇ 'କୃତ୍ତିବାସ' ହେଲେ 'କୀର୍ତ୍ତିବାସ' ଏବଂ କାଳକ୍ରମେ କୀର୍ତ୍ତିବାସ-ଉପାଖ୍ୟାନର ନାୟକ । ଆହୁରି ମଧ୍ୟ, ଏହି ଉପାଖ୍ୟାନ ଅବଲମ୍ବନରେ, କାଳକ୍ରମେ ପାର୍ବତୀଙ୍କ 'କୀର୍ତ୍ତିବାସ ବିମର୍ଦ୍ଦିନୀ' ମୂର୍ତ୍ତି ଶିଳାରେ ଖୋଦିତ ହେଲା (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱରଠାରେ ଏହିପରି ଏକ ମୂର୍ତ୍ତି ସଂରକ୍ଷିତ) । ସାଧାରଣ ଲୋକମୁଖରେ ଉଚ୍ଚାରିତ 'କୀର୍ତ୍ତିବାସ' ଖ୍ରୀଷ୍ଟିୟ ପ୍ରାୟ ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀ ସମୟରେ ପୌରାଣିକ ଉପାଖ୍ୟାନରେ ପରିଣତ ହୋଇଥିବା ମନେ ହୁଏ ।

କୃତ୍ତିବାସଙ୍କ ମନ୍ଦିରରେ ଗଙ୍ଗବଂଶୀୟ ଶାସନକାଳୀନ ସଂସ୍କୃତ ଭାଷାର ଅଭିଲେଖସବୁ ପ୍ରତ୍ନ-ନାଗରୀ ଲିପିରେ ଉତ୍କୀର୍ଣ୍ଣ ହୋଇଛି । ତେଲୁଗୁ ଭାଷାର ଅଭିଲେଖଗୁଡ଼ିକରେ ପ୍ରତ୍ନ-ତେଲୁଗୁ ଅକ୍ଷର ବ୍ୟବହାର କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ରାଜକୀୟ ବା ସରକାରୀ ଭାଷାରୂପେ ସଂସ୍କୃତର ବ୍ୟବହାର ଗଙ୍ଗ ରାଜତ୍ୱକାଳରେ ଅବ୍ୟାହତ ଥିଲା । ତେବେ ମନ୍ଦିର ଏବଂ ସାର୍ବଜନୀନ ସ୍ଥାନମାନଙ୍କରେ ଉତ୍କୀର୍ଣ୍ଣ ଉତ୍ସର୍ଗମୂଳକ ଅଭିଲେଖଗୁଡ଼ିକ ଦ୍ୱିଭାଷୀ ଅର୍ଥାତ୍ ସଂସ୍କୃତ-ତେଲୁଗୁ କିମ୍ବା ସଂସ୍କୃତ-ଓଡ଼ିଆ ଭାଷା ସହିତ ପ୍ରତ୍ନ-ନାଗରୀ, ପ୍ରତ୍ନ-ତେଲୁଗୁ ଏବଂ ପ୍ରତ୍ନ-ଓଡ଼ିଆ ଲିପିର ବ୍ୟବହାର କରାଯାଉଥିଲା । ଆଧୁନିକ ଦେବନାଗରୀ ଲିପି ସହିତ, ଦ୍ୱାଦଶ-ତ୍ରୟୋଦଶ

ଶତାବ୍ଦୀର ଗଙ୍ଗବଂଶୀ ଅଭିଲେଖରେ ବ୍ୟବହୃତ ଲିପିର ଅଧିକ ସାମଞ୍ଜସ୍ୟ ଥିବା କାରଣରୁ ଉକ୍ତ ଲିପି ପ୍ରତ୍ନ–ନାଗରୀ ଲିପି ନାମରେ ପରିଚିତ । ଏହିସବୁ ଅଭିଲେଖରେ କେତେକ ଅକ୍ଷର ଆଧୁନିକ ଓଡ଼ିଆ ଲିପିର ଆକୃତି ପ୍ରାପ୍ତ ହୋଇଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି । ଶ୍ରୀଲିଙ୍ଗରାଜ ମନ୍ଦିରରେ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ଶାସନକାଳୀନ ଯେଉଁ କେତେକ ଅଭିଲେଖ ଉତ୍କୀର୍ଣ୍ଣ ହୋଇଛି, ସେଥିରେ ପ୍ରତ୍ନ–ଓଡ଼ିଆ ଲିପିର ବ୍ୟବହାର ପରିଲକ୍ଷିତ ହୁଏ । ଖ୍ରୀଷ୍ଟୀୟ ପ୍ରାୟ ୧୪ଶ–୧୫ଶ ଶତାବ୍ଦୀ ସମୟରେ ଓଡ଼ିଆ ଭାଷା ରାଜକୀୟ ଭାଷା ରୂପେ ଗୃହୀତ ହୋଇସାରିଥିଲା । ସେଥି ସଙ୍ଗେ ସଙ୍ଗେ ଓଡ଼ିଆ ଲିପି ମଧ୍ୟ ବ୍ୟବହୃତ ହେଉଥିଲା । ଗଜପତି ଶାସନକାଳୀନ ଓଡ଼ିଶାର ଦକ୍ଷିଣାଞ୍ଚଳରୁ ପ୍ରାପ୍ତ କେତେକ ତାମ୍ରଶାସନ ଓ ମନ୍ଦିର ପ୍ରାଚୀରରେ ଉତ୍କୀର୍ଣ୍ଣ ଦ୍ୱିଭାଷୀ ଶିଳାଲେଖମାନଙ୍କରେ ତେଲୁଗୁ ଓ ଓଡ଼ିଆ ଭାଷା ତଥା ଲିପି ବ୍ୟବହୃତ ହୋଇଛି । ତେବେ, ସେମାନଙ୍କ ରାଜ୍ୟର ଉତ୍ତରାଂଶରେ ଅର୍ଥାତ୍, କଟକ, ପୁରୀ, ବାଲେଶ୍ୱର ଆଦି ଅଞ୍ଚଳରେ ତେଲୁଗୁ ଅଭିଲେଖ ଦେଖାଯାଏ ନାହିଁ । ତେଣୁ ଲିଙ୍ଗରାଜ ମନ୍ଦିରରେ ଉତ୍କୀର୍ଣ୍ଣ ଗଜପତି ଶାସନକାଳୀନ ଅଭିଲେଖଗୁଡ଼ିକ ପ୍ରତ୍ନ–ଓଡ଼ିଆ ଲିପି ଭାଷାରେ ଲିଖିତ । ଖ୍ରୀଷ୍ଟୀୟ ୧୮ଶ ଶତାବ୍ଦୀ ପରେ, ଅର୍ଥାତ୍ ଓଡ଼ିଶାର ମୁଦ୍ରଣ ଯନ୍ତ୍ରର ବ୍ୟବହାର ସଙ୍ଗେ ସଙ୍ଗେ ପ୍ରତ୍ନ–ଓଡ଼ିଆ ଲିପି କିଛି କିଛି ପରିବର୍ତ୍ତିତ ହୋଇ ବର୍ତ୍ତମାନ ଲିପିର ରୂପ ନେଇଛି ।

ଲୋକମୁଖରେ ଉଚ୍ଚାରଣଗତ ତ୍ରୁଟିରୁ ସୃଷ୍ଟ ନାନା ଅପଭ୍ରଂଶ ଶବ୍ଦ ଗଜପତି ଶାସନକାଳୀନ ଓଡ଼ିଆ ଭାଷାର ଅଭିଲେଖରେ ମଧ୍ୟ ଲକ୍ଷ୍ୟ କରାଯାଇଛି । ଲୋକମୁଖରେ ଉଚ୍ଚାରିତ ଧ୍ୱନିକୁ ଆଶ୍ରୟ କରି, ଅର୍ଥାତ୍ ଶବ୍ଦ ସଙ୍କୋଚନ ଦ୍ୱାରା ଯେଉଁସବୁ ଅପଭ୍ରଂଶ ଶବ୍ଦର ସୃଷ୍ଟି ହେଉଥିଲା, ସେଥି ସହିତ କେତେକ ପ୍ରତ୍ନ–ଓଡ଼ିଆ ଯୁକ୍ତ–ବ୍ୟଞ୍ଜନାକ୍ଷର ମଧ୍ୟ ସୃଷ୍ଟ ହୋଇ ପ୍ରଚଳିତ ଓଡ଼ିଆ ଭାଷାରେ ବ୍ୟବହାର ମଧ୍ୟ ହେଉଥିଲା । ଉଦାହରଣ ସ୍ୱରୂପ, 'ମାହାରାଜା' (ମହାରାଜା) ସ୍ଥଳେ, 'ମାହାଜା', 'ମାହାପ୍ରଭୁ' (ମହାପ୍ରଭୁ) ସ୍ଥଳେ 'ମାହାପ୍ର', 'ଗଜପତି' ପରିବର୍ତ୍ତେ 'ଗଜପ୍ତି', 'ସେନାପତି' ସ୍ଥଳେ 'ସେନାପ୍ତି', 'ପୁରୁଷୋତ୍ତମ' ସ୍ଥଳେ 'ପ୍ରୁଷମ', 'କୃଷ୍ଣ' ପରିବର୍ତ୍ତେ 'କ୍ରୁଷ୍ଣ', 'ପରମେଶ୍ୱର' ସ୍ଥଳେ 'ପ୍ରମେଶ୍ୱର' ଇତ୍ୟାଦି ଏବଂ ଏହିପରି ଆହୁରି ଅନେକ କୁଞ୍ଚିତ ଶବ୍ଦ ତତ୍କାଳୀନ ଅଭିଲେଖ ତଥା ସାହିତ୍ୟିକ ଉପକରଣରେ ଦେଖିବାକୁ ମିଳେ ।

ଭୁବନେଶ୍ୱରର ଅନ୍ୟାନ୍ୟ ପୁରାଭିଲେଖ ତୁଳନାରେ ଶ୍ରୀଲିଙ୍ଗରାଜ ମନ୍ଦିରର ଅଭିଲେଖଗୁଡ଼ିକର ଓଡ଼ିଆ ଇତିହାସ ଓ ସଂସ୍କୃତି କ୍ଷେତ୍ରରେ ଅବଦାନ କିଛି କମ୍ ନୁହେଁ । ଏଗୁଡ଼ିକର ସଠିକ୍ ପାଠୋଦ୍ଧାର ତଥା ଅର୍ଥାନ୍ତର ଏବଂ ନିରପେକ୍ଷ ବିଶ୍ଳେଷଣ ଦ୍ୱାରା ମଧ୍ୟଯୁଗୀୟ ଓଡ଼ିଶା ଇତିହାସର ଏକ ସମ୍ୟକ୍ ପରିଚୟ ଲାଭ ହେବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଭିଲେଖଗୁଡ଼ିକରୁ ଭୁବନେଶ୍ୱରର ପ୍ରାଚୀନ ନାମ ଏକାମ୍ରକ୍ଷେତ୍ର, କୃତ୍ତିବାସ–କ୍ଷେତ୍ର ତଥା କୃତ୍ତିବାସ–କଟକର ସମ୍ୟକ ପରିଚୟ ମିଳିବା ସଙ୍ଗେ ସଙ୍ଗେ, ଏଠାକାର ମୁଖ୍ୟ ବିଗ୍ରହଙ୍କ ସର୍ବପ୍ରାଚୀନ ନାମସମୂହ, ଯେପରି- ତ୍ରିଭୁବନେଶ୍ୱର, କୃତ୍ତିବାସ, ଭୁବନେଶ୍ୱର ଆଦି ସହିତ ମଧ୍ୟ ପରିଚୟ ଲାଭ ହୁଏ । ଶ୍ୱେତଗଙ୍ଗଙ୍କ ରାଜତ୍ୱକାଳୀନ ଅଭିଲେଖରେ 'ତ୍ରିଭୁବନାଧୀଶ୍ୱର' ଏବଂ ସୂର୍ଯ୍ୟବଂଶୀ ଶାସକମାନଙ୍କ ଅଭିଲେଖରେ 'ଭୁବନେଶ୍ୱରଦେବ' ନାମ ଦେଖିବାକୁ ମିଳୁଥିଲେ ମଧ୍ୟ, 'ଶ୍ରୀଲିଙ୍ଗରାଜ' ନାମଟି ଏସବୁ ଅଭିଲେଖରେ ଦେଖାଯାଇ ନାହିଁ । କୃତ୍ତିବାସ କେବେଠାରୁ ଶ୍ରୀଲିଙ୍ଗରାଜ ନାମରେ ପରିଚିତ ହେଲେ, ଉକ୍ତ ଅଭିଲେଖଗୁଡ଼ିକରେ ସେ ବିଷୟରେ କୌଣସି ଆଭାସ ମିଳେ ନାହିଁ । ମଧ୍ୟଯୁଗୀୟ ମାଦଳାପାଞ୍ଜି, ଏକାମ୍ରପୁରାଣାଦି ପୌରାଣିକ ସାହିତ୍ୟ ଉପକରଣ ତଥା ଶକ୍ତି–ସଙ୍ଗମ ତନ୍ତ୍ର (ଆ:ମା: ସପ୍ତଦଶ ଶତାବ୍ଦୀ)ରେ ଉଲ୍ଲେଖିତ 'ଷଟ୍ପଞ୍ଚାଶଦେଶ ବିଭାଗ' ଆଦି ସାହିତ୍ୟିକ ଉପକରଣରେ, 'ଭୁବନେଶ' 'ଭୁବନେଶ୍ୱର ଦେବ' ତଥା 'ତ୍ରିଭୁବନେଶ୍ୱର' ନାମରେ ଏକାମ୍ର–କ୍ଷେତ୍ର–ଦେବତା ଦେଶ–ବିଦେଶରେ ପ୍ରଖ୍ୟାତ ହୋଇଥିଲେହେଁ, କେବେଠାରୁ ଓ କେଉଁ ପରିସ୍ଥିତିରେ ସେ 'ଲିଙ୍ଗରାଜ' ରୂପେ ଜଗଦ୍ବିଖ୍ୟାତ ହେଲେ ସେ ବିଷୟରେ ଇତିହାସ ନୀରବ ।

ମୂଳତଃ, ଉତ୍ସର୍ଗମୂଳକ ଅର୍ଥାତ୍ ମନ୍ଦିରକୁ ଦାନ–ଧର୍ମ ସମ୍ପର୍କୀୟ ହେଲେ ସୁଦ୍ଧା ଏହି ଶିଳାଲେଖଗୁଡ଼ିକର ବିଷୟବସ୍ତୁ ଦୈନନ୍ଦିନ ଜୀବନ–ଯାତ୍ରାର ନାନା ବିଭାବକୁ ସ୍ପର୍ଶ କରିଛି । ରାଜନୈତିକ ଇତିହାସର ଆଭାସ ମିଳିବା ସଙ୍ଗେ ସଙ୍ଗେ ବାଣିଜ୍ୟ–ବ୍ୟବସାୟ ତଥା ନାନା ବ୍ୟବସାୟିକ ଗୋଷ୍ଠୀଙ୍କ କାର୍ଯ୍ୟକଳାପ, ଶାସକଗୋଷ୍ଠୀଙ୍କ ରାଜନୈତିକ ଅଧାଦେଶ ତଥା ସାଧାରଣ ଶାସନ–ବ୍ୟବସ୍ଥା, ଏପରିକି ଜନସାଧାରଣଙ୍କ ଅନ୍ଧ–ବିଶ୍ୱାସ ଓ ଶାସକଗୋଷ୍ଠୀଙ୍କ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ, ଗୁଣୀ–ଗାରେଡ଼ି, ବଶୀକରଣ ଆଦି ଚମତ୍କାରିତା ପ୍ରତି ଲୋକଙ୍କ ବିଶ୍ୱାସ ପ୍ରଭୃତି ବିଷୟବସ୍ତୁ ଅଭିଲେଖଗୁଡ଼ିକରେ ସ୍ଥାନ ପାଇଥିବା ଲକ୍ଷ୍ୟ କରାଯାଇଛି । ଅନେକ କ୍ଷେତ୍ରରେ ଅଭିଲେଖଗୁଡ଼ିକ ସରକାରୀ ବା ରାଜକୀୟ ପ୍ରମାଣ–ପତ୍ରରୂପେ ପରିଗଣିତ ହେଉଥିଲା ।

ପ୍ରାକ୍–ମଧ୍ୟଯୁଗୀୟ ତଥା ମଧ୍ୟଯୁଗୀୟ ବିଭିନ୍ନ ଦେବ–ଦେବୀଙ୍କ ମନ୍ଦିର ତଥା ଅନ୍ୟାନ୍ୟ ଧର୍ମାନୁଷ୍ଠାନଗୁଡ଼ିକ ଶିକ୍ଷା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା । ବିଶେଷତଃ ତୀର୍ଥକ୍ଷେତ୍ରର ପ୍ରଧାନ ମନ୍ଦିରସମୂହ ରାଜ୍ୟର ଅର୍ଥନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧି ସାଧନରେ ବିଶେଷ ଭୂମିକା ଗ୍ରହଣ କରିବା ବିଷୟରେ ଅଭିଲେଖଗୁଡ଼ିକରୁ ସ୍ପଷ୍ଟ ଆଭାସ ମିଳେ । ବ୍ୟବସାୟିକ ଗୋଷ୍ଠୀ, ଧନୀ ଓ ସମ୍ଭ୍ରାନ୍ତବଂଶୀୟ ଉଚ୍ଚପଦସ୍ଥ ରାଜକର୍ମଚାରୀ ତଥା ରାଜା–ମହାରାଜାଗଣ, ଯଶ–ପୁଣ୍ୟ ଅର୍ଜନ ଉଦ୍ଦେଶ୍ୟରେ ଯେ କେବଳ ମନ୍ଦିରରେ ଦେବ–ଦେବୀଙ୍କ ପୂଜାର୍ଥେ ସ୍ୱର୍ଣ୍ଣ, ରୌପ୍ୟ, ଭୂଷା ଭୂମିଦାନ କରୁଥିଲେ, ତା ନୁହେଁ । ଅନେକ ସମୟରେ ଦେବ–ମନ୍ଦିର ବ୍ୟାଙ୍କର ଭୂମିକା ଗ୍ରହଣ କରି, ମନ୍ଦିର ପାଖିରେ ଜମା କରାଯାଉଥିବା ସ୍ୱର୍ଣ୍ଣ, ରୌପ୍ୟ ମୁଦ୍ରାରୁ ସୁଧ (କେଳଣରୁ)

ସାହାଯ୍ୟରେ ମନ୍ଦିର ତଥା ତୀର୍ଥସ୍ଥାନର ଉନ୍ନୟନ ପାଇଁ ବ୍ୟୟ କରାଯାଉଥିଲା . ଶାସକଗୋଷ୍ଠୀ କିମ୍ବା ଉଚ୍ଚପଦସ୍ଥ ରାଜକର୍ମଚାରୀମାନେ ମନ୍ଦିର ଉଦ୍ଦେଶ୍ୟରେ ଯେଉଁସବୁ ଭୂମି ଦାନ କରୁଥିଲେ, ସେଥିରୁ ରାଜସ୍ୱ ଆଦାୟ ହେବା ସଙ୍ଗେ ସଙ୍ଗେ, ସେହି ଅର୍ଥରେ ବିଭିନ୍ନ ମନ୍ଦିର ସେବକ ନିଯୁକ୍ତି ତଥା ବିଭିନ୍ନ ଜନହିତକର କାର୍ଯ୍ୟ ତଥା ଧର୍ମାନୁଷ୍ଠାନର ସମସ୍ୟୋପଯୋଗୀ ଜୀର୍ଣ୍ଣ ସଂସ୍କାର ସାଧିତ ହେଉଥିଲା । ଅନଙ୍ଗଭୀମ ୩ୟଙ୍କ ୩୪ ଅଙ୍କରେ ଉତ୍କୀର୍ଣ୍ଣ ଏକ ଶିଳାଲେଖ (ଲିଙ୍ଗରାଜ ମନ୍ଦିରରେ ଉତ୍କୀର୍ଣ୍ଣ)ରୁ ଜଣାଯାଏ, ତାଙ୍କର ଅନ୍ୟତମ ସେନାଧ୍ୟକ୍ଷ ଗରେଥା–ସେନାପତିଙ୍କ ପୁତ୍ର ଗୋବିନ୍ଦ–ସେନାପତି କୃତ୍ତିବାସଙ୍କ ମନ୍ଦିରାୟତନ ମଧ୍ୟରେ ଥିବା ମଣ୍ଡପର ଜୀର୍ଣ୍ଣୋଦ୍ଧାର, ଦୈନନ୍ଦିନ ପରିଷ୍କାର ପରିଚ୍ଛନ୍ନତା ଓ ଅନ୍ୟାନ୍ୟ କାର୍ଯ୍ୟନିର୍ବାହ ଉଦ୍ଦେଶ୍ୟରେ, ଲକ୍ଷ୍ମୀସାଗର ଓ ପଟିଆ ଗ୍ରାମରେ ଥିବା ୬ ବାଟି ଭୂମି ଦାନ କରିଥିଲେ । ଏଥିରୁ ୧ ବାଟି ଜମି, ପ୍ରତ୍ୟହ ୩ ଥର ମଣ୍ଡପଟି ଝାଡୁ ଦେବା ପାଇଁ ଜଣେ ଝାଡୁଦାରଙ୍କୁ ଦାନ କରାଯାଇଥିଲା । ପ୍ରତିବର୍ଷ ମଣ୍ଡପରେ ଚୂନ ପ୍ରଲେପ ଦେବା ନିମିତ୍ତ ଚୂଣକାରଙ୍କୁ ୨ ବାଟି ଜମି ଏବଂ ଅବଶିଷ୍ଟ ଦୁଇ ବାଟି, ପ୍ରତି ବାରବର୍ଷରେ ମଣ୍ଡପର ଛାତ ସଂସ୍କାର ନିମିତ୍ତ ଜଣେ କୁମ୍ଭକାରଙ୍କୁ ଦାନ କରାଯାଇଥିଲା ।

ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବଙ୍କ ୪ର୍ଥ ଅଙ୍କକାଳୀନ ଏକ ଅଧାଦେଶ ରାଜାଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଉଚ୍ଚପଦସ୍ଥ କର୍ମଚାରୀ ଦ୍ୱୟ, ଖାଣ୍ଡଗୁରୁ ବାସୁ ମହାପାତ୍ର ଓ ଭୁବନେଶ୍ୱର ମହାପାତ୍ର ଶ୍ରୀଲିଙ୍ଗରାଜ ମନ୍ଦିରରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉତ୍କୀର୍ଣ୍ଣ କରାଇଥିଲେ । ଏହି ଅଧାଦେଶ ରାଜ୍ୟର ସମସ୍ତ କରଦ, ସାମନ୍ତ ରାଜାମାନଙ୍କ ପ୍ରତି ସାବଧାନ-ବାଣୀ, ଏହା ଅମାନ୍ୟ କଲେ ଉପଯୁକ୍ତ ଶାସ୍ତି ବିଧାନ ଉକ୍ତ ଅଭିଲେଖରେ ଲିପିବଦ୍ଧ ହୋଇଛି ।

କପିଳେନ୍ଦ୍ରଦେବଙ୍କ ୧୯ ଅଙ୍କ କାଳୀନ ଏକ ଅଭିଲେଖରୁ ସମ୍ମୋହନ, ବଶୀକରଣ ବିଦ୍ୟାର ବ୍ୟାପକ ପ୍ରଚଳନ ସମ୍ପର୍କରେ ସୂଚନା ମିଳେ । ବିଶି ବେହେରା, ସମ୍ଭବତଃ ଜଣେ ରାଜକର୍ମଚାରୀ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ଆକାରରେ ସାବଧାନ ବାଣୀ ଉତ୍କୀର୍ଣ୍ଣ କରାଇଥିଲେ । ଏଥିରେ ଲିଖାଯାଇଛି, ଯେଉଁ ବ୍ୟକ୍ତି ବିଶି ବେହେରା ପ୍ରତି ବାଣ ପ୍ରୟୋଗ କରିବ, ସେ ବାଣ ନିଷ୍ଫଳ ହେବ ଏବଂ ସେହି ବ୍ୟକ୍ତି ରାଜଦ୍ରୋହୀ ତଥା ଭୁବନେଶ୍ୱର ଦେବଙ୍କ ଦ୍ରୋହୀ ବୋଲି ପରିଗଣିତ ହେବ । ବଶୀକରଣ, ମାରଣ, ଉଚ୍ଚାଟନ, ସମ୍ମୋହନ ଆଦି ତନ୍ତ୍ର ପ୍ରଭାବିତ ପ୍ରଥା ପ୍ରତି ମଧ୍ୟଯୁଗୀୟ ଜନସାଧାରଣଙ୍କ ବିଶ୍ୱାସ ଏବଂ ଭୟ ସମ୍ପର୍କରେ ଏହି ଅଭିଲେଖଟି ସମ୍ୟକ୍ ଧାରଣା ଦିଏ ।


ଲିଙ୍ଗରାଜ ମନ୍ଦିରରେ ଉତ୍କୀର୍ଣ୍ଣ କେତେକ ଜୀର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଅଭିଲେଖର ପାଠ ଓ ଅର୍ଥାନ୍ତର ବିଭ୍ରାଟ ଯୋଗୁଁ ଐତିହାସିକମାନଙ୍କ ମଧ୍ୟରେ ବିତର୍କ ରହିଛି । ଉଦାହରଣ ସ୍ୱରୂପ, ଗଙ୍ଗବଂଶୀ ରାଘବଦେବ (ଚୋଡ଼ଗଙ୍ଗଙ୍କ ପୁତ୍ର) ରାଜତ୍ୱକାଳୀନ ଏକ ଜୀର୍ଣ୍ଣ ଅଭିଲେଖ ଓ ତହିଁରେ ଉଲ୍ଲେଖିତ 'ସାଧୁପ୍ରଧାନ–ଜୟଦେବ,' ଯାହାଙ୍କୁ କେହି କେହି ପ୍ରସିଦ୍ଧ ଗୀତଗୋବିନ୍ଦ ରଚୟିତା କବି ଜୟଦେବ ବୋଲି ବିଶ୍ୱାସ କରନ୍ତି । ଏପରି ବିଶ୍ୱାସ କରିବା ଦ୍ୱାରା କବି ଜୟଦେବଙ୍କୁ ରାଘବଦେବଙ୍କ ସମସାମୟିକ ବୋଲି କେହି କେହି ମତପ୍ରକାଶ କରିଥାଆନ୍ତି । ଉକ୍ତ ଅଭିଲେଖଟି ଶକାବ୍ଦ ୧୦୯୦ (ଖ୍ରୀ: ଅ: ୧୧୬୯)ରେ ଉତ୍କୀର୍ଣ୍ଣ ହୋଇଥିଲା । ଏହାର ବିଷୟବସ୍ତୁ ହେଉଛି–ମେଡ଼ମଦେବୀ ନାମରେ ଜଣେ ସମ୍ଭ୍ରାନ୍ତବଂଶୀୟା ନିଜର ଏବଂ ପିତାମାତାଙ୍କ ପୁଣ୍ୟାଭିବୃଦ୍ଧି କାମନା କରି କୃତ୍ତିବାସଙ୍କ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ ପାଇଁ ଦେବଧରପୁର ସ୍ଥିତ ବାଦେଡ଼ା–ଖଣ୍ଡକ୍ଷେତ୍ର ନାମରେ ଏକ ଖଣ୍ଡ–ଜମି, କୁର୍ମପାଟକ ନିବାସୀ ଶ୍ରେଷ୍ଠୀପ୍ରଧାନ (ମୁଖ୍ୟ ସାହୁକାର) ଜୟଦେବଙ୍କ ସହିତ ମିଳିତଭାବେ, ଦାସପୁର ଗ୍ରାମନିବାସୀ ଶ୍ରେଷ୍ଠୀ (ଶ୍ରେଷ୍ଠୀଙ୍କ ନାମଟି ଦୁର୍ଭାଗ୍ୟବଶତଃ ଲୁପ୍ତ)ଙ୍କଠାରୁ କ୍ରୟ କରି ମନ୍ଦିରକୁ ଦାନ କରିଥିଲେ । ଗୀତଗୋବିନ୍ଦ ରଚୟିତା କବି ଜୟଦେବ କୁର୍ମପାଟକର ଅଧିବାସୀ ଥିବା ବିଷୟରେ କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳି ନାହିଁ । ଏହାଛଡ଼ା ଅଭିଲେଖଟିର ପୂର୍ବାପର ପ୍ରସଙ୍ଗ ଆଲୋଚନା କଲେ ସହଜରେ ଅନୁମିତ ହୁଏ ଯେ, ବ୍ୟବସାୟିକ ବ୍ୟକ୍ତି ବା ଗୋଷ୍ଠୀବିଶେଷ ଏବଂ ଭୂମି କ୍ରୟ–ବିକ୍ରୟ ପ୍ରସଙ୍ଗରେ କବି ଜୟଦେବଙ୍କ ଅବତାରଣା ନିତାନ୍ତ ଅପ୍ରାସଙ୍ଗିକ । 'ସାଧୁ' (ସାହୁ), 'ଶ୍ରେଷ୍ଠୀ' (ସେଠି ବା ସେଠ୍) ସାଧାରଣତଃ, କୌଣସି ବ୍ୟବସାୟିକ ଗୋଷ୍ଠୀର ସଭ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ହୋଇଥିବା ଏଠାରେ ଉତ୍କୀର୍ଣ୍ଣ ସମସାମୟିକ ଅନ୍ୟାନ୍ୟ ଅଭିଲେଖରୁ ମଧ୍ୟ ଜଣାଯାଏ । ଆଲୋଚ୍ୟ ଅଭିଲେଖ ଉଲ୍ଲିଖିତ ମେଡ଼ମଦେବୀ ଜଣେ ସାଧାରଣ ଧନୀ ସମ୍ଭ୍ରାନ୍ତ ବଂଶୀୟା ମହିଳା ଓ ତାଙ୍କ ପିତାଙ୍କ ନାମ କୋମି–ନାୟକ, ତେବେ ମାତାଙ୍କ ନାମଟି ଅକ୍ଷରଗୁଡ଼ିକ ଭାଙ୍ଗି ଯାଇଥିବା ହେତୁ ପାଠୋଦ୍ଧାର ସମ୍ଭବ ହୋଇନାହିଁ । ସେ ଓ ତାଙ୍କ ପିତା–ମାତା ଆନ୍ଧ୍ର ଅଞ୍ଚଳର ଅଧିବାସୀ ଥିବା ସେମାନଙ୍କ ନାମରୁ ପ୍ରତୀୟମାନ ହୁଏ । ଅଭିଲେଖ ବର୍ଣ୍ଣିତ 'ସାଧୁପ୍ରଧାନ' ଜୟଦେବ ଯେ କବି ଜୟଦେବ ନୁହନ୍ତି, ଏହାର ପ୍ରମାଣ ଉକ୍ତ ଗଙ୍ଗବଂଶୀୟ ରାଘବଦେବଙ୍କ ରାଜତ୍ୱକାଳୀନ ଅନ୍ୟ ଏକ ଅଭିଲେଖ, ଉପରୋକ୍ତ ଲେଖାର ଅତି ନିକଟରେ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଇଛି । ଦୁର୍ଭାଗ୍ୟବଶତଃ ଏହି ଲେଖଟି ମଧ୍ୟ ଅତି ମାତ୍ରାରେ ଭଗ୍ନାବସ୍ଥା ପ୍ରାପ୍ତ । କୃତ୍ତିବାସଙ୍କ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ ପାଇଁ ଜଣେ ଶ୍ରେଷ୍ଠୀ ମୁଖ୍ୟ ସାତ–ବାଟି ଜମି ଦାନର ଉଲ୍ଲେଖ ଲେଖଟିର ମୁଖ୍ୟ ବିଷୟବସ୍ତୁ । କୌଣସି ଗ୍ରାମ ନିବାସୀ ଆଉ କେତେଜଣ ସାଧୁ (ଶ୍ରେଷ୍ଠୀ)ଙ୍କ ଉପସ୍ଥିତିରେ ଉକ୍ତ ଜମି ଦାନର ଉଲ୍ଲେଖ ରହିଛି । ବ୍ୟବସାୟୀମାନଙ୍କ ନାମ ବର୍ତ୍ତମାନ ଲୁପ୍ତ ।

ଗଙ୍ଗବଂଶୀ ଅଭିଲେଖଗୁଡ଼ିକରେ ସାଧାରଣତଃ ଶକାବ୍ଦ ଉଲ୍ଲେଖ ଥିଲେ ମଧ୍ୟ କ୍ଷେତ୍ର ବିଶେଷରେ ଶାସକଙ୍କ ରାଜତ୍ୱବର୍ଷର ଉଲ୍ଲେଖ ମଧ୍ୟ ରହିଛି । ସୂର୍ଯ୍ୟବଂଶୀ ଗଜପତି ଶାସକମାନଙ୍କ

ଅଭିଲେଖରେ ତିଥି ଓ ବାର ସହିତ ରାଜତ୍ୱବର୍ଷ 'ବା 'ଅଙ୍କ'ର ଉଲ୍ଲେଖ ମିଳେ । ଶାସକଗୋଷ୍ଠୀଙ୍କ ଅଙ୍କ ଗଣନାରେ ଏକ ନିର୍ଦ୍ଦିଷ୍ଟ ନିୟମାବଳୀ, ଅନୁସୃତ ହେଉଥିବା ବିଷୟରେ ଅନେକେ ଜାଣନ୍ତି, ଅର୍ଥାତ୍ ଶାସକଙ୍କ ରାଜତ୍ୱ ବର୍ଷ ଗଣନାରେ ୧ ଏବଂ ଶୂନ୍ୟର ବ୍ୟବହାର ନଥିଲା ଏବଂ ପ୍ରଥମ ବର୍ଷଟିକୁ ଦ୍ୱିତୀୟ ରାଜତ୍ୱ ବର୍ଷ ରୂପେ ଗଣନା ହେଉଥିଲା । ରାଜତ୍ୱ ବର୍ଷ ସଂଖ୍ୟାରେ ୧୦, ୨୦, ୩୦ ଇତ୍ୟାଦି ଶୂନ୍ୟ ଯୁକ୍ତ ସଂଖ୍ୟାମାନ ଅଙ୍କ ବର୍ଷ ଗଣନାରେ ଅନ୍ତର୍ଭୁକ୍ତ ହେଉନଥିଲା, ଅର୍ଥାତ୍ ୧୦ମ ବର୍ଷଟି ୧୧ଶ ବର୍ଷରୂପେ ଗଣନା, ଅଙ୍କ–ଗଣନା ପ୍ରଥାର ଏକ ବୈଶିଷ୍ଟ୍ୟ ।

ଶ୍ରୀଲିଙ୍ଗରାଜ ମନ୍ଦିରର ଅଭିଲେଖଗୁଡ଼ିକରେ ସୂଚିତ ନାନା ବିଷୟବସ୍ତୁ ଆଧାର କରି ଏକ ସୁବୃହତ ଗବେଷଣାମୂଳକ ଗ୍ରନ୍ଥ ରଚନା କରାଯାଇ ପାରେ । ଆଲୋଚ୍ୟ ପ୍ରବନ୍ଧଟିରେ ଏହାର କେବଳ ଆଭାସ ଦିଆଯାଇଛି । ଅଭିଲେଖଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ପୂର୍ବରୁ କେହି ନା କେହି ଗବେଷକ, ଏବିଷୟରେ ସୁଚିନ୍ତିତ ପଦକ୍ଷେପ ନେବେ, ଆଶା କରାଯାଇ ପାରେ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର



# ବିଦ୍ରୋହୀ ଦିବାକର

**ଶ୍ରୀ ବ୍ରଜ ପାଇକରାୟ**

ବହୁ ସ୍ୱାର୍ଥତ୍ୟାଗୀ ଓ ନିଷ୍ଠାପର ବିପ୍ଳବୀ ବଣମଲ୍ଲୀ ଭଳି ଝରି ପଡ଼ିଛନ୍ତି । ଇତିହାସ ସେମାନଙ୍କର ପଦଧ୍ୱନି ଶୁଣିଥିଲେ ମଧ୍ୟ ସାଂପ୍ରତିକ ଯୁବ ସମାଜ ସେହି ମହାନ୍ ବିପ୍ଳବୀମାନଙ୍କର ତ୍ୟାଗ, ସାହସ, ସଂଗ୍ରାମ ଓ ଦେଶପ୍ରେମର କାହାଣୀ ସମ୍ପର୍କରେ ଅବଗତ ହେବା ପାଇଁ ଏଯାବତ୍ ଉପଯୁକ୍ତ ସୁଯୋଗ ଓ ପରିବେଶ ସୃଷ୍ଟି କରା ନଯିବା ଆମ ପାଇଁ ବିଶେଷ ଉଦ୍‌ବେଗର ବିଷୟ । ବ୍ରିଟିଶ ସାମ୍ରାଜ୍ୟବାଦର ଛତ୍ରଛାୟା ତଳେ, ଗଡ଼ଜାତ ରାଜନ୍ୟମଣ୍ଡଳୀର ଅଧିକାରୀ ଶାସନ ତଳେ ଏ ଦେଶର ଅଗଣିତ ନିରୀହ ଜନସାଧାରଣ କିଭଳି ଦଳିତ, ଲାଞ୍ଛିତ, ନିର୍ଯ୍ୟାତିତ ଓ ମର୍ଯ୍ୟାଦା ବିହୀନ ଜୀବନଯାପନ କରୁଥିଲେ, ତାହା ସ୍ୱାଧୀନୋତ୍ତର ଭାରତବର୍ଷର ନାଗରିକ ହୁଏତ କଳ୍ପନା କରି ପାରିବେନି । ହେଲେ ଇତିହାସର ସେହି ନିଷ୍ଠୁର ସତ୍ୟକୁ କୌଣସି ସମୟରେ ଏଡ଼ାଇ ଦିଆଯାଇ ନପାରେ । ସ୍ୱାଧୀନତାର ପ୍ରାକ୍‌କାଳରେ ଓଡ଼ିଶାର ଢେଙ୍କାନାଳ, ତାଳଚେର, ନୀଳଗିରି ଏବଂ ରଣପୁର ପ୍ରଭୃତି ଗଡ଼ଜାତରେ ପ୍ରଜାମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର, ଶୋଷଣ ଓ ଜୁଲମକୁ ସୋଭିଏତ୍ ଋଷର ଜାର୍ ଅମଳର ଶାସନ, ଜର୍ମାନୀର ନାଜି ନେତା ହିଟ୍‌ଲରର ଲୋମହର୍ଷଣକାରୀ ନିର୍ମମତା ଏବଂ ଇଟାଲୀର ଏକଛତ୍ରବାଦୀ ଫାସିଷ୍ଟ ଶାସକ ମୁସୋଲିନୀର ନୃଶଂସତା ସହିତ ତୁଳନା କରା ଯାଇପାରେ । ଶୋଷିତ, ଅତ୍ୟାଚାରିତ ଓ ନିର୍ଯ୍ୟାତିତ ଜନସାଧାରଣଙ୍କ ନ୍ୟାଯ୍ୟ ମାନବିକ ଅଧିକାର ପାଇଁ ଏବଂ ସମସ୍ତ ପ୍ରକାର ଅନ୍ୟାୟ ଓ ଜୁଲମର ପ୍ରତିକାର ପାଇଁ ଅବିରତ ସଂଗ୍ରାମରତ ବିପ୍ଳବୀମାନଙ୍କ ନିଃସ୍ୱାର୍ଥ ତ୍ୟାଗ ଓ ସଂଗ୍ରାମୀ ମନୋଭାବ ଚିନ୍ତା କଲେ ବିସ୍ମୟରେ ଅଭିଭୂତ ହେବାକୁ ପଡ଼େ । ଏଇ ପରିପ୍ରେକ୍ଷୀରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ରଣପୁର ବିଦ୍ରୋହର ଅନମନୀୟ ଯୋଦ୍ଧା ଏବଂ ପ୍ରଜା ଆନ୍ଦୋଳନର ପଞ୍ଚପୁରୋଧା ବିପ୍ଳବୀ ଦିବାକର ପରିଡ଼ାଙ୍କର ଗଭୀର ଦେଶ ପ୍ରୀତି ଓ ଅସୀମ ତ୍ୟାଗପୂତ ଆଦର୍ଶ ଜୀବନ ସମ୍ପର୍କରେ କିଞ୍ଚିତ୍ ଆଲୋକପାତ କଲେ ସେହି ମହାନ୍ ବ୍ୟକ୍ତିତ୍ୱ ସମ୍ମୁଖରେ ମସ୍ତକ ସ୍ୱତଃ ଅବନତ ହୋଇଯାଏ ।



ବ୍ରିଟିଶ ଶାସନ ସମୟର କଥା । ଗଡ଼ଜାତ ରାଜା ବ୍ରିଟିଶ ସରକାରଙ୍କ ପ୍ରଭୁତ୍ୱ ସ୍ୱୀକାର କରି ଏବଂ ତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ସ୍ୱ-କ୍ଷମତା ବଜାୟ ରଖିବା ପାଇଁ ଓ ବିଳାସ ବ୍ୟସନରେ ଜୀବନ ଅତିବାହିତ କରିବାକୁ ଜୀବନର ଏକମାତ୍ର ଲକ୍ଷ୍ୟ ଭାବରେ ସ୍ଥିର କରି ନେଇଥିଲେ । କୌଶଳୀ ଇଂରେଜ ସରକାର ଗଡ଼ଜାତ ରାଜାମାନଙ୍କୁ ନିୟନ୍ତ୍ରଣାଧୀନ କରି ରଖିବା ପାଇଁ ପଲିଟିକାଲ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେଇଥିଲେ । ଓଡ଼ିଶା ଗଡ଼ଜାତ ସମୂହର ପଲିଟିକାଲ ଏଜେଣ୍ଟଙ୍କ ମୁଖ୍ୟ ମୁକାମ ସମ୍ବଲପୁରଠାରେ ଅବସ୍ଥାପିତ ହୋଇଥିଲା ।

ନୃଶଂସ ହତ୍ୟାକାରୀ ଓ ଭୟଙ୍କର ଅପରାଧୀମାନଙ୍କୁ ଜେଲ୍‌ରେ ସ୍ୱତନ୍ତ୍ର ସେଲ୍‌ରେ ରଖାଯିବା ପରି ପରାଧୀନ ଭାରତବର୍ଷରେ ଗଡ଼ଜାତର ଅଧିକାରୀ ଶାସନ ତଳେ ରଣପୁରର ପ୍ରଜାବୃନ୍ଦ ଅଧିକ ନିଷ୍ପେଷିତ ଅବସ୍ଥାରେ ରହୁଥିଲେ । ଶୋଷଣ, ଅନ୍ୟାୟ, ଅତ୍ୟାଚାର, ଭୟ, ଆତଙ୍କ ଓ ଉଦ୍‌ବେଗରେ ଜନଜୀବନ ଅତିଷ୍ଠ ଓ ବିପର୍ଯ୍ୟସ୍ତ ହୋଇ ଉଠୁଥିଲେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବା ପାଇଁ ସାହସ କରୁ ନ ଥିଲେ । କାରଣ ରାଜା ସ୍ୱୟଂ ବିଷ୍ଣୁଙ୍କର ଅଂଶ ବିଶେଷ, ପୂର୍ବଜନ୍ମର ଅଶେଷ ପୁଣ୍ୟ ବଳରେ ଏଜନ୍ମରେ ଶାସନ କରିବା ପାଇଁ ଭଗବାନଙ୍କ ଦ୍ୱାରା ମର୍ତ୍ତ୍ୟକୁ ପ୍ରେରିତ ହୋଇଛନ୍ତି ଏବଂ ତାଙ୍କ ବିରୁଦ୍ଧରେ କୌଣସି ପ୍ରକାର ଅସନ୍ତୋଷ ପ୍ରକାଶ କରିବା ଘୋର ପାପ, ଇତ୍ୟାଦି ଅଢେବ, ଯୁକ୍ତିହୀନ ଧର୍ମୀୟ ଚେତାବନୀ ଅତ୍ୟାଚାରିତ ପ୍ରଜାବର୍ଗଙ୍କୁ ଅଧିକ ନିରୀହ ହେବା ପାଇଁ ସତେ ଯେମିତି କି ପ୍ରେରଣା ଯୋଗାଉଥିଲା । ଜନସାଧାରଣଙ୍କ ମନ ଓ ଚିନ୍ତାଧାରାରେ ଭାଗ୍ୟବାଦର ଯେଉଁ ପ୍ରଭାବ, ତାର ସୁବିଧା ନେଇ ଏବଂ ଧର୍ମକୁ ଅସ୍ତ୍ର ରୂପେ ବ୍ୟବହାର କରି ସମସ୍ତ ସୁଖ, ସୁବିଧା ଉପଭୋଗ କରୁଥିବା ରାଜା ଓ ରାଜକର୍ମଚାରୀଗଣ ଶୋଷଣ ଓ ଜୁଲମର ଅବାରିତ ଧାରା ଅବ୍ୟାହତ ରଖିଥିଲେ । ଯାହା ଫଳରେ କି ପ୍ରଜାମାନଙ୍କ ଚିନ୍ତାଧାରା ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ରହିବା ପାଇଁ ବାଧ୍ୟ ହୋଇଥିଲା । ଏହିପରି ଏକ ସମୟରେ ଜୀବନର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳି ଦେଇ ଜନସେବାକୁ ଜୀବନର ଚରମ ଓ ପରମ ବ୍ରତ ରୂପେ ଗ୍ରହଣ କରି ରାଜା, ଦେୱାନ, ଦାରୋଗା, ପିଆଦା, ଅମଲାମାନଙ୍କର ଅନ୍ୟାୟ ଓ ଜୁଲମର ଉଚ୍ଛେଦ ସାଧନ ପାଇଁ ଏବଂ

ବେଠି, ଭେଟି, ନଜରାନା ଭଳି ନାରକୀୟ ପ୍ରଥାର ବିଲୋପ ନିମନ୍ତେ ତେଜସ୍ୱୀ ଓ ଶିକ୍ଷିତ ତରୁଣ ଦିବାକର ବିପ୍ଳବର ଆଗ୍ନେୟ ବଳୟକୁ ଇନ୍ଧନ ପ୍ରଦାନ କରିଥିଲେ । ବିପ୍ଳବୀ ଦିବାକର ବ୍ୟକ୍ତିଗତ ଭାବେ ରାଜାଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ନ ଥିଲେ ଏବଂ ତାଙ୍କର ପରିବାରବର୍ଗ ରାଜପତି ରାଜାଙ୍କ ସ୍ୱତନ୍ତ୍ର ସନନ୍ଦ ବଳରେ ରଣପୁରର ବେଠି ପ୍ରଥାରୁ ମୁକ୍ତ ଥିଲେ । ହେଲେ କୌଣସି ସ୍ୱାର୍ଥ ନଥାଇ ବିଦ୍ରୋହ, ବିପ୍ଳବ ଓ ଆନ୍ଦୋଳନର ଦୁର୍ଗମ ପଥକୁ ଗ୍ରହଣ କରି ନେବାର ମୂଳରେ ନିହିତ ଥିଲା ଦିବାକରଙ୍କ ଗଭୀର ସ୍ୱଦେଶ ପ୍ରୀତି, ପିତାଙ୍କ ତ୍ୟାଗପୂତ ଜୀବନର ଆଦର୍ଶ ଏବଂ ନିରୀହ ଜନସାଧାରଣଙ୍କ ପ୍ରତି ହୃଦୟର ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ।

୧୯୦୨ ମସିହା ନଭେମ୍ବର ୩୦ ତାରିଖ ଦିନ ରଣପୁର ଅନ୍ତର୍ଗତ ଗଡ଼ବାଣିକିଲ ଗ୍ରାମର ବିଶ୍ୱୋଷୀ ସାମନ୍ତ ହରିହର ପରିଡ଼ା ଓ ତାରା ଦେବୀଙ୍କ ପରିବାରରେ ଦିବାକର ଜନ୍ମ ନେଇଥିଲେ । ଛାତ୍ରାବସ୍ଥାରୁ ତାଙ୍କର ତୀକ୍ଷ୍ଣ ମେଧା ଓ ଧୀଶକ୍ତିର ସମ୍ୟକ୍ ପରିଚୟ ମିଳିଥିଲା । ସେ ଏକାଧାରରେ କବି, ଜ୍ୟୋତିଷ ବିଦ୍ୟା ବିଶାରଦ ଏବଂ ସ୍ୱାଧୀନଚେତା ଯୁବକ ଥିଲେ । ତାଙ୍କ ରଚିତ "ଶ୍ରୀଶ୍ରୀ ଆର୍ତ୍ତେଶ୍ୱର ଦେବଙ୍କ ଜଣାଣ" ପୁସ୍ତିକା ଏବଂ "ଜାତକାଳଙ୍କାର" ଗ୍ରନ୍ଥ ହିଁ ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରେ । ପିତା ହରିହର ୧୮୯୮ ମସିହାରେ ରଣପୁରରେ ଘଟିଥିବା ପ୍ରଜାମେଳିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପିତାଙ୍କ ନିର୍ଭୀକତା ଓ ନିରୀହ ଜନସାଧାରଣଙ୍କ ପ୍ରତି ଗଭୀର ଶ୍ରଦ୍ଧା ତରୁଣ ଦିବାକରଙ୍କ ଉପରେ ବିଶେଷ ଭାବେ ରେଖାପାତ କରିଥିଲା ।

ରଣପୁର ରାଜତନ୍ତ୍ର ଅତ୍ୟାଚାରର ନମୁନା "ସଡ଼କ ବେଠି"ର ଏକ ଲୋମହର୍ଷଣକାରୀ ଦୃଶ୍ୟ ବିପ୍ଳବୀ ଦିବାକରଙ୍କ ହୃଦୟରେ ସୃଷ୍ଟି କରିଥିଲା ଗଭୀର ଆଲୋଡ଼ନ ଓ ଉଦ୍‌ବେଳନ । ନିରୀହ ବେଠିଆ ପ୍ରଜାମାନଙ୍କ ଉପରେ ଦାରୋଗାର ନିର୍ମମ ଲାଠି ପ୍ରହାର ଏବଂ ସେମାନଙ୍କ ନୟନ କୋଣରୁ ଝରି ପଡୁଥିଲା ବିନ୍ଦୁ ବିନ୍ଦୁ ଅଶ୍ରୁର ଅବାରିତ ଧାରା ଆଉ ଶରୀରରୁ ନିଗିଡ଼ି ପଡୁଥିବା ବୁନ୍ଦା ବୁନ୍ଦା ତାଜା ରକ୍ତ ତାଙ୍କ ମନରେ ସୃଷ୍ଟି କରିଥିଲା କ୍ଷତାକ୍ତ ବେଦନା । ଗଡ଼ଜାତି ଅନ୍ୟାୟ ଓ ଜୁଲମର ବିଲୋପ ସାଧନ ପାଇଁ ସେ ନେଇଥିଲେ ଦୁର୍ବାର ଶପଥ । ଅନ୍ତରଙ୍ଗ ବାଲ୍ୟ ସାଥୀ ରଘୁନାଥଙ୍କ ସହାୟତାରେ ରଣପୁରର ଉଦାସୀନ ଯୁବଶକ୍ତି, ମାଳୁଆ ଆଦିବାସୀ ପ୍ରଜା ଏବଂ ନିଦ୍ରିତ ଜନଶକ୍ତିକୁ ଗଭୀର ଭାବେ ପ୍ରଭାବିତ କରିଥିଲେ । ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ବିରଚିତ ଉଦବୋଧନମୂଳକ ସଂଗୀତ ଓ ଓଜସ୍ୱିନୀ ବକ୍ତୃତାର ଥିଲା ଏ ଦିଗରେ ପ୍ରମୁଖ ଭୂମିକା ।

୧୯୩୯ ମସିହା ଜାନୁଆରୀ ୬ ତାରିଖ ପୌଷ ପୂର୍ଣ୍ଣିମା ରଣପୁର ତଥା ସମଗ୍ର ଦେଶ ପାଇଁ ଏକ ସ୍ମରଣୀୟ ଦିବସ । ପ୍ରଜାମଣ୍ଡଳର ଆହ୍ୱାନକ୍ରମେ ରଣପୁର ଗଡ଼ ରାଜ ଉଆସ ସାମ୍ନାରେ ହୋଇଥାଏ ବିପୁଳ ଜନସମାଗମ । ଠିକ୍ ସେହି ସମୟରେ ଅପ୍ରତ୍ୟାଶିତ ଭାବରେ ପ୍ରବଳ ପ୍ରତାପୀ ବ୍ରିଟିଶ ପଲଟିକାଲ ଏଜେଣ୍ଟ ମେଜର ବେଜେଲଗେଟ ମିଲିଟାରୀ ଜୱାନଙ୍କ ସହ ଆନ୍ଦୋଳନ ଦମନ କରିବା ପାଇଁ ଆସି ଘଟଣାକ୍ରମେ ଉତ୍ତେଜିତ ପ୍ରଜାଙ୍କ ନିର୍ମମ ଲାଠି ମାଡ଼ରେ ମୃତ୍ୟୁ ବରଣ କରେ । ପ୍ରତିଶୋଧ ପରାୟଣ ବ୍ରିଟିଶ ସରକାର ବେଜେଲଗେଟ ହତ୍ୟା ପାଇଁ ଦାୟୀ କରି ବିପ୍ଳବୀ ଦିବାକର ଓ ରଘୁନାଥଙ୍କୁ ଗିରଫ କରି ନିଏ । ବ୍ରିଟିଶ ଗୋରା ବିଗ୍ରହପତି ସିଅରର୍ ସାହେବର ଇଜଲାସରେ ବିଚାର ନାମରେ ଏକ ପ୍ରହସନ ଚାଲିଲା ଓ ଶେଷରେ ବିପ୍ଳବୀ ଦ୍ୱୟଙ୍କୁ ମୃତ୍ୟୁଦଣ୍ଡ ଆଦେଶ ହେଲା ।

୧୯୪୦ ମସିହା ଅପ୍ରେଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଜନ୍ମମାଟି ରଣପୁର ଓ ଓଡ଼ିଶାର ବହୁତ ଦୂରରେ ଏବଂ ତାଙ୍କ ପ୍ରିୟ ଜନତାଙ୍କ ଅଗୋଚରରେ ବିହାର ରାଜ୍ୟର ଭାଗଲପୁର ଜେଲ୍ ଫାଶୀଖୁଣ୍ଟରେ ଚଢ଼ି ବିପ୍ଳବୀ ଦ୍ୱୟ ହୁଅନ୍ତି ଅମର ପଥର ଯାତ୍ରୀ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ଗଡ଼ଜାତ ଆନ୍ଦୋଳନ ଆଜି ଇତିହାସର ବିଷୟବସ୍ତୁ । ଶହୀଦ ଦିବାକର ଆଉ ଆମ ମଧ୍ୟରେ ନାହାନ୍ତି । ହେଲେ ଅତ୍ୟାଚାର, ନିର୍ଯ୍ୟାତନା ଓ ଜୁଲୁମ ବିରୁଦ୍ଧରେ ତାଙ୍କର ସାଲିସହୀନ ସଂଗ୍ରାମର ବାର୍ତ୍ତା ସାଂପ୍ରତିକ ଯୁବ ସମାଜ ଏବଂ ଭବିଷ୍ୟତର ଦାୟାଦମାନଙ୍କୁ ଅନ୍ୟାୟ ବିରୁଦ୍ଧରେ ସଂଗଠିତ ହେବା ପାଇଁ ଯୁଗେ ଯୁଗେ ପ୍ରେରଣା ଯୋଗାଉ ଥିବ ।

ଶହୀଦ ଦିବାକର କାରାରୁଦ୍ଧ ଥିବା ସମୟରେ ଗୋଟିଏ କବିତା ରଚନା କରିଥିଲେ । କବିତା ରଚନା ସମୟକୁ ତାଙ୍କୁ ଫାଶୀ ଦଣ୍ଡ ଦିଆଯିବ ବୋଲି ରାୟ ଦିଆ ସରିଥିଲା । ଉକ୍ତ କବିତାରେ ଦିବାକରଙ୍କ ଗଭୀର ଜାତିପ୍ରେମ ଭାରତୀୟ ସଂସ୍କୃତି ଓ ଜନସାଧାରଣଙ୍କ ପ୍ରତି ଶ୍ରଦ୍ଧା ଓ ମାତୃଭୂମି ପ୍ରୀତି ପ୍ରତିଫଳିତ ।

କବିତା ରଚନା ସମୟକୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ସାରିଥିଲା ଏବଂ ମୋଟରେ ୬ଟି ଜିଲ୍ଲା ଓ ୨୬ଟି ଗଡ଼ଜାତ ରହିଥିଲା ।

ଉତ୍କଳ ସରଗ ମୋର ଜନ୍ମସ୍ଥାନ
ନୀଳାଚଳ ସମ ପୁଣ୍ୟ ତୀର୍ଥଧାମ
କୋରାପୁଟ, ପୁରୀ, ଗଞ୍ଜାମ ଶୀର୍ଷକ
ସମ୍ବଲପୁର, ବାଲେଶ୍ୱର, କଟକ
ଏ ଷଷ୍ଠ ଜିଲ୍ଲାରେ ସୁଶୋଭିତ ମାତ
ତିଳିକାକୁ ନେଇ ଯେତେ ଗଡ଼ଜାତ
ଋଷିକୁଲ୍ୟା, ମହାନଦୀ ସ୍ୱଚ୍ଛନୀରା ।
ନାନାବିଧ ଶସ୍ୟ ଶ୍ୟାମଳା ଶରୀରା
ଯା'ର ଇତିହାସ କହେ ଖଣ୍ଡଗିରି
ବାରବାଟି ଦୁର୍ଗେ ପରାକ୍ରମ ବଇରି
ପୂର୍ବଦିଗେ ଯା'ର ବଙ୍ଗୋପସାଗର
ନାମଘୋଷେ ନିତ୍ୟ ଜଗନ୍ନାଥଙ୍କର

ମରିଥାନ୍ତା ହେଲେ ସେହି ସ୍ଥାନେ ଦିନ
କାରାଗାରେ ସିନା ବିଅର୍ଥ ଜୀବନ
ସେ ହେତୁ ମରଣେ ନାହିଁ ମୋର ଡର
ବଳିଦାନ ପାଇଁ ହେଲି ଅଗ୍ରସର
ମଲେ ହେଲେ ପରା ସେ ସ୍ଥାନେ ମିଳିବ
ପୁଣି ନୀଳାଚଳ ନାଥଙ୍କୁ ଦେଖିବି
ନାହିଁ ଯେବେ ମୃତ୍ୟୁ ଏ ମହା ସମରେ
ପ୍ରବେଶିବି ନିଶ୍ଚ ଆପଣା ଦେଶରେ
ଦୁଃଖୀ ଦରିଦ୍ରଙ୍କ ମଙ୍ଗଳ ନିମନ୍ତେ
ଆନ୍ଦୋଳନ କରିବାକୁ ହେବ କେତେ
ପାଇବି ଯାହାକୁ ସଂଗେ ଘେନିଯିବି
ଦରିଦ୍ରତା ନାଶ ବାର୍ତ୍ତା ପ୍ରଚାରିବି
କହିବି ହେ ଭାଇ ଛାଡ଼ ଜାତି ଭେଦ
ସ୍ୱାଧୀନତା ହେଲେ ଦୂର ହେବ ଖେଦ
ଚରଖା ପ୍ରସାର ଗ୍ରାମମାନଙ୍କରେ

ମହାତ୍ମାଙ୍କ ଆଶା ପୂର୍ଣ୍ଣ ହେଉ ଥରେ
ନ ଆସିବ ଆଉ କେବେ କିଛି କଷ୍ଟ
ଆମ ସୁଖେ ଆମେ ହୋଇବା ବଳିଷ୍ଠ
ପ୍ରାଚୀନ ସଂସ୍କୃତି ଫେରିବ ସହଜେ
ନବୀନ ଆଲୋକ ରାଜିବ ସମାଜେ
କୁଳବଧୂମାନେ ହେବେ ପତିବ୍ରତା
ବୀର ପ୍ରସବିନୀ ହେବେ ତେବେ ମାତା
କେତେ ରାମଚନ୍ଦ୍ର, କେତେ କୃଷ୍ଣଚନ୍ଦ୍ର
କେତେ କେତେ ଜନ୍ମ ହେବେ ବୀରବୃନ୍ଦ
ସ୍ୱାଧୀନ ରଖିବେ ଜନମ ଭୂଇଁ କି
ଚିରଦିନ ପାଇଁ ତିରଙ୍ଗାକୁ ଟେକି
ପୂର୍ଣ୍ଣ ହେବ ସତେ ଦିବାକର ଆଶା
ସୁଜଳା, ସୁଫଳା, ସମୃଦ୍ଧ ଓଡ଼ିଶା ।

୩୪୦, ଜାଗମରା (ବେଲବାଡ଼ି),
ଭୁବନେଶ୍ୱର-୩୦

### ମରୁଡ଼ି ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଗତ ଅକ୍ଟୋବର ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସଚିବାଳୟ ସମ୍ମିଳନୀ କକ୍ଷରେ ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ସମୀକ୍ଷା କରିଥିଲେ ।

ସମୀକ୍ଷାରୁ ଜଣାପଡ଼ିଛି ଯେ, ପ୍ରାରମ୍ଭିକ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ରାଜ୍ୟରେ ଦେଖାଯାଇଥିବା ମରୁଡ଼ି ପରିସ୍ଥିତିରେ ସେପ୍ଟେମ୍ବର ମାସ ବୃଷ୍ଟିପାତ ଦ୍ୱାରା ଉନ୍ନତି ପରିଲକ୍ଷିତ ହୋଇଛି । ରାଜ୍ୟର ୩୨ ଲକ୍ଷ ୨୩ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଥିବା ସ୍ଥଳେ ସେଥିରୁ ୧୦ ଲକ୍ଷ ୨୨ ହଜାର ହେକ୍ଟର ଜମିର ଧାନ ସ୍ୱଳ୍ପ କ୍ଷତିଗ୍ରସ୍ତ ହୋଇଛି । ଶସ୍ୟହାନିର ପରିମାଣ ପ୍ରାୟ ୪୫୮ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ ଓ ବୌଦ୍ଧ ଆଦି ଜିଲ୍ଲା ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟ ଜିଲ୍ଲାର ପରିସ୍ଥିତି ମୋଟାମୋଟି ଭଲ ରହିଛି । ସମ୍ପ୍ରତି ବର୍ଷା ଦ୍ୱାରା ହୀରାକୁଦ ଜଳଭଣ୍ଡାରରେ ଜଳ ପରିମାଣ ୬୨୦-୩୫ ଫୁଟରେ ପହଞ୍ଚିଛି ଏବଂ ଅନ୍ୟାନ୍ୟ ନଦୀମାନଙ୍କରେ ଜଳ ଭଣ୍ଡାର ବୃଦ୍ଧି ପାଇଛି ।

ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ଉଠା ଜଳସେଚନ ନିଗମ ୧୦୪୨ଟି ପ୍ରକଳ୍ପ ଚାଲୁ କରିବାକୁ ସକ୍ଷମ ହୋଇଛନ୍ତି । ଏଥିପାଇଁ ନିଗମକୁ ୨ କୋଟି ୫୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା । ତା'ଛଡ଼ା ନୂଆକରି ୫୯୯ ଟି ଉଠା ଜଳସେଚନ ପଏଣ୍ଟ ବସାଇବା ପାଇଁ ପ୍ରାକୃତିକ ପାଣ୍ଠିରୁ ୧ କୋଟି ୫୮ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି ।

କୃଷି ବିଭାଗ ପକ୍ଷରୁ ବ୍ୟାପକ ରବି କାର୍ଯ୍ୟକ୍ରମ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ଅଧିକ ଫସଲ ଆମଦାନୀ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । କୃଷକମାନଙ୍କୁ ୭୨ ହଜାର କ୍ୱିଣ୍ଟାଲ ଡାଲି ଓ ତୈଳବୀଜ ବିହନ ରିହାତି ଦରରେ ଯୋଗାଇ ଦେବାପାଇଁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ୫ କୋଟି ୩୯ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ଯଥେଷ୍ଟ ପରିମାଣର ସୂର୍ଯ୍ୟମୁଖୀ, ଚିନାବାଦାମ, ଗହମ ଓ ୪ ଟି ୯ ବିଧି ବିହନ ମହଜୁଦ ଥିବା କଥା କୃଷକମାନଙ୍କୁ ବିଜ୍ଞାପନ ମାଧ୍ୟମରେ ଜଣାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

କୃଷକମାନଙ୍କର ଶସ୍ୟହାନି ପରିମାଣ ଶତକଡ଼ା ୫୦ ଭାଗ ହୋଇଥିଲେ ଏଥି ଜଳକର ଛାଡ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କୁ ଶ୍ରମନିବିଡ଼ ଯୋଜନା ମାଧ୍ୟମରେ କାମଧନ୍ଦା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଖାଲି ପଡ଼ିଥିବା ବିଡ଼ିଓ ଓ ଜୁନିୟର ଇଞ୍ଜିନିୟର ପଦଗୁଡ଼ିକ ତୁରନ୍ତ ପୂରଣ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ରାଜସ୍ୱମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ, କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ର, ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରବୀନ୍ଦ୍ର କୁମାର ସେଠୀ ଓ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଗୁଗୁ ନେହେରୁ

**ଡକ୍ଟର ଜଗନ୍ନାଥ ମହାନ୍ତି**

ଗୁଗୁ ନେହେରୁଙ୍କୁ କେବଳ ଆମ ଦେଶର କାହିଁକି ସବୁ ଦେଶର ପିଲାମାନେ ଆଦର କରୁଥିଲେ । ସେ ମଧ୍ୟ ପିଲାମାନଙ୍କୁ ଭାରି ଭଲ ପାଉଥିଲେ । ଯେତେ କାର୍ଯ୍ୟବ୍ୟସ୍ତ ରହୁଥିଲେ ମଧ୍ୟ ଯୁଆଡ଼େ ଯାଉଥିଲେ ସିଆଡ଼େ ସେ ପିଲାମାନଙ୍କ ସହିତ ମିଶୁଥିଲେ ।

ମନଖୋଲି ସେ ପିଲାମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ । ସେମାନଙ୍କ ସହିତ ହସ ଖେଳରେ ମଜ୍ଜି ଯାଉଥିଲେ । ସେଥିପାଇଁ ତାଙ୍କର ଜନ୍ମ ଦିନଟି ଶିଶୁ ଦିବସ ଭାବରେ ସବୁଆଡ଼େ ପାଳିତ ହୁଏ ।

ନଭେମ୍ବର ୧୪ ତାରିଖ । ୧୮୮୯ ମସିହାରେ ସେ ଜନ୍ମ ହୋଇଥିଲେ ଆହ୍ଲାବାଦ ସହରରେ । ତାଙ୍କର ପିତା ଥିଲେ ବିଖ୍ୟାତ ଓକିଲ ମୋତିଲାଲ । ମାତାଙ୍କ ନାମ ସ୍ୱରୂପାରାଣୀ ।

ଜବାହର ଅର୍ଥ ରତ୍ନ ଆଉ ଲାଲ ଅର୍ଥ ପୁଅ । ପିତାମାତାଙ୍କର ଗୋଟିଏ ମାତ୍ର ପୁଅ ହୋଇଥିବାରୁ ଅତି ଶ୍ରଦ୍ଧାରେ ସେ ତାଙ୍କର ନାମ ଦେଇଥିଲେ ପୁତ୍ରରତ୍ନ । ବଡ଼ ହୋଇ ଦେଶର ବହୁ କାମ କରି ସେ ହୋଇଥିଲେ "ଭାରତରତ୍ନ" । ଜବାହରଲାଲଙ୍କ ପିତା ଥିଲେ ଖୁବ୍ ଧନୀ । ତାଙ୍କର ଥିଲା ଅଗାଧ ସମ୍ପତ୍ତି । ନାମଜାଦା ଓକିଲ ଥିବାରୁ ତାଙ୍କର ରୋଜଗାର ଥିଲା ଅଜଳ୍ପ । ଜବାହରଲାଲ ତାଙ୍କର ଅଲିଅଳ ପୁଅ ଥିଲେ । ସେ ଖୁବ୍ ସ୍ନେହ ଆଦର ଆଉ ଆଡ଼ମ୍ବର ମଧ୍ୟରେ ବଢ଼ିଥିଲେ । ଦୁଃଖ କଷ୍ଟ, ଅଭାବ ଅସୁବିଧା କ'ଣ ସେ ଜାଣି ନଥିଲେ ।

ତାଙ୍କର ଶିକ୍ଷା ପାଇଁ ମୋତିଲାଲ ନେହେରୁ ବହୁ ଟଙ୍କା ଖର୍ଚ୍ଚ କରିଥିଲେ । ତାଙ୍କୁ ବିଲାତୀ ଧରଣର ଶିକ୍ଷା ଦେବାକୁ ଚାହୁଁଥିଲେ । ସେ ଜଣେ ଇଂରେଜ ମହିଳାଙ୍କୁ ତାଙ୍କର ଘରେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତ କରିଥିଲେ । ଜବାହରଲାଲଙ୍କୁ ଯେତେବେଳେ ମାତ୍ର ପନ୍ଦର ବର୍ଷ ବୟସ, ସେତେବେଳେ ସେ ତାଙ୍କୁ ଇଂଲଣ୍ଡକୁ ନେଇଥିଲେ । ସେଠାର ଖୁବ୍ ଜଣାଶୁଣା ହାରୋ ସ୍କୁଲରେ ତାଙ୍କର ନାମ ଲେଖାଇ ଦେଇଥିଲେ । ସେଠାରେ କେବଳ ବଡ଼ ଲୋକର ପିଲାମାନେ ପାଠ ପଢୁଥିଲେ ।

ଜବାହରଲାଲ ଖୁବ୍ ବୁଦ୍ଧିମାନ ଥିଲେ । ତାଙ୍କର ଶିକ୍ଷକମାନେ ତାଙ୍କୁ ଭାରି ଭଲ ପାଉଥିଲେ । ସାଧାରଣ ଜ୍ଞାନରେ ସେ ଖୁବ୍ ଧୁରନ୍ଧର ଥିଲେ । ଥରେ ତାଙ୍କ ଶ୍ରେଣୀରେ ଶିକ୍ଷକ ବିଲାତର ମନ୍ତ୍ରୀମାନଙ୍କ ନାମ ପଚାରିଥିଲେ । ଇଂରେଜ ପିଲାମାନେ ସମସ୍ତଙ୍କ ନାଁ କହିପାରିଲେ ନାହିଁ । ମାତ୍ର ଜବାହର ଠିକ୍ ଠିକ୍ ସବୁତକ ନାମ କହିଦେଲେ ।

ହାରୋ ସ୍କୁଲରେ ପଢ଼ା ସାରି ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ସେଠାରୁ ସେ ରସାୟନ, ଭୂତତ୍ତ୍ୱ ଓ ଉଦ୍ଭିଦ ବିଦ୍ୟାରେ କୃତିତ୍ୱ ସହିତ ପାସ୍ କରିଥିଲେ । ବିଲାତରେ ସେ ମୋଟ ୮ ବର୍ଷ କାଳ ପାଠ ପଢ଼ାରେ କଟାଇଥିଲେ ।

୧୯୧୨ ମସିହାରେ ସେ ବିଲାତରୁ ଫେରି ଓକିଲାତି ବ୍ୟବସାୟରେ ଯୋଗ ଦେଲେ । ମାତ୍ର ଏହି କାମରେ ସେ ବେଶୀ ଦିନ ରହି ପାରିଲେ ନାହିଁ । ଭାରତରେ ସେତେବେଳେ ଇଂରେଜମାନେ ରାଜୁତି କରୁଥିଲେ । ତାଙ୍କୁ ତଡ଼ି ଆମ ଦେଶକୁ ସ୍ୱାଧୀନ କରିବାକୁ ସେ ଚିନ୍ତା କରୁଥିଲେ ।

ଏଇ ସମୟରେ ଗାନ୍ଧିଜୀଙ୍କ ସହିତ ତାଙ୍କର ଭେଟ ହେଲା । ଏମନ ଭାବୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା । ସେହି ଦିନଠାରୁ ସେ କେବଳ ଏକା ନୁହନ୍ତି, ତାଙ୍କର ବାପାମାଆ, ସ୍ତ୍ରୀ, ଭଉଣୀ ପ୍ରଭୃତି ସମସ୍ତେ ଏଥିରେ ଯୋଗଦେଲେ । ସବୁ ବିଳାସବ୍ୟସନ ଛାଡ଼ି ସେମାନେ ନାନା ଦୁଃଖକଷ୍ଟ ଆଉ ଅତ୍ୟାଚାର ସହିଲେ । କେତେ ଜେଲଦଣ୍ଡ ଭୋଗିଲେ ।

ଜବାହରଲାଲ ଥିଲେ ଆମ ଦେଶର ସ୍ୱାଧୀନତା ଲଢ଼େଇରେ ଜଣେ ବୀର ସୈନିକ । ପରେ ସେ ହେଲେ ମୁକ୍ତି ଯୁଦ୍ଧର ଜଣେ ବଡ଼ ସେନାପତି । ଗାନ୍ଧିଜୀଙ୍କର ସେ ହେଲେ ଡାହାଣ ହାତ । ସେ ବହୁବାର ହସିହସି ଜେଲକୁ ଗଲେ । ପୋଲିସଠାରୁ ଲାଠିମାଡ଼ ଖାଇଲେ ଆଉ ଅପମାନ ସହିଲେ । ତାଙ୍କର ଭାଷଣ ସମସ୍ତଙ୍କୁ ମୁଗ୍ଧ କଲା !

ସାରା ଦେଶରେ ଲୋକମାନଙ୍କୁ ସେ ମତାଇଲେ, ଚେତାଇଲେ ଆଉ ମୁକତିର ରାହା ବତାଇଲେ । ସେ ବହୁଥର ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ମହାତ୍ମା ଗାନ୍ଧୀ ତାଙ୍କୁ ଆଦରରେ କହୁଥିଲେ "ଭାରତର ମୁକୁଟହୀନ ସମ୍ରାଟ" । ସେ କହିଥିଲେ "ମୋର ଉତ୍ତରାଧିକାରୀ ଜବାହରଲାଲ" । ତାଙ୍କ କଥା ସତ ଫଳିଥିଲା ।

ଜବାହରଲାଲ ହେଲେ ମୁକ୍ତ ଭାରତର ମଉଡ଼ମଣି । ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ । ସ୍ୱାଧୀନତା ପରେ ଦେଶ ବହୁ ସମସ୍ୟା

ଅସୁବିଧାର ସମ୍ମୁଖୀନ ହେଲା । କିନ୍ତୁ ତାଙ୍କର ବିଚକ୍ଷଣ ବୁଦ୍ଧି ଓ ଏକ୍ତି ସାମର୍ଥ୍ୟ ଯୋଗୁଁ ଭାରତ ସମୃଦ୍ଧି-ପଥରେ ଆଗେଇଲା । ଦେଶର ମଙ୍ଗଳ ନିମନ୍ତେ ସେ ବହୁ ଯୋଜନା କାର୍ଯ୍ୟକାରୀ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ବିଜ୍ଞାନ ପ୍ରଭୃତି ବହୁ ଦିଗରେ ଆମ ଦେଶ ଉନ୍ନତି କରି ଚାଲିଲା ।

ତାଙ୍କର କାର୍ଯ୍ୟ କେବଳ ଆମ ଦେଶ ମଧ୍ୟରେ ଆବଦ୍ଧ ନଥିଲା । ସେ ପୃଥିବୀର ବହୁ ଅନୁନ୍ନତ ଓ ପରାଧୀନ ଦେଶର ନେତୃତ୍ୱ ନେଇଥିଲେ । ସେସବୁ ଦେଶରେ ସମସ୍ତ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସେ ଲଢୁଥିଲେ । ପୃଥିବୀରେ ଶାନ୍ତି ଓ ସଦ୍ଭାବ ପ୍ରତିଷ୍ଠା କରିବାକୁ ସେ ଲାଗି ପଡ଼ିଥିଲେ । ତେଣୁ ତାଙ୍କୁ ଅନେକେ "ଶାନ୍ତିଦୂତ" କହୁଥିଲେ ।

ସେ କହୁଥିଲେ– "ଦେଶ ଭିତରେ ଓ ବାହାରେ ସମସ୍ତେ ଭାଇଭଉଣୀ ପରି ଚଳ । ଅନ୍ୟର ଆପଦରେ ସାହା କର । ବିପଦରେ ସାହା ହୁଅ ।" ସେ ସମସ୍ତଙ୍କୁ ଖାଲି କହୁ ନଥିଲେ, ନିଜ କାର୍ଯ୍ୟରେ ଏହା କରି ଦେଖାଇ ଦେଇଥିଲେ ।

ସେ ଯେଉଁ ସ୍ଥାନକୁ ଯାଉଥିଲେ, ସେଠାରେ ପିଲାଠାରୁ ବଡ଼ଯାଏ ତାଙ୍କର ଜୟଧ୍ୱନି କରୁଥିଲେ । ତାଙ୍କୁ ଦେଖିବାକୁ ଆକୁଳ ଅଥୟ ହେଉଥିଲେ । ସେ ଅତି ଲୋକପ୍ରିୟ ଥିଲେ । ସମସ୍ତଙ୍କ ହୃଦୟରେ ସ୍ନେହ ଓ ସମ୍ମାନର ଆସନ ଲାଭ କରିଥିଲେ ।

ସେ ଖୁବ୍ ପଢ଼ାପଢ଼ି କରୁଥିଲେ । ତାଙ୍କର କାର୍ଯ୍ୟବ୍ୟସ୍ତ ଜୀବନରେ ବହିପତ୍ର ପଢ଼ିବା ଥିଲା ଏକ ଦୈନନ୍ଦିନ ଅଭ୍ୟାସ । ଜେଲ୍‌ରେ ଥିଲାବେଳେ ସେ ତାଙ୍କର ଏକମାତ୍ର ଝିଅ ଇନ୍ଦିରାଙ୍କୁ ଅନେକ ଚିଠି ଲେଖୁଥିଲେ । ଇନ୍ଦିରା ସେତେବେଳେ ଥିଲେ ପିଲା । ସେଇ ଚିଠିଗୁଡ଼ିକ ପରେ ବହି ଆକାରରେ ଛପା ହୋଇଛି । ସେଥିରୁ ଆମର ଇତିହାସ ଓ ସେତେବେଳର ବହୁ ଘଟଣା ବିଷୟରେ ସବୁ ଜଣାପଡ଼େ ।

ବନ୍ଦୀ ଥିଲାବେଳେ ସେ "ଭାରତ ଆବିଷ୍କାର", "ବିଶ୍ୱ ଇତିହାସ", "ଆତ୍ମଜୀବନୀ" ପ୍ରଭୃତି ଉପାଦେୟ ପୁସ୍ତକ ରଚନା କରିଥିଲେ । ସେଗୁଡ଼ିକରେ ତାଙ୍କର ଅସାଧାରଣ ସାହିତ୍ୟିକ ପ୍ରତିଭାର ସୂଚନା ମିଳେ । କଠିନ ପରିଶ୍ରମ ତାଙ୍କ ଜୀବନର ବ୍ରତ ଥିଲା । ସେ ନିଜେ ଅବିଶ୍ରାନ୍ତ ପରିଶ୍ରମ କରୁଥିଲେ । ସମସ୍ତଙ୍କୁ ମଧ୍ୟ ସେମିତି ପରିଶ୍ରମ କରିବାକୁ କହୁଥିଲେ । ଶ୍ରମ ସବୁପ୍ରକାର ସୁଖସମୃଦ୍ଧିର ଚାବିକାଠି, ଏହା ସେ ସମସ୍ତଙ୍କୁ ଚେତାଇ ଦେଉଥିଲେ । ମଜଳିସ୍‌କୁ ସେ ଘୃଣା କରୁଥିଲେ । "ଆରାମ ହାରାମ ହେଁ" ବୋଲି କହୁଥିଲେ । ସେ ଦିନକୁ ମାତ୍ର ଚାରିପାଞ୍ଚ ଘଣ୍ଟା ଶୋଉଥିଲେ । ଅଠର ଘଣ୍ଟା କାଳ ନାନା କାମରେ ଲାଗି ପଡୁଥିଲେ ।

ସେ ତେଣୁ ସମୟର ମୂଲ୍ୟ ଖୁବ୍ ବୁଝିଥିଲେ । ସବୁ କାର୍ଯ୍ୟ ଠିକ୍ ସମୟରେ କରି ନେଉଥିଲେ । ଭାରତ ପରି ବିରାଟ ଦେଶର ପ୍ରଧାନମନ୍ତ୍ରୀ ହୋଇଥିବାରୁ ସେ ବହୁ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ପ୍ରତିଦିନ ସେ ଶହେରୁ ଅଧିକ ତାରବାର୍ତ୍ତା ଓ ତିନିଚାରି ଶହ ଚିଠିର ଉତ୍ତର ଦେଉଥିଲେ ।

ଏହା ଛଡ଼ା ଅଫିସ୍ କାର୍ଯ୍ୟ, ଟେଲିଫୋନ୍‌ରେ କଥାବାର୍ତ୍ତା, ସଭା ସମିତିରେ ଯୋଗଦାନ, ସମିତି ବୈଠକରେ ଆଲୋଚନା ଆଦିରେ ଦିନରାତି ବ୍ୟସ୍ତ ରହୁଥିଲେ । ରାତି ୧୧ଟାରୁ ୨ଟା ଭିତରେ ସେ ଗୁରୁତ୍ୱପୂର୍ଣ୍ଣ ଚିଠିଗୁଡ଼ିକର ଉତ୍ତର ଦେଉଥିଲେ । ଜରୁରୀ ଅଫିସ କାର୍ଯ୍ୟ ସବୁ କରୁଥିଲେ । ଗୋଟାଏ ବାଜିଲେ ସେ ଶୋଇବାକୁ ଯାଉଥିଲେ । ପୁଣି ଭୋରରୁ ଉଠି ସବୁ କାର୍ଯ୍ୟ ତରତର ହୋଇ ସାରି ଦେଉଥିଲେ । ଧାଡ଼ି ଲାଗିଥିବା ଲୋକମାନଙ୍କୁ ଦେଖା କରିବାକୁ ଏବଂ ସେମାନଙ୍କର ଆପତ୍ତିଗୁଡ଼ାକି ଶୁଣିବାକୁ ବାହାରି ପଡୁଥିଲେ ।

୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖରେ ଜାତିପିତା ଗାନ୍ଧିଜୀଙ୍କ ମୃତ୍ୟୁ ଘଟିଥିଲା । ଜବାହରଲାଲ ଶୋକାକୁଳ ଜାତି ଉଦ୍ଦେଶ୍ୟରେ ବେତାର ଭାଷଣ ଦେଇଥିଲେ । ତାହା ଥିଲା ସେମିତି ମର୍ମସ୍ପର୍ଶୀ, ସେମିତି ଭାବପୂର୍ଣ୍ଣ ।

ତାଙ୍କ ଭାଷଣର ଆରମ୍ଭରୁ ସେ କହିଥିଲେ, "ବନ୍ଧୁଗଣ, ଆଲୁଅ ଲିଭିଗଲା । ବର୍ତ୍ତମାନ ସବୁଆଡ଼େ କେବଳ ଅନ୍ଧାର । ତୁମମାନଙ୍କୁ କ'ଣ କହିବି, କିପରି ବା କହିବି ? ଆମର ପ୍ରିୟତମ ନେତା ଓ ଜାତିର ପିତା ବାପୁଜୀ ଆଉ ଇହଜଗତରେ ନାହାନ୍ତି ।"

ଶେଷରେ ସେ ପୁଣି କହିଥିଲେ– "ଏଇ ଯେଉଁ ବିପଦ ଘଟିଗଲା, ଏହା ଆମ ସମସ୍ତଙ୍କୁ ଏକମନ, ଏକପ୍ରାଣ କରୁ । ସମସ୍ତେ ଛୋଟ ଛୋଟ କଳିକଜିଆଙ୍କୁ ଶୀଘ୍ର ତୁଟାଇ ଦିଅନ୍ତୁ । ଏଣିକି ବଡ଼ ବଡ଼ ବିଷୟ ଚିନ୍ତା କରି ଛୋଟ କଥାସବୁ ଭୁଲିଯିବା । ଏଇ ଭୀଷଣ ବିପଦ ଆମକୁ ଏହା ଶିକ୍ଷା ଦେଉ । ଜୟହିନ୍ଦ୍ ।"

୧୯୬୪ ମସିହା ମେ ମାସ ୨୭ ତାରିଖରେ ଏଇପରି ଆଉ ଏକ ଜାତୀୟ ବିପତ୍ତି ପଡ଼ିଲା । କେବଳ ଭାରତବାସୀ ନୁହନ୍ତି, ସାରା ଜଗତର ଲୋକେ ଶୋକରେ ଅଭିଭୂତ ହୋଇପଡ଼ିଲେ । ଶାନ୍ତିର ରକ୍ଷକ ଆଉ ମଣିଷ ଜାତିର ବନ୍ଧୁ ଜବାହରଲାଲ ସବୁଦିନ ପାଇଁ ଆଖି ବୁଜିଦେଲେ ।

ଦିଲ୍ଲୀର ରାଜଘାଟ ନିକଟରେ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠଠାରୁ ଅଳ୍ପ ଦୂରରେ ନେହେରୁଙ୍କ ମରଦେହକୁ ଦାହ କରାଯାଇଥିଲା । ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଦେଶ ବିଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରୁଣ୍ଡ ହୋଇଥିଲେ । ଲକ୍ଷ ଲକ୍ଷ ଭାରତବାସୀଙ୍କ ସହିତ ସେମାନେ ତାଙ୍କ ଚିତା ନିକଟରେ ଛିଡ଼ା ହୋଇଥିଲେ । ସମସ୍ତଙ୍କ କଣ୍ଠରୁ "ନେହେରୁ ଅମର ରହେ" ଧ୍ୱନି ବାହାରି ଗଗନ ପବନକୁ ଥରାଇ ଦେଉଥିଲା ।

ମଣିଷର ଦେହ ଅମର ରହିପାରେ ନାହିଁ। ଅମର ରହେ ତାର ମହତ କାର୍ଯ୍ୟ ଆଉ ତାର ଯଶ ପରମ୍ପରା। ପଞ୍ଚସ୍ତରୀ ବର୍ଷର ଜୀବନ କାଳ ମଧ୍ୟରେ ସେ ଯେତେବେଳେ ଭାରତ ପାଇଁ ଆଉ ଜଗତ ପାଇଁ ଯାହା କରି ପାରିଛନ୍ତି, ତାହା ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ। ତାଙ୍କର କୀର୍ତ୍ତି ଚିର ଅକ୍ଷୟ ହୋଇ ରହିବ।


ମୃତ୍ୟୁ ପୂର୍ବରୁ ସେ ତାଙ୍କର ଶେଷ ଇଚ୍ଛା ନିଜେ ଲେଖି ଦେଇଥିଲେ। ସେଥିରୁ ତାଙ୍କର ମହତ୍ତ୍ୱ ଆଉ ମାତୃଭୂମି ପ୍ରତି ତାଙ୍କର ମମତା ଝରିପଡ଼େ। ଅନ୍ୟ କଥା ମଧ୍ୟରେ ସେ ଲେଖିଥିଲେ, "ଭାରତର କୃଷକ ଯେଉଁ ପବିତ୍ର ମାଟିରେ ଲହୁଲୁହ ଢାଳି ଫସଲ ଫଳାଏ ଆଉ ଶହଶହ ଲୋକଙ୍କୁ ଖାଦ୍ୟ ଯୋଗାଇ ନିଜର ଜୀବିକା ଉପାର୍ଜନ କରେ, ମୋର ମୃତ୍ୟୁ ପରେ ତାହାରି ଉପରେ ମୋର ଚିତାଭସ୍ମକୁ ବିଞ୍ଚିଦେବ। ଏହା ଫଳରେ ପ୍ରିୟ ଭାରତ ଭୂଇଁରେ ମୋର ଦେହ ଭଲ ଭାବରେ ମିଶି ଯାଇ ପାରିବ।"

ସାରା ଜୀବନ ଦେଶ ସେବା କରିଥିବା ଯୋଗୁଁ ତାଙ୍କୁ ଭାରତର ଶ୍ରେଷ୍ଠ ସମ୍ମାନ "ଭାରତ ରତ୍ନ" ଉପାଧି ପ୍ରଦାନ କରାଯାଇଥିଲା। ସେ କେବଳ ଭାରତର ରତ୍ନ ନୁହନ୍ତି; ସେ ପ୍ରକୃତରେ ବିଶ୍ୱର ଏକ ଅମୂଲ୍ୟ ରତ୍ନ। ଏଇ ଯୁଗର ସେ ଥିଲେ ଏକ ଉଜ୍ଜ୍ୱଳ ଜ୍ୟୋତି।

ଏଇ ମହାପୁରୁଷଙ୍କୁ ଆଜି ଜାତି ଗଭୀର ଶ୍ରଦ୍ଧା ଓ ସମ୍ମାନ ସହିତ ସ୍ମରଣ କରୁଛି। ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ, ମାତୃଭୂମିର ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଆଜି ଆମେ ଶପଥ ନେବା ଉଚିତ।

---

୨୯୩୫, ଗୌରୀନଗର,
ଭୁବନେଶ୍ୱର-୭୫୧୦୦୨



ହୀରାକୁଦ ବନ୍ଧ

# କବି ବାଞ୍ଛାନିଧି : ଏକ ଦୃଷ୍ଟିପାତ

ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

ପ୍ରଫେସର ପଠାଣି ପଟ୍ଟନାୟକଙ୍କ ଭାଷାରେ "ତୁମେ କାହିଁକି ଲେଖ ? ଏ ପ୍ରଶ୍ନଟି ଯଦି ପଚରାଯାଏ ଆଜି ବୋଧହୁଏ ଅଧିକାଂଶ ଲେଖକଙ୍କର ଉତ୍ତର ହେବ–ଆମକୁ ଲେଖା ମାଡ଼େ ବୋଲି ଆମେ ଲେଖନୀ ଧାରଣ କରିଛୁ । କେହି ହୁଏତ କହିବେ, ଆମ ପ୍ରତିଭାର ବିକାଶ ପାଇଁ ଲେଖା ଏକମାତ୍ର ମାଧ୍ୟମ । ଅନେକ ଅବଶ୍ୟ ସାହିତ୍ୟ ସଂସାରକୁ ଧାଇଁ ଆସିଛନ୍ତି କିଛି ଯଶଃ ବା ଅର୍ଥ ଉପାର୍ଜନ କରିବା ପାଇଁ । ସମାଜର କଲ୍ୟାଣପାଇଁ କେତେଜଣ ଲେଖନୀ ଧାରଣ କରିଛନ୍ତି । କେତେଜଣଙ୍କର ସାଧୁତା ଏବଂ ଆନ୍ତରିକ ନିଷ୍ଠା ଉପରେ ବିଶ୍ୱାସ ରହିଛି ।

ସ୍ୱର୍ଗତ ବାଞ୍ଛାନିଧି ମହାନ୍ତି ଥିଲେ ଏହି କ୍ଷେତ୍ରରେ ବ୍ୟତିକ୍ରମ । ସାହିତ୍ୟ–ସାଧନା ତାଙ୍କ ପାଇଁ ଥିଲା ଏକ ପବିତ୍ର ବ୍ରତ । ଲେଖନୀ ସୃଜନା କାଳରେ ତାଙ୍କ ଆଗରେ ଥିଲା ପ୍ରିୟ ମାତୃଭୂମି ଓ ଆପଣାର ସମାଜ ।

## ଜୀବନ ପ୍ରବାହ

ବାଞ୍ଛାନିଧି ମହାନ୍ତି ୧୮୯୭ ମସିହା ଏପ୍ରିଲ ୨୦ ତାରିଖ ଶୁକ୍ରବାର ଅଧୁନା ଭଦ୍ରକ ଜିଲ୍ଲାର ବାସୁଦେବପୁର ଥାନା ଅନ୍ତର୍ଗତ 'ଇରମ' ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କର ନାମ ଚିନ୍ତାମଣି ମହାନ୍ତି ଓ ମାତାଙ୍କର ନାମ ପାର୍ବତୀ ଦେଈ । କବି ଦରିଦ୍ର ପରିବାରରେ ଜନ୍ମ ହୋଇଥିଲେ ହେଁ ସେ ଥିଲେ ଅତ୍ୟନ୍ତ ଉଚ୍ଚାଭିଳାଷୀ । କିଶୋର ଅବସ୍ଥାରେ ପଦାର୍ପଣ କରିବାପରେ ଚାଟଶାଳୀରେ ପାଠ ପଢ଼ି ଥିଲେ । ତା'ପରେ ଭଦ୍ରକ ସ୍କୁଲରେ ତାଙ୍କ ନାମ ଲେଖାଯାଇଥିଲା । ଅଧ୍ୟୟନ କରୁଥିବା ସମୟରେ ସେ ଜଣେ ସଙ୍ଗୀତପ୍ରିୟ ବନ୍ଧୁଙ୍କ ଘନିଷ୍ଠ ହୋଇ ପଡ଼ିଲେ । ତାଙ୍କର ନାମଥିଲା ବୈଷ୍ଣବ ଚରଣ ଦାସ । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବାଞ୍ଛାନିଧି ସଙ୍ଗୀତ ଶିକ୍ଷାପ୍ରତି ଅନୁରକ୍ତ ହୋଇ ପଡ଼ିଲେ । ମେଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ସେ ରେଭେନ୍ସା କଲେଜରେ ଅଧ୍ୟୟନ କରିଥିଲେ । ସେଠାରେ କୃଷ୍ଣପ୍ରସାଦ ବସୁଙ୍କ ସହିତ ତାଙ୍କର ବନ୍ଧୁତ୍ୱ ପ୍ରତିଷ୍ଠା ହୋଇଥିଲା । ସେହି ସମୟରେ ମଧ୍ୟ ସେ ଘନିଷ୍ଠ ସମ୍ପର୍କରେ ଆସିଥିଲେ ତାଳପଦା ଗ୍ରାମର ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସହ ।

୧୯୧୬ ମସିହାରେ ବାଞ୍ଛାନିଧି ବାବୁ ଯୋଗ ନିକଟବର୍ତ୍ତୀ ଅନନ୍ତପୁର ଗ୍ରାମର ଜମିଦାର ରାଧାକାନ୍ତ ଦାସ ପଟ୍ଟନାୟକଙ୍କ ଜ୍ୟେଷ୍ଠା କନ୍ୟା ହେମଲତା ଦେବୀଙ୍କ ସହ ବିବାହ କରିଥିଲେ । ବାଞ୍ଛାନିଧି ଥିଲେ ଯୌତୁକ ପ୍ରଥାର ଘୋର ବିରୋଧୀ । ସେ ରାଧାମାଧବ ଥିଏଟର ପାର୍ଟି ଇରମରେ ପ୍ରତିଷ୍ଠିତ କରିଥିଲେ । ଅଗଣିତ ଜନତାର ହୃଦୟରେ ଜାତୀୟତାର ବୀଜବପନ କରି ସ୍ୱାଧୀନତା ସଂଗ୍ରାମକୁ ସେମାନଙ୍କୁ ଆକର୍ଷିତ କରିଥିଲେ ।

ବାଞ୍ଛାନିଧି ବାବୁ ପ୍ରାୟ ୬ ମାସ ପାଇଁ ଭଦ୍ରକ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ହରେକୃଷ୍ଣ ମହତାବ ତାଙ୍କର ଜଣେ ପ୍ରିୟ ଛାତ୍ର ଥିଲେ । ତା' ପରେ ଆରମ୍ଭ ହୋଇଥିଲା ସଂଗ୍ରାମୀ ଜୀବନ । ତା' ମୂଳରେ ଥିଲା ଭାରତର ରାଜନୈତିକ ଦିଗ୍‌ବଳୟରେ ମହାତ୍ମାଗାନ୍ଧୀଙ୍କର ବିଶେଷତଃ ୧୯୧୯ ମସିହା ଏପ୍ରିଲ ୧୩ ତାରିଖ ଦିନ ପଞ୍ଜାବର ଅମୃତସରଠାରେ ଜାଲିୱାନାବାଗ ହତ୍ୟାକାଣ୍ଡ ଥିଲା ଏକ ମର୍ମନ୍ତୁଦ ଘଟଣା । ତାହା ସ୍ୱାଧୀନ ଚେତା ବାଞ୍ଛାନିଧିଙ୍କୁ ମର୍ମାହତ କରିଥିଲା । ସେଥିପାଇଁ ସେ ତାଙ୍କର ପ୍ରଥମ ବିପ୍ଳବୀ ସଂଗୀତ ରଚନା କରିଥିଲେ ।

୧୯୨୦ ମସିହାରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ । ଓଡ଼ିଶାରେ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ଗୋପବନ୍ଧୁ ଦାସ । ତାଙ୍କର ଆହ୍ୱାନ କ୍ରମେ ବାଞ୍ଛାନିଧି ବାବୁ ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରିଥିଲେ । ଗୋପବନ୍ଧୁଙ୍କ ନେତୃତ୍ୱକୁ ସ୍ୱୀକାର କରି ସେ ଲେଖିଥିଲେ :–

"ଏ ଯୁଗ ଯୋଗୀ ଗୋପବନ୍ଧୁ
ଉତ୍କଳ ଦୀନ ଜନ ବନ୍ଧୁ"

ଗୋପବନ୍ଧୁ ଦାସ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ନେତାଙ୍କୁ ନିଜ ଗ୍ରାମ 'ଇରମ'କୁ ନେଇ ସଭାସମିତି କରାଇଥିଲେ । ଫଳରେ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ସମୟରେ ଏହି ଜନ୍ମଭୂମି ହୋଇଥିଲା ଏକ ରକ୍ତତୀର୍ଥ ।

## ସଂଗ୍ରାମୀ ସାହିତ୍ୟ

୧୯୨୧ ମସିହାରେ ଗାନ୍ଧିଜୀଙ୍କର ଓଡ଼ିଶାଗସ୍ତ ସମୟରେ ଭଦ୍ରକରେ ଯେଉଁ ସଭା ହୋଇଥିଲା ତା'ର ଆୟୋଜନ କରିଥିଲେ ମୁଖ୍ୟତଃ ହରେକୃଷ୍ଣ ମହତାବ ଓ ବାଞ୍ଛାନିଧି ମହାନ୍ତି । ସେ ଗାଇଥିଲେ :–

"ମହାତ୍ମା ମୋହନ ଦାସ,
ଦ୍ୱାପର ଦ୍ୱାରକା ଦ୍ୱୀପ କୃଷ୍ଣ ଲୀଳାମୟ ହେ,
ଅଧମ ତାରଣ ହରି ଗାନ୍ଧୀ ରୂପେ ଅବତରି
ବିନାଶିବା ପାଇଁ ନିଜେ ଦୁଃଖୀ ଦୁଃଖ ଭୟ ହେ ।"

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ରକରିବା ପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ସେ ମେଦିନିପୁର, ଫୁଲଝର ଓ ସିଂହଭୂମି ଆଦି ବିଚ୍ଛିନ୍ନାଞ୍ଚଳକୁ ଯାଇ ସଭା ସମିତିମାନ କରିଥିଲେ । ସେ ଲେଖିଥିଲେ :—

"କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡ କଟା, ଗୋଡ଼କଟା ପଙ୍ଗୁକୁ ଘେନି
ମୋ ଜନନୀ କି ସୁନ୍ଦର, ସିଂହଭୂମ ତା'ର ଶିର ।"

ବାଞ୍ଛାନିଧି ମହାନ୍ତି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବାରୁ ତାଙ୍କୁ ହଜାରୀବାଗ ଜେଲରେ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା । ୧୯୨୪ ମସିହା ଜୁନମାସ ୨୬ ତାରିଖ ଦିନ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା । ସେ ଥିଲେ କନିକା ପ୍ରଜା ଆନ୍ଦୋଳନର ଜଣେ ପରମ ପୃଷ୍ଠପୋଷକ । ଉତ୍କଳ ପ୍ରାଦେଶିକ ସମ୍ମିଳନୀର ୧ମ ଅଧିବେଶନ, କଟକଠାରେ ସେ ଗାଇଥିଲେ :—

"କେତେଦିନ ଆଉ ଦୁଃଖିନୀ କନିକା ଅନୀତି ଯାତନା ସହିବ
ଦୁଃଖ ସହିବାକୁ ଦୁଃଖିନୀ ଲଲାଟେ ଲିହିଥିଲା କିବା ଦଇବ
ପଞ୍ଜାବ କାହାଣୀ ଶୁଣୁଥିଲ କାନେ
କନିକାର ଲୀଳା ଦେଖୁଛ ନୟନେ
ଶତ ଅତ୍ୟାଚାର କନିକାର ତୁଲେ ପଞ୍ଜାବ କି
ସରି ହୋଇବ ।"

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ବିଶେଷକରି ଲବଣ ସତ୍ୟାଗ୍ରହରେ ତାଙ୍କର ଅବଦାନଥିଲା ଉଲ୍ଲେଖଯୋଗ୍ୟ । ଏହି ଆନ୍ଦୋଳନରେ ସେ ନେତୃତ୍ୱ ନେଇଥିଲେ 'ଇରମ'ଠାରେ । ସେତେବେଳେ ସେ ଗାଉଥିଲେ :—

"ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ—
ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର ଲୁହର ଅପର ଚୁମ୍ବିତ
ଭାଲ ହିମାଚଳ ଗିରିବର କମ୍ପିତ—ସ୍ୱାଧୀନ ସ୍ୱାଧୀନରେ ।"

ଏହି ଲବଣ ସତ୍ୟାଗ୍ରହରେ ତାଙ୍କୁ ଗିରଫ କରି କଟକ ଜେଲକୁ ପଠାଯାଇଥିଲା । ଛଅମାସ ଜେଲ ଓ ଦୁଇଶତ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ ହୋଇଥିଲେ । ନିଖିଳ ଉତ୍କଳନେତା ସମ୍ମିଳନୀ, କଟକ ଅଧିବେଶନ ଉପଲକ୍ଷେ ସେ ଗାଇଥିଲେ :—

"କହ କେଉଁ ଜାତି ପାଇଛି ମୁକତି
କରି ହାରି ଝୁରି ଗୁହାରୀ
କହ ପାଇଛିକେ ସୁଖ ଲିଭାଇଛି ଦୁଃଖ
ମାଗି ମାଗି ପଥ ଭିଖାରୀ ।"

## ଜାତିପ୍ରେମ ବହ୍ନି

ସ୍ୱର୍ଗତ କବି ବାଞ୍ଛାନିଧି କେବଳ କବିତା ରଚନା କରି ନ ଥିଲେ—ସେ ସ୍ୱରଚିତ ଉଚ୍ଚ ଜାତୀୟବାଦୀ କବିତାଗୁଡ଼ିକୁ ଆବୃତ୍ତି କରି ଶ୍ରୋତାମାନଙ୍କ ଅନ୍ତରରେ ଆଗ୍ନେୟଗିରିର ଭୀଷଣ ଉଦ୍ରେକ ଘଟାଇଥିଲେ । କବି ଯେ କେବଳ କଳ୍ପନା ବିଳାସୀ ନୁହନ୍ତି, ଜାତି ସଙ୍ଗଠନରେ କବିଙ୍କର କୃତି ଯେ ଏକ ଶକ୍ତିଶାଳୀ ଅସ୍ତ୍ର । ସମାଜପ୍ରତି ଚେତନା ଯେ କବିଙ୍କର ବଳିଷ୍ଠ ବ୍ୟକ୍ତିତ୍ୱର ପରିଚାୟକ : ଏହା ଅନ୍ୟ ଅନେକ ବଳିଷ୍ଠ କବିଙ୍କ ପରି ବାଞ୍ଛାନିଧିଙ୍କ କବିତାବଳୀରୁ ମଧ୍ୟ ପ୍ରତିପନ୍ନ ହୁଏ ।

୧୯୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ତାହା ପୂର୍ବରୁ ଓଡ଼ିଆଭାଷା ଭାଷୀମାନେ ବିଭିନ୍ନ ଦେଶରେ ବିକ୍ଷିପ୍ତ ହୋଇ ରହିଥିଲେ । ସେତେବେଳେ ଜାତୀୟବାଦୀ ଓଡ଼ିଆ ନେତାମାନେ ଓଡ଼ିଶାର ଏକୀକରଣ ପାଇଁ ପ୍ରବଳ ଉଦ୍ୟମ କରିଥିଲେ । ଓଡ଼ିଆ କବିମାନଙ୍କର ରଚନା ସେତେବେଳେ ପଥ ଖଣ୍ଡିତ ଓଡ଼ିଆ ପ୍ରାଣରେ ନବଜାଗରଣ ଆଣିଦେଇଥିଲା । ବାଞ୍ଛାନିଧିଙ୍କର ଅନେକ କବିତା ସେତେବେଳେ ଏହି ଲକ୍ଷ୍ୟ ସାଧନରେ ବିଶେଷ ସହାୟକ ହୋଇପାରିଥିଲା । ସେ ଗାଇଥିଲେ :—

"କି ହେବ ସେ ସ୍ୱରାଜ ଘେନି
ଯେବେ ମୋର ନ ପୂରେ ପେଟ
ଖଟି ଖଟି ମଲେଣି ମୂଲିଆ ଚାଷୀ
ଚଷି ଦାନା ବନା ନିଅଣ୍ଟ ।"

XXX XXX XXX

"ଇଣ୍ଡିଆନ ବ୍ୟୁରୋକ୍ରେସିକୁ
ଇଣ୍ଡିଆନ ମୋର ଜୁହାର
ଇଣ୍ଡିଆନ ଶୁଣହେ ଆସି
କି ଘନ ଗୁଣ କାହାର ।"

ବାଲେଶ୍ୱର ଜିଲ୍ଲା ସମ୍ମିଳନୀ, ୩ୟ ଅଧିବେଶନ ଜଳେଶ୍ୱରରେ ସେ ଗାଇଥିଲେ :—

"ଅଛୁଆଁଦୋଷ ମହାପାପକୁ ଉଠାଅ ଭାଇ
ଅଛୁଆଁ ଛୁଆଁ ଜାତି ପ୍ରମାଣ କାହିଁରେ ନାହିଁ ।"

ସ୍ୱର୍ଗତ କବି ବାଞ୍ଛାନିଧି ମହାନ୍ତିଙ୍କ ଉତ୍କଳବନ୍ଦନା ଅତୀବ ହୃଦୟସ୍ପର୍ଶୀ । ସେ ଲେଖିଛନ୍ତି :—

"ହେ ମା ଉତ୍କଳ ଜନ୍ମମା ବନ୍ଦେ
ବନ୍ଦେ ଜନନୀ ଗୋ ପଦାରବିନ୍ଦେ
ଗିରିବର—ମଣ୍ଡିତ—ରୁଚିର ଶରୀରା
ତାଳ—ତମାଳ—ସୁଶୋଭିତ —ତୀରା
କଳ କଳ—ନାଦ—ନିନାଦିନୀ— ତଟିନୀ
ପୂତ—ସଳିଳା ମା ଗୋ ପ୍ରବାହିତ ମନ୍ଦେ ।"

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉତ୍କଳପ୍ରାଣତା ସହିତ ବାଞ୍ଛାନିଧିଙ୍କର ସାମଞ୍ଜସ୍ୟ ରହିଛି । କାନ୍ତକବିଙ୍କ ଭାଷାରେ :—

"ତୋର ଶ୍ରୀଚରଣ ଧୂଳି ଅଙ୍ଗେଅଙ୍ଗେ ହେବି ବୋଳି
ଅନ୍ତିମେ ତୋ ପଦପ୍ରାନ୍ତେ ଲୋଟାଇବି ମଥା,

ଜୀବ ଯିବ କହୁଁ କହୁଁ ତୋର ଗୁଣ କଥା
ତୋର ସେବା ହେବ ମୋର ସ୍ୱର୍ଗର ସରଣୀ,
ତୀର୍ଥମୟୀ ମା' ମୋର ଉତ୍କଳ ଜନନୀ ।"

ବାଞ୍ଛାନିଧି ମହାନ୍ତି ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖ ଦିନ ପୁରୀ ଜିଲ୍ଲାର ଡେଲାଙ୍ଗଠାରେ ଗାନ୍ଧୀ ସେବା ସଂଘର ଏକ **ଅଧିବେଶନରେ** ଯୋଗ ଦେଇଥିଲେ । ସେଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହାଥିଲା ସ୍ୱାଧୀନତା ସଂଗ୍ରାମରେ ତାଙ୍କର ପ୍ରତ୍ୟକ୍ଷ ଭୂମିକା । ସେଠାରେ ତାଙ୍କ ଦେହରେ କଳାବସନ୍ତ ଫୁଟି ଉଠିଲା । ଶେଷରେ ୧୯୩୮ ମସିହା ଏପ୍ରିଲ ୧୯ ତାରିଖ ଦିନ ଜଣେ ସାରସ୍ୱତ ସାଧକ, ବରପୁତ୍ର, ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ନାଟିକାରେ ଯବନିକା ପଡ଼ିଥିଲା ।

ବାଞ୍ଛାନିଧି ଏକ ପକ୍ଷରେ ଯେପରି ଉତ୍କଳପ୍ରେମୀ, ଅନ୍ୟପକ୍ଷରେ ସେହିପରି ଭାରତ ପ୍ରେମୀ ଥିଲେ । ଉତ୍କଳମଣି ଗୋପବନ୍ଧୁଙ୍କ ପରି ବାଞ୍ଛାନିଧି ମଧ୍ୟ ପରମ ଉଦାରତାରେ ଉତ୍କଳ ତଥା ଭାରତର ସମୁନ୍ନତି ଏକ ତାନରେ କାମନା କରୁଥିଲେ । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନଠାରୁ ୧୯୩୦ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ପର୍ଯ୍ୟନ୍ତ ବିଭିନ୍ନ ଜାତୀୟ ପ୍ରତିକ୍ରିୟା ସମ୍ପର୍କରେ ବାଞ୍ଛାନିଧିଙ୍କ ସମସ୍ତ କବିତା, ଓଡ଼ିଆ ଜାତୀୟବାଦୀ ସାହିତ୍ୟର ବିଶିଷ୍ଟ ସମ୍ପଦ ରୂପେ ଗଣନା କରାଯାଇପାରେ ।

ବାଞ୍ଛାନିଧି ବାବୁ ପିଲାଦିନରୁ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇଥିଲେ । ଦାରିଦ୍ର୍ୟର ହୀନମନ୍ୟତା ତାଙ୍କୁ ସ୍ପର୍ଶ କରିନଥିଲା । ନିଆଁରେ ଯେତେ ଘିଅ ଢାଳ, ତାହା ପ୍ରଶମିତ ନହୋଇ ଅଧିକ ହୁ ହୁ ଜଳି ଉଠୁଥିବା ପରି ଆତ୍ମତୁଷ୍ଟ ନଥିବା ବ୍ୟକ୍ତି ସର୍ବଦା ଦାରିଦ୍ର୍ୟର କଷାଘାତ ପ୍ରାପ୍ତ ହୋଇଥାଏ । ସନ୍ଥ କବି କବୀରଙ୍କ କବିତାରେ :—

"ମେରା ମନ, ସକଲ ସୁଖୌପର ଧାୱେ
ବଢାଇ ସୁଖ ହାଥନ୍ ଆୱେ ।"

ନଜରୁଲଙ୍କ ଭାଷାରେ :—

"ହେ ଦାରିଦ୍ର୍ୟ ତୁମେ ମୋତେ କରିଛ ମହାନ୍
ତୁମେ ମୋତେ କରିଅଛ ଖ୍ରୀଷ୍ଟର ସମାନ
କଣ୍ଟକ-ମୁକୁଟ ଶୋଭା ଦେଇଛ ତାପସ
ଅସଂକୋଚ ପ୍ରକାଶର ଦୁରନ୍ତ ସାହସ ।"

## ମାନବବାଦୀ ଜିଜ୍ଞାସା

ଆର୍ଥିକ ଉନ୍ନତି ଅପେକ୍ଷା ଜ୍ଞାନର ଉନ୍ନତି ତଥା ସମାଜର ଉନ୍ନତିକୁ ବାଞ୍ଛାନିଧି ବାବୁ ଶ୍ରେୟସ୍କର ମଣୁଥିଲେ । ଧନ ଅପେକ୍ଷା ସୌଜନ୍ୟ ଓ ସାଧୁତାକୁ ଉଚ୍ଚ ଦୃଷ୍ଟିରେ ଦେଖୁଥିଲେ । ଆର୍ଥିକ ଅସ୍ୱଚ୍ଛଳତା ଅନୁଭବ କରୁଥିଲେ ସୁଦ୍ଧା ତାହା ତାଙ୍କର ମାନସିକ ଭାବୋଚ୍ଛ୍ୱାସର ସୀମାକୁ ସ୍ପର୍ଶ କରିପାରୁନଥିଲା । ସେ ସୃଜନଶୀଳତାର ସେଇ ଅଦ୍ଭୁତ ସ୍ପର୍ଶ ଲାଭ କରିଛନ୍ତି । କାନପାତି ଶୁଣୁଛନ୍ତି ସେଇ ଅନାହତ ରାଗିଣୀକୁ । ତାଙ୍କ ଶିଳ୍ପୀମାନସ ଅପୂର୍ବ ଛନ୍ଦରେ ନର୍ତ୍ତନ କରିଛି । ପାର୍ଥିବ ଜୀବନ ବୃତ୍ତର ପରିଧିକୁ ଡେଇଁ ସେ ସମ୍ପ୍ରସାରିତ ହୋଇଛନ୍ତି ଦିଗ୍‌ବଳୟର ଧୂଳିଧାରଯାଏ । ବାଞ୍ଛାନିଧି ବାବୁଙ୍କ ବହୁ କବିତା ମଧ୍ୟରେ ଫୁଟି ଉଠିଛି ଏଇ ବିସ୍ତାରିତ ହେବାର ଅନୁଚ୍ଚାରିତ ଉଚ୍ଚାରଣ । ଜୀବନର ସମସ୍ତ ବିସ୍ୱାଦକର, ବିଷାଦ ଜର୍ଜର ଯନ୍ତ୍ରଣାପୂର୍ଣ୍ଣ, ଅନ୍ଧକାରମୟ ଦୁଃସ୍ଥିତିର ବକ୍ଷଚିରି ତାଙ୍କ କବିପ୍ରାଣ ଊର୍ଦ୍ଧ୍ୱମୁଖୀ ହୋଇ ସତ୍ୟର ସନ୍ଧାନ କରିଛି । ସେ ଆଲୋକମୟ ଦିଗନ୍ତ ପ୍ରତି ଇଙ୍ଗିତ କରିଛି ।

କବି ବାଞ୍ଛାନିଧି ମହାନ୍ତିଙ୍କ ଆସାରୁ ବିଶ୍ୱାସର ମନ୍ତ୍ରପାଠ ଉଚ୍ଚାରିତ ହୋଇଛି । ଅନ୍ଧାରର କବରୀତଳୁ ଶତାବ୍ଦୀର ସୂର୍ଯ୍ୟୋଦୟକୁ ଅବଗାହନ କରିଛନ୍ତି କବି । ଗଭୀର ବେଦନାବୋଧ ହୁଏତ କବିର ଅନ୍ତର୍ଦାହକୁ ଶାଣିତ କରିଛି । ତାଙ୍କ ଭାଷାକୁ କରିଛି ସ୍ପଷ୍ଟ ଓ ଆନ୍ତରିକ । ଅଭିବ୍ୟକ୍ତିରେ ଟିକେ ଆଦୌ କ୍ଲିଷ୍ଟତା କିମ୍ବା କପଟତା ପରିଲକ୍ଷିତ ହୁଏନାହିଁ । କେଉଁ ନିଭୃତ ଗିରି କନ୍ଦରରୁ ପାଷାଣର ବକ୍ଷଭେଦି ଝରି ଆସିଥିବା ପ୍ରବାହଧର୍ମୀ ଝରଣାଟିପରି, ସେଇ ଉଚ୍ଛ୍ୱସିତା କବିତାଗୁଚ୍ଛ କବି ପ୍ରାଣରୁ ଝରିଆସି ସ୍ୱରଧ୍ୱନି ସ୍ୱର୍ଗ ଗଙ୍ଗାରେ ରୂପାନ୍ତରିତ ହୋଇଛି ।

ତାଙ୍କ କବିତାଗୁଡ଼ିକରେ ଜୀବନ ଜିଜ୍ଞାସାର ଅଜସ୍ର ପ୍ରଶ୍ନବାଚୀ ଏକ ଅବୁଝା କିଆରି ପରି ଥମ ଥମ ହେଉଥାଏ । ବଞ୍ଚିବାର ଚମତ୍କାର କଳାଟି ବୋଧହୁଏ କବିପ୍ରାଣର ନିଜସ୍ୱ ଆବିଷ୍କାର । ସାମାଜିକ ଅଙ୍ଗୀକାର ତାଙ୍କ ସୃଷ୍ଟି ସ୍ୱାକ୍ଷରର ଅନ୍ୟତମ ପରିଭାଷା । କବିଙ୍କର ଦରଦୀ ସମ୍ବେଦନଶୀଳ ହୃଦୟ ସମାଜର ଛୋଟ ବଡ଼ ସମସ୍ୟାପ୍ରତି ଆକର୍ଷିତ ହୋଇଛି ।

କବିତାଗୁଡ଼ିକର ଭାଷା ପ୍ରବାହଧର୍ମୀ । ସ୍ୱଚ୍ଛଳ, ଛନ୍ଦ ଛନ୍ଦମୟ ଓ ଭାବ ଅଭିବ୍ୟକ୍ତିରେ ଅନ୍ତରାୟ ହୋଇନାହିଁ । ଶବ୍ଦାବଳୀର ଅପୂର୍ବ ସଂଯୋଜନା ଯୋଗୁ ଶିଳ୍ପ ନୈପୁଣ୍ୟରେ ଅପୂର୍ବ କଳାପାଟବ ପରିଲକ୍ଷିତ ହୁଏ । ଉଚ୍ଛ୍ୱାସମୟ ତାଙ୍କ ସୃଜନସତ୍ତା । କବିତାଗୁଡ଼ିକର ବହିଃରଙ୍ଗ ଯେପରି ଚମତ୍କାର, ତା'ର ଅନ୍ତଃରଙ୍ଗ ମଧ୍ୟ ସେହିପରି ମନନଧର୍ମୀ । ଶବ୍ଦ ସଂଯୋଜନାରେ ଅପୂର୍ବ ନିଚ୍ଛକ ବାସ୍ତବତାର ପରିଚୟ ମିଳିଥାଏ ।


ବାଞ୍ଛାନିଧି ମହାନ୍ତିଙ୍କ କବିତା କବି ପ୍ରାଣର ପ୍ରୀତି କଲ୍ଲୋଳ । ତାଙ୍କ ତପସ୍ୟାର ସିଦ୍ଧି । ତାଙ୍କ ମାନବିକ ସମ୍ବେଦନଶୀଳତାର ପୁଷ୍ପଗୁଚ୍ଛ । ତାଙ୍କ ଅନ୍ତରର କାବ୍ୟିକ ପରିଭାଷା, ତାଙ୍କ ବିଶ୍ୱସନୀୟତାର ମାର୍ମିକ ଅଭିବ୍ୟକ୍ତି, ତାଙ୍କ ମାନବିକ ଆବେଦନର ପ୍ରମୂର୍ତ୍ତ ପ୍ରତୀକ, ଯାହାର ବ୍ୟାପ୍ତି ଆକାଶଭଳି ପ୍ରଶସ୍ତ, ଯାହାର ଗଭୀରତା ସାଗର ଭଳି ଗଭୀର, ଯାହାର ଅନ୍ତରଙ୍ଗତା ମାଟି ମା ପରି ମହ ମହ ବାସ୍ନା ପ୍ରାଣକୁ ପୁଲକିତ କରେ : ଆମୋଦିତ କରେ ।

ଯେ କୌଣସି ଶକ୍ତିଶାଳୀ କବି ନିଜ ଦେଶ ଓ ଜାତିକୁ ଭଲପାଏ ଗଭୀର ଭାବରେ । ନିଜର ଜନ୍ମଭୂମିପ୍ରତି, ଆପଣାର ଭୂମିରେ ବଞ୍ଚୁଥିବା ମଣିଷମାନଙ୍କ ସୁଖ ଦୁଃଖ ପ୍ରତି ଯେଉଁ କବିର ଅନ୍ତର ସହାନୁଭୂତିଶୀଳ ନୁହେଁ, ସେଇ କବିକୁ ମର୍ତ୍ତ୍ୟ ମଣିଷର ମର୍ଯ୍ୟାଦା ଦେବାକୁ କୁଣ୍ଠାବୋଧ ହୁଏ । ଯେଉଁ କବିର ହୃଦୟରେ ସ୍ୱତଃସ୍ଫୂର୍ତ୍ତ

ଆବେଗ ଜାତହୁଏ ସେ କବି ପାଠକର ପ୍ରାଣକୁ ଉଦାର ଓ ମହତ୍ କରି ଗଢ଼ିବାରେ ସଫଳ ହୁଏ। ନିଜ ଦେଶକୁ ହୃଦୟ ଦେଇ ଭଲପାଇ ପାରୁଥିବା କବି ସମଗ୍ର ମଣିଷ ସମାଜକୁ ମଧ୍ୟ ଭଲପାଇ ପାରନ୍ତି। ପ୍ରାଦେଶିକ ଓ ରାଷ୍ଟ୍ର ପ୍ରେମ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ପରିଲକ୍ଷିତ ହୁଏନାହିଁ ତାଙ୍କ ଅନ୍ତରରେ। ସେହି ଦୃଷ୍ଟିରୁ ବିଚାର କରାଗଲେ ବାଞ୍ଛାନିଧି ମହାନ୍ତି ନିଜର ଅନ୍ତର୍ଦୃଷ୍ଟି ବଳରେ ଦେଶର ଆତ୍ମାକୁ ଉପଲବ୍ଧି କରିପାରିଥିଲେ। ଭାରତର ମାନବ ସମାଜ ପ୍ରତି ସେହିପରି ଏକାତ୍ମତା ଅନୁଭବ କରି ପାରିଥିଲେ। ସ୍ନେହ, ଶ୍ରଦ୍ଧା, ପ୍ରେମ, କରୁଣା, ସ୍ୱଦେଶପ୍ରେମ ଓ ମାନବିକତାର ଚିତ୍ର ତାଙ୍କ କବିତାରେ ଦେଖିବାକୁ ମିଳେ। ତାଙ୍କ କବିତାରେ ଜୀବନର ସତ୍ୟ, ବାସ୍ତବତାକୁ ରୂପଦେବାରେ ସେ ଅତ୍ୟନ୍ତ ସଫଳ। ସ୍ୱଦେଶ ଓ ସ୍ୱଜାତି ପ୍ରତି ବାଞ୍ଛାନିଧି ବାବୁଙ୍କ କାବ୍ୟ ସାଧନା ଯେପରି ସାର୍ଥକ ଓ ରସୋତ୍ତୀର୍ଣ୍ଣ, ମାନବ ସମାଜ କଲ୍ୟାଣ ଚିନ୍ତାରେ ତାଙ୍କର ସାଧନା ସେହିପରି ମହୀମାଦୀପ୍ତ ଓ ହୃଦୟସ୍ପର୍ଶୀ।

---

ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ,
ସୁନ୍ଦବାଲି କଲେଜ, ଡି : ଉତ୍କଳ-୨୬୨୦୩୩



ଐତିହାସିକ ବାରବାଟୀ ଦୁର୍ଗ

# ଶହୀଦ ଜୟୀ ରାଜଗୁରୁ

ଶ୍ରୀ ଦେବାଶିଷ ପଟ୍ଟନାୟକ

ଭାରତମାତାକୁ ଇଂରେଜ ଶାସକ କବଳରୁ ମୁକ୍ତି ଦେବାପାଇଁ ଲଢ଼େଇ କରି ଓଡ଼ିଶାର ଯେଉଁ କେତେ ଜଣ ବ୍ୟକ୍ତି ସେମାନଙ୍କର ଜୀବନବଳୀ ଦେଇଛନ୍ତି ସେମାନଙ୍କ ମଧ୍ୟରୁ ଶହୀଦ୍ ଜୟୀ ରାଜଗୁରୁଙ୍କ ନାମ ଚିରସ୍ମରଣୀୟ। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ନିଷ୍ଠାପରରାଜଭକ୍ତିର ପଟାନ୍ତର ନାହିଁ। ଏହି ମହାନ୍ ବିପ୍ଳବୀ ଶହୀଦ୍‌ଙ୍କର ପୁରାନାମ ହେଉଛି ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ପୁରୀ ଗଜପତିଙ୍କର ରାଜଗୁରୁ ବୃନ୍ଦ ରାଜଗୁରୁଙ୍କ ଔରସ ଏବଂ ମାତା ହାରାମଣି ଦେବୀଙ୍କର ଗର୍ଭରୁ ୧୭୩୯ ଖ୍ରୀଷ୍ଟାବ୍ଦ କାର୍ତ୍ତିକ ମାସ ଶୁକ୍ଲପକ୍ଷ ନବମୀ ତିଥିରେ ଜନ୍ମଗ୍ରହଣ କରିଥିଲେ।

ଜୟୀ ରାଜଗୁରୁ ବାଲ୍ୟକାଳରେ ସଂସ୍କୃତ, ବେଦ, ବେଦାନ୍ତ, ଗଣିତ ଆଦି ଶାସ୍ତ୍ର ଅଧ୍ୟୟନ କରି ଜଣେ ବିଶିଷ୍ଟ ପଣ୍ଡିତ ଭାବରେ ନିଜକୁ ପରିଗଣିତ କରିପାରିଥିଲେ। ବାଲ୍ୟାବସ୍ଥା ପରେ ବଂଶପରମ୍ପରା ତଥା କୌଳିକ ପ୍ରଥା କ୍ରମେ ଦିବ୍ୟସିଂହ ଦେବଙ୍କ ରାଜ ସଭାରେ ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର ପ୍ରତିଭାରେ ଆକୃଷ୍ଟ ହୋଇ ଯୁବକ ଜୟକୃଷ୍ଣଙ୍କୁ ଆପଣାର କରିବା ପାଇଁ ବହୁ ସାମନ୍ତରାଜା ଇଚ୍ଛା ପ୍ରକାଶ କରୁଥିଲେ। ତତ୍କାଳୀନ ଆଠଗଡ଼ର ରାଜା ଧନଞ୍ଜୟ ହରିଚନ୍ଦନ ଜଗଦେବ ଜୟକୃଷ୍ଣଙ୍କୁ ବହୁବାର ତାଙ୍କ ରାଜସଭାକୁ ନେବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ମାତ୍ର ଦିବ୍ୟସିଂହ ଦେବଙ୍କ ରାଜସଭାରେ ମନ୍ତ୍ରୀପଦ ଦାୟିତ୍ୱ ନେବାଠାରୁ ସେ ରାଜ୍ୟର ସର୍ବବିଧ ମଙ୍ଗଳ ତଥା ରାଜାଙ୍କର ଏକାନ୍ତ ଅନୁଗତ ହୋଇ ରହିବାରେ ବ୍ରତୀ ହୋଇଥିଲେ। ସେ ଓଡ଼ିଶାରେ ଉତ୍କଳ ରାଜବଂଶର ପ୍ରତିଷ୍ଠା ବଢ଼ାଇବା ପାଇଁ ଉଦ୍ୟମ କରି ବଣାଇଗଡ଼କୁ ସୁଦୃଢ଼ କରିବାକୁ ଲାଗିଲେ। ତତ୍ପରେ, ସେ ସେହିଠାରେ ବସବାସ କରି ଖୋର୍ଦ୍ଧା ଅଞ୍ଚଳରେ ପାଇକ ଜାଗରଣ ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ କଲେ। ଏପରିକି, ପାଇକମାନଙ୍କର ଜାଗରଣ ନିମନ୍ତେ ସମସ୍ତ ପାଇକ ଗ୍ରାମଗୁଡ଼ିକୁ ପାଦରେ ବୁଲିବୁଲି ଯାଇ ପାଇକମାନଙ୍କୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ କରି ରଖାଇଥିଲେ। ଜୟୀ ରାଜଗୁରୁ ପାଇକମାନଙ୍କ ମଧ୍ୟରେ ଯେଉଁ ଦେଶପ୍ରେମର ଭାବନା ସୃଷ୍ଟି କରି ଇଂରେଜମାନଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଯୁଦ୍ଧ ପାଇଁ ସେମାନଙ୍କୁ ମତାଇ ରଖିଥିଲେ, ସେଥିରୁ ତାଙ୍କର ଅସାଧାରଣ ଦୂରଦୃଷ୍ଟିର ପରିଚୟ ମିଳେ। ଭବିଷ୍ୟତରେ ଇଂରେଜମାନଙ୍କ ବିପକ୍ଷରେ ବିଦ୍ରୋହ ସଂଗଠିତ ହେବା ନିଶ୍ଚିତ ଜାଣି ଜୟୀ ରାଜଗୁରୁ କେବଳ ଯେ ଖୋର୍ଦ୍ଧାର ପାଇକମାନଙ୍କୁ ଜାଗ୍ରତ ରଖାଇଥିଲେ ତାହା ନୁହେଁ, ସେ ଅନ୍ୟାନ୍ୟ କେତେକ କରଦ ରାଜ୍ୟକୁ ଗୁପ୍ତ ଭାବରେ ଯାଇ ସେମାନଙ୍କୁ ମଧ୍ୟ ଖୋର୍ଦ୍ଧା ରାଜାଙ୍କ ସହିତ ଦରକାର ବେଳେ ସହଯୋଗ କରିବା ପାଇଁ ମତାଇ ରଖିଥିଲେ। ସେହି ସବୁ କରଦ ରାଜ୍ୟ ମଧ୍ୟରୁ ଘୋଡ଼ଙ୍ଗର ବନ୍ଧି ଦିଗପାର ଭୂୟାଁ, କାଳିସୁନ୍ଦର ପ୍ରଭୃତିଙ୍କ ବ୍ୟତୀତ କନିକା ତଥା କୁଜଙ୍ଗର ରାଜାମାନେ ମଧ୍ୟ ଜୟୀ ରାଜଗୁରୁଙ୍କୁ ସମସ୍ତ କ୍ଷେତ୍ରରେ ସହଯୋଗ କରିବେ ବୋଲି ସମ୍ମତି ପ୍ରଦାନ କରିଥିଲେ।

ଏହିପରି କିଛି ବର୍ଷ ପରେ ଇଂରେଜମାନେ ଯେତେବେଳେ ଉପଲବ୍ଧି କଲେ ଯେ, ମରହଟ୍ଟା କବଳିତ ଦକ୍ଷିଣପଟକୁ ଇଂରେଜ ଅକ୍ତିଆରରେ ଆଣିବା ପାଇଁ ହେଲେ ଖୋର୍ଦ୍ଧାଗଡ଼ ମଧ୍ୟ ଦେଇ ସେମାନଙ୍କୁ ଅତିକ୍ରମ କରିବା ପାଇଁ ପଡ଼ିବ ଏବଂ ପ୍ରଥମେ ଖୋର୍ଦ୍ଧାକୁ ଇଂରେଜ ଅକ୍ତିଆର କରିବାକୁ ପଡ଼ିବ କିନ୍ତୁ ଖୋର୍ଦ୍ଧାର ଦୁର୍ଦ୍ଧର୍ଷ ପାଇକମାନଙ୍କ ମଧ୍ୟଦେଇ ଅତିକ୍ରମ କରିବା ଅଧିକ କଷ୍ଟସାଧ୍ୟ। ସେଠାରେ ସେମାନେ କୁଟନୀତିର ଆଶ୍ରୟ ନେଇ ଖୋର୍ଦ୍ଧା ରାଜାଙ୍କ ପାଖକୁ ଏକ ଲୋଭନୀୟ ପ୍ରସ୍ତାବ ପଠାଇଲେ। ସେତେବେଳକୁ ଖୋର୍ଦ୍ଧାର ରାଜା ବୀରକିଶୋର ଦେବଙ୍କ ଦେହାନ୍ତ ହୋଇଯାଇଥାଏ। ସିଂହାସନରେ ଥାଆନ୍ତି ତାଙ୍କର ପୁତ୍ର ଦ୍ୱିତୀୟ ମୁକୁନ୍ଦଦେବ କିନ୍ତୁ ସେ ଥାଆନ୍ତି ନାବାଳକ। ଇଂରେଜ ଶାସକ ପ୍ରସ୍ତାବ ଦେଲେ ଯେ ପୂର୍ବରୁ ଖୋର୍ଦ୍ଧାର ନିଜସ୍ୱ ଅକ୍ତିଆରରେ ଥିବା ୪ଟି ପ୍ରଗଣା ଯଥା : ରାହଙ୍ଗ, ସରାଇ, ଚବିଶକୁଦ ଏବଂ ଲୁମ୍ବାଇ ଯାହାକି ମରହଟ୍ଟାମାନେ ଖୋର୍ଦ୍ଧା ରାଜାଙ୍କ ପାଖରୁ ଛଡ଼ାଇ ନେଇଥିଲେ, ଯଦି ଖୋର୍ଦ୍ଧା ରାଜା ତାଙ୍କୁ ମରହଟ୍ଟାମାନଙ୍କ ବିପକ୍ଷରେ ସାହାଯ୍ୟ କରନ୍ତି ତେବେ ସେ ୪ଟି ପ୍ରଗଣା ସହିତ ଖୋର୍ଦ୍ଧା ରାଜାଙ୍କୁ ୧ ଲକ୍ଷ ମୁଦ୍ରା ପୁରସ୍କାର ଆକାରରେ ଦେବେ। ତଦନୁଯାୟୀ ୧୦,୦୦୦ ମୁଦ୍ରା ମଧ୍ୟ ଅଗ୍ରୀମ ଆକାରରେ ପ୍ରସ୍ତାବ ସହିତ ପଠାଇଲେ। ଖୋର୍ଦ୍ଧାର ନାବାଳକ ରାଜା ମୁକୁନ୍ଦଦେବ ଭବିଷ୍ୟତ ଚିନ୍ତା କରି ତଥା ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁଙ୍କ ଚେତାବନୀକୁ କର୍ଣ୍ଣପାତ ନକରି ଇଂରେଜମାନଙ୍କ ପ୍ରସ୍ତାବକୁ ଗ୍ରହଣ କରିନେଲେ। ଇଂରେଜମାନେ ସେମାନଙ୍କ କୁଟନୀତି ଦ୍ୱାରା ବିଜୟଲାଭ କଲେ। କିନ୍ତୁ ପ୍ରତିଶ୍ରୁତି ଅନୁଯାୟୀ ୪ଟି ପ୍ରଗଣା ଦେବା ପାଇଁ କୁଣ୍ଠା ପ୍ରକାଶ କରି କେବଳ ଟଙ୍କା ଦେବା ପାଇଁ କହିଲେ। ଇତି ମଧ୍ୟରେ ଇଂରେଜମାନେ ମରହଟ୍ଟା କବଳିତ ରାଜ୍ୟ ଅକ୍ତିଆର କରି ବେଶ୍ ସମୃଦ୍ଧ ତଥା ବଳଶାଳୀ ହୋଇ ଯାଇଥାନ୍ତି। ସେମାନଙ୍କର ଦାୟିତ୍ୱରେ ଥିବା ଅଧିକାରୀ କର୍ଣ୍ଣେଲ ହାରକୋର୍ଟ ଦେଖିଲେ ଯଦି

କୌଣସିମତେ ଖୋର୍ଦ୍ଧା ରାଜାଙ୍କୁ ନିଜ ଅକ୍ତିଆରରେ ଆଣି ପାରିବେ, ତେବେ ତା' ସହିତ ଅନ୍ୟ ବହୁତ ଗଡ଼ଜାତ କରଦ ରାଜ୍ୟ ମଧ୍ୟ ଆସି ପାରିବ । ଯଦି ଇଂରେଜମାନଙ୍କ ପକ୍ଷରୁ ପ୍ରଥମ ଆକ୍ରମଣ କରାଯାଏ ତେବେ ସମସ୍ତ କରଦ ରାଜ୍ୟ ଖୋର୍ଦ୍ଧା ରାଜାଙ୍କ ସହିତ ମିଶି ତାଙ୍କୁ ପ୍ରତିରୋଧ କରିବେ । ଇଂରେଜମାନଙ୍କର ଏ ବିଶ୍ୱାସଘାତକତାକୁ ଦେଖି ନାବାଳକ ରାଜାଙ୍କର ବୁଦ୍ଧି ଉଦସ୍ତ ହେଲା ଏବଂ ସେ ସେଠାରେ ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁଙ୍କ ପରାମର୍ଶ ମାଗିଲେ । ଜୟୀ ରାଜଗୁରୁ ରାଜାଙ୍କୁ କହିଲେ, ଯାହା ହେବ ଦେଖା ଯିବ, ଆପଣ ଇଂରେଜମାନଙ୍କ ବିପକ୍ଷରେ ଦରକାର ହେଲେ ଯୁଦ୍ଧ ଘୋଷଣା କରନ୍ତୁ ।

ଜୟୀ ରାଜଗୁରୁଙ୍କ ପରାମର୍ଶକ୍ରମେ ରାଜା ମୁକୁନ୍ଦଦେବ ଇଂରେଜମାନଙ୍କ ଆଦେଶ ସବୁକୁ ଗୋଟିକ ପରେ ଗୋଟିଏ ଅବମାନନା କରି ଚାଲିଲେ ଏବଂ ମରହଟ୍ଟାମାନଙ୍କ ସହିତ ସୁସମ୍ପର୍କ ରଖି ଇଂରେଜମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଗୁପ୍ତରେ ପ୍ରସ୍ତୁତ ହୋଇ ରହିଲେ । ଅନ୍ୟ ପଟେ ଇଂରେଜମାନଙ୍କ ପାଖରେ ଖବର ଦେଉଥାନ୍ତି କେତେକ ଦେଶଦ୍ରୋହୀ ବିଶ୍ୱାସଘାତକ । ସେମାନଙ୍କଠାରୁ କର୍ଣ୍ଣେଲ ହାରକୋର୍ଟ ବୁଝିପାରିଥାନ୍ତି ଯେ ଏସବୁର ମୂଳ ହେଉଛନ୍ତି ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁ, ରାଜା ମୁକୁନ୍ଦଦେବ ନିମିତ୍ତ ମାତ୍ର । ଇଂରେଜ ଶକ୍ତି ଜୟୀ ରାଜଗୁରୁଙ୍କୁ ଧରିବା ପାଇଁ ଯେତେ କଳକୌଶଳ କଲେ ମଧ୍ୟ ଜୟୀ ରାଜଗୁରୁଙ୍କ ଟେର୍ ପାଉନଥାନ୍ତି । ଏହିପରି ଭାବେ କିଛି ଦିନ ଅନ୍ତେ ଖୋର୍ଦ୍ଧାର ପାଇକମାନେ ପ୍ରଥମେ ୧୮୦୪ ମସିହା ଅକ୍ଟୋବର ମାସରେ ପିପିଲି ନିକଟବର୍ତ୍ତୀ ଇଂରେଜ ଶାସନାଧୀନ କେତେକ ଅଞ୍ଚଳ ଉପରେ ଆକ୍ରମଣ କରି ଇଂରେଜ ସେନାଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲେ । କର୍ଣ୍ଣେଲ ହାରକୋର୍ଟ ଏହି ଯୁଦ୍ଧରେ ଉପଲବ୍ଧି କଲେ ଯେ ବୀର ଖୋର୍ଦ୍ଧା ପାଇକମାନଙ୍କ ସହିତ ଲଢ଼ିବା କେତେ ଦୁରୂହ ବ୍ୟାପାର । ସେତେବେଳକୁ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବୀର ପାଇକମାନେ ଉଗ୍ରରୂପ ଧାରଣ କରିଥାନ୍ତି । ପରାଜୟ ସୁନିଶ୍ଚିତ ଜାଣି କର୍ଣ୍ଣେଲ ହାରକୋର୍ଟ ମାନ୍ଦ୍ରାଜ ସେନାବାହିନୀର 'ମେଜର ଫ୍ଲେଚର'ଙ୍କୁ ତାଙ୍କର ସେନା ସହିତ ଡକାଇ ଏହାର ପ୍ରତିରୋଧ ତଥା ଖୋର୍ଦ୍ଧା ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କଲେ । ଉଭୟ ପକ୍ଷର ସେନାବାହିନୀଙ୍କ ମଧ୍ୟରେ ପ୍ରାୟ ୩ ସପ୍ତାହ ଧରି ଯୁଦ୍ଧ ଚାଲିଲା । ଖୋର୍ଦ୍ଧାର ବୀର ପାଇକମାନେ ବରୁଣାଇଗଡ଼କୁ ଇଂରେଜମାନଙ୍କୁ ସହଜରେ ପ୍ରବେଶ କରାଇ ଦେଉନଥାନ୍ତି । ପରିଶେଷରେ ଖୋର୍ଦ୍ଧାର ବୀର ପାଇକବାହିନୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ତଥା ଅପୂର୍ବ ବୀରତ୍ୱର ସହିତ ଲଢ଼େଇ କରିଥିଲେ ମଧ୍ୟ ଇଂରେଜମାନଙ୍କ ଅତ୍ୟାଧୁନିକ ଗୁଳି, ତୋପ, କମାଣ, ବନ୍ଧୁକ ଆଦି ଅସ୍ତ୍ରଶସ୍ତ୍ର ସାମ୍ନାରେ ଅଧିକ ସମୟ ଟିକି ପାରି ନଥିଲେ ଏବଂ ୧୮୦୪ ମସିହା ଡିସେମ୍ବର ୪ ତାରିଖ ଦିନ ଇଂରେଜ ସେନା ବରୁଣାଇଗଡ଼କୁ ଅଧିକାର କରିନେଲେ । ସେତେବେଳକୁ ଜୟୀ ରାଜଗୁରୁ ଏବଂ ରାଜା ମୁକୁନ୍ଦଦେବ ଗଡ଼ ଛାଡ଼ି ଚାଲି ଯାଇଥାନ୍ତି । ଡିସେମ୍ବର ୫ ତାରିଖ ଦିନ ବରୁଣାଇଗଡ଼ରୁ ଇଂରେଜମାନେ ଘୋଷଣା କଲେ ଯେ ମୁକୁନ୍ଦଦେବ ଆଜିଠାରୁ ଖୋର୍ଦ୍ଧାର ରାଜା ନୁହନ୍ତି । ରାଜା ମୁକୁନ୍ଦଦେବ ଏବଂ ଜୟୀ ରାଜଗୁରୁଙ୍କୁ ଧରିବା ପାଇଁ ବହୁତ ଚେଷ୍ଟା କରି ଇଂରେଜ ସେନା ଉଭୟଙ୍କୁ ଧରିବା ପାଇଁ ସକ୍ଷମ ହେଲେ । ସେମାନଙ୍କୁ ବନ୍ଦୀ କରି କର୍ଣ୍ଣେଲ୍ ହାରକୋର୍ଟଙ୍କ ଦରବାରରେ ଉପସ୍ଥାପିତ କରାଯିବା ସମୟରେ କର୍ଣ୍ଣେଲ୍ ଜୟୀ ରାଜଗୁରୁଙ୍କୁ ପଚାରିଲେ ଏ ପର୍ଯ୍ୟନ୍ତ ଯାହା ସବୁ ଘଟିଗଲା ଏଥି ପାଇଁ ଦାୟୀ କିଏ ? ଏହା କ'ଣ ରାଜାଙ୍କ ପରାମର୍ଶରେ ହୋଇଛି ? ଜୟୀ ରାଜଗୁରୁ ଚାହିଁଥିଲେ ରାଜାଙ୍କ ଉପରେ ଦୋଷ ଲଦି ଦେଇ ନିଜେ ଖସିଯାଇ ପାରିଥାନ୍ତେ ।ମାତ୍ର ରାଜଭକ୍ତ ଜୟୀ ରାଜଗୁରୁ ନିର୍ଭୀକ ଭାବରେ ଉତ୍ତର ଦେଲେ– ରାଜା ନାବାଳକ ଥିବାରୁ ଯାହାସବୁ ହୋଇଛି, ସେଥିପାଇଁ ସେ ନିଜେ ଦାୟୀ, ରାଜା ମୁକୁନ୍ଦଦେବ ନିର୍ଦ୍ଦୋଷ । ଏହାପରେ ମୁକୁନ୍ଦଦେବଙ୍କୁ ବନ୍ଦୀ କରି ବାରବାଟୀ ଦୁର୍ଗରେ ରଖାଗଲା । ସେଠାରେ ରାଜା ମୁକୁନ୍ଦଦେବ ଇଂରେଜ ଶାସକଙ୍କୁ ଆବେଦନ କଲେ ଯେ ଯାହା ସବୁ ଘଟିଯାଇଛି ସେଥିପାଇଁ ଜୟୀ ରାଜଗୁରୁ ଦାୟୀ । ତେଣୁ ତାଙ୍କୁ ମୁକ୍ତ କରାଯାଉ ଏବଂ ରାଜ୍ୟ ଫେରସ୍ତ ଦିଆଯାଉ । କିଛି ଦିନ ପରେ ଇଂରେଜ ଶାସକ ରାଜାଙ୍କୁ ମୁକ୍ତି ଘୋଷଣା କରି କେବଳ ପୁରୀ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକଭାବେ ପୁରୀଠାରେ ଅବସ୍ଥାପିତ କରାଇଲେ । ଅନ୍ୟ ପଟରେ ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କରାଇ ମେଦିନୀପୁର ଜେଲର କାଳକୋଠରୀକୁ ନେଇ ସେଠାରେ ବନ୍ଦୀ କରି ରଖାଗଲା । ଜୟୀ ରାଜଗୁରୁଙ୍କ ସ୍ୱୀକାରୋକ୍ତି ତଥା ମୁକୁନ୍ଦଦେବଙ୍କ ଆବେଦନକୁ ବିଚାର କରି ୧୮୦୫ ମସିହାର ପ୍ରଥମ ଭାଗରେ ଇଂରେଜ ଶାସକ ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କରାଇ ତାଙ୍କୁ ମେଦିନୀପୁର ବାଘିତୋଟାଠାରେ ପାଖାପାଖି ଥିବା ଦୁଇଟି ବରଗଛର ଡାଳରେ ତାଙ୍କର ଦୁଇ ଗୋଡ଼କୁ ବାନ୍ଧି ଅତି ନିର୍ମମ ଭାବରେ ମୃତ୍ୟୁଦଣ୍ଡ ଦେଇଥିଲେ ।

ଏହିଭଳି ଭାବରେ ଖୋର୍ଦ୍ଧା ମାଟିରେ ସଂଗଠିତ ହୋଇଥିବା ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମ ମୁକ୍ତି ସଂଗ୍ରାମର ଅବସାନ ଘଟିଥିଲା । ଜୟୀ ରାଜଗୁରୁ ଅମର ପଥର ଯାତ୍ରୀ ହୋଇ ଯାଇଥିଲେ ମଧ୍ୟ ଉତ୍ତରପୁରୁଷମାନଙ୍କ ପାଇଁ ଛାଡ଼ି ଯାଇଛନ୍ତି ପ୍ରଗାଢ଼ ଦେଶଭକ୍ତିର ଜ୍ୱଳନ୍ତ ନିଦର୍ଶନ ।


---

ରଚନା ଶାଖା,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର

# ଓଡ଼ିଶାରେ ସମ୍ବାଦ-ସାହିତ୍ୟର ପ୍ରବର୍ତ୍ତକ ଡକ୍ଟର ମହତାବ

**ଶ୍ରୀ ମହେଶ୍ୱର ମୁଳିଆ**

ଭାରତର ସ୍ୱାଧୀନତା ସଂଗ୍ରାମରେ ସମ୍ବାଦପତ୍ରର ଏକ ମହତ୍ୱପୂର୍ଣ୍ଣ ଭୂମିକା ଥିଲା । ବ୍ରିଟିଶ ଶାସନ ବିରୁଦ୍ଧରେ ଜନଜାଗରଣର ଏହା ଥିଲା ଶକ୍ତିଶାଳୀ ମାଧ୍ୟମ । ତିଳକ, ଗାନ୍ଧିଜୀ, ମାଳବ୍ୟ, ଲଜପତ ରାୟ, ଗୋଖଲେ, ଅରବିନ୍ଦ, ନେହେରୁ ପ୍ରମୁଖ ଜନନାୟକମାନେ ସମ୍ବାଦପତ୍ରକୁ ସଂଗ୍ରାମର ପ୍ରଧାନ ଅସ୍ତ୍ର ରୂପେ ବ୍ୟବହାର କରୁଥିଲେ । ସାମ୍ବାଦିକତା ଥିଲା ସେମାନଙ୍କ ସଂଗ୍ରାମମୟ ଜୀବନର ସାଧନା । ସମ୍ବାଦପତ୍ର ମାଧ୍ୟମରେ ସେମାନଙ୍କ ଆଗ୍ନେୟ ଆହ୍ୱାନ କୋଟି କୋଟି ଭାରତବାସୀଙ୍କ ପ୍ରାଣରେ ଗଭୀର ଦେଶାତ୍ମବୋଧ ଓ ମୁକ୍ତିର ପିପାସା ଜାଗ୍ରତ କରିପାରିଥିଲା ।



ଅସହଯୋଗ ଆନ୍ଦୋଳନ କାଳରେ ଓଡ଼ିଶାରେ ଯେଉଁ କେତେକ ଜାତୀୟବାଦୀ ସମ୍ବାଦପତ୍ରର ଅଭ୍ୟୁଦୟ ଘଟିଥିଲା-ପ୍ରଜାତନ୍ତ୍ର ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଏହି 'ପ୍ରଜାତନ୍ତ୍ର' ଜରିଆରେ ମହତାବଜୀ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମକୁ ବ୍ୟାପକ ଓ ଗତିଶୀଳ କରାଇଥିଲେ ।

ଡକ୍ଟର ମହତାବଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ମଧ୍ୟରେ ସାମ୍ବାଦିକତା ତାଙ୍କର ଏକ ଅନନ୍ୟ ପ୍ରଭାବଶାଳୀ ପ୍ରତିଭା । ଛାତ୍ର ଜୀବନରୁ ନିର୍ଭୀକତା ଓ ଦେଶଭକ୍ତି ତାଙ୍କୁ ଏହି ବୃତ୍ତି ପ୍ରତି ଅନୁରକ୍ତ କରିଥିଲା । ଭଦ୍ରକ ହାଇସ୍କୁଲରେ ପଢୁଥିବାବେଳେ ଇଂରେଜ ପୋଲିସର ଅତ୍ୟାଚାର ଦେଖି ସେ ଉତ୍ତେଜିତ ହୋଇପଡୁଥିଲେ । ବାଲେଶ୍ୱରରେ ପୋଲିସର ଦମନଲୀଳା ଏବଂ ଶହୀଦ ଯତୀନ ମୁଖାର୍ଜୀ ପ୍ରଭୃତି ବିପ୍ଳବୀମାନଙ୍କ ସଂଗ୍ରାମ ବିଷୟରେ ସେ 'ଆଶା' ସମ୍ବାଦପତ୍ରରେ ପ୍ରକାଶ କରାଉଥିଲେ । ରେଭେନ୍ସା କଲେଜରେ ପଢ଼ିବାବେଳେ ସହପାଠୀମାନଙ୍କ ସହିତ ମିଶି ଆନିବେସାନ୍ତଙ୍କ ସମ୍ପାଦିତ 'ନିଉ ଇଣ୍ଡିଆ' ସମ୍ବାଦପତ୍ର କିଣି ପଢୁଥିଲେ । ଦେଶର ଖବର ଜାଣିବା ସଙ୍ଗେ ସଙ୍ଗେ ଦେଶସେବା ପାଇଁ ତାଙ୍କର ଗଭୀର ଆଗ୍ରହ ପ୍ରକାଶ ପାଇଥିଲା । ସେହି ସମୟରେ ସେ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପର୍କରେ ଆସି ତାଙ୍କଠାରୁ ରିପୋର୍ଟ ଲେଖିବା, ତଥ୍ୟ ସଂଗ୍ରହ କରିବା ଆଦି କଳା ଶିଖିଥିଲେ । ଅନ୍ୟାୟର ପ୍ରତିରୋଧ କରିବା ପିଲାଦିନରୁ ତାଙ୍କର ଏକ ଅଭ୍ୟାସ ଥିଲା । ପୋଲିସ ଓ ସରକାରୀ କର୍ମଚାରୀମାନଙ୍କର ଜୁଲମ ସମ୍ପର୍କରେ ଇଂରାଜୀରେ ଲେଖାମାନ ଲେଖି ସେ 'ଉତ୍କଳ ଦୀପିକା'ରେ ଛପାଉଥିଲେ ।

୧୯୨୦ ମସିହାରେ ରେଭେନ୍ସା କଲେଜରେ ଦ୍ୱିତୀୟ ବର୍ଷର ଛାତ୍ର ଥିବାବେଳେ ସେ ମେସ୍‌ରୁ ହାତଲେଖା 'ମଳୟ' ମାସିକ ପତ୍ରିକା ଓ 'ଉତ୍କଳଦିନ' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରୁଥିଲେ । ସେଥିରେ ଦେଶର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ସମସ୍ୟା ଉପରେ ତାତ୍ତ୍ୱିକ ଆଲୋଚନାମାନ ପ୍ରକାଶ ପାଉଥିଲା ।

ଗାନ୍ଧିଜୀଙ୍କ ଆହ୍ୱାନରେ ସେ କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ଜେଲ୍ ଗଲେ । ୧୯୨୧ରେ ଭାଗଲପୁର ସେଣ୍ଟ୍ରାଲ ଜେଲରୁ ଏକ ବର୍ଷ ଜେଲଦଣ୍ଡ ଭୋଗି ଫେରିବା ପରେ କଟକରୁ ସାପ୍ତାହିକ 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ । ଗାନ୍ଧିଜୀଙ୍କ ବାଣୀ, କଂଗ୍ରେସର ନୀତି ପ୍ରଚାର ସଙ୍ଗେ ସଙ୍ଗେ ଲୋକଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ଥିଲା ଏହି ପତ୍ରିକାର ଉଦ୍ଦେଶ୍ୟ । ୧୯୨୪ରେ ମହତାବଜୀ ନିଜର କର୍ମକ୍ଷେତ୍ର ବାଲେଶ୍ୱରକୁ 'ପ୍ରଜାତନ୍ତ୍ର' ଉଠାଇ ନେଇଥିଲେ । ବ୍ରିଟିଶ ସରକାରର ଅନ୍ୟାୟ ଅତ୍ୟାଚାର ଓ ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ସେ ନିର୍ଭୀକ ଭାବରେ ପ୍ରକାଶ କରିବା ଫଳରେ ପତ୍ରିକାଟି ଖୁବ୍ ଲୋକପ୍ରିୟ ହୋଇପାରିଥିଲା । ସେତେବେଳେ ଗଡ଼ଜାତ ରାଜା ଜମିଦାରମାନେ ଇଂରେଜ ସରକାରର ହାତବାରିସୀ ହୋଇ

ଜାତୀୟ ଆନ୍ଦୋଳନକୁ ବିରୋଧ କରୁଥିଲେ । ମହତାବବାବୁ ଏହି ପ୍ରତିକ୍ରିୟାଶୀଳ ଦେଶଦ୍ରୋହୀମାନଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବରେ ଲେଖନୀ ଚଳାଉଥିଲେ । 'ପ୍ରଜାତନ୍ତ୍ର'ରେ ତାଙ୍କ ଲିଖିତ 'ବୁଲା ବାବାଜୀଙ୍କ ପର୍ବ' ରାଜନୀତିକ ମହଲରେ ପ୍ରବଳ ଆଲୋଡ଼ନ ସୃଷ୍ଟି କରିଥିଲା । ତାଳଚେର, ନୀଳଗିରି, କନିକା, ରଣପୁର, ଢେଙ୍କାନାଳ ଆଦି ଗଡ଼ଜାତ ରାଜ୍ୟରେ ପ୍ରଜା ଆନ୍ଦୋଳନ ଦମନ କରିବା ପାଇଁ ସରକାର ପ୍ରଜାମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଚଳାଇଲେ । ଏହି ଆନ୍ଦୋଳନ ଓ ଅତ୍ୟାଚାର ସମ୍ପର୍କରେ ମହତାବବାବୁ ଲେଖାମାନ ପ୍ରକାଶକରି ଆନ୍ଦୋଳନକୁ ତେଜେଇ ରଖିଥିଲେ । ରାଜା, ଜମିଦାରମାନଙ୍କ ଶୋଷଣ, ଅତ୍ୟାଚାର ପଦାରେ ପକାଇ ଦେବା ଫଳରେ ଗଡ଼ଜାତ ରାଜାମାନେ, ବିଶେଷତଃ କନିକା ଓ ନୀଳଗିରି ରାଜାମାନେ ତାଙ୍କ ବିରୁଦ୍ଧରେ ନାନା ଷଡ଼ଯନ୍ତ୍ର ଚଳାଇଥିଲେ । ୧୯୨୪ରୁ ୧୯୩୨ ମସିହା ମଧ୍ୟରେ ପତ୍ରିକା ବିରୁଦ୍ଧରେ ଦୁଇଟି ମକଦ୍ଦମା ହୋଇଥିଲା । ନୀଳଗିରି ପ୍ରଜା ଆନ୍ଦୋଳନ ସମ୍ପର୍କରେ ଲେଖିବା ଯୋଗୁ ୧୯୨୭ ମସିହାରେ 'ପ୍ରଜାତନ୍ତ୍ର' ଉପରେ ପ୍ରିନ୍ସେସ ପ୍ରୋଟେକ୍ସନ ଆଇନ ଲାଗୁ ହୋଇ ସମ୍ପାଦକଙ୍କୁ ତାଗିଦ କରିଦିଆଯାଇଥିଲା । ବାମଣ୍ଡା ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବାରୁ 'ପ୍ରଜାତନ୍ତ୍ର' ନାମରେ ମାନହାନି ମକଦ୍ଦମା ହୋଇଥିଲା ।

୧୯୨୪ରେ ସେ ବାଲେଶ୍ୱର ସ୍ୱରାଜ୍ୟ ମନ୍ଦିରରୁ 'ସ୍ୱରାଜ ସମାଚାର' ନାମରେ ଏକ ସାପ୍ତାହିକ ଲିଥୋ ପତ୍ରିକା ପ୍ରକାଶ କରି ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ଘରିଆଡ଼େ ପ୍ରଚାର କରୁଥିଲେ ।

୧୯୨୭ ମସିହାରେ ସେ 'ଆଡ୍‌ଭେଞ୍ଚର' ନାମରେ ଏକ ଇଂରାଜୀ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକା ପ୍ରକାଶର ଉଦ୍ଦେଶ୍ୟ ଥିଲା ଲୋକମତ ଦ୍ୱାରା ଇଂରେଜ କର୍ମଚାରୀମାନଙ୍କୁ ପ୍ରଭାବିତ କରିବା । ନୀଳଗିରି ରାଜାଙ୍କ ଅତ୍ୟାଚାର ସମ୍ପର୍କରେ ବାରମ୍ବାର ଲେଖିବା ଫଳରେ ତାହା କାଳକ୍ରମେ ବନ୍ଦ ହୋଇଯାଇଥିଲା । ୧୯୨୮ରେ ସେ 'ନୀଳଗିରି ଅତ୍ୟାଚାର' ନାମରେ ଏକ ପୁସ୍ତକ ଲେଖି ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିଥିଲେ ।

୧୯୨୭ ମସିହାରେ ଯାଜପୁର ଓ ବାଲେଶ୍ୱରରେ ପ୍ରଳୟଙ୍କରୀ ବନ୍ୟା ବିପର୍ଯ୍ୟୟ ସମୟରେ ସରକାରୀ ଉଦାସୀନତାର ସେ କଠୋର ସମାଲୋଚନା କରୁଥିଲେ ଏବଂ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କୀୟ ବିବରଣୀ ଫଟୋ ସହ ପ୍ରକାଶ କରୁଥିଲେ ।

ରାଜ ଶାସନ ଲୋପ ପାଇଁ ମହତାବବାବୁ ୧୯୩୮ ମସିହାରୁ ସଂଗ୍ରାମ ଚଳାଇ ଶେଷରେ ୧୯୪୮ ମସିହାରେ ସଫଳ ହୋଇଥିଲେ । ଭାରତର ରାଜତନ୍ତ୍ରର ବିଲୋପ ସାଧନରେ ସେ ହେଉଛନ୍ତି ପ୍ରଥମ ପଥପ୍ରଦର୍ଶକ ।

୧୯୩୦ ମସିହା ଲବଣ ସତ୍ୟାଗ୍ରହ କାଳରେ 'ପ୍ରଜାତନ୍ତ୍ର' ଦୈନିକ ସମ୍ବାଦପତ୍ରରେ ପରିଣତ ହୋଇଥିଲା । ତାଙ୍କରି ନେତୃତ୍ୱରେ ଲବଣ ସତ୍ୟାଗ୍ରହରେ ଓଡ଼ିଶା ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଏହି ଆନ୍ଦୋଳନ ଯୋଗୁଁ ତାଙ୍କୁ ଜେଲ୍ ଦଣ୍ଡ ହୋଇଥିଲା । ହଜାରୀବାଗ ଜେଲରେ ଥାଇ ସେ ପ୍ରତିଦିନ ଲୁଚେଇ ଲୁଚେଇ 'ପ୍ରଜାତନ୍ତ୍ର'କୁ ଲେଖା ପଠାଇ ଆନ୍ଦୋଳନକୁ ଉଜ୍ଜୀବିତ କରି ରଖିଥିଲେ । ଇଂରେଜ ଭକ୍ତ ସରକାରୀ କର୍ମଚାରୀମାନଙ୍କୁ ଲକ୍ଷ୍ୟ କରି ସେ 'ପଞ୍ଚାମୃତ' ନାମରେ 'ପ୍ରଜାତନ୍ତ୍ର'ରେ ଏକ ରୂପକ ନାଟକ ପ୍ରକାଶ କରିଥିଲେ । ସେଥିରେ ଦେଶଦ୍ରୋହୀମାନଙ୍କ ଅସଲ ସ୍ୱରୂପ ସେ ପଦାରେ ପକାଇ ଦେଇଥିଲେ ।

ତାଙ୍କର ଅନେକ ଲେଖା ଡାକଘରେ ପୋଲିସ ଜବତ କରି ନେଇଥିଲେ । ଏଥିପାଇଁ ତାଙ୍କୁ ଦଣ୍ଡ ସ୍ୱରୂପ 'ଖ' ଶ୍ରେଣୀ ବନ୍ଦୀରୁ 'ଗ' ଶ୍ରେଣୀକୁ ଖସାଇ ଦିଆଯାଇ ପାଟନା କ୍ୟାମ୍ପ ଜେଲକୁ ସ୍ଥାନାନ୍ତର କରାଯାଇଥିଲା ।

ବାଲେଶ୍ୱରରେ କଂଗ୍ରେସର କର୍ମକେନ୍ଦ୍ର ସ୍ୱରାଜ୍ୟ ମନ୍ଦିର ହାତକୁ ବ୍ରିଟିଶ ସରକାର ବେଆଇନ ଘୋଷଣା କରି 'ପ୍ରଜାତନ୍ତ୍ର' ପ୍ରେସ ଜବତ କରି ନେଇଥିଲେ । ପ୍ରେସକୁ ତିନିହଜାର ଟଙ୍କା ଓ ଖବର କାଗଜକୁ ଦୁଇହଜାର ଟଙ୍କା ଜାମିନ ମଗାଯାଇଥିଲା । ୧୯୩୧ରେ ଗାନ୍ଧୀ–ଇରଉଇନ ଚୁକ୍ତି ଫଳରେ ପ୍ରେସ ମୁକ୍ତ ହୋଇଥିଲା । କିନ୍ତୁ ୧୯୩୨ରେ ବିଲାତରେ ଗୋଲଟେବୁଲ ବୈଠକରେ ଗାନ୍ଧିଜୀ ବିଫଳ ହୋଇ ଫେରିବା ପରେ ଆନ୍ଦୋଳନ ପୁଣି ବ୍ୟାପକ ହୋଇଥିଲା । ସରକାର ନାନା ଦମନମୂଳକ ଆଇନ ପ୍ରୟୋଗ କରିଥିଲେ । ଆନ୍ଦୋଳନର ନେତୃତ୍ୱ ନେଇ ମହତାବବାବୁ ଗିରଫ ହୋଇଥିଲେ । ଛଅମାସ ପରେ ଜେଲରୁ ଫେରି ସେ ଦେଖିଲେ ସରକାର 'ପ୍ରଜାତନ୍ତ୍ର'କୁ ବେଆଇନ ଘୋଷଣା କରିଛନ୍ତି । ପ୍ରେସ ଘରେ ତାଲା ଝୁଲୁଛି । ସ୍ୱରାଜ୍ୟ ମନ୍ଦିର ପୁଣି ଜବତ ହୋଇଯାଇଛି । ବହୁ କାଳ ଧରି ପୋଲିସ ଜିମା ପ୍ରେସ ରହିବା ଫଳରେ ଅନେକ ଜିନିଷ ଚୋରୀ ହୋଇଯାଇଥିଲା । ୧୯୩୩ ମସିହାରେ ସ୍ୱରାଜ୍ୟ ମନ୍ଦିର ମୁକ୍ତ ହେବା ପରେ ମହତାବବାବୁ ପ୍ରେସ ବିକି ଦେଇ 'ପ୍ରଜାତନ୍ତ୍ର' ବନ୍ଦ କରି ଦେଇଥିଲେ ।

୧୯୩୬ ମସିହାରେ ମହତାବଜୀ ସେତେବେଳର ଆସୋସିଏଟେଡ଼ ପ୍ରେସର ଓଡ଼ିଶା ପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ । ପ୍ରଦେଶ କଂଗ୍ରେସ ସଭାପତି ହେବା ପରେ ସେହି ଦାୟିତ୍ୱ ସେ ଛାଡ଼ିଦେଇଥିଲେ । ସେତେବେଳେ ଅସ୍ଥାୟୀଭାବେ ପତ୍ରିକାକୁ ପ୍ରତି ସପ୍ତାହରେ ସେ ଦୁଇ କଲମ ଲେଖା ପଠାଇ ସାମ୍ବାଦିକତା କାର୍ଯ୍ୟକୁ ଅବ୍ୟାହତ ରଖି ଆସିଥିଲେ ।

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ପାଇଁ ଓଡ଼ିଶାରେ ଯେଉଁ ପ୍ରସ୍ତୁତିର ମୁଖ୍ୟ ଦାୟିତ୍ୱ ତାଙ୍କ ଉପରେ ପଡ଼ିଥିଲା । ଗାନ୍ଧିଜୀଙ୍କ ବାର୍ତ୍ତା ଓ କଂଗ୍ରେସ କାର୍ଯ୍ୟକ୍ରମ ଜନସାଧାରଣ ଓ କର୍ମୀମାନଙ୍କ ମଧ୍ୟରେ ପ୍ରଚାର ପାଇଁ ତାଙ୍କ ସମ୍ପାଦନାରେ 'ରଚନା' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଉଥିଲା ।

୧୯୪୭ ଅଗଷ୍ଟ ୮ ତାରିଖରେ ସ୍ୱାଧୀନତାର ଅରୁଣୋଦୟ ଭିତରୁ ୧୫ ବର୍ଷ ପରେ 'ପ୍ରଜାତନ୍ତ୍ର'ର ହେଲା ନବଜନ୍ମ । ସ୍ୱାଧୀନତା ସଂଗ୍ରାମରେ ସଫଳତା ପରେ ଜାତି ଗଠନ ଓ ନୂତନ ଭାରତ ନିର୍ମାଣ ପାଇଁ ମହତାବବାବୁଙ୍କ ଲେଖନୀ ଅବାରିତ ଗତିରେ ଚାଲିବାକୁ ଲାଗିଲା । ଗଡ଼ଜାତ ମିଶ୍ରଣ, ହୀରାକୁଦ ବନ୍ଧ ନିର୍ମାଣ, ଭୁବନେଶ୍ୱରରେ ନୂତନ ରାଜଧାନୀ ନିର୍ମାଣ ଆଦି ଜନକଲ୍ୟାଣ କାର୍ଯ୍ୟକ୍ରମ ବିରୋଧରେ ସେତେବେଳେ ଯେଉଁ ସବୁ ଆନ୍ଦୋଳନ ଓ ପ୍ରତିରୋଧ ହୋଇଥିଲା, 'ପ୍ରଜାତନ୍ତ୍ର' ମାଧ୍ୟମରେ ତାକୁ ଦୃଢ଼ ଭାବରେ ଦମନ କରି ସେ ହେଲେ ନବ ଉତ୍କଳର ନିର୍ମାତା । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ ପାଇଁ ସେ ଗଢ଼ି ଦେଇଗଲେ ଗୋଟିଏ ପରେ ଗୋଟିଏ କୀର୍ତ୍ତି ଓ ସମୃଦ୍ଧିର ସୌଧ । ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନରେ ନୂତନ ପ୍ରେରଣା ଓ ବୈ୍‌ବିକ ପରିବର୍ତ୍ତନର ବାର୍ତ୍ତା ଦେଇ ସେ ହେଲେ ଉତ୍କଳକେଶରୀ ।

ମହତାବଜୀ ଥିଲେ ଆଧୁନିକ ସାମ୍ବାଦିକତାର ପ୍ରବର୍ତ୍ତକ ଓ ପ୍ରତୀକ । ସୃଜନଧର୍ମୀ ସମ୍ବାଦ ଓ ସାହିତ୍ୟର ସମନ୍ୱୟରେ ସେ ସମ୍ବାଦପତ୍ର ଜଗତରେ ଏକ ସମ୍ପୂର୍ଣ୍ଣ ନୂତନ ଧାରାର ପ୍ରବର୍ତ୍ତନ କରିଯାଇଛନ୍ତି । ମୌଳିକ ଚିନ୍ତା, ନିର୍ଭୀକ ଓ ନିରପେକ୍ଷ ମତ ପ୍ରକାଶ ତାଙ୍କ ସାମ୍ବାଦିକତାର ବିଶେଷତ୍ୱ । ତାଙ୍କର ବଳିଷ୍ଠ ଲେଖନୀ ସବୁବେଳେ ଜନମତକୁ ଜାଗ୍ରତ ଓ ସଂଗଠିତ କରିଆସିଥିଲା । ତାଙ୍କର ପ୍ରତ୍ୟେକ ଲେଖାରେ ଜନତାର ଆଶା ଓ ଭାଷା ଫୁଟିଉଠିଥିଲା । ସାହିତ୍ୟ ଓ ସାମ୍ବାଦିକତାକୁ ସେ ପରସ୍ପରର ପରିପୂରକ ଓ ଅବିଚ୍ଛିନ୍ନ ଅଙ୍ଗ ଭାବରେ ଗ୍ରହଣ କରିଥିଲେ । ସମ୍ବାଦ–ସାହିତ୍ୟ ତାଙ୍କ ସାମ୍ବାଦିକ ଜୀବନର ଅଭିନବ ସୃଷ୍ଟି । ୧୯୪୮ରେ "ମୀନାବଜାର", ୧୯୪୯ରେ "ଝଙ୍କାର" ଓ "ଇଷ୍ଟର୍ଣ୍ଣ ଟାଇମସ୍", ୧୯୮୧ରେ ସମ୍ବଲପୁରରୁ "ହୀରାଖଣ୍ଡ" ପ୍ରକାଶ କରି ସ୍ୱାଧୀନୋତ୍ତର ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଏକ ନୂତନଯୁଗର ଭିତ୍ତି ସ୍ଥାପନ କରିଥିଲେ । ଦୀର୍ଘକାଳ ଧରି ସେ ଶାସନରେ ରହି ଓଡ଼ିଶାର ଜନଜୀବନ, ସାହିତ୍ୟ, ସଂସ୍କୃତି, ରାଜନୀତି ସହିତ ନିବିଡ଼ ଭାବରେ ପରିଚିତ ଥିଲେ । ସେଥିପାଇଁ ତାଙ୍କ ଲେଖାରେ ସମାଜର ସବୁ ଶ୍ରେଣୀର ଲୋକଙ୍କ ବାସ୍ତବ ଚିତ୍ର ପ୍ରତିଫଳିତ । ସେ ଥିଲେ ଜଣେ ମହାନ କର୍ମଯୋଗୀ । ରାଜନୀତିରୁ ଅବସର ନେଇଥିଲେ ମଧ୍ୟ ସାମ୍ବାଦିକତା ଓ ସାହିତ୍ୟ ସାଧନାରୁ ଶେଷ ଜୀବନ ପର୍ଯ୍ୟନ୍ତ ବିଶ୍ରାମ ନେଇନାହାନ୍ତି । ମୁଖ୍ୟମନ୍ତ୍ରୀ, ବମ୍ବେର ରାଜ୍ୟପାଳ, କେନ୍ଦ୍ର ମନ୍ତ୍ରୀ–ଯେଉଁ କ୍ଷେତ୍ରରେ ଥିଲେ ମଧ୍ୟ ଜନସାଧାରଣଙ୍କ ସୁଖ ଦୁଃଖରେ ସେ ସବୁବେଳେ ଭାଗୀଦାର ହୋଇ ଆସିଥିଲେ । ସେଥିପାଇଁ ସେ ଜନନାୟକ । ଜନଶିକ୍ଷା, ଜନସେବା ଓ ଜନଚେତନା ତାଙ୍କ ସାମ୍ବାଦିକତା ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ପ୍ରଜାତନ୍ତ୍ରର ପରିହାସ ସ୍ତମ୍ଭରେ ଫାର୍ସୀବୃନ୍ଦ ନାମରେ ସେ ସମାଲୋଚନାମୂଳକ ବ୍ୟଙ୍ଗ ଲେଖା ପ୍ରକାଶ କରୁଥିଲେ ।

ଗ୍ରାମାଞ୍ଚଳ ସମସ୍ୟାକୁ ସେ ବିଶେଷ ଗୁରୁତ୍ୱ ଦେଉଥିଲେ । ସମ୍ବାଦ ପ୍ରକାଶରେ ଅବହେଳା ଓ ବିଳମ୍ବ ହେଲେ ସେ ନିଜେ କର୍ମୀମାନଙ୍କଠାରୁ ଫାଇଲ ନେଇ ନିଜେ ସମ୍ପାଦନା କରୁଥିଲେ । 'ଗାଁ ମଜଲିସ' ସମ୍ବାଦ–ସାହିତ୍ୟ କ୍ଷେତ୍ରରେ ଏକ ଅଭିନବ ସୃଷ୍ଟି । ଏଥିରେ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ସମସ୍ୟାକୁ ସର୍ବଜନବୋଧ୍ୟ ସରଳ ଭାଷା ଓ ଶୈଳୀରେ ପ୍ରକାଶ କରି ଜନମତ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଶାସନକୁ ଦିଗ୍‌ଦର୍ଶନ ଦେଇ ଆସୁଥିଲେ । ପ୍ରଜାତନ୍ତ୍ରର 'ଗାଁ ମଜଲିସ' ଥିଲା ପାଠକମାନଙ୍କ ମୁଖ୍ୟ ଆକର୍ଷଣ । ଏଥିରେ ସମାଜର ବିଭିନ୍ନ ସମସ୍ୟାର ଆଲୋଚନା ସଙ୍ଗେ ସଙ୍ଗେ ତାହାର ସମାଧାନର ପନ୍ଥା ନିର୍ଦ୍ଧାରଣ ପାଇଁ ମହତାବବାବୁ ଗଠନମୂଳକ ପରାମର୍ଶ ଦେଉଥିଲେ । 'ସବୁ ବିଷୟ ବୁଝିବା ଓ ସବୁ ବିଷୟରେ ମତ ଗଠନ କରିବାର ଶକ୍ତି ଗ୍ରାମବାସୀଙ୍କର ଅଛି, ସେହି ଶକ୍ତିର ଜାଗରଣ 'ଗାଁ ମଜଲିସ'ର ଉଦ୍ଦେଶ୍ୟ' ବୋଲି ସେ କହିଥିଲେ । ଏହି ସ୍ତମ୍ଭଟି ଥିଲା ଜନଶିକ୍ଷା ଓ ଜନଆନ୍ଦୋଳନର ଶକ୍ତିଶାଳୀ ମାଧ୍ୟମ; ଅବହେଳିତ, ଉପେକ୍ଷିତ ଓ ଅସହାୟ ଜନତାର ଆଶା–ଭରସା; ସମାଜ ଓ ଶାସନ ମଧ୍ୟରେ ଯୋଗସୂତ୍ର । ଜଗନ୍ନାଥ ମନ୍ଦିରର ସାହାଣ ମେଲା ଭଳି ସବୁ ଶ୍ରେଣୀର ଲୋକଙ୍କର ଗଣ–ଦରବାର । ବିଭିନ୍ନ ସ୍ତରରେ ଚାଲିଥିବା ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାରର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ । ଯୌତୁକ, ଅସ୍ପୃଶ୍ୟତା, ଦେବମନ୍ଦିରରେ ବଳିପ୍ରଥା ବିରୁଦ୍ଧରେ ସେ ପ୍ରବଳ ଜନମତ ସୃଷ୍ଟି କରିଥିଲେ । ୧୯୫୫ର ବନ୍ୟା, ୧୯୬୭ର ସୀମା ଆନ୍ଦୋଳନ, ୧୯୬୮ରେ ଛାତ୍ର ଆନ୍ଦୋଳନ କାଳରେ ତାଙ୍କର ବଳିଷ୍ଠ ନେତୃତ୍ୱ ମହତାବଙ୍କ ଅନ୍ୟାନ୍ୟ ଯୁଗାନ୍ତକାରୀ ପଦକ୍ଷେପ ସହିତ ଇତିହାସରେ ଲିପିବଦ୍ଧ ହୋଇ ରହିବ ।

ଲୋକମତ ଗଠନ ମହତାବବାବୁଙ୍କ ସାମ୍ବାଦିକ ଜୀବନର ବୈଶିଷ୍ଟ୍ୟ । ନିଜେ ନିଜର ସମାଲୋଚନା କରି ଅନ୍ୟର ମତ ଓ ପ୍ରତିକ୍ରିୟା ଜାଣିବା ପାଇଁ ସେ ସୁଯୋଗ ସୃଷ୍ଟି କରୁଥିଲେ । ସତ୍ୟ ଓ ଗୋପନୀୟ ତଥ୍ୟ ଉଦ୍‌ଘାଟନର କୌଶଳ ସେ ଭଲ ଭାବରେ ଜାଣିଥିଲେ । ଚମକ ସୃଷ୍ଟି କଲାଭଳି ସମ୍ବାଦ ଲେଖିବାରେ ସେ ଥିଲେ ସିଦ୍ଧହସ୍ତ । ମତପ୍ରକାଶ କ୍ଷେତ୍ରରେ ସାମ୍ବାଦିକର ସ୍ୱାଧୀନତା ଉପରେ ସେ ଗୁରୁତ୍ୱ ଦେଇ ଆସୁଥିଲେ । ସେମାନଙ୍କର ମର୍ଯ୍ୟାଦା ବୃଦ୍ଧି ପାଇଁ ସଂଗ୍ରାମ କରୁଥିଲେ ।

ନିର୍ଭୀକତା ତାଙ୍କର ଏକ ବଡ଼ ଗୁଣ । ସେ କେବେ ପ୍ରଗତିଶୀଳ ଶାସନ ଗଠନରେ ସହାୟକ ହୋଇଛନ୍ତି, ସ୍ୱେଚ୍ଛାଚାରୀ ଶାସନର ପତନ ଘଟାଇଛନ୍ତି । ଦେଶ ଓ ଜାତିର ସ୍ୱାର୍ଥ ଆଗରେ ବ୍ୟକ୍ତିଗତ ସମ୍ପର୍କକୁ ସେ ଜଳାଞ୍ଜଳି ଦେଇଛନ୍ତି । ଲେଖନୀର ଶକ୍ତି ବଳରେ ସେ ଅସାଧ୍ୟ ସାଧନ କରିପାରିଛନ୍ତି । ନିଜର ନିର୍ଭୀକ ଚିନ୍ତା ଓ ମତ ପ୍ରକାଶ ଯୋଗୁଁ ବହୁବାର ସେ ଭାରତର ଶୀର୍ଷ ନେତାମାନଙ୍କ ବିରାଗଭାଜନ ହୋଇଛନ୍ତି । ସେମାନଙ୍କ କୋପ ଦୃଷ୍ଟିରେ ପଡ଼ିଛନ୍ତି । ୧୯୭୫ ଜରୁରୀ ପରିସ୍ଥିତିରେ ଶାସନର ବିରୋଧ କରି

ତାଙ୍କୁ ଦେଢ଼ ବର୍ଷ ଜେଲରେ ରହିବାକୁ ପଡ଼ିଛି । ସମସ୍ତ ବିରୋଧ ଓ ପ୍ରତିବନ୍ଧକ ସତ୍ତ୍ୱେ ସେ ନିଜର ନୀତି ଓ ଆଦର୍ଶରୁ କେବେ ବିଚ୍ୟୁତ ହୋଇନାହାନ୍ତି । ନିଜର ସଂକଳ୍ପ ଓ ସିଦ୍ଧାନ୍ତରେ ସେ ଥିଲେ ଅଟଳ, ଅଚଳ । କୌଣସି ଶକ୍ତି ତାଙ୍କୁ ସେଥିରୁ ହଟାଇ ପାରି ନାହିଁ । ସତ୍ୟର ସ୍ୱରୂପ ଉନ୍ମୋଚନରେ ତାଙ୍କର ଥିଲା ବିଚକ୍ଷଣ ବୁଦ୍ଧି । ଯେଉଁଠି ଅନ୍ୟାୟ ଦେଖୁଥିଲେ, ଲେଖନୀରୁ ତାଙ୍କର ଅଗ୍ନିର ସ୍ଫୁଲିଙ୍ଗ ହେଉଥିଲା । ରାଜତନ୍ତ୍ରର ଅବସାନ ପରେ ରାଜାମାନଙ୍କ ଭତ୍ତା ଉଚ୍ଛେଦ ପାଇଁ ସେ ସ୍ୱର ଉଠାଇ ନେହେରୁଙ୍କ ଅପ୍ରିୟଭାଜନ ହୋଇଥିଲେ । ବିନୋବାଜୀଙ୍କ ଭୂଦାନ ଆନ୍ଦୋଳନକୁ ସେ 'ଦାରିଦ୍ର୍ୟ ବଣ୍ଟନ ଆନ୍ଦୋଳନ' ବୋଲି ନିର୍ଭୀକତାର ସହିତ ମତ ବ୍ୟକ୍ତ କରିଥିଲେ । ଚୀନ ଯୁଦ୍ଧ ବେଳେ ଦେଶରକ୍ଷା ବ୍ୟବସ୍ଥାରେ ନେହେରୁ ଓ ମେନନ୍‌ଙ୍କ କୋହଳନୀତିକୁ କଠୋର ସମାଲୋଚନା କରିଥିଲେ ।

ନୂତନ ଭାରତ ଗଠନରେ ସେ ଥିଲେ ବିଶ୍ୱକର୍ମା । ସାମ୍ବାଦିକତା ମାଧ୍ୟମରେ ସେ ଜନଚେତନା ସୃଷ୍ଟି କରିଥିଲେ । ରାଜନୀତିକୁ ନିୟନ୍ତ୍ରଣ କରୁଥିଲେ । ନୂତନ ନେତୃତ୍ୱର ଜନ୍ମ ଦେଇଥିଲେ । ଉତ୍ତମ ମଣିଷ ଗଢ଼ିଥିଲେ । ସାହିତ୍ୟ, ସଂସ୍କୃତି, କଳା–ସ୍ଥାପତ୍ୟ ନୃତ୍ୟ–ସଙ୍ଗୀତର ବିକାଶକୁ ଉତ୍ସାହିତ କରିଥିଲେ । ଓଡ଼ିଶାକୁ ବହୁ କ୍ଷେତ୍ରରେ ସମୃଦ୍ଧ କରି ଭାରତ ମାନଚିତ୍ରରେ ଉପଯୁକ୍ତ ସ୍ଥାନ ଦେଇଥିଲେ । ସମସ୍ତଙ୍କ ମନରେ ଶକ୍ତି, ସାହସ ଓ ସଂକଳ୍ପର ଭାବନା ଜାଗ୍ରତ କରିଥିଲେ ।

ମହତାବଙ୍କ ଭଳି ସାମ୍ବାଦିକ ଏ ଦେଶରେ ଦୁର୍ଲଭ । ତାଙ୍କରି ପ୍ରେରଣାରେ ବହୁ ଯୁବକ ସାମ୍ବାଦିକତା ବୃତ୍ତିକୁ ସମାଜ ସେବାର ଏକ ମାଧ୍ୟମ ରୂପେ ଗ୍ରହଣ କରି ସାଧାରଣ କ୍ଷେତ୍ରରେ ସୁପ୍ରତିଷ୍ଠିତ ହୋଇପାରିଛନ୍ତି । ଆଧୁନିକ ସମ୍ବାଦପତ୍ର ଶିଳ୍ପର ବିକାଶରେ ତାଙ୍କର ଅବଦାନ ଅତୁଳନୀୟ । ଡକ୍ଟର ମହତାବ ପ୍ରଭାବଶାଳୀ ବ୍ୟକ୍ତିତ୍ୱ, କର୍ମମୟ ଜୀବନର ଆଦର୍ଶ ଓ ଆଚରଣରୁ ଆମର ବହୁତ୍ କିଛି ଶିକ୍ଷା କରିବାର ରହିଛି । ସେ ଥିଲେ ସବୁ ପ୍ରତିଭାର ସମାହାର । ସବୁ ଗୁଣର ଆଧାର । ସବୁ ରତ୍ନର ଗନ୍ତାଘର । ବର୍ତ୍ତମାନ ଓ ଭବିଷ୍ୟତ ପୁରୁଷର ଗବେଷଣାଗାର । ସେ ଥିଲେ ମାନବିକତାର ପ୍ରତୀକ । ନିର୍ଭୀକତା, ନିରପେକ୍ଷତା ଥିଲା ତାଙ୍କର ସହଜାତ ପ୍ରକୃତି । ଅଧ୍ୟୟନ, ଅନୁଶୀଳନ, ଅନୁପ୍ରେରଣା, ଅନ୍ତରଙ୍ଗତା ତାଙ୍କ ବିଶିଷ୍ଟ ଗୁଣ ।

ସେ ଥିଲେ ଅତ୍ୟନ୍ତ ଜିଜ୍ଞାସୁ, କର୍ମନିଷ୍ଠ, ସ୍ଥିତପ୍ରଜ୍ଞ, ଧୈର୍ଯ୍ୟବାନ, ସହନଶୀଳ । ଶତ୍ରୁକୁ ମିତ୍ର, ପରକୁ ଆପଣାର କରିବା କଳାରେ ସେ ଥିଲେ ଧୁରନ୍ଧର । ନିୟମିତ ଦେଶ ଓ ବିଦେଶର ସବୁ ସମ୍ବାଦପତ୍ର ପଢ଼ିବା, ନିଜେ ଚିଠି ଓ ଲେଖା ଲେଖିବା ଥିଲା ତାଙ୍କର ଅଭ୍ୟାସ । ରୁଟିନବନ୍ଧା ଜୀବନ । ମୃତ୍ୟୁ ପର୍ଯ୍ୟନ୍ତ ଲେଖନୀ ତାଙ୍କର ବିଶ୍ରାମ ନେଇ ନାହିଁ । ଯିଏ ଯେତେବେଳେ ଯାହା ମାଗିଛି–ଗଳ୍ପ, କବିତା, ପ୍ରବନ୍ଧ, ସମ୍ବାଦ, ସମାଲୋଚନା, ଏକାଙ୍କିକା, ରମ୍ୟରଚନା–ଅକୁଣ୍ଠିତ ଭାବରେ ସେ କଲମ କାଗଜ ଧରି ଲେଖିବସନ୍ତି । ସେ ଥିଲେ ଅତ୍ୟନ୍ତ ଗୁଣଗ୍ରାହୀ । ପ୍ରତିଦିନ ଖବରକାଗଜ ଟିକିନିଖି ନ ପଢ଼ିବା ପର୍ଯ୍ୟନ୍ତ ତାଙ୍କୁ ନିଦ ହେଉ ନ ଥିଲା । ଆଭିଜାତ୍ୟ, ଅହମିକା ଓ ଆଡ଼ମ୍ବରଠାରୁ ସେ ଥିଲେ ବହୁ ଦୂରରେ । ଅଯଥା ଖର୍ଚ୍ଚକୁ ସେ ପସନ୍ଦ କରୁ ନଥିଲେ । ନିଜର କର୍ମୀମାନଙ୍କୁ ନୀତିବାନ୍, ନିଷ୍ଠାପର, କର୍ମସଚେତନ, ଅନୁସନ୍ଧିତ୍ସୁ ପରିଣାମଦର୍ଶୀ, ନିର୍ଭୀକ, ନିରପେକ୍ଷ, ନିର୍ଲିପ୍ତ ଓ ନିରହଙ୍କାର ହେବାକୁ ସେ ଉପଦେଶ ଦେଉଥିଲେ । ସାମ୍ବାଦିକମାନେ ଜିଜ୍ଞାସୁ, ସଂସ୍କୃତି ସମ୍ପନ୍ନ, ଉତ୍ତମ ପାଠକ ହେବା ଉଚିତ୍ ବୋଲି ସେ କହୁଥିଲେ । ଖଣ୍ଡିଏ କାଗଜ ମଧ୍ୟ ସେ ନଷ୍ଟ କରିବାକୁ ଦେଉ ନ ଥିଲେ । ତଳେ ପିନ୍‌ଟିଏ ପଡ଼ିବା ଦେଖିଲେ ତାକୁ ଗୋଟେଇ ଆଣି ଦେଉଥିଲେ । ପରିତ୍ୟକ୍ତ କାଗଜରେ ସେ ସମ୍ବାଦ ଓ ଗାଁ ମଜଲିସ ଲେଖୁଥିଲେ । ଗ୍ରାମାଞ୍ଚଳରୁ ଆସୁଥିବା ନଗଣ୍ୟ ସମ୍ବାଦକୁ ମଧ୍ୟ ଗୁରୁତ୍ୱ ଦେଇ ପ୍ରକାଶ କରୁଥିଲେ । ବିଭିନ୍ନ ଆପତ୍ତି ଅଭିଯୋଗ ଗାଁ ମଜଲିସରେ ସ୍ଥାନ ଦେଉଥିଲେ । ଭଲ ସମ୍ବାଦ ଓ ଲେଖା ପ୍ରକାଶ, ସୁନ୍ଦର ଛାପା ଏବଂ ଠିକ୍ ସମୟରେ ମେସିନ୍‌ରୁ କାଗଜ ବାହାରିବା ପାଇଁ ତାଙ୍କର ବ୍ୟସ୍ତତା ଓ ବ୍ୟାକୁଳତା ଆଉ କାହାରିଠାରେ ଦେଖିବାକୁ ମିଳିବ ନାହିଁ । କାର୍ଯ୍ୟରେ ଶିଥିଳତାକୁ ସେ ବରଦାସ୍ତ କରୁ ନ ଥିଲେ । ଯେତେବେଳେ ଯୁଆଡ଼େ ଯିବେ ସବୁଠି ଖୋଜିବେ ସେଠାକାର ସମ୍ବାଦ । ଲୋକଙ୍କ ସମସ୍ୟା ଅଞ୍ଚଳର ଅବସ୍ଥା । ସତେ ଯେମିତି ତାଙ୍କ ଜୀବନଟା ଖାଲି ସମ୍ବାଦମୟ ।

ସମସ୍ୟା, ସଂଗ୍ରାମ ଓ ସାଧନାକୁ ଧରି ସେ ସଂସାରକୁ ଆସିଥିଲେ । ସେଇଥିକୁ ସଫଳ କରି ସେ ଆମକୁ ଶିଖାଇଗଲେ, ଜନସେବା, ଜନଶକ୍ତି ଓ ଜନସମର୍ଥନରେ ହିଁ ସାମ୍ବାଦିକ ଏକ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ ସମାଜ ଗଢ଼ିବାକୁ ସମର୍ଥ ହୋଇପାରିବ ।

---

କ୍ୱାର୍ଟର ନଂ–୧୨/୨, ଟାଇପ୍–୫ ବ,
ୟୁନିଟ୍–୨, ଭୁବନେଶ୍ୱର

# ଶାସନକୁ ଦକ୍ଷ ଓ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଚଉଦ ଦଫା କାର୍ଯ୍ୟକ୍ରମ

ଗତ ଅଗଷ୍ଟ ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜିଲ୍ଲାପାଳମାନଙ୍କର ଏକ ସମ୍ମିଳନୀ ଉଦ୍‌ଘାଟନ କରି ପ୍ରଶାସନକୁ ଲୋକାଭିମୁଖୀ, ଦକ୍ଷ ଓ ସକ୍ରିୟ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କର ଉଦ୍‌ଘାଟନ ଭାଷଣରେ କହିଲେ ଯେ, ଜିଲ୍ଲାପାଳମାନେ ପ୍ରକୃତ କ୍ଷମତାର ଅଧିକାରୀ । ଜନସାଧାରଣଙ୍କ ଅଭାବ ଅସୁବିଧା ଓ ଆପତ୍ତି ଅଭିଯୋଗ ପ୍ରତି ସଚେତନ ରହି ସେଗୁଡ଼ିକର ଆଶୁ ସମାଧାନ ପାଇଁ ସେମାନେ ତତ୍ପର ରହିବା ଉଚିତ ଓ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଉଚିତ ।

ରାଜ୍ୟ ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ଦୃଷ୍ଟି ଆକର୍ଷଣ କରି ଶ୍ରୀ ପଟ୍ଟନାୟକ କହିଲେ ଯେ, ଅତ୍ୟାବଶ୍ୟକ ଦ୍ରବ୍ୟର ସୁଷମ ବଣ୍ଟନ କ୍ଷେତ୍ରରେ ଅସାଧୁ ବେପାରୀଙ୍କ ଉପରେ କଡ଼ା ନଜର ରଖାଯାଇ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ସେହିପରି ଜାଲ୍ ପରିଚୟପତ୍ର ଚିହ୍ନଟ କରାଯାଇ ସେଗୁଡ଼ିକୁ ବାଦ ଦେବା ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚାଇ ଦେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟର କେଉଁଝର ଓ ମୟୂରଭଞ୍ଜ ଦୁଇଟି ଜିଲ୍ଲାରେ ଉତ୍କଟ ମରୁଡ଼ି ଦେଖା ଦେଇଥିଲା ବେଳେ ବାଲେଶ୍ୱର ଜିଲ୍ଲାର ଅଧିକାଂଶ ଅଞ୍ଚଳ ମରୁଡ଼ି ଦ୍ୱାରା ବିଶେଷ ପ୍ରଭାବିତ ହୋଇଛି । ଧାନରୁଆର ବେଉଷଣ ଗତ ବର୍ଷ ଏହି ସମୟକୁ ସବୁ ଶେଷ ହେବା ବେଳକୁ ଏ ବର୍ଷ ୬୩ ଭାଗ ମାତ୍ର ସରିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ସେହିପରି ରୁଆ କାର୍ଯ୍ୟ ୭୦ ଭାଗ ମାତ୍ର ହୋଇପାରିଛି । ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ ପକ୍ଷରୁ ମରୁଡ଼ିର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ନିଷ୍ଠାପର ଭାବରେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କହିଥିଲେ ଏବଂ ରାଜ୍ୟର ୨୫ ହଜାର ନଳକୂପ ଓ ଅଗଭୀର ନଳକୂପ ବସାଇବା ପାଇଁ କାର୍ଯ୍ୟକ୍ରମ ରଖାଯାଇଥିବାରୁ ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସବୁ ବ୍ଲକରେ ଫଳସ୍ୱରା ନର୍ସରୀ ଓ ସବୁ ପଞ୍ଚାୟତରେ ପନିପରିବା ନର୍ସରୀ ବସାଇବା ପାଇଁ ସରକାରଙ୍କ କାର୍ଯ୍ୟକ୍ରମ ରହିଥିଲେ ହେଁ ୩୧୪ଟି ବ୍ଲକରୁ ୨୦୪ଟି ବ୍ଲକ୍‌ରେ ଓ ମାତ୍ର ୮୫୦ଟି ପଞ୍ଚାୟତରେ ଏହା କାର୍ଯ୍ୟକାରୀ ହୋଇଛି । ଅବଶିଷ୍ଟ ବ୍ଲକ୍ ଓ ପଞ୍ଚାୟତରେ ନର୍ସରୀ ତୁରନ୍ତ ସ୍ଥାପନ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ରାଜ୍ୟର ସମସ୍ତ ବାସହୀନଙ୍କୁ ଘରଡ଼ିହ ଯୋଗାଇ ଦେବା ରାଜ୍ୟ ସରକାରଙ୍କ ଏକ ପ୍ରଧାନ କାର୍ଯ୍ୟକ୍ରମ । ୧୯୯୯ ଜାନୁଆରୀ ୨୬ ତାରିଖ ସୁଦ୍ଧା ମୋଟ ୩,୦୫,୩୬୭ ଜଣ ବାସହୀନ ପରିବାରଙ୍କୁ ଘରଡ଼ିହ ଯୋଗାଇ ଦେବାପାଇଁ ସମୟାନୁବର୍ତ୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମର ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ସମୀକ୍ଷା କରିବେ ବୋଲି କହିଥିଲେ ।

ସେ କହିଥିଲେ, ଉନ୍ନୟନ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମିର ଭୂଅର୍ଜନ ଧୀରମନ୍ଥର ଗତିରେ କରାଯାଉଥିବାରୁ ଏହାଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଅସୁବିଧା ଉପୁଜିଛି । ହରିଜନ ଓ ଆଦିବାସୀଙ୍କ ଜମିର ଅବୈଧ ହସ୍ତାନ୍ତର କ୍ଷେତ୍ରରେ ଅନିୟମିତତା ଦୃଷ୍ଟିକୁ ଆସିଲେ ତତ୍‌କ୍ଷଣାତ୍ ସମ୍ପୃକ୍ତ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉକ୍ତ ଆଦେଶକୁ ରଦ୍ଦ କରାଯିବ ଓ ଆଦିବାସୀମାନଙ୍କୁ ଜମି ଫେରାଇ ଦିଆଯିବ ।

ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ଜେ.ଆର୍.ୱାଇ., ଇ.ଏ.ଏସ୍. ଓ ଇନ୍ଦିରା ଆବାସ ଯୋଜନାରେ ଯାହା ଖର୍ଚ୍ଚ ହେବା କଥା, ତାହା ହୋଇ ପାରି ନଥିବାରୁ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବାପାଇଁ ଜିଲ୍ଲାପାଳମାନେ ଦୃଢ଼ ପଦକ୍ଷେପ ନେଇ ଏହି ଯୋଜନା ଅର୍ଥର ସଦୁପଯୋଗ କରାଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ବ୍ଲକ କାର୍ଯ୍ୟକ୍ରମରେ ଓଡ଼ିଶାରେ ଏକ ଲକ୍ଷ ସମିତି ଗଠନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଦିଗରେ ଜିଲ୍ଲାପାଳମାନେ ତତ୍ପର ହେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ହିତାଧିକାରୀମାନଙ୍କ ପାଖରେ ଠିକ୍ ସମୟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନେ ଯେପରି ସେମାନଙ୍କର ସମସ୍ତ ପ୍ରାପ୍ୟ ପାଇ ପାରିବେ, ତାହା ଜିଲ୍ଲାପାଳମାନେ ନିଶ୍ଚିତ କରିବେ । ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ମୋଚନ ପାଇଁ ଜିଲ୍ଲାପାଳମାନେ ଗ୍ରାମାଞ୍ଚଳମାନଙ୍କରେ ଜନସମ୍ପର୍କ ଶିବିରମାନ ଆୟୋଜନ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ ।

ପ୍ରାରମ୍ଭରେ ମୁଖ୍ୟ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ମରୁଡ଼ି, କୃଷି ଓ ସମବାୟ, ରାଜସ୍ୱ, ମହିଳା ଓ ଶିଶୁ ବିକାଶ, ପାନୀୟ ଜଳଯୋଗାଣ, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିକାଶ ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଦେଇଥିଲେ।

ସମ୍ମିଳନୀରେ ରାଜ୍ୟ ଯୋଜନା ବୋର୍ଡ଼ର ଅଧକ୍ଷଙ୍କ ସମେତ ମନ୍ତ୍ରୀ ପରିଷଦର ସଭ୍ୟବୃନ୍ଦ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ପର୍ଷଦ ସଭ୍ୟ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ବିଭାଗୀୟ ପ୍ରମୁଖ ସଚିବ ଓ ସଚିବବୃନ୍ଦ, ରାଜସ୍ୱ କମିଶନର ଦ୍ୱୟ ଓ ଜିଲ୍ଲାପାଳମାନେ ଯୋଗ ଦେଇଥିଲେ।

ସହରାଞ୍ଚଳରେ କ୍ଷୁଦ୍ର ଜଙ୍ଗଲ 'ସୃଷ୍ଟି ଓ ବିଶୁଦ୍ଧ ପାନୀୟଜଳର ସୁବ୍ୟବସ୍ଥା ଏବଂ ରାଜ୍ୟରେ ମହିଳା ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କ ଜରିଆରେ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରାଇବା ପାଇଁ 'ସେଲଫ ହେଲ୍‌ଫ' ଗ୍ରୁପ ଗଠନ ପାଇଁ ଜିଲ୍ଲାପାଳ ସମ୍ମିଳନୀରେ ସ୍ଥିର କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ବାର ଦଫା କାର୍ଯ୍ୟକ୍ରମରେ ସାମିଲ କରାଯାଇ 'ଚଉଦ ଦଫା' କାର୍ଯ୍ୟକ୍ରମ ଘୋଷଣା କରାଯାଇଛି।

ଜିଲ୍ଲାପାଳ ସମ୍ମିଳନୀରେ ଗୃହୀତ ହୋଇଥିବା ସିଦ୍ଧାନ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଥିଲେ ଯେ, ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ଘୋଷିତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦିଗରେ ଜିଲ୍ଲାପାଳମାନେ ସର୍ବାଧିକ ଗୁରୁତ୍ୱ ଦେବେ। ରାଜ୍ୟରେ ଅଣଧାନ ଫସଲରେ ଅଧିକ ମନୋନିବେଶ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ବ୍ୟାପକ କପାଚାଷ ଓ ରାଜ୍ୟର ସବୁଆଡ଼େ ଚିନାବାଦାମ, ଫଳ ଓ ପନିପରିବା ଚାଷ ଉପରେ ଗୁରୁତ୍ୱ ଦିଆଯିବ। ବଡ଼ ବଡ଼ ମଧ୍ୟମ ଜଳସେଚନ ଯୋଜନା ଛଡ଼ା ଚୋର୍‌ଡ୍ରେନ ଓ ଉଠାଜଳସେଚନ ବ୍ୟବସ୍ଥା ଜରିଆରେ ଜମିକୁ ପାଣି ଯୋଗାଇ ଦେବା ଓ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ୨୫୦୦୦ ଅଗଭୀର ନଳକୂପ ଯୋଜନାର ଜିଲ୍ଲାଓ୍ୱାରୀ ଲକ୍ଷ୍ୟ ସାଧନ କରିବାପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାନୁୟାରୀ ୨୬ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ବାସହୀନ ଲୋକଙ୍କୁ ଘରଡ଼ିହ ଯୋଗାଇ ଦେବାପାଇଁ ସରକାର ଯେଉଁ ଉଚ୍ଚାଭିଳାଷୀ ଲକ୍ଷ୍ୟ ରଖିଛନ୍ତି, ସେହି ଲକ୍ଷ୍ୟ ସାଧନ ଦିଗରେ ଜିଲ୍ଲାପାଳମାନେ ବ୍ରତୀ ହେବା ସଙ୍ଗେ ସଙ୍ଗେ ଇନ୍ଦିରା ଆବାସ ଯୋଜନାର ଲକ୍ଷ୍ୟ ହାସଲ ଓ ଡାକ୍ତର, ଶିକ୍ଷକମାନଙ୍କ ପାଇଁ ବାସଗୃହ ନିର୍ମାଣ ଆସନ୍ତା ବର୍ଷ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇ.ଏ.ଏସ୍. ଓ ଜେ.ଆର୍.ୱାଇ. କାର୍ଯ୍ୟକ୍ରମରେ ଏଷ୍ଟାବ୍ଲିସ୍‌ମେଣ୍ଟ ବାବଦ ଅର୍ଥକୁ ୭ ପ୍ରତିଶତରୁ ୫ ପ୍ରତିଶତକୁ ବୃଦ୍ଧି କରାଯିବ ଏବଂ ପଞ୍ଚାୟତ ସ୍ତରରେ ନିର୍ମାଣ କାର୍ଯ୍ୟ ତଦାରଖ କରିବାପାଇଁ ସିଭିଲ୍ ଆସିଷ୍ଟାଣ୍ଟ ନିଯୁକ୍ତି ଦିଆଯିବ। ବ୍ଲକ୍‌ରେ ପରିଚାଳିତ ସମସ୍ତ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ରଖିବାପାଇଁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇ ଫଳକମାନ ବ୍ଲକ କାର୍ଯ୍ୟାଳୟରେ ଟଙ୍ଗାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ଶ୍ରୀ ପଟ୍ଟନାୟକ କହିଲେ ଯେ, ଆସନ୍ତା ଜାନୁୟାରୀ ସୁଦ୍ଧା ରାଜ୍ୟର ଅଧିକା ୭୦୦୦ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୩୦୦୦ ଲୋକଙ୍କୁ ବିଧବା ଭତ୍ତା ଓ ଦଶହଜାର ଲୋକଙ୍କୁ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯିବ। ବିକଳାଙ୍ଗଙ୍କ ମଧ୍ୟରୁ ପାଞ୍ଚ ହଜାର ମାନସିକ ରୋଗଗ୍ରସ୍ତ ଓ ବାକି ପାଞ୍ଚହଜାର ଶାରୀରିକ ବିକଳାଙ୍ଗଙ୍କୁ ଭତ୍ତା ଦିଆଯିବ। ଏହି ଲକ୍ଷ୍ୟ ପୂରଣ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ କଲେକ୍ଟରମାନଙ୍କୁ ପରାମର୍ଶ ଦେଇଥିଲେ।

ଡ୍ୱାକ୍ରା ଯୋଜନାକୁ ବିସ୍ତାରିତ କରି ଆନ୍ଧ୍ର ପ୍ରଦେଶର ସେଲ୍‌ଫ–ହେଲ୍‌ଫ ମହିଳା ସଙ୍ଗଠନ ଢାଞ୍ଚାରେ ମହିଳାମାନଙ୍କୁ ଜନହିତକର କାର୍ଯ୍ୟରେ ସମ୍ପୃକ୍ତ କରାଯିବା ସଙ୍ଗେ ସଙ୍ଗେ ଏମାନଙ୍କ ଦ୍ୱାରା ଦୁଗ୍ଧ ବନ୍ୟା କାର୍ଯ୍ୟକ୍ରମକୁ ମଧ୍ୟ ସମ୍ପ୍ରସାରିତ କରାଯିବ। ଟ୍ରାଇସେମ୍ କାର୍ଯ୍ୟକ୍ରମରେ ପମ୍ପସେଟ୍ ମରାମତି ପାଇଁ ପ୍ରତି ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କୁ ତାଲିମ ଦେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ପ୍ରଭୂତ ଗୁରୁତ୍ୱ ଆରୋପ କରିଥିଲେ। କେ.ବି.କେ. ଜିଲ୍ଲାର ପ୍ରତି ପଡ଼ା ଗାଁ ଓ ହରିଜନ ଆଦିବାସୀମାନଙ୍କର ବସତି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ କାର୍ଯ୍ୟକ୍ରମ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ ହେବ। ସେହିପରି ସହରାଞ୍ଚଳରେ ଓ ସେଠାକାର ବସ୍ତି ଅଞ୍ଚଳରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବ। ବିଦ୍ୟାଳୟରେ ନଳକୂପ ଓ ଶୌଚାଳୟ ରଖାଯିବା ସଙ୍ଗେ ସଙ୍ଗେ ଇନ୍ଦିରା ଆବାସମାନଙ୍କରେ ମଧ୍ୟ ଶୌଚାଳୟ ରଖିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ବିଶେଷ କରି, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖାଲି ପଡ଼ିଥିବା ଡାକ୍ତର ପଦଗୁଡ଼ିକ ପ୍ରତିରକ୍ଷା ବିଭାଗରୁ ଅବସରପ୍ରାପ୍ତ ୧୦୦ ଜଣ ଡାକ୍ତରଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇ ପୂରଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଯାନବାହାନଜନିତ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟର ଦଶଟି ସ୍ଥାନରେ ଖୋଲାଯାଇଥିବା ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଥିଲା।

## ପୋଲିସ୍ ପ୍ରଶାସନ ଜନସାଧାରଣଙ୍କ ସମସ୍ୟା ପ୍ରତି ସଚେତନ ହେବାକୁ ପରାମର୍ଶ

ଶାନ୍ତି ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ଦିଗରେ ସେମାନେ ସହ କାର୍ଯ୍ୟ କରି ଜନସାଧାରଣଙ୍କ ଶ୍ରଦ୍ଧା ଓ ବିଶ୍ୱାସଭାଜନ

ହେବାପାଇଁ ମୁଖ୍ୟମନ୍ତ୍ରୀ ପୋଲିସ୍ ଉଚ୍ଚ ପଦାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଜିଲ୍ଲାପାଳ ସମ୍ମିଳନୀରେ ରାଜ୍ୟର କଲେକ୍ଟର ଓ ପୋଲିସ୍ ଉଚ୍ଚପଦାଧିକାରୀମାନଙ୍କୁ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଅପରାଧ ହାରରେ ସାମାନ୍ୟ ହ୍ରାସ ଘଟିଥିଲେ ହେଁ ସେଥିରେ ଆତ୍ମଶ୍ଳାଘାର ଅବକାଶ ନାହିଁ । କେତେକ ବଡ଼ ଧରଣର ଅପରାଧ କ୍ଷେତ୍ରରେ ତଥା ନାରୀ ନିର୍ଯ୍ୟାତନା ଓ ଯୌତୁକଜନିତ ମାମଲାରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ତତ୍ପରତା ପ୍ରକାଶ ପାଇବା ଉଚିତ । ସେହିପରି ହରିଜନ ଓ ଆଦିବାସୀମାନଙ୍କୁ ହଇରାଣ ହରକତ କରାଯାଉଥିବା କଥା ନଜରକୁ ଆସିଲେ ସେ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ମାମଲା ପର୍ଯ୍ୟବେକ୍ଷଣରେ ଖିଲାପ ହେଲେ ବା ତଦନ୍ତରେ ଶିଥିଳତା ପ୍ରକାଶ ପାଇଲେ ତାହା ସମ୍ପୃକ୍ତ ଅଧିକାରୀଙ୍କ ଗୁପ୍ତ ଚରିତ୍ର ଲିପିରେ ପ୍ରତିଫଳିତ ହେବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଥିଲେ ଏବଂ ଜିଲ୍ଲାପାଳମାନେ ନିୟମିତ ଥାନା ପରିଦର୍ଶନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଥିଲେ ଯେ, ପୋଲିସ୍ ପ୍ରଶାସନ ଜନସାଧାରଣଙ୍କ ସମସ୍ୟା ପ୍ରତି ସଚେତନ ରହି ଆଇନ ଶୃଙ୍ଖଳା ପରିସ୍ଥିତିରେ ଅଧୋଗତି ଦେଖାଯିବାମାତ୍ରେ ତତ୍ପରତାର ସହିତ ଏହାର କଡ଼ା ମୁକାବିଲା କରିବେ ।

ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର, ଗୃହ ବିଭାଗର ପ୍ରମୁଖ ସଚିବ ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା ଓ ପୋଲିସ୍ ମହାନିର୍ଦ୍ଦେଶକ ଡକ୍ଟର ବନବିହାରି ପଣ୍ଡା ସମ୍ମିଳନୀରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ । ସେମାନେ ଦର୍ଶାଇଥିଲେ ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସନ୍ତୋଷଜନକ ରହିଛି । କୌଣସି ପ୍ରକାରର ଶ୍ରମିକ ଅଶାନ୍ତି ବା ଛାତ୍ର ବିଶୃଙ୍ଖଳା ଦେଖାଦେଇ ନାହିଁ ଏବଂ ସାମ୍ପ୍ରଦାୟିକ ସଦ୍ଭାବ ମଧ୍ୟ ବଜାୟ ରହିଛି । ପୁରୀର ରଥଯାତ୍ରା ଓ ଭଦ୍ରକର ରାମନବମୀ ଉତ୍ସବ ଶାନ୍ତିଶୃଙ୍ଖଳା ସହକାରେ ସମାହିତ ହୋଇଛି ବୋଲି ଦର୍ଶାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ଜିଲ୍ଲାଓ୍ୱାରୀ ସମୀକ୍ଷା କରିଥିଲେ ।

## ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମକୁ ଗଣଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ

ଗତ ଅଗଷ୍ଟ ୩୦ ତାରିଖ ଜିଲ୍ଲାପାଳ ସମ୍ମିଳନୀର ଶେଷ ଦିବସରେ ଜିଲ୍ଲାପାଳ ଓ ବନାଧିକାରୀମାନଙ୍କ ମିଳିତ ସମ୍ମିଳନୀରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରି ଆସନ୍ତା ଜାନୁୟାରୀ ୨୬ ତାରିଖ ସୁଦ୍ଧା ରାଜ୍ୟର ସବୁଆଡ଼େ ଜଙ୍ଗଲ ସୁରକ୍ଷା କମିଟିମାନ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ, ଜଙ୍ଗଲ ପାର୍ଶ୍ୱ ଗାଁର ଲୋକମାନଙ୍କୁ ଜଙ୍ଗଲର ଅଧିକାର ଦେବାପାଇଁ ଜଙ୍ଗଲ ସୁରକ୍ଷା କମିଟିମାନ ଗଢ଼ିବା ପାଇଁ ପ୍ରଥମେ ଓଡ଼ିଶାରେ ହିଁ ଉଦ୍ୟମ କରାଯାଇଥିଲା । ଜଙ୍ଗଲର ସୁରକ୍ଷା କେବଳ ଲୋକଙ୍କ ଦ୍ୱାରା ସମ୍ଭବ, ଏହା କର୍ମଚାରୀମାନଙ୍କ ଦ୍ୱାରା କଦାପି କରାଯାଇପାରିବ ନାହିଁ । ତେଣୁ 'ଜଙ୍ଗଲ ଲୋକଙ୍କର' ଏହି କଥାକୁ କେବଳ ଧ୍ୱନିରେ ସୀମିତ ନରଖି କାର୍ଯ୍ୟରେ ପରିଣତ କରିବାପାଇଁ ଜଙ୍ଗଲ ସୁରକ୍ଷା କମିଟିମାନ ଶୀଘ୍ର ଗଠନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେହିପରି ଜଙ୍ଗଲ ଭିତରେ ଥିବା ଗାଁର ଲୋକମାନଙ୍କୁ ସ୍ଥାନାନ୍ତରିତ କରିବାପାଇଁ ସମୟସୀମା ନିର୍ଦ୍ଧାରଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୮୨ ବନ୍ୟାପରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବଣଜଙ୍ଗଲ ଓ ଝାଉଁ ଜଙ୍ଗଲ ସୃଷ୍ଟି କରିବାପାଇଁ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ତାହା ଜୋରସୋରରେ ଚାଲିବା ଦରକାର । ବାଲିଆପାଳରେ ଜଙ୍ଗଲ ପୁରାପୁରି ନଷ୍ଟ ହୋଇଯାଇଥିବାରୁ ସେଠାରେ ଜଙ୍ଗଲ ପୁନଃ ସୃଷ୍ଟି କରିବାପାଇଁ ସେ ଗୁରୁତ୍ୱ ଆରୋପ କରିଥିଲେ । ଏହାଛଡ଼ା ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଉଦାରୀକରଣ ଅର୍ଥନୀତିର ସୁଯୋଗ ନେଇ ରାଜ୍ୟରେ ଗଢ଼ି ଉଠିଥିବା ରେଳପଥ, ବିଦ୍ୟୁତ୍ ପ୍ରକଳ୍ପ, ଇସ୍ପାତ୍ ଓ ଆଲୁମିନିୟମ ପ୍ରକଳ୍ପ ପାଇଁ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ କାର୍ଯ୍ୟ ପ୍ରତି ମଧ୍ୟ ବିଶେଷ ଦୃଷ୍ଟି ଦେବାକୁ ହେବ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ପତିତ ଜମିରେ ସୃଷ୍ଟି ହୋଇଥିବା ଜଙ୍ଗଲର ଅଧିକାର ଗ୍ରାମବାସୀମାନଙ୍କୁ ଶୀଘ୍ର ହସ୍ତାନ୍ତର କରାଯିବା ଉଚିତ ।

ଜଙ୍ଗଲ ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଜଙ୍ଗଲ ସୁରକ୍ଷାପାଇଁ ସ୍ୱତନ୍ତ୍ର ଫୋର୍ସ ଗଠନ ଓ ଜଙ୍ଗଲ ଅଞ୍ଚଳର ଲୋକଙ୍କ ଜମିର ସ୍ୱତ୍ୱ ସ୍ଥିର କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଜିଲ୍ଲାପାଳ ଓ ଡି.ଏଫ୍.ଓ.ମାନଙ୍କର ମିଳିତ ବୈଠକ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବାର ସୂଚନା ଦେଇଥିଲେ ।

ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ଶ୍ରୀନିବାସ ରଥ ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ବ୍ରହ୍ମପୁରରେ ୮ଟି ଜୋନ୍ ଗଠନ କରାଯାଇଛି ଏବଂ ପ୍ରଦୂଷଣ ସୃଷ୍ଟିକାରୀ ଜୋନ୍ ବ୍ୟବସ୍ଥାଗୁଡ଼ିକ ସ୍ଥାନାନ୍ତର କରିବା ଓ ଶାସାମ୍ନିକ ସ୍ଥିତର ବିପଦ୍‌ଜନକ ପରିସ୍ଥିତି ସୃଷ୍ଟି ହେଉଥିବାରୁ ସେଥିପାଇଁ 'ଟାସ୍‌ଫୋର୍ସ' ଗଠନ କରାଯିବ ବୋଲି କହିଥିଲେ ।

ସମ୍ମିଳନୀରେ ପରିବେଶ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଦାଶଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟବୃନ୍ଦ, ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀମତୀ ନନ୍ଦିନୀ ଶତପଥୀ, ଜଙ୍ଗଲ ବିଭାଗର ବରିଷ୍ଠ କର୍ମକର୍ତ୍ତାଗଣ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ସାଂପ୍ରତିକ ମରୁଡ଼ି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପଦକ୍ଷେପ

**ଶ୍ରୀ ମୀନକେତନ ବେହେରା**

ଯେକୁଡିକ ସମ୍ପଦରେ ଭରା ଓଡ଼ିଶାର ଅଧିବାସୀ ଅଧିକାଂଶ ସମୟରେ ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଆସନ୍ତି । ଚଳିତବର୍ଷ ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ହୋଇ ରାଜ୍ୟରେ ମରୁଡ଼ି ଜନିତ ପରିସ୍ଥିତି ସୃଷ୍ଟି କରିଅଛି । ଏହି ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ବିଭିନ୍ନ ସମୟରେ ସମୀକ୍ଷା କରି ତା'ର ସମୁଚିତ ପଦକ୍ଷେପ ନେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ଜୁନ୍ ମାସ ସୁଦ୍ଧା ୨୧୭ ମି:ମି: ବର୍ଷା ହେବା କଥା, କିନ୍ତୁ ଗତବର୍ଷ ଜୁନ୍ ମାସ ସୁଦ୍ଧା ୧୯୫ ମି:ମି: ହୋଇଥିବାସ୍ଥଳେ ଚଳିତ ବର୍ଷ ୧୨୯ ମି:ମି: ହୋଇଥିଲା । ଜୁଲାଇ ମାସରେ ୩୨୫ ମି:ମି: ହେବାସ୍ଥଳେ ଜୁଲାଇ ୨୫ ସୁଦ୍ଧା ୧୦୫ ମି:ମି: ହୋଇଥିଲା । ରାଜ୍ୟର ୧୩ ଗୋଟି ଜିଲ୍ଲାରେ ସ୍ୱାଭାବିକ ବର୍ଷାର ପ୍ରାୟ ୫୦ ପ୍ରତିଶତ କମ୍ ବର୍ଷା ହୋଇ ଅର୍ଦ୍ଧାଧିକ ଫସଲହାନୀ ଘଟିଛି । ରାଜ୍ୟରେ ସାମୟିକ ଭାବରେ ବାର୍ଷିକ ୧୫୦୩ ମି:ମି: ବର୍ଷା ହେବାର ଥିବା ସ୍ଥଳେ ସେଥିମଧ୍ୟରୁ ୧୦୮୫ ମି:ମି: ବା ୮୦ ପ୍ରତିଶତ ବର୍ଷା ଋତୁରେ ଅର୍ଥାତ୍ ଜୁନ୍‌ଠାରୁ ସେପ୍‌ଟେମ୍ବର ମାସ ମଧ୍ୟରେ ହିଁ ହୋଇଥାଏ । ତଦନୁଯାୟୀ ବର୍ତ୍ତମାନ ସୁଦ୍ଧା ୯୬୪ ମି:ମି: ସ୍ୱାଭାବିକ ବୃଷ୍ଟିପାତ ହେବା ସ୍ଥଳେ ମାତ୍ର ୭୦୦ ମି:ମି: ବର୍ଷା ହୋଇଥିଲା । ବୃଷ୍ଟିପାତ ପରିମାଣ ୨୭ ପ୍ରତିଶତ ଅଭାବ ପରିଲକ୍ଷିତ ହୋଇଛି । ଏହି ଅଭାବ ଜୁଲାଇ ଓ ଅଗଷ୍ଟ ମାସରେ ମାତ୍ରାଧିକ ହୋଇଥିବାରୁ ଏହା ନିଶ୍ଚିତ ଭାବରେ ଖରିଫ୍ ଫସଲକୁ ପ୍ରଭାବିତ କରିବ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଛନ୍ତି । ଅଗଷ୍ଟ ମାସ ଶେଷ ସୁଦ୍ଧା ବେଉଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହୋଇ ୬୩ ପ୍ରତିଶତ ଓ ଧାନରୁଆ କାର୍ଯ୍ୟ ୮୫ ପ୍ରତିଶତ ସ୍ଥଳେ ୭୦ ପ୍ରତିଶତ ହୋଇଛି । କୃଷି ବିଭାଗ ରିପୋର୍ଟ ଅନୁଯାୟୀ ଗତବର୍ଷ ଜୁଲାଇ ମାସ ସୁଦ୍ଧା ୨୬୩୫ ହେକ୍ଟରରେ ଖରିଫ ଚାଷ ସ୍ଥଳେ ଚଳିତ ବର୍ଷ ୨୫୬୬ ହେକ୍ଟରରେ ଖରିଫ ଫସଲ ହୋଇଛି ।

ଏହାର ପ୍ରତିକାର ତଥା ଚାଷୀ ଓ ଚାଷର ସୁରକ୍ଷା କରିବା ଦିଗରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ପ୍ରଥମେ ଜଳସମ୍ପଦ ଓ ଉଠା ଜଳସେଚନ ବିଭାଗ ସହିତ ପରାମର୍ଶ କରି ବକେୟା ଦେୟ ପ୍ରତି ଧ୍ୟାନ ନଦେଇ ଜଳ ଯୋଗାଇବା ପାଇଁ ସମସ୍ତ ଜଳସେଚନ ପଏଣ୍ଟ ପାଇଁ ୨.୫୦ କୋଟି ଟଙ୍କା ଅଗ୍ରୀମ ରୂପେ ଯୋଗାଇ ଦେଇଥିଲେ । ଜିଲ୍ଲାପାଳ ସମ୍ମିଳନୀ ସମୟରେ ଆଲୋଚନା କରାଯାଇ ବହୁବିଧ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଉଠାଜଳସେଚନ ପଏଣ୍ଟକୁ ସଚଳ କରିବାକୁ ସର୍ବନିମ୍ନ ୫ ଏକରକୁ କମାଇବା ସହିତ କୃଷିନୀତି ମାଧ୍ୟମରେ ଶତକଡ଼ା ୫୦ ଭାଗ ରିହାତି ଦ୍ୱାରା ଡିଜେଲ ପମ୍ପ ଚାଷୀଙ୍କୁ ଯୋଗାଇବା ପାଇଁ ଏକ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି । ଆଇ:ଆର୍:ଡି:ପି: ଯୋଜନାରେ ଚିହ୍ନିତ ବ୍ୟକ୍ତିଙ୍କୁ ଡିଜେଲ୍ ପମ୍ପ ଯୋଗାଣ ସହିତ କେ:ଏଫ୍:ଡବ୍ଲ୍ୟୁ ସହାୟତାରେ ଉଠା ଜଳସେଚନ ପଏଣ୍ଟରୁ ତୁରନ୍ତ ବିଦ୍ୟୁତ୍‌କରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

କୃଷିନୀତି ମାଧ୍ୟମରେ ଖନନ କରାଯାଇଥିବା ଗଭୀର ନଳକୂପଗୁଡ଼ିକରେ ଡିଜେଲ ପମ୍ପ ବସାଇବା ସହିତ ଜେ:ଆର୍:ୱାଇ ଓ ଇ:ଏ:ଏସ: ଯୋଜନାରୁ ଚେକ୍ ବନ୍ଧ ଓ ଆଡ଼ି ବନ୍ଧ ନିର୍ମାଣ କରି ସେହି ଜମିକୁ ପାଣି ମଡ଼ାଇବାର ବ୍ୟବସ୍ଥା କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ଯଥା—ପୋଖରୀ ଖନନ ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ସ୍କୁଲ ରଖିବା ସହିତ ଦରକାର ପଡ଼ିଲେ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ଭରଣା କରି କେନ୍ଦ୍ର ସରକାରଙ୍କ ଅନୁଦାନ ମିଳିବା ପରେ ସାଧାରଣ ବଣ୍ଟନକୁ ଫେରାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି । ରବି ଫସଲ ପାଇଁ କିଲୋପ୍ରତି ରିହାତି ଦରରେ ୫ ଟଙ୍କାରେ ଡାଲିଜାତୀୟ ବିହନ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଇଛି । ଚାଷୀମାନଙ୍କୁ ଫସଲ ପର୍ଯ୍ୟାୟ ମାଧ୍ୟମରେ ଭିନ୍ନ କିସମର ଫସଲ କରିବା ପାଇଁ ପରାମର୍ଶ ଦିଆଯାଇଛି । ମରୁଡ଼ିର ପ୍ରତିକାର ପାଇଁ ଜିଲ୍ଲାପାଳମାନଙ୍କୁ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଉଠା ଜଳସେଚନ କାର୍ଯ୍ୟ ଲାଗି ୧ କୋଟି ୩୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଦଶ ହଜାର ପାଞ୍ଚଶହ ଉଠା ଜଳସେଚନ ପଏଣ୍ଟକୁ କାର୍ଯ୍ୟକ୍ଷମ କରିବା ଲାଗି ଉଠା ଜଳସେଚନ ନିଗମକୁ ଅଢ଼େଇ କୋଟି ଟଙ୍କା ଦିଆଯାଇଛି । ୧୮୯ ଗୋଟି ନୂଆ ଉଠା ଜଳସେଚନ ପଏଣ୍ଟ ପାଇଁ ଜିଲ୍ଲାପାଳମାନଙ୍କୁ ୧.୦୮ କୋଟି ଟଙ୍କା ସାହାଯ୍ୟ ପ୍ରଦାନ କରାଯାଇଛି । ୪୩୦ ଗୋଟି ଅଚଳ ପଏଣ୍ଟକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ୧୦ କୋଟି ୩୯ ଲକ୍ଷ ଟଙ୍କା, ଏହାଛଡ଼ା ଏକ କୋଟି ୩୪ ଲକ୍ଷ ଟଙ୍କା ଜିଲ୍ଲାପାଳମାନଙ୍କୁ ଅନ୍ୟାନ୍ୟ ଉପାୟରେ ଖରିଫ୍ ଫସଲକୁ ଜଳ ଯୋଗାଇ ବଞ୍ଚାଇ ରଖିବା ପାଇଁ ଅନୁଦାନ ପ୍ରଦାନ କରାଯାଇଛି ।

ରାଜସ୍ୱ ମନ୍ତ୍ରୀ ତାଙ୍କର ନୂଆଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର କୃଷି ମନ୍ତ୍ରୀ ଓ କେନ୍ଦ୍ର ଖାଦ୍ୟ ମନ୍ତ୍ରୀଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି । ଫସଲ ବୀମା ମାଧ୍ୟମରେ ବର୍ତ୍ତମାନ କେବଳ ଋଣ ଗ୍ରହୀତା କୃଷୀମାନେ ଉପକୃତ ହୋଇପାରୁଛନ୍ତି । ସାଧାରଣ କୃଷୀ ଏହି ବୀମା ସୁବିଧା ନେଇପାରୁ ନାହାନ୍ତି । ତେଣୁ ଫସଲ ବୀମା ମାଧ୍ୟମରେ ଯେପରି ସମସ୍ତ କୃଷୀ ସେମାନେ ଋଣ କରିଥାନ୍ତୁ କି ନାହିଁ ଏହାର ସୁବିଧା ନେଇପାରିବେ ସେ ବିଷୟରେ ରାଜସ୍ୱ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି । ଯାହା ଫଳରେ କେନ୍ଦ୍ର ସରକାର ଫସଲ ବୀମାକୁ ସମସ୍ତ କୃଷୀଙ୍କ ପାଇଁ ଲାଗୁ କରିବାକୁ ପଦକ୍ଷେପ ନେଉଛନ୍ତି ।

ଏହାଛଡ଼ା ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ରକୁ ମରୁଡ଼ି ପରିସ୍ଥିତି ସମ୍ପର୍କରେ ତାଙ୍କ ରିପୋର୍ଟ ଦାଖଲ କରି କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପଠାଇବା ସହିତ ରାଜ୍ୟକୁ ମରୁଡ଼ିର ମୁକାବିଲା ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଦାବୀ କରାଯାଉଛି । ଯେକୌଣସି ପରିସ୍ଥିତିରେ ରାଜ୍ୟ ସରକାର କୃଷୀ ଓ କୃଷର ସୁରକ୍ଷା କରିବା ସହିତ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା କରିବା ଦିଗରେ ଦୃଢ଼ ପରିକର ରହିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ରାଜସ୍ୱ ବିଭାଗ ଶାସନ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯେକୌଣସି ପରିସ୍ଥିତିରେ କିଛି ଅଘଟଣ ଘଟିଲେ ତୁରନ୍ତ ରାଜସ୍ୱ ବିଭାଗ ନିୟନ୍ତ୍ରଣ କକ୍ଷକୁ ଫ୍ୟାକ୍ସ ବାର୍ତ୍ତା ଦ୍ୱାରା ଜଣାଇ ଦେବା ପାଇଁ କହିଛନ୍ତି । ଜିଲ୍ଲାମାନଙ୍କରୁ ତୁରନ୍ତ ସମ୍ବାଦ ପରିବେଷଣର ସୁବିଧା ଦୃଷ୍ଟିରୁ ରାଜସ୍ୱ ବିଭାଗ ନିୟନ୍ତ୍ରଣ କକ୍ଷରେ ଫ୍ୟାକ୍ସ ନମ୍ବର ଛାଡ଼ି ୪୨୨୨୬୬ ଫୋନ୍ ନମ୍ବରରେ ନୂଆ ଟେଲିଫୋନ୍ ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ମରୁଡ଼ି ପରିସ୍ଥିତିର ଭୟାବହତା ତଥା ତଜ୍ଜନିତ ଉପୁଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି ।

ସୂଚନା ଅଧିକାରୀ, ରାଜସ୍ୱ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର



ସାମନ୍ତ ଚନ୍ଦ୍ର ଶେଖର ପ୍ଲାନେଟୋରିୟମ

# ପ୍ରବାଦ ପୁରୁଷ ବିର୍ସା ମୁଣ୍ଡା

ଶ୍ରୀ ମେଘନାଦ ଟୁଡୁ

ପ୍ରବାଦ ପୁରୁଷ ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥାନ ଓ ଜନ୍ମଦିନ ଉପରେ ଐତିହାସିକମାନଙ୍କର ମତଭେଦ ରହିଥିଲେ ହେଁ ଏହା ସର୍ବସମ୍ମତ ଯେ, ବିଦେଶୀ ଶାସନ ଶୃଙ୍ଖଳରୁ ନିଜ ମାତୃଭୂମିକୁ ମୁକ୍ତ କରିବା ଲାଗି ବିର୍ସା ମୁଣ୍ଡା ମାତ୍ର ୨୦ ବର୍ଷ ବୟସରେ ଯେଉଁ ବିଦ୍ରୋହର ସଫଳ ନେତୃତ୍ୱ ଦେଇଥିଲେ ତାହାହିଁ ଭାରତ ଇତିହାସରେ ତାଙ୍କୁ ଚିର ସ୍ମରଣୀୟ କରି ରଖିଥିବ ଏବଂ ତାଙ୍କର ଜାତି ଓ ଦେଶ ପାଇଁ ଉତ୍ସର୍ଗୀକୃତ ଜୀବନ ସମସ୍ତଙ୍କୁ ଯୁଗେ ଯୁଗେ ଅନୁପ୍ରାଣିତ କରୁଥିବ ।

ଏହି ଯୁଗପୁରୁଷଙ୍କ ଜନ୍ମ ରାଞ୍ଚି ଜିଲ୍ଲା ଖୁଣ୍ଟି ସବ୍‌ଡିଭିଜନର ଆଡ଼କିଁ ଥାନା ଅନ୍ତର୍ଗତ ପାହାଡ଼ ଜଙ୍ଗଲ ଘେରା ଦୁର୍ଗମ 'ଉଲିହାତୁ' ଗ୍ରାମରେ ଆଜକୁ ୧୪୩ ବର୍ଷ ତଳେ ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଏକ ଦରିଦ୍ର ମୁଣ୍ଡା ଆଦିବାସୀ ପରିବାରରେ । ତାଙ୍କ ପିତାଙ୍କର ନାମଥିଲା ସୁଗନା ମୁଣ୍ଡା ଓ ମାତାଙ୍କର ନାମ କାର୍ମୀହାତୁ । ବିର୍ସା ଭୂମିଷ୍ଠ ହେବାବେଳେ ପ୍ରବଳ ବାତ୍ୟା ଓ ମୁଷଳଧାରାରେ ବର୍ଷା ହେଉଥିଲା । ଫଳରେ 'ଉଲିହାତୁ' ଗ୍ରାମର ଅଶେଷ କ୍ଷତି ଘଟିଥିଲା । ପ୍ରବାଦ ଅଛି ଜନ୍ମହେବା ମାତ୍ରେ ବିର୍ସା 'ସିଂ ବୋଙ୍ଗା' ବା ବିଶ୍ୱସ୍ରଷ୍ଟା 'ସୂର୍ଯ୍ୟ ଦେବତା' ବୋଲି ଉଚ୍ଚାରଣ କରିଥିଲେ ।

ବିର୍ସା ମୁଣ୍ଡାଙ୍କ ଜନ୍ମସହିତ ଉଲିହାତୁ, ଗୁଲକାଦ, ବସା ଓ କୁଣ୍ଡିଗ୍ରାମକୁ ଜଡ଼ିତ କରାଯାଉଥିଲେ ମଧ୍ୟ ଆଜିମଧ୍ୟ ତାଙ୍କର ବଂଶଧରମାନେ ସେହି କ୍ଷୁଦ୍ରପଲ୍ଲୀ 'ଉଲିହାତୁ' ଗ୍ରାମରେ ବସବାସ କରୁଛନ୍ତି । ପ୍ରକୃତରେ ଏହି ଗ୍ରାମରେ ହିଁ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କର ଜନ୍ମ ହୋଇଥିବା ବିଶ୍ୱାସକରି ବିହାର ସରକାରଙ୍କ ଦ୍ୱାରା ଏହି ଗ୍ରାମର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ନିଆଯାଇଛି ।

ପିଲାଦିନେ ବିର୍ସା ମୁଣ୍ଡାଙ୍କର କେତେକ ସଦ୍‌ଗୁଣ ଦେଖି ତାଙ୍କ ପିତା ଜମ୍ବପାଇନାଗ ଆଶ୍ରମରେ ପାଠ ପଢ଼ିବା ଲାଗି ବିର୍ସାଙ୍କ ନାମ ଲେଖାଇ ଥିଲେ । ଶିଶୁ ବିର୍ସା ପାଠ ପଢ଼ାରେ ସେତେ ମନୋନିବେଶ କରୁନଥିଲେ ହେଁ ନୂଆଁ ନୂଆ କଥା ଶିଖିବା ଦିଗରେ ଅଧିକ ଆଗ୍ରହ ଦେଖାଉ ଥିଲେ । ତାଙ୍କୁ ଯେତେବେଳେ ଷୋହଳ ବର୍ଷ ସ୍ୱାଇଁବସାସ୍ଥିତ ବି.ଇ.ଏଲ୍ ମିଡିଲ୍ ସ୍କୁଲରେ ତାଙ୍କନାମ ଲେଖାଇ ଦିଆଗଲା । ସ୍ୱାଧୀନଚେତା ବିର୍ସା ବହୁ କଷ୍ଟରେ ସେଠାରେ ସ୍କୁଲିବର୍ଷ କଟାଇଥିଲେ ।

ଦିନକର ଘଟଣା । ତା'ର ଜଣେ ସହପାଠୀଙ୍କୁ ବଳଦ ପରି ଯୋଚ୍ଚିଯାଇ ହଳକରାଯାଉଥିଲା । ଏହାଦେଖି ବିର୍ସା କ୍ରୋଧ ସମ୍ବରଣ କରିନପାରି ତତ୍‌କ୍ଷଣାତ୍ କୁଆଳି ଓ ଲଙ୍ଗଳକୁ ନେଇ ଏକ ପୁଷ୍କରିଣୀରେ ନିକ୍ଷେପ କରିଦେଇଥିଲେ । ଏ କଥା ବିଦ୍ୟାଳୟର ଇଂରେଜ ପ୍ରଧାନ ଶିକ୍ଷକଙ୍କ କାନକୁ ଆସିବାରୁ ସେ ଖୁବ୍ ରାଗିଯାଇ ବିର୍ସାଙ୍କୁ ପ୍ରବଳ ପ୍ରହାର କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟରୁ ମଧ୍ୟ ବହିଷ୍କାର କରିଦେଇଥିଲେ । ଏହିଠାରୁ ବିର୍ସାଙ୍କ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ଏହାଥିଲା ସ୍ୱାଧୀନତା ସଂଗ୍ରାମୀ ଇତିହାସ ପୁରୁଷ ବିର୍ସାଙ୍କର ଇଂରେଜ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦ ।

ବିଦ୍ୟାଳୟରୁ ବିତାଡ଼ିତ ହେବା ପରେ ନିଜ ଅନ୍ନ ସଂସ୍ଥାନ ନିମନ୍ତେ ବିର୍ସା ବରଗାଁର ଠାକୁର ଜଗମୋହନ ସିଂହଙ୍କଠାରେ କିଛିଦିନ କାମ କରୁଥିଲେ । ସେଠାରେ ସେ ୧୮୯୦ରୁ ୧୮୯୧ ପର୍ଯ୍ୟନ୍ତ ରହିଥିଲେ ଏବଂ ଏହି ସମୟରେ 'ହୀରି' ସହିତ ତାଙ୍କ ବିବାହ ହୋଇଥିଲା । ତାଙ୍କର ବୈବାହିକ ଜୀବନ ଅତ୍ୟନ୍ତ କ୍ଷଣସ୍ଥାୟୀ ଥିଲା, କାରଣ ତାଙ୍କ ପତ୍ନୀ ଅଳ୍ପଦିନ ପରେ ମୃତ୍ୟୁବରଣ କରିଥିଲେ ।

୧୮୯୪ ସାଲରେ ବିହାରରେ ଭୀଷଣ ଦୁର୍ଭିକ୍ଷ ପଡ଼ିଥିଲା । ଛୋଟନାଗପୁର ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ବହୁ କଷ୍ଟ ଭୋଗିଥିଲେ । ଆଦିବାସୀମାନେ ଜଙ୍ଗଲରୁ ଫଳମୂଳ, କନ୍ଦା, ପତ୍ର ଆଦିର ସିଝା ଖାଇ ଜୀବନ ବଞ୍ଚାଉଥିଲେ । ଏପରି ଦୁର୍ଦ୍ଦିନରେ ମଧ୍ୟ ଇଂରେଜ ସରକାର ପୂର୍ବବତ୍ ଲୋକମାନଙ୍କଠାରୁ ଖଜଣା ଆଦାୟ ଜୁଲମ୍ ଚଳାଉଥିଲେ । ଖଜଣା ଅସୁଲ ପାଇଁ ସେମାନେ ଲୋକଙ୍କ ପିନ୍ଧା ଗହଣାକୁ ମଧ୍ୟ ଯୋରଜବରଦସ୍ତ ଛଡ଼ାଇ ନେଲେ । ଯେଉଁମାନଙ୍କଠାରେ ତାହା ମଧ୍ୟ ନଥିଲା, ସିପାହୀମାନେ ସେମାନଙ୍କର ଇଜ୍ଜତ ଲୁଟ୍ କଲେ । ଲୋକମାନଙ୍କ ଉପରେ ଏପରି ଅମାନୁଷିକ ଅତ୍ୟାଚାର ଯୁବକ ବିର୍ସାଙ୍କ ପ୍ରାଣରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରିଥିଲା । ସେ ମୁଣ୍ଡା ଯୁବକମାନଙ୍କୁ ଏକଜୁଟ କରି ତାହାର ପ୍ରତିବାଦ କରିବାକୁ ଆଗେଇ ଆସିଲେ ।

ମୁଣ୍ଡା ବିଦ୍ରୋହୀମାନେ ଖଜଣା ଆଦାୟକାରୀ ଜଣେ ଜମିଦାର, କନେଷ୍ଟବଳ ୟୁସୁଫ୍ ଖାଁ ଓ ସିପାହୀ ଗୋଲାବ ସିଂହଙ୍କୁ ହତ୍ୟା କଲେ । ଏହା ଦେଖି ଅନ୍ୟ ସିପାହୀମାନେ ପ୍ରାଣ ଭୟରେ ପଳାୟନ କଲେ । ଏହି ସମୟରେ ଏଚ୍. ସି. ଷ୍ଟ୍ରିଟ୍‌ଫିଲ୍ଡ ରାଞ୍ଚିରେ ଡେପୁଟି କମିଶନର ଭାବେ ଅବସ୍ଥାପିତ ଥିଲେ । ସେ ବିର୍ସାଙ୍କୁ ଧରିବା ପାଇଁ ପରୱାନା ଜାରି କଲେ ଏବଂ ବିର୍ସାଙ୍କୁ ୧୮୯୫ ମସିହା ଅଗଷ୍ଟ ୨୬ ତାରିଖରେ ପ୍ରଥମେ ବନ୍ଦୀ କରାଯାଇ ଦୁଇ ବର୍ଷ ଜେଲ୍‌କୁ ନିଆଗଲା । ସେଠାରେ ତାଙ୍କୁ ଦୁଇ ବର୍ଷ କାରାଦଣ୍ଡ ... ୧୮୯୭ ମସିହାରେ ମହାରାଣୀ ଭିକ୍ଟୋରିଆଙ୍କ ରାଜତ୍ୱର ହୀରକ ...

ଜୟନ୍ତୀ ପାଳନ ଉପଲକ୍ଷେ ସମସ୍ତ ରାଜବନ୍ଦୀଙ୍କୁ ମୁକ୍ତ କରି ଦିଆଯାଉଥିଲା । ଫଳରେ ବିର୍ସା ମୁଣ୍ଡା କାରାମୁକ୍ତ ହେଲେ ।

ଜେଲରୁ ଫେରିବାମାତ୍ରେ ବିର୍ସା ମୁଣ୍ଡା ପୁନର୍ବାର ବିଦ୍ରୋହ ପାଇଁ ଲୋକମାନଙ୍କୁ ସଙ୍ଗଠିତ କରିବାରେ ଲାଗିପଡ଼ିଲେ । ଦେଖୁ ଦେଖୁ ଏହି ସଙ୍ଗଠନରେ ୪–୫ ହଜାର ଲୋକ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଗଲେ । ଜେଲରୁ ମୁକ୍ତହେବାର ତିନିଦିନ ପରେ ଅଗଷ୍ଟ ୮ ତାରିଖରେ ଖୁଣ୍ଟି ଥାନାର ଦାରୋଗା ରାମବିକାଶ ସିଂହଙ୍କୁ ଛୋଟନାଗପୁର ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଲେ ।

ବିର୍ସା ୪୦୦ ଜଣ ସମର୍ଥକଙ୍କୁ ନେଇ ୧୮୯୭ ଅଗଷ୍ଟ ୧୧ ତାରିଖରେ 'ଖୁଣ୍ଟି' ଥାନା ଘେରାଉ କଲେ । ସିପାହୀ ଓ ବିଦ୍ରୋହୀମାନଙ୍କ ମଧ୍ୟରେ ସଶସ୍ତ୍ର ସଂଘର୍ଷ ହେଲା । ବିଦ୍ରୋହୀମାନେ ୧୧ ଜଣ ସିପାହୀଙ୍କୁ ହତ୍ୟାକଲେ । ଏହା ତତ୍କାଳୀନ ଡେପୁଟି କମିଶନର ଏଚ୍‌. ସି. ଷ୍ଟ୍ରିଟ୍‌ଫିଲ୍‌ଡ୍‌ଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଏ । କିନ୍ତୁ ପ୍ରତ୍ୟକ୍ଷଦର୍ଶୀ ଖ୍ରୀଷ୍ଟଧର୍ମ ପ୍ରଚାରକ ରେଭେରେଣ୍ଡ ହାଫମ୍ୟାନଙ୍କ ବିବରଣୀ ଅନୁଯାୟୀ ଏହି ସଂଘର୍ଷରେ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ଜଣାଯାଏ ।

ଏହି ଲୋମହର୍ଷଣ ବିଦ୍ରୋହର ସମ୍ବାଦ ବ୍ରିଟିଶ ସରକାରଙ୍କ ହସ୍ତଗତ ହେବାରୁ ବିଦ୍ରୋହୀମାନଙ୍କୁ ଦମନ କରିବା ଲାଗି ଇଂଲଣ୍ଡରୁ ଅଧିକ ସଂଖ୍ୟକ ସୈନ୍ୟ ଅଣାଗଲା । ଏଚ୍‌. ସି. ଷ୍ଟ୍ରିଟ୍‌ଫିଲ୍‌ଡ୍‌ଙ୍କୁ ସ୍ଥାନାନ୍ତରିତ କରାଯାଇ ଏ. ଫୋର୍ବେସ୍ ସାହେବଙ୍କୁ ରାଞ୍ଚିର ଡେପୁଟି କମିଶନରଭାବେ ଅବସ୍ଥାପିତ କରାଗଲା । ମୁଣ୍ଡା ବିଦ୍ରୋହ ଦମନ ପାଇଁ ଆଇନ ପ୍ରଣୟନ କରାଗଲା ।

ସେତେବେଳକୁ ବିର୍ସା ମୁଣ୍ଡା ବନଗାଁ, ତୋରପା ଓ ଖୁଣ୍ଟିକୁ ବ୍ୟତୀତ ଯଶପୁର ଓ ରାଇପୁର ଇଲାକାର ୧୦୦୦ ବର୍ଗକିଲୋମିଟର ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିସାରିଥିଲେ । ବିର୍ସା ମୁଣ୍ଡାଙ୍କର ଆହ୍ୱାନଥିଲା : "ମହାରାଣୀଙ୍କ ଶାସନର ଅବସାନ ଘଟାଇ ଆମେ ଆମର ନିଜ ସ୍ୱାଧୀନରାଜ୍ୟ ପ୍ରତିଷ୍ଠା କରିବା ।"

୧୮୯୯ ଡିସେମ୍ବର ୨୪ ତାରିଖରେ ବିଦ୍ରୋହୀମାନେ ଖାଣ୍ଟିଉପରେ ଆକ୍ରମଣ କଲେ । ୨୨ ଜଣ ସିପାହୀ ଏବଂ ଜଣେ ଦାରୋଗାଙ୍କୁ ବିଦ୍ରୋହୀମାନେ ହତ୍ୟା କଲେ । ବିଦ୍ରୋହ ଦମନ ପାଇଁ ଇଂରେଜ ସରକାର ପାରମ୍ପରିକ ହୀନ ପନ୍ଥାର ଆଶ୍ରୟ ନେଲେ । ବିର୍ସା ମୁଣ୍ଡାଙ୍କୁ ଧରାଇ ଦେବା ପାଇଁ ୫୦୦ ଟଙ୍କାର ଅର୍ଥ ପୁରସ୍କାର ଘୋଷଣା କଲେ ।

ଇଂରେଜମାନେ ବିର୍ସା ମୁଣ୍ଡାଙ୍କୁ ଧରିବାରେ ଅସଫଳ ହେବାରୁ ୨୦୦ ଜଣ ସିପାହୀଙ୍କୁ ନେଇ ବସାରୀ ଗ୍ରାମର ନିରସ୍ତ୍ର ନିର୍ଦ୍ଦୋଷ ଆବାଳବୃଦ୍ଧ ସମସ୍ତଙ୍କୁ ନିର୍ମମଭାବେ ହତ୍ୟା କଲେ । ସ୍ତ୍ରୀଲୋକମାନଙ୍କର ଇଜ୍ଜତ ଲୁଟିଲେ । ଏହି ସମୟରେ ସେହି ଗ୍ରାମର "ହୋଲି" ନାମ୍ନୀ ଜଣେ ଗର୍ଭବତୀ ମହିଳା ସିପାହୀମାନଙ୍କ ଅତ୍ୟାଚାରରେ ଦୌଡ଼ି ପଳାଇ ଆତ୍ମବିସର୍ଜନ ପାଇଁ ନଦୀରେ ଝାସ ଦେବାକୁ ଲମ୍ଫ ପ୍ରଦାନ କରିଥିଲା । ବିର୍ସା ମୁଣ୍ଡା ତାକୁ ଆସନ୍ନ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ । ବିର୍ସା ସେହି ସ୍ତ୍ରୀଲୋକଠାରୁ ସେଦିନ ଇଂରେଜ ସୈନ୍ୟମାନଙ୍କର ବର୍ବରୋଚିତ ଅତ୍ୟାଚାର ସମ୍ପର୍କରେ ଅବହିତ ହେଲେ । ପରେ ବିର୍ସା ମୁଣ୍ଡା ସେହି ସ୍ତ୍ରୀଲୋକଟିକୁ ନିଜର ସ୍ତ୍ରୀଭାବେ ଗ୍ରହଣ କରିଥିଲେ । ଅଳ୍ପଦିନ ପରେ ସେହି ସ୍ତ୍ରୀ ଲୋକର ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା ।

୧୯୦୦ ମସିହା ଫେବୃଆରୀ ୩ ତାରିଖ ଦିନ ବିର୍ସା ମୁଣ୍ଡା ସେହି ଶିଶୁ ସନ୍ତାନକୁ ଗେଲ କରିବାରେ ବିଭୋର ଥିବାବେଳେ ଅର୍ଥଲୋଭୀ ଲୋକମାନେ ଇଂରେଜ ସାହେବଙ୍କୁ ସମ୍ବାଦ ଦେଲେ । ଏହି ସୁଯୋଗରେ ବ୍ରିଟିଶ୍ ସିପାହୀମାନେ ସେହିଗ୍ରାମକୁ ଅବରୋଧ କରି ପରିଶେଷରେ ବିର୍ସା ମୁଣ୍ଡାଙ୍କୁ ଗିରଫ କରିବାରେ ସଫଳ ହେଲେ । ବିର୍ସାଙ୍କୁ ଗିରଫକରି ରାଞ୍ଚି ଜେଲକୁ ପଠାଗଲା । ତାଙ୍କ ସହିତ ପ୍ରାୟ ୨୦୦୦ ସମର୍ଥକ ରାଞ୍ଚିଜେଲ ପର୍ଯ୍ୟନ୍ତ ଯାଇଥିଲେ । ବିର୍ସା ମୁଣ୍ଡାଙ୍କୁ ଜେଲ୍‌ଭିତରକୁ ନେବାପୂର୍ବରୁ ତାଙ୍କର ସମର୍ଥକମାନଙ୍କୁ ଉପଦେଶ ଦେଇଥିଲେ ଯେ "ମୋପ୍ରତି ଯଦି ତୁମମାନଙ୍କର ଶ୍ରଦ୍ଧା ଅଛି ତେବେ ନିଜ ନିଜ ଘରକୁ ଫେରିଯାଅ ଏବଂ ଇଂରେଜଙ୍କ ବିରୁଦ୍ଧରେ ଲଢ଼େଇକୁ ଅବ୍ୟାହତ ରଖିବ ।

ରାଞ୍ଚିଜେଲରୁ ବିର୍ସା ମୁଣ୍ଡାଙ୍କୁ ହଜାରିବାଗ୍ ଜେଲକୁ ସ୍ଥାନାନ୍ତରିତ କରାଗଲା ଏବଂ ହାତଗୋଡ଼ରେ ବେଡ଼ିକରି ରଖାଗଲା । କୁହାଯାଏ ସେଠାରେ ବିର୍ସାଙ୍କୁ ଖାଦ୍ୟରେ ବିଷପ୍ରୟୋଗ କରାଯାଇଥିଲା । ଏହାର କୁପ୍ରଭାବରେ ଲୌହଦେହଧାରୀ ବିର୍ସାଙ୍କ ସ୍ୱାସ୍ଥ୍ୟରେ କ୍ରମଶଃ ଅବନତି ଘଟିଲା । ୧୯୦୦ ମସିହା ଜୁନ୍ ୫ ତାରିଖରେ ସେ ଝାଡ଼ା ରୋଗରେ ଆକ୍ରାନ୍ତ ହେଲେ । ବିର୍ସାଙ୍କର ବଞ୍ଚିବାର ଆଶା କ୍ଷୀଣ ହେବାରୁ ପୁଣି ତାଙ୍କୁ ରାଞ୍ଚି ଜେଲକୁ ଫେରାଇ ଅଣାଗଲା ଏବଂ ଜୁନ ୬ ତାରିଖ ପୂର୍ବାହ୍ନ ୯ ଘଣ୍ଟା ସମୟରେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କର ଅକାଳ ମୃତ୍ୟୁ ଘଟିଥିଲା । ବିରାଟ ଗଣଆନ୍ଦୋଳନର ଆଶଙ୍କାକରି ଜେଲର ବିର୍ସାମୁଣ୍ଡାଙ୍କର ପାର୍ଥିବ ଶରୀରକୁ ଅବିଳମ୍ବେ କୁକର ସହର ସନ୍ନିକଟ ପୁଣ୍ୟତୋୟା ସୁବର୍ଣ୍ଣରେଖା ନଦୀ କୂଳରେ ସତ୍କାର କରିଦେଇଥିଲେ ଜନସାଧାରଣଙ୍କ ଅଜ୍ଞାତସାରରେ । ବହୁଦିନ ପରେ ତାଙ୍କ ପରିବାରବର୍ଗ ଏହି ଦୁଃସମ୍ବାଦ ଜାଣିବାକୁ ପାଇଥିଲେ ।

ତାଙ୍କର ମୃତ୍ୟୁ ପରେ ବିର୍ସା ମୁଣ୍ଡାଙ୍କର ସହଯୋଗୀ ନରସିଂହ ମୁଣ୍ଡା ଓ ଗୟା ମୁଣ୍ଡାର ଅନୁଜ କିଛିଦିନ ପର୍ଯ୍ୟନ୍ତ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ । ୧୯୦୭ ମସିହାରେ ନରସିଂହ ମୁଣ୍ଡା ସହୀଦ ହେଲେ । ସଂଗ୍ରାମ ଆଗେଇ ନେବାରେ ସହଯୋଗ କରୁଥିବା ଗୟା ମୁଣ୍ଡାଙ୍କ ସ୍ତ୍ରୀ ମଧ୍ୟ ସର୍ପାଘାତରେ ମୃତ୍ୟୁବରଣ କଲେ । ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ମୁଣ୍ଡା ଆଦିବାସୀମାନଙ୍କ ସଂଗ୍ରାମର ଲେଲିହାନ ଅଗ୍ନିଶିଖା କ୍ରମଶଃ ପ୍ରଶମିତ ହେଲା । ଏହି ସୁଯୋଗରେ ପରବର୍ତ୍ତୀ ସମୟରେ ଯେପରି ମୁଣ୍ଡା ଆଦିବାସୀମାନେ ବିଦ୍ରୋହ କରିନପାରନ୍ତି ଏହି ଲକ୍ଷ୍ୟ ରଖି ଇଂରେଜ ସରକାର ବିର୍ସା ମୁଣ୍ଡାଙ୍କ ଅଧିକୃତ ଅଞ୍ଚଳକୁ ଖଣ୍ଡ ବିଖଣ୍ଡକରି ଶାସନ କଲେ । କପଟୀ ଇଂରେଜ ଶାସକମାନେ ପରୋକ୍ଷଭାବରେ ମତଭେଦ ସୃଷ୍ଟି କରାଇ ଆଦିବାସୀମାନଙ୍କର ଏକତାକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଲେ ଏବଂ ମୁଣ୍ଡା ଆଦିବାସୀମାନଙ୍କ ବିଦ୍ରୋହକୁ ସମାପ୍ତ କରିଦେଲେ ।

---

ଅତିରିକ୍ତ ନିର୍ଦ୍ଦେଶକ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ

# ଓଡ଼ିଶାର ନୌ-ବାଣିଜ୍ୟ

ଜୟନ୍ତୀ ରଥ

କାର୍ତ୍ତିକ ପୂର୍ଣ୍ଣମୀଦିନ ପ୍ରତ୍ୟୁଷରୁ ବୋଇତ ବନ୍ଦାଣ ପ୍ରଥା ଓଡ଼ିଶାରେ କେବେଠାରୁ ପ୍ରଚଳିତ ତାର ବିବରଣୀ ଇତିହାସରେ ଲେଖାଯାଇ ନାହିଁ। କିନ୍ତୁ ଏହା ଯେ ଅତୀତ ଉତ୍କଳର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରାର ଦୃଷ୍ଟ ଉଦ୍‌ଘୋଷକ ଏଥିରେ ସନ୍ଦେହର ଅବକାଶ ନାହିଁ। କଦଳୀଗଛ ବାହୁଙ୍ଗାରେ ପାନ ଗୁଆ ରଖି, "ଆ, କା, ମା, ବୈ, ଗୁଆ ପାନ ଦେଇ, ଗୁଆ ପାନ ଯାକ ତୋର, ମାସକ ଧର୍ମ ମୋର"– ଏହି ପଦ ବୋଲି ଆଜି ବି ଓଡ଼ିଶାର ପୁରପଲ୍ଲୀର ଜଳାଶୟମାନଙ୍କରେ ଡଙ୍ଗା ଭସା ଯାଇଥାଏ। ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳ ବୃଦ୍ଧ ବନିତା ଧର୍ମ ପାଳନ କଲା ଭଳି ନଦୀ ଓ ଜଳାଶୟମାନଙ୍କୁ ବର୍ତ୍ତିକା ସମନ୍ୱିତ ବୋଇତ ବନ୍ଦାଣ ଦ୍ୱାରା ଆଲୋକିତ କରିଥାନ୍ତି। ବିଶ୍ୱର ଲୋକସଂସ୍କୃତିରେ ଏହି ଲୋକାଚାରର ତୁଳନା ନାହିଁ। ପୁଣି ଏଭଳି ଜନସଂପୃକ୍ତି ମଧ୍ୟ ଅନ୍ୟତ୍ର ବିରଳ।

ଆମ ଲୋକ କଥା, ଲୋକ ଗାଥା, କଳା ଓ ସାହିତ୍ୟର ଛତ୍ରେ ଛତ୍ରେ ଦେଖିବାକୁ ମିଳେ ଏହି ବହିତ୍ର ବା ବୋଇତର ଚିତ୍ର। ଏକଦା ଓଡ଼ିଆ ପୁଅର ସମ୍ପଦର ପ୍ରତୀକ ଥିଲା ଏହି ବୋଇତ। ପଞ୍ଚଦଶ ଶତାବ୍ଦୀରେ କବି ସାରଳା ଦାସ ମହାଭାରତର ଆଦି ପର୍ବରେ କୁନ୍ତୀ ଓ ପାଣ୍ଡୁଙ୍କ ବିବାହ ପ୍ରସଙ୍ଗ ଉଲ୍ଲେଖ କରିବାକୁ ଯାଇ ଲେଖିଛନ୍ତି–

କାର୍ତ୍ତିକ ମାସ ଶୁକଳ ପକ୍ଷ ବୁଧବାର ଯେ ପୂର୍ଣ୍ଣମୀ।
ଆ କା ମା ବୈ ସ୍ନାହାନ ଦିନ ଗଙ୍ଗାକୁ ଗଲେ
କୁନ୍ତିଭୋଜ ସ୍ୱାମୀ।
ସେହି ଗଙ୍ଗା ସ୍ନାହାନକୁ ଭୀଷ୍ମେ ଯେ ଅଇଲେ।
କୁନ୍ତି ଭୋଜ ରାଜା ସଙ୍ଗେ ମଇତ୍ର ହୋଇଲେ। (୨)

ମଧ୍ୟଯୁଗୀୟ କବି ଉପେନ୍ଦ୍ର ଭଞ୍ଜଙ୍କ ପ୍ରସିଦ୍ଧ 'ଲାବଣ୍ୟବତୀ' କାବ୍ୟରେ ଏହି ବୋଇତ ବନ୍ଦାଣର ଉଲ୍ଲେଖ ରହିଛି।

"ବୋଇତ ଲାଗିଲା ଆସି ସିଂହଳ ଦ୍ୱୀପରେ
ସାଧବ ଯୁବତୀମାନେ ଅତି ପ୍ରମୋଦରେ
ଗଲେ ବୋଇତ ବନ୍ଦାଇ।
ଅର୍ଘ୍ୟଥାଳୀ କରେ ସର୍ବେ
ହୁଳହୁଳି ଦେଇ।" (୩)

ଲାବଣ୍ୟବତୀ କାବ୍ୟ କବି କଳ୍ପନା ପ୍ରସୂତ ସତ୍ୟ। କିନ୍ତୁ ବର୍ଣ୍ଣିତ ଘଟଣା କପୋଳକଳ୍ପିତ ନୁହେଁ। ଓଡ଼ିଶାର ସାଧବମାନେ ଯେ ଦିନେ ସିଂହଳ ଲାକ୍ଷା, ଜାଭା, ବାଲି, ସୁମାତ୍ରା ପ୍ରଭୃତି ଦକ୍ଷିଣ ପୂର୍ବ ଦ୍ୱୀପଗୁଡ଼ିକରେ ବାଣିଜ୍ୟ ବ୍ୟବସାୟ ସହିତ ଉପନିବେଶ ସ୍ଥାପନ କରିଥିଲେ ତାହା ଏଥିରୁ ସ୍ପଷ୍ଟ ସୂଚିତ ହୋଇଥାଏ।

ସ୍ୱର୍ଗୀୟ ଚନ୍ଦ୍ରଧର ମହାପାତ୍ରଙ୍କ ଦ୍ୱାରା ଆବିଷ୍କୃତ 'ଅର୍ଣ୍ଣବ ବିହାର' ନାମକ ନୌଶାସ୍ତ୍ରରୁ ଜଣାଯାଏ ଯେ ଏ ଦେଶର ବଣିକମାନେ ଉତ୍ତମ ହସ୍ତୀ, ସୂକ୍ଷ୍ମ ପଟବସ୍ତ୍ର ଓ ଉଚ୍ଚକୋଟୀର ହୀରା ଆଦି ପଣ୍ୟଦ୍ରବ୍ୟ ବୋଇତରେ ବହନ କରି ଦୂର ଦେଶରେ ବାଣିଜ୍ୟ କରୁଥିଲେ। ଏହି ପୋଥିରୁ ଆହୁରି ଜଣାଯାଏ ଯେ 'ଅର୍ଣ୍ଣବ ବିହାର' ରଚିତ ହେବା ବହୁ ପୂର୍ବରୁ ଏ ରାଜ୍ୟରେ 'ବହିତ୍ର ବୀର୍ଯ୍ୟ ବୈଭବ', 'ଜଳଯାନ' ଓ ଦିଶାଖାନିର୍ଦ୍ଦେଶ ପ୍ରଭୃତି ନୌଶାସ୍ତ୍ର ରହିଥିଲା। ଏହି ପ୍ରାଚୀନ ଗ୍ରନ୍ଥଗୁଡ଼ିକ ଆମ ପାଖେ ଅଜ୍ଞାତ ରହିଯାଇଛି।

ପ୍ରାୟ ଖ୍ରୀଷ୍ଟାବ୍ଦ ୧୦୦୦ ବେଳକୁ କଳିଙ୍ଗର ଅଧିକାଂଶ ବନ୍ଦର ଅଚଳ ହୋଇ ପଡ଼ିଥିଲା ଓ ଦକ୍ଷିଣ ଭାରତର ଚୋଳ ରାଜାମାନଙ୍କର ଅଭ୍ୟୁଥାନ ଫଳରେ କ୍ରମେ କ୍ରମେ ପୂର୍ବ ଉପକୂଳର ବହିର୍ବାଣିଜ୍ୟ ଅନେକାଂଶରେ ତାମିଲ ବଣିକ ନାବିକମାନଙ୍କ ହାତକୁ ଖସିଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ଚୀନ୍ ଓ ଦକ୍ଷିଣ-ପୂର୍ବ ଏସିଆ ସହିତ କଳିଙ୍ଗର ବାଣିଜ୍ୟ କେତେ ପରିମାଣରେ ଲାଗି ରହିଥିଲା ଓ କଳିଙ୍ଗର ବଣିକମାନେ ଏଥିପାଇଁ ମୁସଲିପଟ୍ଟମ୍ କିମ୍ବା କାକତୀୟ ନରପତି ଅଧୀନରେ ଥିବା ମୋଟୁପଲ୍ଲୀ ବନ୍ଦରକୁ ବ୍ୟବହାର କରୁଥିଲେ। ଚୀନ୍ ଦେଶର ଫୁକିନ୍ ପ୍ରଦେଶର ସୁନ୍-ଶୁ ଅଞ୍ଚଳରେ ଅବସ୍ଥାପିତ ତତ୍‌କାଳୀନ ବୈଦେଶିକ ବାଣିଜ୍ୟର ଅଧ୍ୟକ୍ଷ ଖୁଉ-ଜୁ-କୁଆଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୨୨୫ରେ ରଚିତ ଚୁ-ଫାନ୍-ଚି ନାମକ ଗ୍ରନ୍ଥରେ ସେହି ସମୟର ବଣିକ ଓ ସେମାନଙ୍କ ବାଣିଜ୍ୟ ତଥା ନାବିକମାନଙ୍କର ପରିଚାଳନା ପଦ୍ଧତି ସମ୍ପର୍କରେ କେତେକ ଉଲ୍ଲେଖ ଅଛି।

ଓଡ଼ିଆ ସାହିତ୍ୟରେ ନୌବାଣିଜ୍ୟ ଚିତ୍ର ଅନ୍ୱେଷଣ କଲା ବେଳେ ଶ୍ରୀରେଙ୍ଗାଳଗଡ଼ କନ୍ଧାଇବର ଚମ୍ପତିରାୟ ଚୂଡ଼ାମଣିଙ୍କ ରଚିତ 'ପାଇକଖେଦା' ପୋଥି ସ୍ୱତଃ ଧ୍ୟାନ ଆକର୍ଷଣ କରେ। ଏହି ପୋଥିଟି ପଦ୍ୟରେ ରଚିତ।୮ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ସମ୍ପାଦନାରେ ୧୯୫୩ ମସିହାରେ ଜଗନ୍ନାଥ ଗବେଷଣା ପରିଷଦ ଦ୍ୱାରା ପ୍ରକାଶିତ। ଭାଷା ଓ ଏଥିରେ ଥିବା କେତେକ ପ୍ରାଚୀନ ଶବ୍ଦର ବ୍ୟବହାରକୁ ଲକ୍ଷ୍ୟ କଲେ ଏହା ସପ୍ତଦଶ ଶତାବ୍ଦୀର ରଚନା

ଭାଗ କିମ୍ବା ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ରଚିତ ହୋଇଥିଲା ଭଳି ମନେ ହୁଏ । ଏହି ପୋଥିର ଗୋଟିଏ ଅଧ୍ୟାୟରେ ପୋତ ଯୁଦ୍ଧ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ କବି ଓଡ଼ିଶାରେ ଏକଦା ପ୍ରଚଳିତ ନଅ ପ୍ରକାର ପୋତର ବର୍ଣ୍ଣନା ଦେଇଛନ୍ତି । ସେହି ବର୍ଣ୍ଣନା ଅନୁଯାୟୀ–

"ବହିତର, ପାଣ୍ଡିଆ, ଶ୍ୱେତମୁଖୀ
ବଣିଜରେ ଏହା ସାର ପରଖି
ସମରେ ନୁହଇ ସମରେ ଅଟେ ସୁର ସ୍ଥତୁରୀ ।
ପୁଣ ଶୁଣ ରାଜପୁର, ଲାଙ୍ଗୁଆ
ଖାଇଜଙ୍ଗୀ, ଗଙ୍ଗୀ ପ୍ରସାଦ ଠିଆ ।
ନନ୍ଦିଆ, ଖୁରୁପ ସ୍ଥରୁ ଏମାନ
ଶୁଣ କହିବା ଶୁଣ ସାବଧାନ ।
ଲାଙ୍ଗୁଆ ଯେ ସ୍ଥରୁ
ଦୂରୁ ଦିଶଇ ଯେହ୍ନେ ମହାମେରୁ ।"

ସମୁଦାୟ ୯ ପ୍ରକାର ପୋତରୁ କବି ତିନୋଟିକୁ ବାଣିଜ୍ୟ ପାଇଁ ଉପଯୁକ୍ତ କହିଛନ୍ତି ।

ଅଷ୍ଟାଦଶ ଶତାବ୍ଦୀରେ ରଚିତ କବି କର୍ଣ୍ଣଙ୍କ ଅଭିନ୍ନ ମଦନ ପାଲାରେ ମରହଟ୍ଟାମାନଙ୍କ ସହିତ ଉତ୍କଳର ବାଣିଜ୍ୟ କାରବାରର ଉଲ୍ଲେଖ ଦେଖିବାକୁ ମିଳେ । ଏହି ସମୟର କବି ଦୀନକୃଷ୍ଣ ଦାସଙ୍କ 'ପ୍ରସ୍ତାବ ସିନ୍ଧୁ', କବି ବଂଶୀ ଦାସଙ୍କ 'ମନସା ମଙ୍ଗଳ' ଇତ୍ୟାଦି କାବ୍ୟରେ ମଧ୍ୟ ଉତ୍କଳର ତତ୍କାଳୀନ ଜାହାଜ ନିର୍ମାଣର ଶୈଳୀ ସମ୍ପର୍କରେ ସୂଚନା ଦିଆଯାଇଛି । ଏହି ସମୟରେ ରଚିତ ସଂସ୍କୃତ କାବ୍ୟ 'ଗଙ୍ଗ ବଂଶାନୁଚରିତମ୍'ରେ ଚିଲିକା ମଧ୍ୟ ଦେଇ ଆସୁଥିବା ବୋଇତ ଯାତ୍ରାର ଉଲ୍ଲେଖ ରହିଛି । ଚିଲିକାର ପଶ୍ଚିମ ତଟରେ 'କୋକଳ' ବୋଲି ଏକ ନାବିକ ଗ୍ରାମ ବା ବନ୍ଦର ଥିଲା । ସେଠି ଯାତ୍ରୀମାନଙ୍କୁ ନେବା ପାଇଁ ଶତ ଶତ ନୌକା ରହୁଥିଲା । କବି ଚିଲିକାକୁ 'ପାରାବର ସହୋଦର' ଜଳମୟୀ ସୃଷ୍ଟି ନାମରେ ଉଲ୍ଲେଖ କରିଛନ୍ତି । ବଳରାମ ଦାସ 'ଜଗମୋହନ ରାମାୟଣ'ରେ ନୌକାର ବିଭିନ୍ନ ନାମ ଓ ଯୁଦ୍ଧ ନୌକାର ଉଲ୍ଲେଖ କରିଛନ୍ତି । ସଂସ୍କୃତ ଭାଷାରେ ରଚିତ 'ବ୍ରହ୍ମାଣ୍ଡ ପୁରାଣ' ନାମକ ଏକ ତାଳ ପଞ୍ଚ ପୋଥିରେ ବୋଇତର ଆକାର, ପ୍ରକାର, ଗମନ କୁଶଳତା ବିଷୟରେ ବିଶଦ ବିବରଣୀ ଦିଆଯାଇଛି । ଏହି ପୋଥିରେ ମଧ୍ୟ ଚିଲିକା ହ୍ରଦରେ ବୋଇତ ଗୁଳନା, ଜାଭା, ମାଳୟ, ସିଂହଳ ଦ୍ୱୀପ ପ୍ରଭୃତି ଦେଶ ସହ କଳିଙ୍ଗର ବାଣିଜ୍ୟ ସମ୍ପର୍କରେ ଲିପିବଦ୍ଧ ହୋଇଛି । ତାହାର ଗୋଟିଏ ପଙ୍କ୍ତି ନିମ୍ନରେ ପ୍ରଦତ୍ତ ହେଲା –

"ଚିଲିକା ହ୍ରଦ ସହସ୍ରଂ ହୁ ଜଳଗାମୀ ସୁବୋଇତଃ
ବହୁ ତଣ୍ଡନ୍ୱିତାଃ ଶୀଘ୍ରାଃ ଯନ୍ତ୍ରଗାଃ ସ୍ଥଳକାଛିତାଃ
ବାଣିଜ୍ୟ କରଣେ ଶକ୍ତାଃ ଦପଣଶିଖରାନ୍ତତାଃ
ଦ୍ୱୀପାନ୍ତର ଗତାୟାତାଃ ଜାବା ମଳୟ ସିଂହଳେ ।
ଗଙ୍ଗା ସାଗର ପେରିନା ତଦାଗତି ଯଦେଚ୍ଛୟା
ଦେଶ ଦେଶାନ୍ତ ଦ୍ରବ୍ୟାଣି ଗମନା ଗମନେ ପି ବା (୩)

ତେବେ, ଆଜିକୁ ଦୁଇ ହଜାର ବର୍ଷ ପୂର୍ବେ, ସମଗ୍ର ଦକ୍ଷିଣ–ପୂର୍ବ ଏସିଆରେ ଯେଉଁ କେତେକ ବୈଦେଶିକ ନାବିକ ପ୍ରଥମେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରଦୀପ ଜାଳିଥିଲେ, ସେମାନଙ୍କ ଭିତରେ କଳିଙ୍ଗର ନାବିକ ଓ ବଣିକମାନଙ୍କର ଏକ ପ୍ରମୁଖ ଭୂମିକା ରହିଥିଲା ବୋଲି ଐତିହାସିକମାନେ ବିଶ୍ୱାସ କରନ୍ତି ।

ଗ୍ରୀକ୍ ପରିବ୍ରାଜକ ମେଗାସ୍ଥିନିସ୍ କହନ୍ତି ଯେ ଚୀନ୍ ଦେଶ ସହିତ ବହୁ ପ୍ରାଚୀନ କାଳରୁ ବାଣିଜ୍ୟ ବ୍ୟବସାୟ ଚାଲି ଆସିଥିଲା । ଚୀନ୍ ଲୋକମାନେ ବାଣିଜ୍ୟ କରୁଥିବା ଲୋକମାନଙ୍କୁ କୁନ୍ ଲୁନ୍ ବୋଲି କହୁଥିଲେ । ଏହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର । ଡକ୍ଟର ହିମାଂଶୁ ଭୂଷଣ ସରକାର ତାଙ୍କ ରଚିତ (ଭାରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ସାଂସ୍କୃତିକ ସମ୍ପର୍କ) Cultural Relations between India & South East Asian Countries 1905) ପୁସ୍ତକରେ ଏହି କୁନ୍–ଲୁନ୍‌ମାନେ କଳିଙ୍ଗର ଅଧିବାସୀ ଥିଲେ ବୋଲି ସଫଳତାର ସହିତ ପ୍ରମାଣ କରିଛନ୍ତି ।

ଗ୍ରୀକ୍ ଐତିହାସିକମାନଙ୍କ ମତରେ ପ୍ରଥମ ଦ୍ୱିତୀୟ ଶତାବ୍ଦୀରେ ଭାରତର ନଅଗୋଟି ବନ୍ଦର ମଧ୍ୟରୁ କେବଳ କଳିଙ୍ଗ ଉପକୂଳରେ ପାଞ୍ଚଟି ବନ୍ଦର ବିଶେଷ ଉଲ୍ଲେଖଯୋଗ୍ୟ ଥିଲା । ଏହି ବନ୍ଦରମାନଙ୍କରୁ ସୁଦୂର ଜାଭା, ବୋର୍ଣ୍ଣିଓ, ବାଲି, ମାଳୟ, ସିଙ୍ଗାପୁର, ଶ୍ୟାମ୍, କାମ୍ବୋଡ଼ିଆ ପ୍ରଭୃତି ଦେଶ ସହିତ ବାଣିଜ୍ୟ ଚାଲୁଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଟୋଲେମୀଙ୍କ ଭୂଗୋଳରେ ଓଡ଼ିଶା ଉପକୂଳରେ ଯେଉଁ ବନ୍ଦରମାନଙ୍କ ନାମକରଣ କରାଯାଇଛି ସେଗୁଡ଼ିକ ହେଲେ– ନବିଗେନ୍ (ପୁରୀ), କଟିକର୍ଦ୍ଦମ (କଟକ), କୋଣଗର (କୋଣାର୍କ), କୋଶପ (ବାଲେଶ୍ୱର) ଓ କଳିଙ୍ଗ ନଗର । (୪)

ବୌଦ୍ଧ ଧର୍ମର ଅଭ୍ୟୁଦୟକାଳରେ ତାମ୍ରଲିପ୍ତି, ପାଲୁର, ଚେଳିତାଲୋ ପ୍ରଭୃତି ଅନେକ ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ । ଖ୍ରୀଃପୂଃ ୩ୟ ଶତାବ୍ଦୀରେ ତାମ୍ରଲିପ୍ତି ବନ୍ଦରଠାରୁ ରାଜକୁମାର ମହେନ୍ଦ୍ର, ରାଜକୁମାରୀ ସଙ୍ଘମିତ୍ରା, ବୋଧିଶାଖା ସହିତ ସିଂହଳକୁ ଯାଇଥିଲେ । ପୁନଶ୍ଚ ଏହି ବନ୍ଦରଠାରୁ ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀରେ କଳିଙ୍ଗରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ । ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ଫାହିୟାନ୍ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳକୁ ଯାଇ ସେଠାରେ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରି ଯାଇଥିଲେ । ଟାଙ୍ଗ୍ ରାଜତ୍ୱକାଳରେ ଚୀନ୍ ଦେଶର ଲୋକେ ଜାଭାକୁ ହୋଲିଙ୍ଗ ବୋଲି କହୁଥିଲେ । ଏହା କଳିଙ୍ଗ ଶବ୍ଦର ଚୀନ୍ ଉଚ୍ଚାରଣ । କଳିଙ୍ଗର ଲୋକମାନେ ସେତେବେଳକୁ ଜାଭାରେ ଉପନିବେଶ ସ୍ଥାପନ କରିଥିଲେ ବୋଲି ଅନୁମାନ କରାଯାଏ । ତତ୍ପ୍ରସାଦ ଶାସ୍ତ୍ରୀଙ୍କ ମତାନୁସାରେ ସପ୍ତମ/ଅଷ୍ଟମ ଶତାବ୍ଦୀରେ ଜାଭାରେ

ଶାସନ କରୁଥିବା ଶୈଳେନ୍ଦ୍ର ରାଜବଂଶ କଳିଙ୍ଗ ବା ଦକ୍ଷିଣ ଭାରତରୁ ଯାଇଥିଲେ । ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ମତରେ ମୂଳତଃ ଶୈଳେନ୍ଦ୍ର ବଂଶୀୟ ରାଜାମାନେ କଳିଙ୍ଗର ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କର ବଂଶଧର ହୋଇଥାଇ ପାରନ୍ତି । ଏତଦ୍ ବ୍ୟତୀତ ବହୁ ଐତିହାସିକ ଅଭିଲେଖ ଓ ତଥ୍ୟଗୁଡ଼ିକରେ କଳିଙ୍ଗ ସହ ସାମଞ୍ଜସ୍ୟ ଥିବା ଦକ୍ଷିଣ–ପୂର୍ବ ଏସିଆର ଅନେକ ସ୍ଥାନର ନାମ, ନଦୀ, ପର୍ବତ, ବ୍ୟକ୍ତି ବିଶେଷ ନାମ, ଉପାଧି ବିଷୟରେ ବର୍ଣ୍ଣିତ ଥିବା ଜଣାପଡ଼େ । ଇଣ୍ଡୋନେସିଆ ଓ ବୋର୍ଣ୍ଣିଓ ଦ୍ୱୀପରୁ ମିଳିଥିବା ୮ମ ଓ ନବମ ଶତାବ୍ଦୀର ଦୁଇଟି ଶିଳାଲେଖର ଅକ୍ଷର ଅନୁଧ୍ୟାନ କଲେ ଜଣାଯାଏ ତହିଁରେ ବ୍ୟବହୃତ ହୋଇଥିବା ଲିପି ସହିତ ତତ୍‌କାଳୀନ କଳିଙ୍ଗ ଲିପିର ଯଥେଷ୍ଟ ସାମଞ୍ଜସ୍ୟ ଅଛି । ଖଣ୍ଡଗିରି ଗୁମ୍ଫାରେ ଅଦ୍ୟାବଧି ରହିଥିବା ଯବନ ଦ୍ୱାରପାଳ ମୂର୍ତ୍ତି, ପକ୍ଷଯୁକ୍ତ ପଶୁର ଚିତ୍ର ଓ ମନୋରମ ଇଣ୍ଡୋପାରସିକ ସ୍ତମ୍ଭ ଦେଖିଲେ ମନେହୁଏ, ବୋଧହୁଏ ଖ୍ରୀଷ୍ଟଜନ୍ମର–ବହୁପୂର୍ବରୁ କଳିଙ୍ଗର କଳାକାର ଓ ଶିଳ୍ପୀମାନେ ନିନେଭ, ବେବିଲୋନ୍ ଓ ପର୍ସିପୋଲିସିର କଳାକୃତି ସହିତ ପରିଚିତ ଥିଲେ । କୋଣାର୍କ ମନ୍ଦିରରେ ଖୋଦିତ ଜିରାଫ ଚିତ୍ରରୁ ଅନୁମାନ କରାଯାଏ ଯେ ସମ୍ଭବତଃ ଗଙ୍ଗ ରାଜତ୍ୱ କାଳରେ ଆଫ୍ରିକା ସହିତ ଉତ୍କଳର ନୌ–ବାଣିଜ୍ୟ ସମ୍ପର୍କ ଥିଲା । ପୁରୀ ଜଗନ୍ନାଥ ମନ୍ଦିରରେ ଖୋଦିତ ଜାହାଜ ଚିତ୍ର ଉତ୍କଳୀୟ ନୌ–ପରମ୍ପରାର ପ୍ରମାଣ ବହନ କରେ ।

ଲୋକପ୍ରିୟ ବ୍ରତ ଖୁଦୁରୁକୁଣୀ ପ୍ରାଚୀନ ଉତ୍କଳର ନୌ–ବାଣିଜ୍ୟ ସହ ସମ୍ପୃକ୍ତ ଥିବାରୁ ଏହି ପର୍ବ ବିଶେଷତଃ ଉପକୂଳବର୍ତ୍ତୀ ଜିଲ୍ଲା କଟକ, ପୁରୀ ଓ ବାଲେଶ୍ୱର ପ୍ରଭୃତି ଅଞ୍ଚଳରେ ବହୁଳଭାବେ ଆଦୃତି ଲାଭ କରିଛି । ଏହି ଓଷାରେ ମଧ୍ୟ ବୋଇତ ବନ୍ଦାଣ ବିଷୟ ଉଲ୍ଲେଖ କରା ଯାଇଛି । ଏଥିରେ ନିମ୍ନୋକ୍ତ ଭାବେ ଦେବୀ ମଙ୍ଗଳାଙ୍କୁ ଆବାହନ କରାଯାଇଛି ।

"ଜୟତୁ ଜୟଗୋ ମଙ୍ଗଳା
ଚୁଡେ ବିକାଶ ହେଉ ମାଳା
ଜୟ ତୁ ମଙ୍ଗଳା ଉତ୍ତମ
ଆରତ ଭଞ୍ଜନ ତୋ ନାମ
ସଙ୍କଟ ତାରିଣୀ ମଙ୍ଗଳା
ଦରିଆରୁ ବୁଡ଼ିବାର ଭେଳା ।"

ଏତଦ୍‌ବ୍ୟତୀତ ଓଡ଼ିଶାର ପୁରପଲ୍ଲୀରେ ବ୍ୟବହୃତ ବହୁ ଲୋକଗୀତ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଗୌରବାବହ ସ୍ମୃତି ବହନ କରେ । ଓଡ଼ିଆ ସାଧବ ଘରର ବୋହୂ ଦିନେ ସ୍ୱପ୍ନାଭିଭୂତା ହୋଇ ଗାଉଥିଲା–

"ଶ୍ୱଶୁର ହୋଇବେ ମୋ ରାଜନ ଲୋ
ଶାଶୁ ହୋଇଥିବେ ରାଣୀ
ଛଅ ଦେଢ଼ଶୁର ଛଅ ସାଆନ୍ତ ଲୋ
ଛଅ ଯାଆ ସାଆନ୍ତାଣୀ
ମୋ ଗିରସ୍ତ ହେବେ କନକ ରାଜନ
ମୁଁ ହେବି ପାଟରାଣୀ
ପୁଅ ହୋଇଥିବି ରାଜକୁମାର ଲୋ
ପୋଥି ଧରି ଗୀତ ଗାଇବ
ଦ୍ୱାରେ ଲଗାଇବ ସୁନା ଟଗର ଗଛ
ନଗି ଧରି ଫୁଲ ତୋଳିବ ।"

କାଳର ପ୍ରବାହରେ ଏହି ସୁମହାନ ପରମ୍ପରା ଆଜି ବିଲୁପ୍ତ । କିନ୍ତୁ ସ୍ମୃତିରେ ଅଦ୍ୟାବଧି ଜୀବନ୍ତ ଏହାର ପ୍ରଭାବ । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ପ୍ରାଚୀନ ଉତ୍କଳର ରାଜଧାନୀ ଅତୀତ ଇତିହାସ ମୂକସାକ୍ଷୀ କଟକ ନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ଗଡ଼ଗଡ଼ିଆ ଘାଟରେ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି । ଓଡ଼ିଆ ସାଧବ ପୁଅର ବାଲିଯାତ୍ରା ଓ ସେଠାରେ ଉପନିବେଶ ସ୍ଥାପନର ସ୍ମାରକୀ ଏହି ପର୍ବ ।

ପାଦଟୀକା–

(୧) ସାରଳା ଦାସ ମହାଭାରତ–ଆଦିପର୍ବ–ପୃ–୧୩୧୨
(୨) ଉପେନ୍ଦ୍ର ଭଞ୍ଜ– ଲାବଣ୍ୟବତୀ–୨ୟଖଣ୍ଡ, ସପ୍ତଦଶ ଛନ୍ଦ
(୩) ଜଗବନ୍ଧୁ ସିଂହ– ପ୍ରାଚୀନ ଉତ୍କଳ ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୪–ପୃ ୫୬୪ ।
(୪) ଉତ୍କଳ ନୌ–ବାଣିଜ୍ୟ– ବିରୂପାକ୍ଷ କର, ସାହିତ୍ୟ ପ୍ରବେଶ– ମାଧ୍ୟମିକ ଶିକ୍ଷା ବୋର୍ଡ–୧୯୬୯ ।

ପ୍ଲଟ ନଂ–୧୧୫, ବାପୁଜୀ ନଗର,
ଭୁବନେଶ୍ୱର–୭୫୧୦୦୯

# ମଧୁସୂଦନ : ଏକ ମହାଜୀବନର ମୂଲ୍ୟାଙ୍କନ

ସୁରେନ୍ଦ୍ର ମହାନ୍ତି

ଅପସ୍ୟୟମାନ କାଳର ପୃଷ୍ଠଭୂମିରେ, ମଧୁସୂଦନଙ୍କ ଜୀବନୀ ଓ କର୍ମସାଧନାର ମୂଲ୍ୟାଙ୍କନ କଲାବେଳେ ଆଖିଆଗରେ ଭାସି ଉଠେ, ଏକ ନିଃସଙ୍ଗ ବନସ୍ପତି । ଦେହରେ ତା'ର ବହୁ ଝଡ଼ର କ୍ଷତଚିହ୍ନ....ଚତୁଷ୍ପାର୍ଶ୍ୱର ଗୁଳ୍ମରାଜି ମଧ୍ୟରେ ତଥାପି ସେ ଠିଆ ରହିଛି କିନ୍ତୁ ଅନମନୀୟ ଋଜୁତାରେ । ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପୂର୍ବେ, ଏହି ବନସ୍ପତିର ଚୂଡ଼ା ନବପ୍ରଭାତର ଯେଉଁ ଅରୁଣାଲୋକରେ ଉଦ୍‌ଭାସିତ ହୋଇଥିଲା, ତାହା କ୍ରମେ ବିଚ୍ଛୁରିତ ହୋଇ ଚତୁଃପାର୍ଶ୍ୱର ଗୁଳ୍ମାକୀର୍ଣ୍ଣ ପ୍ରାନ୍ତରକୁ କେବଳ ଆଲୋକିତ କରି ନଥିଲା; ଶତାବ୍ଦୀର ନିଦ୍ରାଭଙ୍ଗ କରି, ସେହି ଗୁଳ୍ମରାଜିକୁ ଦେଇଥିଲା, ଉଜ୍ଜୀବନ ଓ ଆତ୍ମପ୍ରତିଷ୍ଠାର ଆହ୍ୱାନ । କୁଜ୍ଝଟିକାବୃତ ସେଇ ଗୁଳ୍ମାକୀର୍ଣ୍ଣଭୂମି ଉଜ୍ଜୀବନର ନବକଲ୍ଲୋଳରେ ଉଚ୍ଛଳିତ ହୋଇ ଉଠିଥିଲା ।



ମଧୁସୂଦନ ଥିଲେ, ଓଡ଼ିଶାରେ ସେଇ ନବ—ଜାଗରଣ, ରିନେସାଁର ବୈତାଳିକ । ସେଥିପାଇଁ ଓଡ଼ିଆ ଜାତିର ଅବଚେତନରେ ସେ କୁଳବୃଦ୍ଧ ରୂପେ ପ୍ରତିଷ୍ଠିତ । କୁଳବୃଦ୍ଧ କିନ୍ତୁ ବାର୍ଦ୍ଧକ୍ୟର ଅଭିଧା ନୁହେଁ—୧୯୩୪ ଖ୍ରୀଷ୍ଟାବ୍ଦ ଫେବ୍ରୁୟାରୀ ୪ ତାରିଖ ଦିନ, ୮୪ ବର୍ଷ ବୟସ୍କ ଯେଉଁ ତରୁଣଟିର ମୃତ୍ୟୁ ଘଟିଲା—ତାଙ୍କର ନାଁ ମଧୁସୂଦନ ଦାସ । ଚିର ତାରୁଣ୍ୟର ପ୍ରତିମୂର୍ତ୍ତି ସେ ।

ତାରୁଣ୍ୟ ଏଇ ଢାଞ୍ଚାର ଦେହରେ ନାହିଁ, ଅଛି ମାନସିକତାରେ, ଅତୃପ୍ତି, ଆକାଂକ୍ଷା ଓ ଉଦ୍‌ବେଳନ, ପୁଣି ଅଦମିତ ସଂକଳ୍ପ ମଧ୍ୟରେ—ମଧୁସୂଦନ ଥିଲେ ତାହାରି ପ୍ରତୀକ ।

ଓଡ଼ିଆମାନଙ୍କ ମଧ୍ୟରେ ସେ ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ., ପ୍ରଥମ ବିଧିବଦ୍ଧ ଆଡ୍‌ଭୋକେଟ, ବେଙ୍ଗଲ୍ ଲେଜିସ୍‌ଲେଟିଭ କାଉନ୍‌ସିଲ୍‌କୁ ପ୍ରଥମ ନିର୍ବାଚିତ ସଭ୍ୟ, ଭାଇସ୍‌ରୟାଲ୍ ଇମ୍ପେରିଆଲ୍—କାଉନ୍‌ସିଲ୍‌କୁ ନିର୍ବାଚିତ ପ୍ରଥମ ଭାରତୀୟ, ଓଡ଼ିଆ ମନ୍ତ୍ରୀ—ଯିଏ ଗୋଟିଏ ନୀତିଗତ ପ୍ରଶ୍ନ ଉପରେ ମତ ବିରୋଧ ହେତୁ ଇସ୍ତଫା ଦେଇଥିଲେ । ସ୍ୱଦେଶୀ ଶିଳ୍ପର ସେ ଥିଲେ ଆଦି ପ୍ରବର୍ତ୍ତକ । ଚଳିତ ଶତାବ୍ଦୀ ଆରମ୍ଭରେ ଓଡ଼ିଶା ଆର୍ଟ—ୱେଆର୍ସ ଓ ଉତ୍କଳଟାନେରୀ ପ୍ରତିଷ୍ଠାକରି, ଓଡ଼ିଶାକୁ ସେ ୟୁରୋପର ବଜାରମାନଙ୍କରେ ସମ୍ମାନିତ କରାଇ ପାରିଥିଲେ । ଓଡ଼ିଆ ମୋଚୀ, ତନ୍ତୁବାୟ, କାରିଗର ଓ ସ୍ୱର୍ଣ୍ଣକାରମାନଙ୍କର ହସ୍ତଶିଳ୍ପକୁ ସେ ପରିଚିତ କରାଇ ପାରିଥିଲେ ନୂତନ—କୋଣାର୍କ ରୂପେ । ସେଥିପାଇଁ ସେ ମଧ ହୋଇଥିଲେ ଦେବାଳିଆ । ନାରୀଶିକ୍ଷା କ୍ଷେତ୍ରରେ ସେ କେବଳ ଅଗ୍ରଣୀ ନଥିଲେ, ଭାରତୀୟ ନାରୀର ମୁକ୍ତି—ଆନ୍ଦୋଳନରେ ସେ ମଧ୍ୟ ଥିଲେ ପ୍ରବର୍ତ୍ତକ । ତାଙ୍କରି ଜିଦ୍ ଫଳରେ ଭାରତୀୟ ନାରୀ ବିଶ୍ୱବିଦ୍ୟାଳୟମାନଙ୍କରେ ପାଇ ପାରିଥିଲା ପ୍ରାକ୍‌ଟିସ୍ କରିବାର ଅଧିକାର ! ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ଜୀବନରେ ସେ ନବ—ଯୁଗର ପ୍ରବର୍ତ୍ତକ ଥିଲେ—ତଥ୍ୟ ଦୃଷ୍ଟିରୁ ଏହା ଅସ୍ୱୀକାର କରିହେବ ନାହିଁ ।

'ଉତ୍କଳ ସଭା'ଠାରୁ ଜାତୀୟ—କଂଗ୍ରେସ ପର୍ଯ୍ୟନ୍ତ, ସେ ମଧ୍ୟ ଥିଲେ ଓଡ଼ିଶାରେ ରାଜନୈତିକ ଜୀବନର ଆଦ୍ୟ ପ୍ରବର୍ତ୍ତକ । କିନ୍ତୁ ଯେଉଁ ଐତିହାସିକ କାରଣରୁ ସେ କଂଗ୍ରେସରୁ ନିଜକୁ ଅଲଗା ରଖି, ଉତ୍କଳ—ସମ୍ମିଳନୀ ସ୍ଥାପନ କରିଥିଲେ—ତାହା ହେଲା ବଙ୍ଗଳା ପ୍ରେସିଡେନ୍‌ସୀର ଏକ ଅନ୍ଧକାର କୋଣରେ ମୌନ ଆର୍ତ୍ତନାଦ ରୂପେ ପଡ଼ିରହିଥିବା, ଓଡ଼ିଶାର ଅଭ୍ୟୁଦୟ । ସେତେବେଳର ପରିସ୍ଥିତିରେ ଭାରତୀୟ ମହାଜାତିର ଉଜ୍ଜୀବନ ପାଇଁ ସୁଦ୍ଧା ଏ ପ୍ରକାର ନେତୃତ୍ୱର ଐତିହାସିକ ପ୍ରୟୋଜନ ରହିଥିଲା—ମୁକ୍ତ କଣ୍ଠରେ ତାହା ଯୋଗୀ ଅରବିନ୍ଦ ସ୍ୱୀକାର କରିଥିଲେ "ବନ୍ଦେ ମାତରମ୍" ପତ୍ରିକାର ଏକ ଅଗ୍ରଲେଖାରେ—ବଙ୍ଗଭଙ୍ଗ ଆନ୍ଦୋଳନର ଅଗ୍ନିଗର୍ଭ ଯୁଗରେ ।

ଲର୍ଡ କର୍ଜନ, ଭାରତର ଭାଇସରାୟ ଥିବା ବେଳେ, ମଧୁସୂଦନଙ୍କ ସାମ୍ବିଧାନିକ ଆନ୍ଦୋଳନ ଫଳରେ, ପ୍ରଭିନ୍ସ ଭିତରେ ସନ୍ନିବେଶରେ

ଭାଷାଭିତ୍ତିରେ ପ୍ରଦେଶ ଗଠନର ନୀତି ଘୋଷିତ ହେବା ବେଳେ–ଇଂରେଜ ଶାସନକାଳରେ ଓଡ଼ିଆ ଭାଷାଭାଷୀମାନଙ୍କୁ ଏକ ଶାସନାଧୀନରେ ଏକତ୍ରିତ କରିବା ପ୍ରସ୍ତାବର ତୀବ୍ର ବିରୋଧ କରିବା ପାଇଁ, ଏ: ଟି: ଆରୁଣ୍ଡେଲଙ୍କ ପରି, ଉଚ୍ଚକ୍ଷମତାପନ୍ନ ପଦାଧିକାରୀମାନଙ୍କର ଅଭାବ ନଥିଲା । ପ୍ରାୟ ଶହେ ବର୍ଷ ପୂର୍ବେ ଏଇ ଓଡ଼ିଆ ଜାତି କୋମ୍ପାନୀ–ଶାସନକୁ ଯେଉଁ ମରଣକାମୁଡ଼ା ଦେଇଥିଲା, ପୁଣି ୧୮୫୭ ଖ୍ରୀଷ୍ଟାବ୍ଦ ସ୍ୱାଧୀନତା–ସମର ପର୍ଯ୍ୟନ୍ତ ବିଦ୍ରୋହର ଅନିର୍ବାପିତ ଶିଖାକୁ ଯେପରି ବଞ୍ଚାଇ ରଖି ପାରିଥିଲା, ସୁରେନ୍ଦ୍ର ସହାୟ ଓ ଖୁଣ୍ଟୀ ଖୁଣ୍ଟିଆଙ୍କ ପରି ଦେଶପ୍ରେମୀମାନେ– ତାହାର ସ୍ମୃତି, ଇଂରେଜ ଶାସକମାନେ, ତଥାପି ଭୁଲି ନଥିଲେ । ସେଥିପାଇଁ ଏ: ଟି: ଅରୁଣ୍ଡେଲ୍ ଏକ 'ମିନିଟ୍' (miniute) ବା ନୋଟ୍‌ରେ ଲେଖିଥିଲେ.... ''my chief objection to the principle or proposal is political''— ତାଙ୍କର ଆଶଙ୍କା ଓଡ଼ିଆ ଭାଷାଭାଷୀମାନେ ଏକ ଶାସନାଧୀନରେ ଏକତ୍ରିତ ହେଲେ, ଭବିଷ୍ୟତ ପାଇଁ ଏକ ବିପଦ ଦେଖାଦେବ । * ଯେଉଁ କାରଣରୁ ଲର୍ଡ଼ କର୍ଜନ୍, ମରହଟ୍ଟା ଜାତି ଏକାଠି ହେଲେ, ଇଂରେଜ ଶାସନ ବିପନ୍ନ ହେବାର ଆଶଙ୍କା କରି, ୧୯୦୩ ଖ୍ରୀଷ୍ଟାବ୍ଦରେ ବେରାରକୁ ମରଠା ଭାଷୀ ମହାରାଷ୍ଟ୍ର ସହିତ ନ ମିଶାଇ ମଧ୍ୟପ୍ରଦେଶ ସହିତ ସାମିଲ କରିଦେଇଥିଲେ, ଠିକ୍ ସେହି କାରଣରୁ ଓଡ଼ିଆଭାଷୀ ଗଞ୍ଜାମ ଜିଲ୍ଲା, ଓଡ଼ିଶା ସହିତ ମିଶ୍ରଣ ପ୍ରସ୍ତାବର ବିରୋଧ କରୁଥିଲେ, ଏ: ଟି: ଅରୁଣ୍ଡେଲ୍ । ଇଂରେଜ ଶାସକଗୋଷ୍ଠୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣର ବିରୋଧ କରୁଥିବା ବେଳେ, ଜାତୀୟ–କଂଗ୍ରେସ ମଞ୍ଚରେ ମଧ୍ୟ ଶୁଣାଯାଉଥିଲା ଏହାର ପ୍ରତିଧ୍ୱନି । ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍‌ସୀକୁ ମାଦ୍ରାଜ ପ୍ରେସିଡେନ୍‌ସୀରୁ ଅଲଗା କରି, ଓଡ଼ିଶା ସହିତ ଏହାର ମିଶ୍ରଣ ପ୍ରସ୍ତାବ ବିରୋଧରେ, କଂଗ୍ରେସର ମାଦ୍ରାଜ–ଅଧିବେଶନ (୩୦–୧୨–୧୯୦୩ ) ତାରିଖରେ ଗୃହୀତ ହୋଇଥିଲା ଏକ ନିଷ୍ପତ୍ତି....।

"That this Congress views with deep concern the present policy of the Government of India in breaking up territorial divisions which have been of long standing and are closely united by ethnological, legislative, social and administrative relations and the Congress deprecates the separation from Bengal of Dacca, Mymensingh, Chittagong Divisions and partition of Chotanagpur Division and also the separation of the District of Ganjam and the Agency Tracts of Ganjam and Vizagapatam from the Madras Presidency."

ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍‌ସୀ ସମ୍ପର୍କରେ କୌଣସି ଉଲ୍ଲେଖ ମୂଳ ପ୍ରସ୍ତାବରେ ନଥିଲା । ତାମିଲ ସଭ୍ୟ, ଭି: କୃଷ୍ଣସ୍ୱାମୀ ଆୟାରଙ୍କ ତୀବ୍ର ବିରୋଧ ସତ୍ତ୍ୱେ, ଏ ସଂଶୋଧନ ପ୍ରସ୍ତାବଟି ଯୋଡ଼ି ଦେଇଥିଲେ ବରହମପୁରର ତେଲୁଗୁ ପ୍ରତିନିଧି ଜି: ରାଘବରାଓ ।* ଏହି ଅଭିଜ୍ଞତା ପରେ, ଅନଗ୍ରସର ଓଡ଼ିଶାର ଅଭ୍ୟୁଦୟ ପଥରେ ପ୍ରାଥମିକ ପଦକ୍ଷେପ ରୂପେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଦିଗରେ କଂଗ୍ରେସ ଯେ ସହାୟକ ହେବ; ସେ ପତିଆର ମଧୁସୂଦନଙ୍କର ଆଉ ନଥିଲା । ବରଂ ରିସ୍‌ଲେ–ସର୍କୁଲାରରେ ଭାଷା–ଭିତ୍ତିକ ପ୍ରଦେଶ ଗଠନ ସମ୍ପର୍କରେ ରହିଥିଲା ଯେଉଁ ପ୍ରଶାସନିକ ସିଦ୍ଧାନ୍ତର ଘୋଷଣା, 'ଉତ୍କଳ–ସମ୍ମିଳନୀ' ଗଠନ ପାଇଁ ତାହା ମଧୁସୂଦନଙ୍କୁ ଅନୁପ୍ରେରିତ କରିବାର କେତେକ କାରଣ ମଧ୍ୟରେ ଏକ ମୁଖ୍ୟ କାରଣ ଥିଲା–ସନ୍ଦେହ ନାହିଁ । ବସ୍ତୁତଃ ସ୍ୱାଧୀନୋତ୍ତର କାଳରେ ସରାଇକେଲା–ଖରସୁଆଁ, ସିଂହଭୂମ୍ ସଦର ସମେତ, ଦକ୍ଷିଣରେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କ ସମ୍ପର୍କରେ କେନ୍ଦ୍ରରେ କଂଗ୍ରେସ ନେତୃବୃନ୍ଦଙ୍କର ଯେଉଁପରି ମନୋଭାବ ପ୍ରକାଶ ପାଇଲା, ତାହାର ପୃଷ୍ଠଭୂମିରେ ବିଚାର କଲେ, ସେଦିନ ମଧୁସୂଦନଙ୍କ ସିଦ୍ଧାନ୍ତ ଯେ ଦୂରଦୃଷ୍ଟି ସମ୍ପନ୍ନ ଥିଲା, ସେଥିରେ ସନ୍ଦେହର ଅବକାଶ ନାହିଁ । ଲର୍ଡ଼ କର୍ଜନ୍‌ଙ୍କ ଭାଷାରେ, "ଓଡ଼ିଆମାନେ ଆନ୍ଦୋଳନପ୍ରବଣ ହୋଇ ନ ଥିବାରୁ କେନ୍ଦ୍ର–ଶାସନର ଯୂପକାଠରେ ସବୁଦିନେ ନିର୍ବିଘ୍ନରେ ବଳି ପଡ଼ି ଆସିଛନ୍ତି" । ସ୍ୱାଧୀନୋତ୍ତର କାଳରେ ସେପରି ଦେଶପ୍ରାଣ, ଉତ୍ସର୍ଗୀକୃତ ନେତୃତ୍ୱ ଅଭାବରୁ ଓଡ଼ିଶା ମଧ୍ୟ ବହୁ କ୍ଷେତ୍ରରେ ବଳିପଡ଼ି ଆସୁଅଛି । ଏହି ପୃଷ୍ଠଭୂମିରେ 'ଉତ୍କଳ–ସମ୍ମିଳନୀ, ମଧୁସୂଦନଙ୍କ ଦୂରଦୃଷ୍ଟିସମ୍ପନ୍ନ, ରାଜନୀତି ବା 'ଷ୍ଟେଟ୍ସମ୍ୟାନ୍‌ସିପ୍'ର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରିଥାଏ । ଏହା ଯଥାର୍ଥରେ ଥିଲା ଦେଶମାତୃକାର ବନ୍ଦନା–ପୀଠ: ରାଜା ମହାରାଜାଠାରୁ ଆରମ୍ଭ କରି କୃଷକ ଶ୍ରମିକଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କର ଏହା ଥିଲା ମିଳନକ୍ଷେତ୍ର ।

ଉତ୍କଳ–ସମ୍ମିଳନୀର ଅଗ୍ରଗାମୀ ରାଜନୈତିକ ଭୂମିକା ସମ୍ପର୍କରେ ଓଡ଼ିଶାରେ କେହି କେହି ନାସିକା–କୁଞ୍ଚନ କରିଥାନ୍ତି । କିନ୍ତୁ "ବଙ୍ଗୀୟ–ପ୍ରଭାବିତ" ତତ୍‌କାଳୀନ୍ ଓଡ଼ିଶାର ଅଭ୍ୟୁଦୟରେ ଉତ୍କଳ–ସମ୍ମିଳନୀର ଯେ ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା, ତାହା ଅକୁଣ୍ଠିତ ଭାବରେ ସ୍ୱୀକାର କରି ଜଣେ ବଙ୍ଗୀୟ ଗବେଷକ "Swadeshi Movement in Bengal (1903-1908) ପୁସ୍ତକରେ ଲେଖିଛନ୍ତି । :

x x x Emergent oriya national consciousness found expression through the Utkal Union Conference led by Madhusudan Das, which had set up 381 branches by January 1905, according to Oriya and Nabasambada dated 25-1-1905. The conference demanded separate Oriya speaking Province including Ganjam."

୧୯୨୦ ଖ୍ରୀ: ଅ: ପରେ ଉତ୍କଳ–ସମ୍ମିଳନୀ ଅବଶ୍ୟ ଶିଥିଳ ହୋଇ ପଡ଼ିଥିଲା । ମାତ୍ର ସାଇମନ–କମିସନ ଆଗମନର ପ୍ରାକ୍‌କାଳରେ ମଧୁସୂଦନଙ୍କ ପ୍ରେରଣାରେ ପୁଣି ଗଠିତ ହୋଇଥିଲା ଓଡ଼ିଶା ଲିବରାଲ ଲୀଗ୍ ବା ଉତ୍କଳ–ୟୁନିୟନ କମିଟୀ ।

ସାଇମନ୍‌-କମିସନଙ୍କୁ ଓଡ଼ିଶାର ରାଜନୈତିକ ଦାବୀ ସମ୍ପର୍କରେ ପ୍ରଭାବିତ କରି ପାରିଥିଲେ, ଏହି ଓଡ଼ିଶା ଲିବରାଲ୍ ଲୀଗ୍ ବା ଓଡ଼ିଆ-ୟୁନିୟନ-କମିଟୀ; ଯାହା ଥିଲା, ସମ୍ମିଳନୀର ରୂପାନ୍ତର। ଭାରତ-ରାଷ୍ଟ୍ରପୁଞ୍ଜରେ ଓଡ଼ିଶା ଯେ ଆଜି ନିଜର ସ୍ୱତନ୍ତ୍ର ସତ୍ତା ଓ ସ୍ଥିତି ଦାବୀ କରିପାରିଛି-ତାହା ଯଥାର୍ଥରେ ଉତ୍କଳ-ସମ୍ମିଳନୀର ସାଧନା ଓ ସଂଗ୍ରାମର ଫଳଶ୍ରୁତି। ସେହି ଦୃଷ୍ଟିରୁ ମଧୁସୂଦନଙ୍କୁ ଆଧୁନିକ ଓଡ଼ିଶାର ଜନକ କହିବା, ଇତିହାସ ଦୃଷ୍ଟିରୁ ସମୀଚୀନ ହେବ।

ମଧୁସୂଦନଙ୍କ ନେତୃତ୍ୱ ଓ ରାଜନୈତିକ କର୍ମସାଧନା, କେବଳ ଉତ୍କଳୀୟ ଅଭ୍ୟୁତ୍‌ଥାନର ସଂକୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ ନଥିଲା। ଭାରତୀୟ ରାଜନୈତିକ ଚିନ୍ତାଧାରାକୁ ତାଙ୍କର ଅବଦାନ ମଧ୍ୟ ସାମାନ୍ୟ ନୁହେଁ। ଭାଷା-ଭିତ୍ତିକ ରାଜ୍ୟ ବା ପ୍ରଦେଶ ଗଠନ, ଯାହା ଆଜି ଭାରତୀୟ ସମ୍ବିଧାନରେ ସ୍ୱୀକୃତି ଲାଭ କରିଛି, ତାହାର ଆଦ୍ୟ ଉଦ୍‌ଗାତା ଥିଲେ, ମଧୁସୂଦନ। 'ରିକଲ୍ (Recall) ବା କୌଣସି ଲୋକ ନିର୍ବାଚିତ ପ୍ରତିନିଧି, ନିର୍ବାଚନମଣ୍ଡଳୀର ଆସ୍ଥାଭାଜନ ହୋଇ ନ ରହିଲେ, ତାହାଙ୍କ ପ୍ରତିନିଧିତ୍ୱ-ପ୍ରତ୍ୟାହାର, ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ-କ୍ରାନ୍ତି'ର ଏକ 'ନାରା' ବା ସ୍ଲୋଗାନ୍ ହୋଇ ରହିଛି। ମାତ୍ର ବିହାର-ଓଡ଼ିଶାର ସ୍ୱାୟତ୍ତ-ଶାସନ ବିଭାଗ ମନ୍ତ୍ରୀ ଥିବା ବେଳେ, ସ୍ୱାୟତ୍ତ-ଶାସନ-ଆଇନରେ ସେ ଏହି 'ରିକଲ୍'ର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିଥିଲେ, ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ।

ଅର୍ଥନୈତିକ କ୍ଷେତ୍ରରେ ମଧୁସୂଦନଙ୍କ ଚିନ୍ତା ମଧ୍ୟ ଥିଲା ବୈପ୍ଳବିକ। ଯୋଜନାବଦ୍ଧ ଅର୍ଥନୀତିରେ କୃଷି ସହିତ ଶିଳ୍ପର ସମନ୍ୱୟ ଓ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ଜନତାକୁ ବେକାରୀ ଓ ଦାରିଦ୍ର୍ୟର ନାଗପାଶରୁ ମୁକ୍ତି ଦେବା, ତାଙ୍କ ଅର୍ଥନୈତିକ ଚିନ୍ତାର ଏକ ସ୍ପଷ୍ଟ ଆଭିମୁଖ୍ୟ ଥିଲା। ଶିକ୍ଷାକୁ ସେହିପରି କର୍ମାଭିମୁଖୀ କରିବା-ଯାହା ଆଜିର ସ୍ଲୋଗାନ-ଥିଲା ମଧୁସୂଦନଙ୍କ ଲକ୍ଷ୍ୟ। ସାନଭାଇ ଗୋପାଳବଲ୍ଲଭ କଟାନୀରେ ଏମ୍. ଏ. ପାସ୍ କରିଥିବାରୁ, ତାଙ୍କୁ କୃଷି କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ, ଧନିଶାଳା ଅଞ୍ଚଳରେ ମଧୁସୂଦନ ତିନିଶହ ଏକର ଫାର୍ମ ଜମି କିଣିଥିଲେ। ମାତ୍ର ଗୋପାଳବଲ୍ଲଭ ଡେପୁଟୀ ମାଜିଷ୍ଟ୍ରେଟ ଚାକିରି ପାଇଁ ଆକୃଷ୍ଟ ହେବାରୁ ତାଙ୍କ ସହିତ ମଧୁସୂଦନଙ୍କର ହୋଇଥିଲା ତୀବ୍ର ମତାନ୍ତର।

ମଧୁସୂଦନ ଅବଶ୍ୟ ଥିଲେ ରାଜା, ଜମିଦାରମାନଙ୍କର ରିଟେନର୍। କିନ୍ତୁ କୃଷି କ୍ଷେତ୍ରରେ ପ୍ରଜାର ସ୍ୱତ୍ୱ ସମ୍ପର୍କରେ ତାଙ୍କର ଚିନ୍ତା ଥିଲା କିପରି ବୈପ୍ଳବିକ, ତାହା ଓଡ଼ିଶା ଟେନାନ୍‌ସୀ-ଆକ୍ଟ ଆଲୋଚନା ପ୍ରସଙ୍ଗରେ ତାଙ୍କ ଭାଷଣ ଓ ସ୍ମାରକପତ୍ର ଶବ୍ଦାବଳିରୁ ସ୍ପଷ୍ଟ ହେବ। ଜମିଦାରୀ ପ୍ରଥା ଭାରତୀୟ ସଂସ୍କୃତିରେ ନ ଥିଲା। ମୋଗଲମାନଙ୍କ ରାଜତ୍ୱ କାଳରେ ପ୍ରଜାମାନଙ୍କଠାରୁ କର ଆଦାୟ ପାଇଁ କେବଳ ଏହି ମଧ୍ୟସ୍ୱତ୍ୱାଧିକାରୀ ଗୋଷ୍ଠୀ ସୃଷ୍ଟି ହୋଇଥିଲେ ବୋଲି ତଥ୍ୟ ପ୍ରମାଣ ସହିତ ଦର୍ଶାଇ, ଭୂମି ଉପରେ ଏକମାତ୍ର କୃଷକର ହିଁ ଅଧିକାର ସ୍ୱୀକୃତ ହେବା ଉଚିତ ବୋଲି ସେ ଉକ୍ତ ସ୍ମାରକପତ୍ରରେ ଦର୍ଶାଇଥିଲେ। ତାଙ୍କ ସମୟର ପୃଷ୍ଠଭୂମିରେ ଏ ଚିନ୍ତା ମୌଳିକ ଓ ବୈପ୍ଳବିକ ଥିଲା, ସନ୍ଦେହ ନାହିଁ।

ମଧୁସୂଦନ 'ଲୟାଲିଷ୍ଟ' ବା ବିଦେଶୀ ରାଜଶକ୍ତିର ବଶଂବଦ ଥିଲେ ବୋଲି ତାଙ୍କ ପ୍ରତିପକ୍ଷ ଗୋଷ୍ଠୀ ଦ୍ୱାରା କମ୍ ସମାଲୋଚିତ ହୋଇ ନାହାନ୍ତି। କିନ୍ତୁ ପ୍ରଥମ ମହାଯୁଦ୍ଧ ବେଳେ ମହାତ୍ମା ଗାନ୍ଧୀ ସୁଦ୍ଧା ବ୍ରିଟିଶ ସରକାରଙ୍କ ପାଇଁ ସ୍ୱେଚ୍ଛାସେବକ ସଂଗ୍ରହ କରୁଥିଲେ ବୋଲି କିଏ ନ ଜାଣେ? ଚଳିତ ଶତାବ୍ଦୀର ପ୍ରଥମ ପାଦର ଶେଷ ଭାଗ ପର୍ଯ୍ୟନ୍ତ ଭାରତୀୟ ରାଜନୀତିର ପ୍ରକୃତି ଓ ପ୍ରବୃତ୍ତି ଥିଲା ଉଦାରପନ୍ଥୀ ବା ଲିବରାଲ୍। ବ୍ରିଟିଶ ରାଜଶକ୍ତିର ନ୍ୟାୟବୋଧ ଉପରେ ଏମାନଙ୍କର ଅଖଣ୍ଡ ବିଶ୍ୱାସ। ବ୍ରିଟିଶ ଶାସନର ଆନୁକୂଲ୍ୟରେ, ଭାରତ ସ୍ୱାଧୀନତା ଲାଭ କରି ପାରିବ ବୋଲି ଏମାନେ ଆସ୍ଥାବାନ୍ ଥିଲେ। ଇତିହାସର ଗତିରେ, ଅସହଯୋଗ, ସତ୍ୟାଗ୍ରହ ଓ 'ଭାରତ-ଛାଡ଼'ର ଅଗ୍ନିଗର୍ଭ-ଆନ୍ଦୋଳନ ସତ୍ତ୍ୱେ, ଶେଷରେ ସେଇଆହିଁ ହେଲା। ସ୍ୱାଧୀନତାଲାଭର ଅବ୍ୟବହିତ ପୂର୍ବରୁ, ସେଦିନର ଅସହଯୋଗୀ କଂଗ୍ରେସ ନେତାମାନେ, ବ୍ରିଟିଶ ରାଜଶକ୍ତିର ଏକାନ୍ତ ବାଧ୍ୟ ଓ ବଶଂବଦ ହୋଇ, ଲର୍ଡ଼ ଲୁଇସ୍ ମାଉଣ୍ଟବାଟେନ୍‌ଙ୍କୁ ଯେପରି ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର୍-ଜେନେରାଲ ରୂପେ ଅଭିଷିକ୍ତ କରିବା ପାଇଁ କୁଣ୍ଠିତ ହୋଇ ନଥିଲେ; ତାହା ବିସ୍ମୃତ ହୋଇଯିବା ଉଚିତ ନୁହେଁ। ମଧୁସୂଦନଙ୍କୁ 'ଲୟାଲିଷ୍ଟ' ବୋଲି ଆକ୍ଷେପ ହାଣିବାରେ ଯେଉଁମାନେ ମୁଖର, ସେମାନେ ଇତିହାସର ଏ ନିଷ୍ଠୁର ସତ୍ୟ ସ୍ମରଣ ରଖିବା ଉଚିତ।

ନନ୍-କୋଅପରେସନ୍ ଆନ୍ଦୋଳନରେ ମଧୁସୂଦନଙ୍କ ବିଶ୍ୱାସ ନ ଥିଲା। ବ୍ରିଟିଶ ରାଜଶକ୍ତି ପ୍ରତି ଆନୁଗତ୍ୟ, ଅଥବା ସ୍ୱାଧୀନତାପ୍ରାପ୍ତି-ଲକ୍ଷ୍ୟର ବିରୋଧ ଥିଲେ ବୋଲି ସେ ଯେ ନନ୍-କୋଅପରେଟର୍ ସାଜି ନଥିଲେ; ତାହା ନୁହେଁ। ନନ୍-କୋଅପରେସନ ସହିତ ତାଙ୍କର ବିରୋଧ ଥିଲା ତାତ୍ତ୍ୱିକ ଓ ମୌଳିକ। ବିହାର-ଓଡ଼ିଶା ଲେଜିସ୍‌ଲେଟିଭ କାଉନ୍‌ସିଲ୍‌ରେ ୧୯୨୨ ସାଲ୍ ମାର୍ଚ୍ଚ ୮ ତାରିଖ ଦିନ, ବଜେଟରେ ପୋଲିସ-ଡିମାଣ୍ଡ ଉପରେ ମଧୁସୂଦନ ତାଙ୍କ ଭାଷଣ ପ୍ରସଙ୍ଗରେ ନନ୍-କୋଅପରେସନ୍ ସହିତ ତାଙ୍କର ତାତ୍ତ୍ୱିକ ବିରୋଧର ଆଲୋଚନା ପ୍ରସଙ୍ଗରେ କହିଥିଲେ....."It is a pecueiar state of political atmosphere that has overtaken-I was going to say enshrouded-this vast continent of India. The term by which this political propaganda has been christened is "non-co-opration". I have always held that absolute non-co-operation is an impossibility in this universe. You can never see any object which has an exclusively isolated existence and is not dependant on something else for its very existence. We all know that non-co-operation as it is preached now, means a determination not to have anything to do with the

existing Government. Now what is the relation between citizens and Government. Every citizen is entitled to demand from the Government–he may be a poor beggar or the poorest leper living the dying man within five minutes before his death, has the right to tell the Government, the soverign of the ingdom and Empire–((You must protect me and my family.) And on the contrary in order that he might with justice and with force insist upon and demand like that, he owes a duty as a citizen to his Sovereign, to the Government or by whatever name you may call the system of administration prevailing in the country. Every citizen is bound to give a certain amount of help to the Government in the discharge of its duty." ଅସହଯୋଗର ଏହି ତାତ୍ତ୍ୱିକ ବିରୋଧ ସେଦିନର ଗାନ୍ଧୀ–ପ୍ରଭାବିତ ପୃଷ୍ଠଭୂମିରେ, ଯେତେ ଅସ୍ୱାଦ ମନେ ହେଲେ ବି, ପରବର୍ତ୍ତୀ କାଳରେ ସେଦିନର ଅସହଯୋଗୀମାନେ, ଅସହଯୋଗ ପରିହାର କରି ଯେପରି ବିଶ୍ୱସ୍ତ ସହଯୋଗୀ ସାଜିଥିଲେ, ଇତିହାସର ସେଇ ଦିଗ ପ୍ରତି ଆଖି ମିଟିକା ମାରିବା ସମ୍ଭବ ନୁହେଁ ।

ମଧୁସୂଦନ ଇତିହାସରେ ସ୍ମରଣୀୟ ହୋଇ ରହିବେ–ଓଡ଼ିଆ ଜାତିର ଜନକ, ରିନେସାଁର ପ୍ରବର୍ତ୍ତକ ଓ ଭାରତୀୟ ଜାଗରଣର ଅନ୍ୟତମ ପୁରୋଧା ରୂପେ । ରାଜନୀତି ମଧୁସୂଦନଙ୍କର ଥିଲା କର୍ମତପସ୍ୟା । କ୍ଷମତା ଓ ସ୍ୱାର୍ଥଲିପ୍ସାରେ ବହୁ ଊର୍ଦ୍ଧ୍ୱରେ ରାଜନୀତିକୁ ସେ ଉନ୍ନୀତ କରାଇ ପାରିଥିଲେ, ଓଡ଼ିଆଙ୍କ ଏକ ଭାବଲୋକକୁ – ଶୂନ୍ୟଗର୍ଭ ପଢ଼ଲିରେ ନୁହେଁ, ନିଜ ଜୀବନଚର୍ଯ୍ୟାରେ, ସେ ସ୍ୱାର୍ଥମେଧଯଜ୍ଞର ଯେଉଁ ହୋମାଗ୍ନି ପ୍ରଜ୍ୱଳିତ କରିଥିଲେ, ସେଥିରେ ସେ ନିଜକୁ ଦେଇଥିଲେ ପୂର୍ଣ୍ଣାହୁତି । ଆତ୍ମପ୍ରତ୍ୟୟହୀନ ଓଡ଼ିଆ ଜାତିକୁ ସେ ତାଙ୍କ ଦୁର୍ବାର ନେତୃତ୍ୱରେ ଦେଇ ପାରିଥିଲେ ସ୍ୱାଭିମାନ ।

ମଧୁସୂଦନ କେବଳ ଓଡ଼ିଶାର ନୁହନ୍ତି–ତାଙ୍କ ପରିସ୍ଥିତି ଓ ପୃଷ୍ଠଭୂମିରେ, ଭାରତୀୟ ଜାଗରଣର ଅନ୍ୟତମ ଅଗ୍ରଦୂତ–ଜାତୀୟ–ଗୌରବ ।

* Arundale's dated 19th June 1903–Minute on territorial redistribution–Part 1–Para 9 of Home (Public) Proceedings A—Decr, 1903 ଦ୍ରଷ୍ଟବ୍ୟ ।
* "The Oriya Movement"—ପୃ: ୩୦–୩୧ ଦ୍ରଷ୍ଟବ୍ୟ
* Swadeshi Movement in Bengal 1905–1908 (People's Publishing House)–By Dr. Sunit Sircar.

('ଜନଜୀବନ'ରୁ ସଂଗୃହୀତ)




ସାକ୍ଷୀଗୋପାଳ ପଞ୍ଚସଖା ସମାଧି ପୀଠଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଉପଲକ୍ଷେ ସର୍ବଧର୍ମ ପ୍ରାର୍ଥନା ସଭାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ

# ବିସ୍ମୃତିରୁ ସ୍ମୃତିର ସ୍ୱାକ୍ଷର

ଶ୍ରୀ ଶୁଭ ନାରାୟଣ ସ୍ୱାଇଁ

ଆମ ପ୍ରିୟ ଦେବଲୀଳା ଭୂଇଁ କଳିଙ୍ଗ, ଉତ୍କଳ ଆଜି ଓଡ଼ିଶା ନାମରେ ପରିଚିତ । ନାମ ସିନା ସମୟର ଆହ୍ୱାନ ତଥା ମଣିଷର ରୁଚିକୁ ନେଇ ବଦଳି ଯାଉଛି, କିନ୍ତୁ ଜନ୍ମଭୂମି ତା'ର ନିଜସ୍ୱ ବିଭବକୁ ବିଶ୍ୱଦରବାରରେ ଉପସ୍ଥାପିତ କରି ପାରୁଛି ଯଥାର୍ଥ ଭାବରେ । ପୁରାତନର ଜୟଗାନ କରି ଆଜି ସେହି ରାଜ୍ୟ, ତା'ମାଟିର ସାଂପ୍ରତିକ ପରିବେଶ ଓ ପ୍ରଗତିକୁ ସମୀକ୍ଷା କରୁଛି ଭିନ୍ନ ସ୍ୱାଦରେ । ସେଥିରେ ଆମର ଐତିହ୍ୟ, ପରମ୍ପରା କଳା, ସଂସ୍କୃତି ଓ ଶିଳ୍ପ ବାଣିଜ୍ୟର ପରାକାଷ୍ଠା ଚିତ୍ରିତ ।

ଅତୀତରେ କ'ଣ ନଥିଲା ଆମର ? ବର୍ତ୍ତମାନ କ'ଣ ଅବା ନାହିଁ ଆମର !.........ମୋ ଦେଶର ବଡ଼ ଦେଉଳରେ ଜଗତର ନାଥ ଜଗନ୍ନାଥ, ଆଉ ତାଙ୍କର ପତିତପାବନ ବାନା ଆଜିବି ଉଡୁଛି । କାଞ୍ଚି ରାଜଜେମା ପଦ୍ମାବତୀଙ୍କ ପାଇଁ ସେହି ବଡ଼ଠାକୁରଙ୍କ ବଡ଼ ଦାଣ୍ଡରେ ରାଜାଙ୍କ ଛେରାପହଁରା ଏବେ ବି ଚାଲିଛି । ପ୍ରଭୁ ଦାସିଆ ବାଉରୀ ହାତରୁ ନଡ଼ିଆ ନେବା, ବନ୍ଧୁ ମହାନ୍ତିର ଭକତି ଡୋର, ଶ୍ରୀୟା ଚଣ୍ଡାଲୁଣୀ ଘରେ ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ ପ୍ରବେଶ, ଏସବୁ କଥା ଏବେ ବି ଘରେ ଘରେ ଲୋକଙ୍କ ମନକୁ ଆଧ୍ୟାତ୍ମିକ ଚିନ୍ତା, ଚେତନାରେ ଉଦବୁଦ୍ଧ କରୁଛି ।

ବିଶ୍ୱଜନଙ୍କୁ ଆକୃଷ୍ଟ କରୁଥିବା ଆମ କୋଣାର୍କର କାରୁକାର୍ଯ୍ୟରେ ବାରଶହ ବଢ଼େଇଙ୍କ ବାରବର୍ଷକାଳ ବିରହ ବିଚ୍ଛେଦ ଯନ୍ତ୍ରଣା ପାଷାଣ ଅଙ୍ଗରେ ଚିତ୍ରିତ ହୋଇ ଏବେ ବି ବଞ୍ଚି ରହିଛି ସେହି ଗୌରବମୟ ସ୍ମୃତିର ଜୟଗାନ କରି । ଆଉ ଧର୍ମପଦର ଆତ୍ମହତ୍ୟା ଏବେ ବି କୋଟି ହୃଦୟରେ ବିଳପି ଉଠୁଛି ।

ଦୟାନଦୀର ରକ୍ତ ରଞ୍ଜିତ ଜଳ ଦେଖି ଚଣ୍ଡାଶୋକ ଧର୍ମାଶୋକରେ ପରିଣତ, ଏ ମାଟିର ପାଇକ ପୁଅର ଅମର କୀର୍ତ୍ତି, ସାଧବପୁଅଙ୍କ ନୌ–ବାଣିଜ୍ୟର ମନମତାଣିଆ କାହାଣୀ, ଆଉ ସାଧବ ଝିଅ ତଅପୋଇର ସୁନାକୁଲେଇରେ ଖେଳିବାଠାରୁ ପୁଣି ଛେଳି ଜଗି ଆଖିରୁ ଲୁହ ଗଡ଼ାଇବା ପରେ ମା ମଙ୍ଗଳାଙ୍କ ଅଭୟ ଲାଭ, ସାତ ସାଧବାଣୀଙ୍କୁ ସତ୍ୟ, ଧର୍ମ ଓ ମାଆଙ୍କ କଷଟି ପଥରରେ ପରୀକ୍ଷା ଏସବୁ ଅତୀତର କାହାଣୀ ହୋଇଥିଲେ ମଧ୍ୟ ଏଯାବତ ଜନମାନସରୁ ହଜି ଯାଇନାହିଁ ।

ନିର୍ଭୀକ ସାଧବ ନୌ–ବାଣିଜ୍ୟ ପାଇଁ, ପାଲଟଣା ବୋଇତରେ ବସି ନୀଳଦରିଆରେ ଭାସି ଯାଉଛି ବାଲିଦ୍ୱୀପକୁ । କେତେ ସ୍ମୃତିକୁ କୋଳେଇ ନେଇ, ଏ ଜାତି ସ୍ୱାଭିମାନରେ ପୃଷ୍ଠ ଟେକିଛି । ଏ ପବିତ୍ର ମାଟିର କୋଳରେ କେହି ଛୋଟ ନାହାନ୍ତି । ସେ କାହାକୁ ଏ ଅବଧି ହରାଇ ନାହିଁ ।

ବାରମାସରେ ତେର ପର୍ବ । ଏସବୁତ ପୁରୁଷାନୁକ୍ରମେ ଆମର ଘରେଘରେ ପାଳିତ ହୋଇ ଆସୁଛି । ସେଥି ମଧ୍ୟରୁ ଖୁଦୁରୁକୁଣୀ ଓଷା ଓ ବୋଇତ ବନ୍ଦାଣ ଅନ୍ୟତମ ।

ପ୍ରାଚୀନ ଉତ୍କଳରେ ନୌ–ବାଣିଜ୍ୟର ଏହି ଗୌରବମୟ ପରମ୍ପରାକୁ ଆଜି ସ୍ମୃତିର ପେଟିକାରେ ସାଇତି ରଖୁଛି ଭାଦ୍ର ମାସରେ ଅନୁଷ୍ଠିତ ଏହି ଖୁଦୁରୁକୁଣୀ ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ଉତ୍ସବ । ଓଡ଼ିଆ ପୁଅ ଏଇ ପରମ୍ପରାକୁ ପ୍ରତିବର୍ଷ ସ୍ମରଣ କରି ଏ ପୁଣ୍ୟ ତିଥିରେ ମାନ୍ୟତା ଦେଇ ସାଦରେ ପାଳନ କରି ଆସୁଛି ।

ଏ, ସାଧବ ପୁଅର ଦେଶ । "ବାଣିଜ୍ୟେ ବସତି ଲକ୍ଷ୍ମୀ" ଏହାଥିଲା ଏ ଜାତିର ସୁକ୍ତି । ଏଥି ପାଇଁ ହୁଏନ୍‌ସାଂ ତାଙ୍କର ଭାରତ ବିବରଣୀରେ ଏବଂ ଐତିହାସିକ ହଣ୍ଟର ତାଙ୍କ ଓଡ଼ିଶା ପୁସ୍ତକରେ ଦର୍ଶାଇଛନ୍ତି ଯେ ଓଡ଼ିଶାର ପୂର୍ବ ଉପକୂଳରେ ୪୮୦ କିଲୋମିଟର ଦିଗନ୍ତ ବିସ୍ତାରୀ ସାଗର ବେଳାରେ ଯେତେଗୁଡ଼ିଏ ଛୋଟ ବଡ଼ ବନ୍ଦର ଗଢ଼ି ଉଠିଥିଲା, ସେମାନଙ୍କ ମଧ୍ୟରୁ ସୁବର୍ଣ୍ଣରେଖା, ଛାନୁଆ, ବାଲେଶ୍ୱର, ଲକ୍ଷଣପୁର, ଚୁଡ଼ାମଣି, ଧାମରା, ଖୁଦବାଲି, ଫଲ୍‌ସ ପଏଣ୍ଟ, ଚେଲିତାଲୋ, ହରିଶପୁର, ବିଷ୍ଣୁନପୁର, ବୋଇତକୁଳିଆ, ଖୁଉଳିଆ ଓ ପାଲୁର ଆଦି ବନ୍ଦରଗୁଡ଼ିକର ନାମ ଉଲ୍ଲେଖଯୋଗ୍ୟ ।

ଏମାନଙ୍କ ମଧ୍ୟରୁ ମାତ୍ର କେତୋଟି ବନ୍ଦର ସମ୍ପର୍କରେ ଏଠାରେ ଦିଆଗଲା ।

ଧାମରା ବନ୍ଦର–ଏହା ବୈତରଣୀ ଓ ବ୍ରାହ୍ମଣୀ ନଦୀର ସଂଗମ ସ୍ଥଳରେ ଅବସ୍ଥିତ ଥିଲା ।

ଖୁଦବାଲି ବନ୍ଦର–ବୈତରଣୀ ଓ ସାଳନ୍ଦୀ ନଦୀର ସଂଗମ ସ୍ଥଳରେ ଏହି ବନ୍ଦର ଗଢ଼ି ଉଠିଥିଲା ।

ଚେଲିତାଲୋ ବନ୍ଦର–କେତେକଙ୍କ ମତରେ ପୁରୀ, ଚିଲିକା, ସୁଦୋଳ, ଓ ବ୍ରାହ୍ମଣୀ ନଦୀ ମୁହାଣରେ ଏହି ବନ୍ଦର ଥିଲା । ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଚେଲୋନ ଶବ୍ଦର ଅର୍ଥ ଜାହାଜର ପଣ୍ୟଦ୍ରବ୍ୟ ବୋହି ଆସୁଥିବା ଲୋକଙ୍କୁ ବୁଝାଏ । ଏହି ଦୃଷ୍ଟିରୁ ଚେଲୋନ

ନିକଟରେ ଏକ ବନ୍ଦର ଥିଲା, ଯାହାର ନାମ ଚେଳିତାଲୋ । ଏଣୁ ଚିତ୍ରୋତ୍ପଳା ନଦୀର ଲେମ୍ବାଲଠାରୁ କେନ୍ଦୁପାଟଣା ମଧ୍ୟରେ ଚେଳିତାଲୋ ବନ୍ଦର ଗଢ଼ି ଉଠିଥିଲା, ଏହା ଐତିହାସିକ ପ୍ରଫେସର ଓ ଉତ୍କଳର ହରେକୃଷ୍ଣ ମହତାବଙ୍କ ମତ ।

ବୋଇତକୁଳିଆ ବନ୍ଦର–ଏହି ବନ୍ଦର ଦେଇ ଜାହାଜଗୁଡ଼ିକ ଅଲକା ନଦୀ ଭିତରକୁ ପ୍ରବେଶ କରି ହରିହରପୁର ପର୍ଯ୍ୟନ୍ତ ଆସେ । ହରିହରପୁର ପାଖର "ବନ୍ଦର" ନାମକ ଗ୍ରାମରେ ବଣିକମାନେ ସେମାନଙ୍କର ମାଲପତ୍ର ଓହ୍ଲାଉଥିଲେ ।

ଭଙ୍ଗା ଗଢ଼ା ସଂସାର । ଆଜି ଯିଏ ନୂଆ କାଲି ସେ ପୁରୁଣା ହୋଇ କାଳର କରାଳ ଗର୍ଭରେ ହଜି ଯାଉଛି । ଆମ ଇତିହାସ, ଆମ କିମ୍ବଦନ୍ତୀ ହିଁ ଏହି ସବୁ ଲୁପ୍ତ ଗୌରବର ମୂକସାକ୍ଷୀ ।

କାଳକ୍ରମେ ଉତ୍କଳର ନୌ–ବାଣିଜ୍ୟ ଆକାଶରେ ଭାଗ୍ୟରବି ଅସ୍ତମିତ ହେଲା । ଇଂରେଜମାନେ ଆମ ଦେଶକୁ ଶାସନ କଲେ । ସରକାର ଆମ ସାଧବ ପୁଅମାନଙ୍କୁ ଦେଶ ବିଦେଶକୁ ଯାଇ ନୌ–ବାଣିଜ୍ୟ କରିବାକୁ ସୁବିଧା ସୁଯୋଗ ଦେଲେ ନାହିଁ । ନଦୀ ମୁହାଣଗୁଡ଼ିକ ମଧ୍ୟ ପୋତି ହେବାରେ ଲାଗିଲା ।

ଏହାର ଦ୍ୱିତୀୟ କାରଣ ହେଲା, ପୂର୍ବରୁ ନୌ–ବାଣିଜ୍ୟ ବ୍ୟତୀତ ସ୍ଥଳପଥରେ ସୁବିଧା ନଥିଲା । କିନ୍ତୁ ୧୮୯୮ରେ ବେଙ୍ଗଲ–ପୁରୀ ରେଲପଥ ଓ କଲିକତାରୁ ମାଡ୍ରାଜ ପର୍ଯ୍ୟନ୍ତ ସୁନ୍ଦର ସଡ଼କ ନିର୍ମାଣ ହେବାରୁ ପରିବହନ କାର୍ଯ୍ୟ ଶୀଘ୍ର ଓ ସହଜ ହୋଇପାରିଲା ।

ଏହାର ଅନ୍ୟଏକ କାରଣ ହେଲା, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଘରୋଇ ଜାହାଜଗୁଡ଼ିକୁ ସରକାର ନେଇଯାଇ ଯୁଦ୍ଧରେ ବ୍ୟବହାର କଲେ । ଫଳରେ ପରିବହନ କାର୍ଯ୍ୟ ଆଉ ହୋଇ ପାରିଲା ନାହିଁ ଏବଂ ଏହି ପରିବହନ କାର୍ଯ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ହେବାରୁ ଘରୋଇ ଜାହାଜର ମାଲିକମାନେ ଭୀଷଣ କ୍ଷତିର ସମ୍ମୁଖୀନ ହେବାରେ ଲାଗିଲେ ।

ଯେଉଁ ବନ୍ଦରଗୁଡ଼ିକ ଦିନେ ମୋଗଲ, ମରହଟ୍ଟା, ଫରାସୀ, ପର୍ତ୍ତୁଗୀଜ, ଦିନାମାର ଓ ଏହି ଇଂରେଜ ବଣିକମାନଙ୍କୁ ଆକୃଷ୍ଟ କରୁଥିଲା, ଶେଷରେ ସେଗୁଡ଼ିକ ଅଚଳ ହୋଇ ଉଠିଲେ ।

କିଏ ଜାଣିଥିଲା ଜମ୍ବୁଦ୍ୱୀପ ନିକଟରେ ଅତୀତର ସେହି ଫୁକିଟୋଲା ବତୀଘର ଆଉ ଇଂରେଜ କୋଠି ଅବହେଳିତ ଅବସ୍ଥାରେ ପଡ଼ିରହିବ ବୋଲି !

ଏହି ଦ୍ୱୀପଟିର ଲମ୍ବ ୫୦ କିଲୋମିଟର ଏବଂ ଓସାର ତିନି କିଲୋମିଟର । ବିସ୍ମୟର କଥା ଲୁଣି ଜଙ୍ଗଲ ନଷ୍ଟ ଏବଂ ସାମୁଦ୍ରିକ ସ୍ରୋତର ଆଘାତ ହେତୁ ଏହାର ମୃତ୍ତିକା ଦ୍ରୁତଗତିରେ କ୍ଷୟ ହେବାରେ ଲାଗିଛି । ହୁଏତ ଦିନ ଆସିବ ଯେତେବେଳେ କି, ଏହି ଦ୍ୱୀପଟି ସମ୍ପୂର୍ଣ୍ଣ ଭାବେ ସାଗର ଗର୍ଭରେ ବିଲୀନ ହୋଇଯିବ ।

କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରଠାରୁ ଏହି ଦ୍ୱୀପର ଦୂରତା ୩୫ କିଲୋମିଟର । ଏଥିରୁ ସ୍ଥଳପଥ ୨୦ କିଲୋମିଟର ଏବଂ ଜଳପଥରେ ୧୫ କିଲୋମିଟର ଗଲେ ଫୁକିଟୋଲା ବତୀଘର ପଡ଼େ ।

ଜମ୍ବୁ ନିକଟବର୍ତ୍ତୀ ଏହି ବତୀଘରଟି ୧୮୩୭ ମସିହାରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଦୁଃଖର କଥା ଆଜକୁ ୧୭୧ ବର୍ଷ ତଳେ ନିର୍ମିତ ହୋଇଥିବା ଏହି ବତୀଘରଟି ଅଧୁନା ଅବହେଳିତ । ଏଠାରେ ଥିବା ବହୁ ମୂଲ୍ୟବାନ କାଠ ଜିନିଷ, ଏପରିକି ଏହାର କବାଟ, ଚଉକାଠ ଆଦି ଅସାମାଜିକ ଲୋକମାନଙ୍କ ଦ୍ୱାରା ଅପହୃତ ହେଉଅଛି ।

ବର୍ଷାଦିନେ ଏହି କୋଠିର ଛାତରୁ ଯେଉଁ ବର୍ଷାଜଳ ନିର୍ଗତ ହୁଏ, ତାହା ଉଭୟ ପାର୍ଶ୍ୱରେ ନିର୍ମିତ ହୋଇଥିବା ଦୁଇଟି କୂପରେ ସଞ୍ଚିତ ହୋଇ, ପାନୀୟ ଜଳ ରୂପେ ବ୍ୟବହୃତ ହୁଏ । ଏହିଥିରୁ ହିଁ ବତୀଘର କୋଠାର ନିର୍ମାଣ କୌଶଳ ଅନୁମେୟ ।

ସମୁଦ୍ର ବେଳା ଭୂମିରେ ଲୁଣା ଜଙ୍ଗଲର ପ୍ରାକୃତିକ ରୂପ ବିଭବ, ଏହି ଦ୍ୱୀପରେ ଥିବା ପୁରାତନ ସୌଧର ଆକର୍ଷଣ ଦର୍ଶକ ତଥା ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ୍ ନୌବାହିନୀର ଏକ ଜାହାଜ ଏଠାରେ ବୁଡ଼ି ଯାଇଥିଲା । ଏବେ ମଧ୍ୟ ଏହାର ଭଗ୍ନାବଶେଷ ଦେଖିବାକୁ ମିଳେ ।

ବ୍ରିଟିଶ ଶାସନ କାଳ । କଲିକତା ବନ୍ଦର ଏବଂ କେନ୍ଦ୍ରୀୟ ଜଳପଥ ପରିବହନ ମନ୍ତ୍ରଣାଳୟ ଏହି ଉଭୟଙ୍କ ତତ୍ତ୍ୱାବଧାନରେ ନିର୍ମିତ ଉକ୍ତ ବତୀଘରର ଆଲୋକ ବ୍ୟବସ୍ଥାକୁ ପ୍ରଥମଥର ପାଇଁ ଗତ ୧୮୮୦ ମସିହାରେ ଆଧୁନିକୀକରଣ କରାଯାଇଥିଲା । ଏହାପରେ ୧୯୦୩ ମସିହାରେ ଦ୍ୱିତୀୟଥର ପାଇଁ ଏହାର ନବୀକରଣ କାର୍ଯ୍ୟ ସୁସ୍ଥୁ ରୂପରେ କରା ଯାଇଥିଲା ।

ଏହି ଆଲୋକ ବ୍ୟବସ୍ଥା ପାଇଁ ଯେଉଁସବୁ ଯନ୍ତ୍ରପାତି ବ୍ୟବହୃତ ହୋଇଥିଲା, ଲୁଣା ଜଳବାୟୁ ଯୋଗୁ ସେଗୁଡ଼ିକ କଳଙ୍କି ହୋଇ ନଷ୍ଟ ହେବାରେ ଲାଗିଛି ।

ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ମହାନଦୀର ମୁହାଣ ମୁହଁ କ୍ରମଶଃ ପୋତି ହୋଇ ପଡୁଥିବାରୁ ଏହି ବତୀଘରକୁ ଗଭୀର ସମୁଦ୍ରକୁ ସ୍ଥାନାନ୍ତର କରାଯିବା ସଙ୍ଗେ ସଙ୍ଗେ, ଏହାର ଉଚ୍ଚତା ୧୨୦ ଫୁଟରୁ ୧୭୦ ଫୁଟକୁ କରାଇବାକୁ ହେବ ।

ଫୁକିଟୋଲାର ଲୁଣି ଜଙ୍ଗଲ, ବାଘ, ବରାହ, ହରିଣ, ଠେକୁଆ, ଝିଙ୍କ ଓ ବଣକୁକୁଡ଼ା ଆଦି ପଶୁ ପକ୍ଷୀଙ୍କୁ ନେଇ ଦିନେ ସେ ସ୍ଥାନ ହସୁଥିଲା, ଆଜି କିନ୍ତୁ ସେହି ଅତିଥିମାନଙ୍କୁ ଆଉ ଏଠାରେ ଦେଖିବାକୁ ମିଳୁନାହିଁ ।

ଏହିପରି ଅନେକ କଥା ଆମ ସ୍ମୃତିର ପେଟିକାରେ ସାଇତା ହୋଇଅଛି । ତେଣୁ ଏ ଜାତିର ଅତୀତ ଗୌରବ ଓ କୀର୍ତ୍ତି କିମିତି ଥିବା ଯିବ । ସେହି ପୁରାତନ ଗୌରବ ଉପରେ ଆମକୁ ପୁଣି ପ୍ରଗତିର ନୂତନ ସୌଧ ନିର୍ମାଣ କରିବାକୁ ପଡୁଛି । ଶହ ଶହ ବର୍ଷ ଧରି ଆମେ ଯେଉଁ ବିଭବକୁ ହଜାଇ ଦେଇଥିଲେ, ତାକୁ ତ ପୁଣି ଏବେ ସେହି ଦୂର ଅତୀତର ଘନ ଅନ୍ଧକାର କୋଳରୁ ସାଉଁଟି ଆଣି ପୁନଶ୍ଚ ଏକ ନୂତନ ରଙ୍ଗରେ ଚିତ୍ରିତ କରିବା ସଙ୍ଗେ ସଙ୍ଗେ ଆମ ଜାତୀୟ ଜୀବନକୁ ପ୍ରବୁଦ୍ଧ କରିପାରୁଛେ ।

ଅଧୁନା ପାରାଦ୍ୱୀପରେ ଏକ ନୂତନ ବତୀଘର ନିର୍ମାଣ ହୋଇ, ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଲୋକଙ୍କୁ ଆଲୋକର ପଥ ପ୍ରଦର୍ଶନ କରି ପାରିଛି । ଏଇଠି ଆମ ଅତୀତ ଓ ବର୍ତ୍ତମାନର ସ୍ୱାଭିମାନ ।

ଆଜି ସେଦିନର ସେହି ଗୌରବର ପ୍ରତୀକ ଭାବେ ସକଳ ସ୍ମୃତିକୁ ବହନ କରି ଏ ଜାତିର ଭାଗ୍ୟାକାଶରେ ପ୍ରଗତି ତଥା ସମୃଦ୍ଧିର ନୂତନ ସୂର୍ଯ୍ୟ ରୂପେ ପୂର୍ବ ଉପକୂଳରେ ହସି ଉଠିଛି ଆମର ପ୍ରିୟ ପାରାଦ୍ୱୀପ ବନ୍ଦର ।

ଏହା କେବଳଭାରତ ବର୍ଷରେ ନାହିଁକି, ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଏକ ସୁଦୃଢ଼ ତଥା ସୁଗଭୀର ପ୍ରାକୃତିକ ବନ୍ଦରର ମାନ୍ୟତା ଲାଭ କରିପାରିଛି । ଓଡ଼ିଶାର ପୂର୍ବ ଦିଗରେ ବଙ୍ଗୋପସାଗରର ସୁନୀଳ ଜଳରାଶିକୁ ଆଲିଙ୍ଗନ କରି, ଯେଉଁଠି ମହାନଦୀ ନିଜର ମଧୁରତାକୁ ହରାଇ ନିଜକୁ ହଜାଇ ଦେଇଛି, ଠିକ୍ ସେହି ପ୍ରାକୃତିକ ମୁହାଣ ମୁହଁ ନିକଟରେ ପାରାଦ୍ୱୀପ ଶୋଭା ପାଉଛି ।

ଏହି ବନ୍ଦରର ଜନ୍ମ ଜାତକରୁ ଜଣାଯାଏ, ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ କମିଟି ଓ ୧୯୫୨ ମସିହାରେ କେନ୍ଦ୍ର ଜଳବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ କମିଶନ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଁଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବା ପାଇଁ ପ୍ରସ୍ତାବ ହେଲା ।

୧୯୫୪ ମସିହା ଅପ୍ରେଲ ମାସରେ ପୁନାଠାରେ ସ୍ୱର୍ଗତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡ଼ର ବୈଠକରେ ଏହି ପରିକଳ୍ପନାକୁ କରାଯାଇ ଥିଲା । ସୁଖର କଥା ଏହି ପରିକଳ୍ପିତ ତଥା ପ୍ରସ୍ତାବିତ ବନ୍ଦରର ବିଶ୍ୱକର୍ମା ସାଜି, ତତ୍କାଳୀନ କେନ୍ଦ୍ର ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରୀ ସ୍ୱର୍ଗତଃ ଶାସ୍ତ୍ରୀଜୀ ଅର୍ଥ ମଞ୍ଜୁର କରି ସାଧବ ପୁଅର ଏଇ ମାଟିରେ, ତା' ହଜିଲା ଧନକୁ ଖୋଜି ଆଣି ନୂତନ ରୂପରଙ୍ଗରେ ତୋଳି ଦେଲେ ଏ ଜାତିର ହାତରେ ।

ତା'ପରେ ୧୯୬୬ ମସିହା । ଏ ଜାତିର ଗଳାରେ ଜୟମାଳ୍ୟ ଅର୍ପଣ କରି, ତା' କପାଳରେ ସିନ୍ଦୁର, ଚନ୍ଦନ ଲଗାଇ ଦେଇ, କେତେ ଶୁଭାଶିଷ ଢାଳି ଦେଇଥିଲା ସେବର୍ଷର ସେହି ଅଭୁଲା ଜାନୁଆରୀ ମାସ । ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କରିଥିବାରୁ, ସାଗରର ନୀଳ ଜଳରାଶି ସେଦିନ ଆନନ୍ଦରେ ଅଧୀର ହୋଇ "ବନ୍ଦେ ଉତ୍କଳ ଜନନୀ" ଗାଇ ସ୍ୱାଗତ କରିଥିଲା ।

ଏହି ବନ୍ଦରର ଶ୍ରୀବୃଦ୍ଧି କରିବା ପାଇଁ ପ୍ରଥମେ ଦୈତାରୀ ଗନ୍ଧମାର୍ଦ୍ଦନ ଓ ସୁକିନ୍ଦା ଖଣି ଅଞ୍ଚଳରୁ ଆସିଗଲା ଲୁହା ପଥର କଟକ ପର୍ଯ୍ୟନ୍ତ । ସେଠାରୁ ତାଳଦଣ୍ଡା କେନାଲରେ ବଡ଼ ବଡ଼ ଡଙ୍ଗା (ନାଆ) ଗୁଡ଼ିକ, ସେହି ସବୁ ଅସରନ୍ତି ବିଭବକୁ କୋଳେଇ ଆଣି ସାଇତି ରଖନ୍ତି ପାରାଦ୍ୱୀପ ନିକଟବର୍ତ୍ତୀ ଚୌମୁହାଣି ପାଖରେ ।
ନିଜର ସ୍ୱାର୍ଥ ଓ ସମୃଦ୍ଧି ପାଇଁ ପାରାଦ୍ୱୀପର ଏ ସଂଗ୍ରାମ ପୁନଶ୍ଚ ନୂତନ ମୋଡ଼ ନିଏ । ପାହାଡ଼ ପରି ପୁଞ୍ଜେଟେକି ଜମା ହୋଇଥିବା ଲୁହାପଥରକୁ ଚୌମୁହାଁଣିରୁ ବଡ଼ ବଡ଼ ଷ୍ଟିମରରେ ବୁହାଯାଇ, ସମୁଦ୍ରରେ ଲଙ୍ଗର ପକାଇ ସ୍ଥିର ରହିଥିବା ଜାହାଜରେ ବୋଝେଇ କରାଯାଏ । ଆଉ ଏସବୁକୁ ସେଟକରି ବୋଝେଇ କରିସାରିଲା ପରେ ଜାହାଜ ସେହି ନୀଳ ଦରିଆରେ ହସି, ଖେଳି ଭାସି ଯାଏ ସୁଦୂର ଜାପାନ ଦେଶକୁ ।

ତାପରେ ଏକ ପ୍ରବହମାନ ନଦୀ ପରି ସକଳ ବାଧାବନ୍ଧନକୁ ଏଡ଼ି ଦେଇ ପାରାଦ୍ୱୀପ ତା'ର ପ୍ରଗତି ପଥରେ ଅଗ୍ରସର ହେଲା । ୧୯୬୨ ମସିହା ଜାନୁଆରୀ ମାସ ୩ ତାରିଖ । ଏହି ପବିତ୍ର ଦିବସରେ ପାରାଦ୍ୱୀପ ବନ୍ଦରର ଭିତ୍ତି ପ୍ରସ୍ତର ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ୍ ନେହେରୁଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ।

ତାପରେ ନବପଲ୍ଲବିତ ଏକ ବଟବୃକ୍ଷର ଚାରା ଯେପରି ବର୍ଷ ପରେ ବର୍ଷ କେତେ ବର୍ଷା, ବୈଶାଖ ଓ ବସନ୍ତକୁ ଆଲିଙ୍ଗନ କରି ମହାଦ୍ରୁମରେ ପରିଣତ ହୁଏ, ପାରାଦ୍ୱୀପ ଆଜି ଆମ ସମ୍ମୁଖରେ ଠିକ୍ ସେହିପରି ରୂପଧରି ଦଣ୍ଡାୟମାନ ।

ଓଡ଼ିଶା ସରକାର ଏହାର ଅଭିବୃଦ୍ଧିରେ ୨୬ କୋଟି ଟଙ୍କା ବ୍ୟୟ କରି ଅର୍ଥାଭାବର ସମ୍ମୁଖୀନ ହୋଇ, ଶେଷରେ ଏହାକୁ ଭାରତ ସରକାରଙ୍କ ହାତରେ ଅର୍ପଣକରି ଦେଇଛନ୍ତି ।

ପରିବହନ ଓ ଯାନବାହନରେ ଯାତ୍ରୀମାନଙ୍କର ଗମନାଗମନକୁ ଅଧିକରୁ ଅଧିକ ସୁଗମ କରିବା ପାଇଁ ରେଳପଥ ଓ ସଡ଼କ ପଥ ସର୍ବାଗ୍ରେ କାମ୍ୟ । ଏଣୁ ପାରାଦ୍ୱୀପରୁ ଗୋରଖନାଥ ପର୍ଯ୍ୟନ୍ତ ରେଳପଥ ନିର୍ମାଣର ଏକ ଭିତ୍ତିଭୂମି ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଗୁଲଜାରିଲାଲ ନନ୍ଦା ଓ ରେଳବାଇ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ହୋଇଥିଲା ।

ଓଡ଼ିଶାର ପ୍ରାଣକେନ୍ଦ୍ର କଟକ ନଗରରୁ ଏକ ରେଳପଥ ଲମ୍ବି ଆସିଛି ପାରାଦ୍ୱୀପକୁ । ଏଥିରେ ମାଲ୍‌ଗାଡ଼ି ଓ ଯାତ୍ରୀବାହୀ ଗାଡ଼ି ପ୍ରତିଦିନ ଚାଲିଛି । କଟକ-ପାରାଦ୍ୱୀପ ରାସ୍ତା ଓ କେନାଲ

ହାଇୱେ ଉନ୍ନତ ରୂପରେଖ ନେଇ ନିର୍ମିତ ହୋଇଥିବାରୁ ପାରାଦ୍ୱୀପ ବନ୍ଦର ଆଜି ନିଜକୁ ଧନ୍ୟ ମନେ କରୁଛି ।

ଏହି ବନ୍ଦରରେ ଆମଦାନୀ ପଣ୍ୟ ମଧ୍ୟରୁ ଜାଳେଣି କୋଇଲାର ପରିମାଣ ସର୍ବାଧିକ ଏବଂ ଅବଶିଷ୍ଟ ପଣ୍ୟଗୁଡ଼ିକ ହେଲା ତେଲ, ପି.ପି.ଏଲ୍‌ର ପଣ୍ୟ, କଠିନ କୋଇଲା, ଚୂନପଥର ଓ କେଆର ଖାଦ୍ୟ ଆଦି । ପଣ୍ୟ କାରବାର ପାଇଁ ଦେଶ ବିଦେଶରୁ ବହୁ ଜାହାଜ ଏହି ବନ୍ଦରରେ ପ୍ରବେଶ କରୁଛି ।

ରପ୍ତାନୀ କରାଯାଉଥିବା ପଣ୍ୟ ମଧ୍ୟରେ ତାପଜ କୋଇଲାର ପରିମାଣ ସର୍ବାଧିକ । ଏହାପରେ ଲୁହାପଥର, କ୍ରୋମ ପଥର ଓ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ । କିଏ କହେ ପାରାଦ୍ୱୀପ କେବଳ ନୌବାଣିଜ୍ୟରେ ଖାଲି ପ୍ରସିଦ୍ଧି ଲାଭ କରିଛି । ଭାରତ ପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସେ ସର୍ବ ଧର୍ମ ସମନ୍ୱୟର ଜୟଗାନ ଆଜି କରୁଛି । ଏ କଥାକୁ କେବଳ ସୂକ୍ଷ୍ମ ଦୃଷ୍ଟିରୁ ହିଁ ବିଚାର କରିବାକୁ ହେବ ।ଏଠାରେ ଦେଶ ବିଦେଶର ବହୁ ଭାଷାଭାଷୀ, ବହୁ ଧର୍ମ ଓ ବହୁ ଜାତିର ଲୋକଙ୍କୁ ଆପଣାର ଜ୍ଞାନ କରି କୋଳେଇ ନେଇ ପାରାଦ୍ୱୀପ ଆଜି ଗାଇ ଉଠୁଛି– ବସୁଧୈବ କୁଟୁମ୍ବକମ୍ । ଆଉ ତାହାରି କୋଳରେ ହସି ଉଠୁଛି ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜା । ଫଳରେ ଈଶ୍ୱର, ଆଲ୍ଲା ଓ ଯୀଶୁଙ୍କର ମହିମା ସଂଗୀତ ଏଠାକାର ଗଗନ ପବନ ତଥା ପରିବେଶକୁ ପବିତ୍ର ଭକ୍ତି ରସରେ ମୁଖରିତ କରୁଛି ।

ବନ୍ଦର ନିକଟସ୍ଥ ସାଗର ବେଳାରେ ନବ ନିର୍ମିତ ବତୀଘର, ନୀଳ ଦରିଆରେ ପଥଭ୍ରଷ୍ଟ ନାବିକମାନଙ୍କର ପଥ ପ୍ରଦର୍ଶକ ହେଲା ପରି, ପାରାଦ୍ୱୀପର ମଧୁବନରେ ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିର, ଶୂନ୍ୟବାଦକୁ ଆଶ୍ରୟ କରି ଗଢ଼ି ଉଠିଥିବା ମହିମାଧର୍ମର ଆଶ୍ରମ (ଟୁଙ୍ଗୀ), ନୂଆବଜାରରେ ସତ୍‌ସଂଘ, ଅନୁକୂଳଚନ୍ଦ୍ର ଓ ସତ୍ୟସାଇଙ୍କର ପବିତ୍ର ଧର୍ମପୀଠ ଆଦି ଭକ୍ତଜନମାନଙ୍କ ମନ ମନ୍ଦିରରେ ଦିବ୍ୟଜ୍ୟୋତି ପ୍ରଜ୍ଜ୍ୱଳିତ କରି ମୁକ୍ତି ମାର୍ଗରେ ଅଗ୍ରସର ହେବାକୁ ସହାୟ ହୋଇଛି ।

ଶିଳ୍ପ କ୍ଷେତ୍ରରେ ମଧ୍ୟ ଏଠାରେ ଗଢ଼ି ଉଠିଥିବା ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ୍ (P.P.L.) ସଫଳତାର ସହ ଆଜି ଭାରତବର୍ଷର ମାନଚିତ୍ରରେ ନୂତନ ଝଲକ ସୃଷ୍ଟି କରି ପାରିଛି । ଭାରତୀୟ ତେଲ ନିଗମ ତରଫରୁ ଏଠାରେ ଏକ ତୈଳ ବିଶୋଧନାଗାର, ଓସ୍ୱାଲ୍ ଫର୍ଟିଲାଇଜର ଲିମିଟେଡ୍ ତରଫରୁ ଅନ୍ୟ ଏକ ସାର କାରଖାନା ନିର୍ମିତ ହେଉଥିବାରୁ ଆମ ପାଇଁ ଏହା ପ୍ରଗତିର ଏକ ଶୁଭ ସୂଚନା ଦେଉଥିବା ବେଳେ, ସରକାରଙ୍କ ତରଫରୁ ଏଠାରେ ଏକ ଶିଳ୍ପ ଉଦ୍ୟାନ କରାଯିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ।

ମଣିଷ ଏକ ସାମାଜିକ ପ୍ରାଣୀ । ସୁଖ ଦୁଃଖର ଅଗ୍ନି ପରୀକ୍ଷା ଭିତରେ ସେ ହସି, ଖେଳି ବଞ୍ଚି ରହିବାକୁ ପ୍ରୟାସ କରେ । ଯେଉଁ ଅଞ୍ଚଳ ବା ସ୍ଥାନର ସାଂସ୍କୃତିକ ଜୀବନ ଯେତେ ମାର୍ଜିତ ସେ ସ୍ଥାନ ସେତେ ଉନ୍ନତ ଏବଂ ମହାନ । ଏହି ଦୃଷ୍ଟିରୁ ବିଚାର କଲେ ବହୁ ସାଂସ୍କୃତିକ ଅନୁଷ୍ଠାନ ଏଠାରେ ଗଢ଼ି ଉଠି, ଏକାଧାରରେ ସଂଗୀତ, ସାହିତ୍ୟ, କଳା ସଂସ୍କୃତି ଓ କ୍ରୀଡ଼ା କ୍ଷେତ୍ରରେ ବହୁ ନବୀନ, ପ୍ରବୀଣ ଓ ତରୁଣ ପ୍ରତିଭାଧରମାନଙ୍କ ପ୍ରତିଭାକୁ ଲୋକ ଲୋଚନକୁ ଆଣି, ସମ୍ମାନିତ କରିବା ସଙ୍ଗେ ସଙ୍ଗେ ଅଧିକ ଉତ୍ସାହ ଓ ପ୍ରେରଣା ଦେଇପାରିଛି ।

ଏଠାରେ ଟେଲିଫୋନ୍ ଭବନ, ଜାହାଜଗଡିକର ବାର୍ତ୍ତାଳାପ ପାଇଁ ଓ୍ୱାୟାରଲେସ୍ ସିଷ୍ଟମ୍‌ର ସୁବ୍ୟବସ୍ଥା କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ତର୍ଦେଶୀୟ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି । ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସ୍କୁଲ, କଲେଜ ଓ ଡାକ୍ତରଖାନା ଗଢ଼ି ଉଠିଛି ।

ଆନ୍ତର୍ଜାତିକ କ୍ଷେତ୍ରରେ ସକଳ ସଫଳତାର ଜୟଗାନ କରି ପାରାଦ୍ୱୀପ ଆଜି ଏକ ତାଲିମ୍‌ପ୍ରାପ୍ତ ପାରା ପରି ପ୍ରଗତିର ବାର୍ତ୍ତା ଦେଶ ବିଦେଶରେ ପହଞ୍ଚାଇ ପାରିଛି । ଏ ଦେଶ ନୌବାଣିଜ୍ୟର ଦେଶ । ସାଧବଙ୍କ ଜନ୍ମ ମାଟିରେ ଆମେ ଉପଯୁକ୍ତ ଦାୟାଦ, ଏ ସ୍ୱୀକୃତି ଆମକୁ ପ୍ରଦାନ କରୁଛି ନୌବାଣିଜ୍ୟରେ ପାରାଦ୍ୱୀପର ବିପୁଳ ସଫଳତା ।

---

ଗ୍ରାମ–ସିହା, ପୋ:–ଏରସମା,
ଜି:–ଜଗତସିଂହପୁର–୭୫୪୧୩୯

# କାର୍ତ୍ତିକ ମାସର ମହତ୍ତ୍ୱ

ଅଧ୍ୟାପକ ଡଃ ରବି ନାୟକ

କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆ ଘରର ଏକ ଶ୍ରେଷ୍ଠ ପର୍ବ । ଓଡ଼ିଆ "ଆ, କା, ମା, ବୈ" ଋରି ମାସକୁ ଧର୍ମ-ମାସ ବୋଲି ମାନେ । ତନ୍ମଧ୍ୟରୁ କାର୍ତ୍ତିକ ମାସର ଗୁରୁତ୍ୱ ଅଧିକ । ତେବେ ଆମର ବାର ମାସରେ ତେର ପର୍ବ କଥାଟିର ପ୍ରଚଳନ ଅଛି । ଧର୍ମଭୀରୁ ଜାତି ମନରେ ଧର୍ମ ପ୍ରତ୍ୟୟ ଭରି ଦେବା ପାଇଁ ପର୍ବ, ଓଷାଗୁଡ଼ିକର ଉପାଦେୟତା ଯଥେଷ୍ଟ ଅଛି । ସେହି ବ୍ରତ ବା ଓଷା କେତେକ କୁମାରମାନଙ୍କ ପାଇଁ ଉଦ୍ଦିଷ୍ଟ, କେତେକ କୁମାରୀମାନଙ୍କ ଦ୍ୱାରା ପାଳନ କରାଯାଇଥାଏ । ଅନେକ ଓଷା କାଷ୍ଟାର ସହିତ ପାଳନ କରାଯାଏ । ଏପରିକି ପାଣି ଢୋକେ ପିଇବା ବି ମନା । ବିଧବାମାନେ କାର୍ତ୍ତିକ ବ୍ରତ ପାଳନ କରନ୍ତି । ଗୋଟିଏ ବେଳା ହବିଷାନ୍ନ ଭକ୍ଷଣ କରନ୍ତି । କାର୍ତ୍ତିକ ମାସରେ ମୁଖ୍ୟତଃ ପଞ୍ଚକ ପାଞ୍ଚଦିନ ମଧ୍ୟରେ କୌଣସି ବିଧବା ମରିଗଲେ ମାହାର୍ଦ୍ଦ ତୋରାଣୀ ତା ପାଟିବାଟେ ନ ଦିଆଯାଇ କାନବାଟେ ମଧ୍ୟ ଦିଆଯିବାର ପ୍ରଥା ଅଛି ।

ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ପାଞ୍ଚଦିନକୁ ବକ ପଞ୍ଚକ ବୋଲି କୁହାଯାଏ । ବଗ ମଧ୍ୟ ଏ ପାଞ୍ଚଦିନ ଆମିଷ ଭକ୍ଷଣ କରେ ନାହିଁ । ଏହି ପାଞ୍ଚଦିନ ଗ୍ରାମମାନଙ୍କରେ ରାସ ଯାଳନ କରାଯାଏ । ପୁଷ୍କରିଣୀ ନିକଟରେ ଚଉରା ନିର୍ମିତ ହୋଇ ଲିପାପୋଛା ହୁଏ । ତା' ଉପରେ ପଞ୍ଚବର୍ଣ୍ଣର ମୁରୁଜ ପଡ଼େ । ଗ୍ରାମ୍ୟ କିଶୋରୀ ଅରୁଆ ଚାଉଳ, କଦଳୀ ଆଉ ଗୁଡ଼ର ଭୋଗ କରି ଚଉରା ନିକଟରେ ଗୀତ ବୋଲେ । "ରାମ ସଙ୍ଗେ ସୀତା ଖେଳନ୍ତି ଚଉରା ନିକଟରେ ଗୀତ ବୋଲେ । "ରାମ ସଙ୍ଗେ ସୀତା ଖେଳନ୍ତି ପୁଚି ଓଳିଆ" ସୁବା ଚଉଦ ମୁଠି, ତିନି ମୁଠି ସୁବା ସରିଲା, ରାମ୍ଚ ଖୋଜୁଲେ ଠିଆ" ଇତ୍ୟାଦି ତାଳହୀନ ଘଣ୍ଟବାଦ୍ୟ ସହ ଗୀତ ସରେ । ଭୋଗ ବାଣ୍ଟି ଓଷେଇତି ଘରକୁ ଫେରେ । ତାପରେ ଆରମ୍ଭ ହୁଏ ରାସଲୀଳାରେ ଲିପାପୋଛା ଆଉ ମୁରୁଜ ପକା । ଭୋର ସମୟରେ ଦାଣ୍ଡ ପହଁରା । ସନ୍ଧ୍ୟାବେଳେ ଗାୟକ କଣ୍ଠରୁ ରାସଲୀଳା ଗୀତ ଭାସି ଆସେ । କୁଞ୍ଜ ମଧ୍ୟରେ ବସିଥାନ୍ତି ରାଧାକୃଷ୍ଣ । ଚମତ୍କାର ସେ ପରିବେଶ । ଆହୁରି ଚମତ୍କାର ଗାୟକ ସହ ପାଳିଆମାନଙ୍କର ପାଳିଧରା ଓ ତା' ସହ ମୃଦଙ୍ଗ ତଥା ଝାଞ୍ଜ ବାଦ୍ୟର ମିଳିତ ଧ୍ୱନି ।

ସ୍ଥାନେ ସ୍ଥାନେ ଏହି ପାଞ୍ଚ ଦିନ, କୌଣସି ସ୍ଥାନରେ ସମଗ୍ର ମାସଟି ଚଉରା ପାଖରେ ଆକାଶ ଦୀପ ବସେ । ସନ୍ଧ୍ୟାବେଳେ ବ୍ରାହ୍ମଣ ଭୋଗ କରନ୍ତି । ଛିଦ୍ରଯୁକ୍ତ ଠେକିରେ ଥିବା ଦୀପକୁ ଲଗାଇ ବାଉଁଶରେ ବନ୍ଧା ଯାଇଥିବା ଦଉଡ଼ି ସହାୟତାରେ ଠେକିକୁ ଉପରକୁ ଉଠାନ୍ତି । ଉକ୍ତ ଦୀପାଲୋକ ମୁଖ୍ୟତଃ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । କାରଣ ଦୀପାବଳୀ ଅମାବାସ୍ୟା ଦିନ କାଉଁରିଆ କାଠି ଜାଳି ଉପରକୁ ଉଠାଇ ସେମାନେ ଗାଇଥାନ୍ତି, "ବଡ଼ବଡ଼ିଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ" । ତେଣୁ ପିତୃପୁରୁଷଙ୍କ ସ୍ମାରକୀ, ଉଦ୍ଦେଶ୍ୟରେ, ସେମାନଙ୍କ ଆତ୍ମାର ସଦ୍‌ଗତି ତଥା ଆଲୋକିତ ପଥର ସନ୍ଧାନ ଦେବାଲାଗି ଏହାର ପରିକଳ୍ପନା । ଏହାମଧ୍ୟରେ ଲୁଚି ରହିଛି ଚମତ୍କାର ଦର୍ଶନ ।

କାର୍ତ୍ତିକ ମାସର ବିଶିଷ୍ଟ, ଆକର୍ଷଣ ହେଲା ବକୁଳିଆ ପଣ୍ଡାଙ୍କ ଗାଁ ଭ୍ରମଣ । ପୃଷ୍ଠରେ ତାଳପତ୍ରର ଛତା । ହାତରେ କୌଣସି ବାସନ ଭିକ୍ଷା ନେବା ଉଦ୍ଦେଶ୍ୟରେ ଧରା ହୋଇଥାଏ । ସେମାନେ ଗ୍ରାମ ଦାଣ୍ଡରେ ବୁଲନ୍ତି । କାହା ଦ୍ୱାରକୁ ଭିକ୍ଷା ଉଦ୍ଦେଶ୍ୟରେ ଯାଆନ୍ତି ନାହିଁ । ତାଙ୍କର ପ୍ରଧାନ ବିଶେଷତ୍ୱ ହେଲା ସେମାନେ ଗୋଟିଏ ଗୋଟିଏ ଆଶୁକବି । ସଙ୍ଗେ ସଙ୍ଗେ ପଦ ସଂଯୋଜନା କରି ଗୀତ ବୋଲନ୍ତି । ପରିସ୍ଥିତି ତଥା ପରିବେଶକୁ ଲକ୍ଷ୍ୟ କରି ଗୀତ ବୋଲିଥାନ୍ତି ।ଏଥିରୁ ଧର୍ମଶିକ୍ଷା ମଧ୍ୟ ବହୁତ ହୁଏ । ପ୍ରାଚୀନ ପୌରାଣିକ ଘଟଣାର ସୂଚନା ଏହି ଗୀତମାନଙ୍କରେ ଥିବାରୁ ଶ୍ରୋତାର ଜ୍ଞାନର ବିକାଶ ମଧ୍ୟ କେତେକ ପରିମାଣରେ ହୋଇଥାଏ ।

ଦେଲେ ନେବେ, ଡାକିଲେ ସୁହିଁବେ
ନୋହିଲେ କାହାକୁ କିଛି ନକହି ଫେରିଯିବେ
ଆହେ ଆପଣେ, ଆହେ ଆପଣେ
ଧର୍ମରୁ ରାମଚନ୍ଦ୍ର ଲଙ୍କା କଲେ ଜୟେ
ଅଧର୍ମରୁ ରାବଣର ବଂଶଗଲା କ୍ଷୟେ । ଆହେ ଆପଣେ
ଦେଉଥିଲେ ଯାଇ ବୁଲିଥିଲେ ଦାଇ
ପଡ଼ିଆ ଭୂମିରେ ଶୋଧନ କରାଇ ହେ
ଦାତା ଧନ, ଦେବତା ବ୍ରାହ୍ମଣ
ଅଦାତା ଧନ, ଅଗ୍ନିରେ ଦହନ
ବଳି ଦାତା, କର୍ଣ୍ଣ ଦାତା, ଦାତା ଜୀମୂତ ବାହନ
ହରିଶ୍ଚନ୍ଦ୍ର ଶିବି ଦାତା, ମୋକ୍ଷ ଦାତା ଜନାର୍ଦ୍ଦନ
ଆହେ ଆପଣେ, କାହାରି ଭାଗ୍ୟରେ ଥିବ
ଯାଇ ବ୍ରାହ୍ମଣକୁ ଦାନ ଦେବ ହେ

ଦାତା ଘର ଝିଅ ପୁଅ ଦାଣ୍ଡେ ଯାଉଥିବେ, ଦେଖା ନକରିବ ସେହିପରି ହାସ୍ୟରସପୂର୍ଣ୍ଣ କୌତୁକ ପଦରେ ସେମାନେ ଗାଇଥାନ୍ତି –

"ଅଭାଗ୍ୟ ବେଳକୁ ବିପରୀତ ବାଣୀ
ଗୋଟିଏ ସୁଲେକୁ ମାଡ଼ିଆଏ ପାଣି
ଶାଶୁ ବୋହୂ ଦୁହେଁକ ପକାଇଲେ ଛାଣି
ଶ୍ୱଶୁର ମୂଷା ଗଡ଼ି ମାରଲା କହୁଣି

ଶାଶୁ ଧରଲା ଚୁଟି, ବୋହୂ ପକାଇଲା କୁଟି
ବ୍ରାହ୍ମଣକୁ ନମିଳିଲା ସୁତଳ ବିମୁଠି
ସୁତଳକୁ ବିମୁଠି ନମିଳିଲା, ଡାକି ଡାକି ନନା ନେଉଟି ଗଲା
ଏଇ ଘର ବୁଢ଼ୀ ଅଟଇ କୃପଣ, ଖାଇଥିଆ ଖଡ଼ାରେ ନଖୋଜେ ଗୁଣ
ଶାଶୁ କାଣୀକୁ ବୋହୂ ଟେରୀ, ନଣନ୍ଦ ଆଖିରେ ଫୁଲା
ତିନିଜଣଯାକ ଦରାଣ୍ଡି ଦରାଣ୍ଡି ନପାଇଲେ ଚୁନା କୁଲା
ଶାଶୁକୁ ମାଇଲେ, ଅଣକେ ତୋହିଲେ
ଢିଙ୍କିଶାଳୁ ଖୁଦ ମଳୁଖ ଖାଇଲେ
ଶିକାରେ ଥୋ ବୋଇଲେ ପାଟିରେ ଥୋଇଲେ,
ସୁତଳ ଧୋଇ ପାଣି ଚକୁଳି କଲେ
ଶାଶୁ ମାଗିଲଉଁ ମୁହଁ ମୋଡ଼ିଲେ"

ଆସ୍ତେ ଆସ୍ତେ ଏ ସଂସ୍କୃତି ଲୋପ ପାଇବାକୁ ବସିଲାଣି । ଗାଁ ଦାଣ୍ଡରେ ଆଉ ତାଳପତ୍ର ଛତା ଦିଶୁନି କି ପଞ୍ଚାର ସେ ମନଚହଟା ଗୀତ ଭାସି ଆସୁନାହିଁ । ସାମ୍ପ୍ରତିକ ସଭ୍ୟତା କାବୁ କରି ବସିଛି ପ୍ରାଚୀନ ସଭ୍ୟତାକୁ । ଯୋଗୀ ଭିକାରୀଙ୍କ କରୁଣ ରସାପ୍ଲୁତ ଲହରୀ ଭାସି ଆସୁନି । ଯୋଗୀ ଭିକାରୀକୁ ଭିକ୍ଷା ଦେଲେ ଯେଉଁ ପୁଣ୍ୟ ଅର୍ଜନ ହୁଏ ବୋଲି ମଣିଷ ମନରେ ବିଶ୍ୱାସ ଥିଲା ତାହା କ୍ରମଶଃ ତା ମନ ମଧ୍ୟରୁ ଲିଭିଲିଭି ଆସୁଛି । କାର୍ତ୍ତିକ ମାସରେ ଦେବ ମନ୍ଦିର ପ୍ରାଙ୍ଗଣରେ 'ସଭା' ବସି ଭାଗବତ ପାଠ ମଧ୍ୟ ଲୋପ ପାଇବାକୁ ବସିଲାଣି । ସାତଦିନ ଧରି ଏ ଉତ୍ସବ ଚାଲେ । ନଡ଼ିଆ ପତ୍ର ଘେରା ଆବଦ୍ଧ ସ୍ଥାନ ମଧ୍ୟରେ ଗୋଟିଏ କଣକୁ ବର୍ଗାକାର ଗଣ୍ଡିଟିଏ ଖୋଳାଯାଏ । ବିବାଗାଦ୍, ସେଠାରେ ଧୁନି ଲାଗିଥାଏ । ବକ୍ତା ବା ପୁଜକ ଭାଗବତ ପାଠ କରନ୍ତି । ଗ୍ରାମ ମଧ୍ୟରୁ ଜଣେ ଧର୍ମପରାୟଣ ମୁଖ୍ୟ ବ୍ୟକ୍ତି କର୍ତ୍ତା ହୋଇଥାନ୍ତି । ସେ ଶ୍ରୋତାର କାମ କରନ୍ତି । ଗୋଟିଏ ବେଳା ପ୍ରସାଦ ସେବନ । ସାତଦିନ ପର୍ଯ୍ୟନ୍ତ ଏହା ଚାଲେ । ଉଦ୍‌ଯାପନ ଦିବସରେ ଗ୍ରାମବାସୀମାନଙ୍କ ପକ୍ଷରୁ ଚାନ୍ଦା ସଂଗୃହୀତ ହୋଇ ସମସ୍ତଙ୍କୁ ପଂକ୍ତି ଭୋଜନରେ ଆପ୍ୟାୟିତ କରାଯାଏ ।

କାର୍ତ୍ତିକ ମାସର ପୂର୍ଣ୍ଣାହୁତି ପର୍ବ କାର୍ତ୍ତିକ ପୂର୍ଣ୍ଣିମା । ମାସଟିଯାକର ଅନ୍ତିମ ଦିନ ।ସତର୍କତାର ସହ ଶୁଦ୍ଧପୁତ ଭାବରେ ଉକ୍ତ ଦିନଟି ପାଳନ କରାଯାଏ । ଆବାଳ ବୃଦ୍ଧବନିତାଙ୍କର ଉପାସ୍ୟ ଆଶୁତୋଷଙ୍କ ପୂଜା । ପ୍ରାତଃକାଳରେ, ସ୍ନାନ କରେ ପଲ୍ଲୀବଧୂ ଓ ପଲ୍ଲୀର କନ୍ୟା । କି ଗ୍ରାମୀଣ ମଣିଷ ଓ ସହରୀ ମଣିଷ ଉକ୍ତ ଦିବସଟିକୁ ପବିତ୍ରତାର ସହ ପାଳନ କରନ୍ତି । ସ୍ନାନ ସାରି ଡଙ୍ଗା ଭସା ଯାଏ । ଡଙ୍ଗାରେ ଥାଏ ପାନ, ଗୁଆ ଓ ବଳିତା । ସୋଲ ବା କଦଳୀ ପାଟୁଙ୍ଗାରେ ନିର୍ମିତ ଡଙ୍ଗାକୁ ନଦୀ ବା ପୁଷ୍କରିଣୀ ଜଳରେ ଭସାଇ ଦେଇ ଓଡ଼ିଆ ଘରର ବଧୂ ଗାଇ ଉଠେ "ଆ:କା:ମା:ବୈ:, ପାନଗୁଆ ଖାଇ, ପାନଗୁଆ ଯାକ ତୋର, ମାସକ ଧରମ ମୋର" । ବଳିତା ନିଷ୍କାମର ପ୍ରତୀକ, ପାନ ସ୍ତ୍ରୀର ଆଉ ଗୁଆ ପୁରୁଷର ।

ଓଡ଼ିଆ ସାଧବପୁଅ ଜାଭା, ବୋର୍ଣ୍ଣିଓ, ସୁମାତ୍ରା ଆଦି ଦ୍ୱୀପପୁଞ୍ଜକୁ ବାଣିଜ୍ୟ କରିବାକୁ ଯାଉଥିଲା । ତାରକସି କାମ, ପିତଳ ବାସନ, ହାତୀଦାନ୍ତ ନିର୍ମିତ ପଦାର୍ଥର ଯଥେଷ୍ଟ ଆଦରଥିଲା । ଓଡ଼ିଆଶିଳ୍ପୀର ଶିଳ୍ପନୈପୁଣ୍ୟ ଫୁଟି ଉଠିଥିଲା ପ୍ରତ୍ୟେକ କର୍ମରେ । ଫେରି ଆସୁଥିଲା ସାଧବ ପୁଅ ଧନଧାନ୍ୟରେ ବୋଇତ ଭରି ନିଜ ରାଜ୍ୟକୁ । ଓଡ଼ିଶାର ଗର୍ବ ଓ ଗୌରବର ସ୍ମାରକୀ ସାଧବ ପୁଅର ବୋଇତ ଯାତ୍ରାର ସ୍ମରଣ ଉଦ୍ଦେଶ୍ୟରେ ଡଙ୍ଗାଭସା ପର୍ବ । ସକାଳୁ ଡଙ୍ଗା ଭସାଇ ହୁଳହୁଳି ଧ୍ୱନି ଦେଇ ଓଡ଼ିଆ ଘରର ବୋହୂ ସଦାଶିବଙ୍କ ମନ୍ଦିର ଉଦ୍ଦେଶ୍ୟରେ ଯାତ୍ରା କରେ । ବାଟରେ ଦାତାମାନଙ୍କର ଦାନକୁ ଅପେକ୍ଷା କରି ବସିଥିବା ଭିକାରୀମାନଙ୍କୁ ଦାନ ଦେଇ ସେ ଶିବ ମନ୍ଦିରରେ ପହଞ୍ଚେ । ଭୋଗ କରେ । ପରିବାର ତଥା ସଂସାରର କଲ୍ୟାଣ ମନାସେ । ତେବେ ଶିବମନ୍ଦିରରେ ରାତିରୁ ରନ୍ଧା ହୋଇଥିବା ତରଣ ସେ ପାଏ ।

ଏ କ୍ଷେତ୍ରରେ ଧବଳେଶ୍ୱରଙ୍କ ପୀଠର ଯାତ୍ରୀ ବିଶେଷ ଉଲ୍ଲେଖ ଯୋଗ୍ୟ ।ସେହି ପଞ୍ଚକ ପାଞ୍ଚଦିନ ମଧ୍ୟରେ ବଡ଼ଓଷା ପଡ଼େ । ଓଷାର ନାମକରଣ ଦୃଷ୍ଟିରୁ ଏହା ଶ୍ରେଷ୍ଠ ଓଷା । ମୁଖ୍ୟତଃ ଆଶୁତୋଷଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ । ଓଷେଇତି ସେଦିନ ପାଣିଟୋପାଏ ବି ପିଏ ନାହିଁ । ଶିବଙ୍କ ପାଦଦୋକ/ବେଲପତ୍ର ଧବଳେଶ୍ୱରଙ୍କ ପୀଠରେ ନିର୍ମିତ ଗଜମଣ୍ଡା ପାଇବା ପରେ ସେ ଓଷା ଶେଷ କରେ । ଶ୍ରୀଶ୍ରୀ ଧବଳେଶ୍ୱର ପୀଠରେ ବହୁ ଭକ୍ତଙ୍କର ସମାଗମ ଘଟେ ।

ସମଗ୍ର କାର୍ତ୍ତିକ ମାସଟି ଧର୍ମମାସ ନାମେ ବିଦିତ । ସୂର୍ଯ୍ୟଙ୍କର ଉତ୍ତପ୍ତ କିରଣ ନଥାଏ । ଶୀତର ପ୍ରକୋପ ମଧ୍ୟ ବିଶେଷ ଅନୁଭୂତ ହୋଇ ନଥାଏ । ତେଣୁ ଏହି ନାତିଶୀତୋଷ୍ଣ ଜଳବାୟୁ ବୋଇତ ବାହି ନେବା ପାଇଁ ବୋଇତିଆଳଙ୍କ ପକ୍ଷରେ ସହଜ ହୋଇଥାଏ । ସାଧବପୁଅ ବାଣିଜ୍ୟ ତରୀ ଏହି ସମୟରେ ସମୁଦ୍ରରେ ବାହି ନଥାନ୍ତି । ତେଣୁ ଗୋଟିଏ . ପକ୍ଷରେ କୁମାର ପୂର୍ଣ୍ଣିମାରେ କାର୍ତ୍ତିକେୟ (କୁମାର)ଙ୍କ ଉଦ୍ଦେଶ୍ୟରେ ଆବାହନ ଓ ସମଗ୍ର ମାସଟି କାର୍ତ୍ତିକଙ୍କର ନାମାନୁସାରେ କାର୍ତ୍ତିକ ମାସ ଏବଂ ଅନ୍ତିମ ଦିବସରେ କାର୍ତ୍ତିକେୟଙ୍କର ପିତା ଆଶୁତୋଷଙ୍କ ଉଦ୍ଦେଶ୍ୟରେ ପୂଜା ଓ କାର୍ତ୍ତିକେୟଙ୍କର ମୃଣ୍ମୟ ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା ମଧ୍ୟରେ ମାସଟି ଶେଷ ହୁଏ ।

ସମଗ୍ର କାର୍ତ୍ତିକ ମାସଟି କେବଳ ଓଡ଼ିଆ ଜାତି କାହିଁକି ହିନ୍ଦୁମାନଙ୍କ ଲାଗି ଏକ ଧର୍ମର ମାସ । କୁମାର ପୂର୍ଣ୍ଣମୀର ପନ୍ଦର ଦିନ ପରେ ଦୀପାବଳୀ ଅମାବାସ୍ୟା ପଡ଼େ ।ବିଶେଷତଃ ଦୀପାବଳୀ ମାରୱାଡ଼ି ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ଲାଗି ଏକ ବଡ଼ ପର୍ବ । ଆଡ଼ମ୍ବର ସହକାରେ ସେମାନେ ଏହାକୁ ପାଳନ କରିଥାନ୍ତି । ସେମାନଙ୍କ ବ୍ୟବସାୟର ନୂଆ ଖାତା ତା'ପରଦିନଠାରୁ ଆରମ୍ଭ ହୁଏ । ଦୀପାବଳୀ ସହ ମା' କାଳୀଙ୍କର ପୂଜା ମଧ୍ୟ ଅନୁଷ୍ଠିତ ହୁଏ । ଦଶହରାରେ ମା ଆଦ୍ୟାଶକ୍ତି ଦୁର୍ଗାଙ୍କର, କୁମାର ପୂର୍ଣ୍ଣମୀରେ ମା ଲକ୍ଷ୍ମୀଙ୍କର ଏବଂ କାଳୀପୂଜାରେ ମା' କାଳୀଙ୍କର ଆରାଧନା କରା ଯାଇଥାଏ ।

ସମଗ୍ର ମାସଟି ପୁଣ୍ୟ ଓ ଆଲୋକର ମାସ । ନିଜେ ଅଜ୍ଞାନ ଅନ୍ଧକାରରୁ ଆଲୋକମୟ ପରିବେଶକୁ ଆସିବା ଲାଗି ପିତୃପୁରୁଷ ତଥା ମାମୁଁ ଘରର ପୂଜ୍ୟ ପୂଜା ଏ ମାସର ବୈଶିଷ୍ଟ୍ୟ । ତେଣୁ ଧର୍ମଶାସ୍ତ୍ର ପ୍ରମାଣ ଦେଇଛନ୍ତି, ଉକ୍ତ ମାସରେ ଆମିଷ ଭକ୍ଷଣ ମଧ୍ୟ ନିଷିଦ୍ଧ ।

ଏହି ଧର୍ମଭୀରୁ ଜାତି ମନରେ ଧର୍ମର ପ୍ରତ୍ୟୟ ଭରି ଦେବା ପାଇଁ କାର୍ତ୍ତିକ ମାସର ମହତ୍ତ୍ୱ ଅନ୍ୟ ମାସ ତୁଳନାରେ ଯେ ଶ୍ରେଷ୍ଠ ତୋ ଅଧିକ, ଏଥିରେ ଦ୍ୱିମତ ହେବାର କିଛି ନାହିଁ ।

ସାଲେପୁର ମହାବିଦ୍ୟାଳୟ, ସାଲେପୁର, କଟକ

# ଓଡ଼ିଶାରେ କମ୍ପ୍ୟୁଟରର ଉପଯୋଗ

**ଶ୍ରୀ ସିତୀକାନ୍ତ ଷଡ଼ଙ୍ଗୀ**

ଯାନ୍ତ୍ରିକ କମ୍ପ୍ୟୁଟର ଜନ୍ମଲାଭ କଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏବଂ ସେତେବେଳେ କେବଳ ପ୍ରତିରକ୍ଷା ବିଭାଗରେ ଏହାର ବ୍ୟବହାର ସୀମିତ ରହିଥିଲା । ୧୯୫୦ ମସିହା ପରଠାରୁ ଯାନ୍ତ୍ରୀକ କମ୍ପ୍ୟୁଟର ବ୍ୟବସାୟିକ ଭାବରେ ବ୍ୟବହୃତ ହେଲା । ଆନ୍ତର୍ଜାତୀୟ ସ୍ତରରେ କମ୍ପ୍ୟୁଟରର ଦ୍ରୁତ ପରିବର୍ତ୍ତନ ତଥା ସାମର୍ଥ୍ୟ ବୃଦ୍ଧି (ଅପଗ୍ରେଡେସନ) ସହିତ ତାଳ ଦେଇ ଆମ ଦେଶ ଏବଂ ଓଡ଼ିଶା ପ୍ରଦେଶରେ କମ୍ପ୍ୟୁଟର ବିକାଶ ସମାନ୍ତରାଳ ଭାବରେ ବଢ଼ି ଚାଲିଛି ।

ଯାନ୍ତ୍ରିକ କମ୍ପ୍ୟୁଟର ଜନ୍ମ ନେବା ପୂର୍ବରୁ ମନୁଷ୍ୟ ସଭ୍ୟତାର ପ୍ରାରମ୍ଭରେ ଲୋକମାନେ ବାଲିଗଦା ବା ଆଙ୍ଗୁଠି ଦ୍ୱାରା ଗଣନା କାର୍ଯ୍ୟ କରୁଥିଲେ । ତତ୍ ପରବର୍ତ୍ତୀ ପର୍ଯ୍ୟାୟରେ ଆବାକସ୍ (Abacus) ନାମକ ଏକ ଉପକରଣ ଯାହାକି କାଠଫ୍ରେମ୍ ଓ ଗୋଲିରେ ତିଆରି ହୋଇଥିଲା ତାହା ଗଣନା କାର୍ଯ୍ୟରେ ବ୍ୟବହୃତ ହେଲା । କ୍ରମାନ୍ୱୟରେ ନେପିୟରସ୍ ବୋନ୍ (Napier's bone), ସ୍ଲାଇଡ୍ ରୁଲ୍ (Slide rule), ପାସ୍କାଲଙ୍କ ମିଶାଣ ଯନ୍ତ୍ର, ଷ୍ଟେପ୍ଡ଼ ରେକନର (Stepped Recknor) ଇତ୍ୟାଦି ହସ୍ତଚାଳିତ ଉପକରଣଗୁଡ଼ିକ ମଧ୍ୟ ଗଣନା କାର୍ଯ୍ୟରେ ବ୍ୟବହୃତ ହେଉଥିଲା ।

୧୯୫୦ରୁ ୧୯୫୯ ମସିହା ମଧ୍ୟରେ ବ୍ୟବହୃତ ହେଉଥିବା ଯାନ୍ତ୍ରିକ କମ୍ପ୍ୟୁଟରକୁ ପ୍ରଥମ ପିଢ଼ିର କମ୍ପ୍ୟୁଟର କୁହାଯାଏ । ଏଗୁଡ଼ିକ ଫମାନଳୀ (ଭ୍ୟାକମ୍ ଟ୍ୟୁବ୍) ଦ୍ୱାରା ନିର୍ମିତ ହେଉଥିଲା । ଏଗୁଡ଼ିକର ଆକାର ଅତ୍ୟନ୍ତ ବୃହତ୍ ଥିଲା ଏବଂ ତାପ ବିକିରଣ ଅତ୍ୟଧିକ ଥିଲା । ଏଥିରେ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ଅଧିକ ହୋଇଥିଲା । ଗୋଟିଏ ଗୁଣନ କରିବା ପାଇଁ ଏହା ୨୦ ମିଲି ସେକେଣ୍ଡ ସମୟ ନେଉଥିଲା । ଏହାର କାର୍ଯ୍ୟ କରିବାର ସମୟଠାରୁ ଅକାମୀ ସମୟ (ଡାଉନ୍ ଟାଇମ୍) ଅଧିକ ରହୁଥିଲା । ଉପରୋକ୍ତ କାରଣଗୁଡ଼ିକ ଯୋଗୁ ଏହା କମ୍ ନିର୍ଭରଯୋଗ୍ୟ ଥିଲା ।

ଧାତବ ଟ୍ରାନ୍‌ଜିଷ୍ଟର (ମେଟାଲିକ୍ ଟ୍ରାନ୍‌ଜିଷ୍ଟର) ବ୍ୟବହାର ଲୋକଲୋଚନକୁ ଆସିବା ପରେ କମ୍ପ୍ୟୁଟରର ଫମାନଳୀକୁ ବଦଳାଯାଇ ଟ୍ରାନ୍‌ଜିଷ୍ଟର ବ୍ୟବହାର କରାଗଲା । ଫଳରେ ଏହାର ଆକାର କ୍ଷୁଦ୍ର ହେଲା । ଏହାକୁ ଦ୍ୱିତୀୟ ପିଢ଼ିର କମ୍ପ୍ୟୁଟର ଭାବରେ ଗଣା ହେଲା ଏବଂ ୧୯୬୦ରୁ ୧୯୬୪ ମସିହା ମଧ୍ୟରେ ଏଗୁଡ଼ିକର ବହୁଳ ପ୍ରସାର ହୋଇଥିଲା । ଏହି ପିଢ଼ିରେ ଯନ୍ତ୍ର ବିଦ୍ୟାର ଭାଷା ରୂପେ ଫୋରଟ୍ରାନ୍ (Fortran) ଏବଂ କୋବଲ୍ (Cobel)ର ଉଦ୍‌ଭବ ହୋଇଥିଲା ।

ଇଲେକ୍ଟ୍ରୋନିକ୍ସ ଶିଳ୍ପର ଅଭିବୃଦ୍ଧି ସହ ଇଣ୍ଟିଗ୍ରେଟେଡ୍ ସର୍କିଟ୍ (ଆଇ.ସି.)ର ଉଦ୍‌ଭାବନ ହେଲା । ଯେଉଁଥିରେ କି ଏ କ୍ଷୁଦ୍ର ସିଲିକନ୍ ଟୁକୁରାରେ ଅନେକଗୁଡ଼ିଏ ଟ୍ରାନ୍‌ଜିଷ୍ଟର କାର୍ଯ୍ୟାବଳୀକୁ ସମନ୍ୱିତ କରାଯାଇ ପାରିଲା । କମ୍ପ୍ୟୁଟରରେ ଟ୍ରାନ୍‌ଜିଷ୍ଟର ବଦଳରେ ଆଇ.ସି. ବ୍ୟବହାର କରି ଏହାର ଆକାରକୁ ଆହୁରି କ୍ଷୁଦ୍ର କରାଯିବା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ଗତିକୁ ମଧ୍ୟ କ୍ଷିପ୍ର କରାଯାଇ ପାରିଲା । ତୃତୀୟ ପିଢ଼ିର ଏହି କମ୍ପ୍ୟୁଟର ୧୯୬୫ରୁ ୧୯୭୫ ମସିହା ମଧ୍ୟରେ ବ୍ୟବହାର ହେଉଥିଲା । ଏହାର କାର୍ଯ୍ୟକାରୀ ଗତି ସେକେଣ୍ଡରେ ହିସାବ ହେଉଥିଲା । ଜନପ୍ରିୟ କମ୍ପ୍ୟୁଟର ଆଇ.ବି.ଏମ୍.–୩୬୦ ତୃତୀୟ ପିଢ଼ିର ଅନ୍ତର୍ଗତ ।

ତୃତୀୟ ପିଢ଼ିର କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଇଣ୍ଟିଗ୍ରେଟେଡ୍ ସର୍କିଟ୍ (ଆଇ.ସି.)କୁ ଅତ୍ୟାଧୁନିକ ଇଲେକ୍ଟ୍ରୋନିକସ୍ କୌଶଳରେ ଆହୁରି ଅଧିକ ସମନ୍ୱିତ କରାଯାଇ କମ୍ପ୍ୟୁଟରର କାର୍ଯ୍ୟକାରୀଗତିକୁ ଅତ୍ୟଧିକ କ୍ଷିପ୍ର କରାଯିବା ସଙ୍ଗେ ସଙ୍ଗେ ଏହାର ଆକାର ଅତି କ୍ଷୁଦ୍ର ହୋଇ ପାରିଲା । ଆଜିର ବ୍ୟବହୃତ ୨୦୦୦ ମେଗାହର୍ଟ୍ସ ଗତି ବିଶିଷ୍ଟ ପେଣ୍ଟିୟମ୍ କମ୍ପ୍ୟୁଟର ଏହି ପ୍ରକାରର କମ୍ପ୍ୟୁଟର ଯାହାକୁ କି ଚତୁର୍ଥ ପୀଢ଼ି ବୋଲି କୁହାଯାଉଛି ।

ଭାରତରେ ତଥା ଆମ ଓଡ଼ିଶା ପ୍ରଦେଶରେ କମ୍ପ୍ୟୁଟରର ପ୍ରସାର ଆମେରିକା ଓ ଜାପାନ ପରି ପ୍ରଗତିଶୀଳ ଦେଶମାନଙ୍କ ସହିତ ସମତାଳରେ ଆଗେଇ ଚାଲିଛି । ୧୯୬୬ ମସିହାରେ ଭାରତକୁ ପ୍ରଥମ ବୃହତ୍ କମ୍ପ୍ୟୁଟର ଆସିଥିଲା । ୧୯୫୦ ମସିହା ବେଳକୁ କଲିକତାର ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରଥମ କମ୍ପ୍ୟୁଟର ନିର୍ମାଣ କରାଯାଇଥିଲା । ୧୯୮୫ ମସିହାରେ ବ୍ୟକ୍ତିଗତ କମ୍ପ୍ୟୁଟର (ପର୍ସନାଲ୍ କମ୍ପ୍ୟୁଟର) ପ୍ରଥମେ ଭାରତକୁ ଆସିଲା । ଆମ ଓଡ଼ିଶାରେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ତାଳଚେର ସାର କାରଖାନାରେ ଦୁଇଟି କମ୍ପ୍ୟୁଟର ୧୯୮୦ ମସିହା ପୂର୍ବରୁ କାର୍ଯ୍ୟ କରୁଥିଲା, ଯେଉଁଗୁଡ଼ିକ କି ଆକାରରେ ଖୁବ୍ ବୃହତ୍ ଥିଲା ଏବଂ ୪–୫ଟି କୋଠରୀ ଅଧିକାର କରି ରହୁଥିଲା ।

୧୯୮୫ ମସିହା ପରେ ବ୍ୟକ୍ତିଗତ କମ୍ପ୍ୟୁଟରର ପ୍ରସାର ଓଡ଼ିଶାରେ ବହୁଳ ଭାବରେ ହୋଇଛି । ଅତ୍ୟାଧୁନିକ ପେଣ୍ଟିୟମ୍ କମ୍ପ୍ୟୁଟର ଆଜି ଅନେକ ଦପ୍ତର, ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କମ୍ପ୍ୟୁଟର ଶିକ୍ଷା ଅନୁଷ୍ଠାନମାନଙ୍କରେ ଅବସ୍ଥାପିତ ହୋଇଛି । ଓଡ଼ିଶାରେ ପ୍ରାୟ ଅଧିକାଂଶ ସରକାରୀ ବିଭାଗ ଏବଂ ମୁଖ୍ୟ ଦପ୍ତରରେ କମ୍ପ୍ୟୁଟର ସ୍ଥାପନା ହୋଇ ସାରିଲାଣି । ରାଜ୍ୟ ସଚିବାଳୟ ମଧ୍ୟରେ ଏକ କମ୍ପ୍ୟୁଟର ସଂଗ୍ରନ ପ୍ରକୋଷ୍ଠ (କମ୍ପ୍ୟୁଟିଂ ସେଲ୍) ପ୍ରତିଷ୍ଠା କରାଯାଇଛି ଏବଂ ସମସ୍ତ ସରକାରୀ ବିଭାଗ ଏହି କମ୍ପ୍ୟୁଟର ବ୍ୟବହାର କରିବା ପାଇଁ ସୁବିଧା ରହିଛି ।

ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ସୂଚନା କେନ୍ଦ୍ର ବିହାର, ପଶ୍ଚିମବଙ୍ଗ ଓ ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ସ୍ଥାପିତ ହୋଇଛି । ଏଠାରେ ଏକ ଶକ୍ତିଶାଳୀ କମ୍ପୁଟର ପ୍ରତିଷ୍ଠା କରାଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ମଧ୍ୟ ଜାତୀୟ ସୂଚନା କେନ୍ଦ୍ରର ଶାଖା କାର୍ଯ୍ୟାଳୟମାନ କାର୍ଯ୍ୟ କରୁଛି । ଜାତୀୟ ସୂଚନା କେନ୍ଦ୍ର ତରଫରୁ ରାଜ୍ୟ ସଚିବାଳୟ ମଧ୍ୟରେ ଏକ କମ୍ପୁଟର ସେବା କେନ୍ଦ୍ର ସ୍ଥାପନ କରାଯାଇ ସମସ୍ତ ସରକାରୀ ବିଭାଗକୁ କମ୍ପୁଟର ସେବା ଯୋଗାଇ ଦିଆଯାଉଛି । ଏନ୍‌:ଆଇ:ସି: ସେଲ୍ ସୁବିଧା ସମସ୍ତ ସରକାରୀ ବିଭାଗକୁ ଯୋଗାଇ ଦିଆଯାଉଛି । ଜାତୀୟ ସୂଚନା କେନ୍ଦ୍ର ଇଣ୍ଟରନେଟ୍ ସଂଯୋଗ ଦ୍ୱାରା ସମଗ୍ର ପୃଥିବୀର ବିଭିନ୍ନ ପ୍ରାନ୍ତରୁ ନିମିଷକ ମଧ୍ୟରେ ତଥ୍ୟ ସଂଗ୍ରହ କରିବା ପାଇଁ ସକ୍ଷମ ହୋଇ ପାରୁଛନ୍ତି ।

ରାଜ୍ୟରେ କମ୍ପୁଟର ପ୍ରସାର ପାଇଁ ଓଡ଼ିଶା କମ୍ପୁଟର ପ୍ରୟୋଗ କେନ୍ଦ୍ର (ଓ:ସି:ଏ:ସି:) ପ୍ରତିଷ୍ଠା କରାଯାଇଛି । ଏହି କେନ୍ଦ୍ର ସରକାରୀ କାର୍ଯ୍ୟାଳୟମାନଙ୍କରେ କମ୍ପୁଟର ପ୍ରତିଷ୍ଠା କ୍ଷେତ୍ରରେ ବୈଷୟିକ ସହଯୋଗ ଯୋଗାଇବା ସଙ୍ଗେ ସଙ୍ଗେ ରାଜ୍ୟରେ କମ୍ପୁଟର ତାଲିମର ପ୍ରସାର ମଧ୍ୟ କରୁଛନ୍ତି । ଉଭୟ ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କୁ ତାଲିମ ଦେବା ପାଇଁ ଏଠାରେ ସୁବିଧା ରହିଛି । ରାଜ୍ୟରେ ଥିବା ଏନ୍‌:ଆଇ:ସି: କାର୍ଯ୍ୟାଳୟ ମଧ୍ୟ ସରକାରୀ କର୍ମଚାରୀମାନଙ୍କୁ କମ୍ପୁଟର ତାଲିମ ପ୍ରଦାନ କରୁଛି । ଏହାଛଡ଼ା ବହୁ ସଂଖ୍ୟାରେ ଖ୍ୟାତିସମ୍ପନ୍ନ ତାଲିମ୍ ପ୍ରତିଷ୍ଠାନ ଯଥା- ଆପଲ୍ (ଏ:ପି:ପି:ଏଲ୍:ଇ:) ଏନ୍‌:ଆଇ:ଏସ୍: (ନିସ୍), ଏନ୍‌:ଆଇ:ଆଇ:ଟି: (ନିଟ୍), ଏସ୍:କ୍ୟୁ:ଏଲ୍: ଏବଂ ସାଇଁସ୍ନ ଇତ୍ୟାଦି କମ୍ପୁଟର ତାଲିମ ପ୍ରଦାନ କରୁଛନ୍ତି । ଭାରତ ତଥା ଓଡ଼ିଶା ପ୍ରଦେଶର ବହୁ ଯୁବ କମ୍ପୁଟର ଇଂଜିନିୟର ବିଦେଶରେ ସୁନାମ ଅର୍ଜନ କରିଛନ୍ତି ।

ଆମ ଦେଶରେ ରେଳବାଇ ସଂରକ୍ଷଣ ବ୍ୟବସ୍ଥା, ବ୍ୟାଙ୍କ ସେବା, ଗବେଷଣାଗାର, ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ ଦପ୍ତରମାନଙ୍କରେ କମ୍ପୁଟର ବ୍ୟବହାର କରାଯାଇ ସାରିଲାଣି । ଓଡ଼ିଶାରେ ଜମିଜମା ରେକର୍ଡ ମଧ୍ୟ କମ୍ପୁଟର ମାଧ୍ୟମରେ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ସ୍କୁଲ ସ୍ତରରେ କମ୍ପୁଟର ଶିକ୍ଷା ଆରମ୍ଭ କରାଯାଉଛି । ଓଡ଼ିଶାରେ ଏକ ସଫ୍‌ଟ ଓ୍ୱାର ପାର୍କ ପ୍ରତିଷ୍ଠା କରାଯିବା ପ୍ରସ୍ତାବ ରହିଛି । ଦେଶ ବିଦେଶର ଖ୍ୟାତନାମା ସଫ୍‌ଟ ଓ୍ୱାର କମ୍ପାନୀ ଯଥା- ଇନ୍‌ଫୋସିସ ଏବଂ ସତ୍ୟମ କମ୍ପୁଟର ପ୍ରଭୃତି ସଂସ୍ଥାମାନେ ଓଡ଼ିଶାରେ ସଫ୍‌ଟ ଓ୍ୱାର ଶିଳ୍ପରେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଓଡ଼ିଶା ଖୁବ୍ କମ୍ ସମୟ ମଧ୍ୟରେ କମ୍ପୁଟର କ୍ଷେତ୍ରରେ ପୃଥିବୀର ଏକ ଅଗ୍ରଣୀ ସ୍ଥାନ ଭାବରେ ଚିହ୍ନିତ ହେବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ ।

---

ଜିଲ୍ଲା ଶିଳ୍ପ କେନ୍ଦ୍ର,
(ରସୁଲଗଡ଼ ଶିଳ୍ପାଞ୍ଚଳ), ଭୁବନେଶ୍ୱର



ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋଠାରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ଗୋପବନ୍ଧୁଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରୁଛନ୍ତି

# ଶକ୍ତି ପୀଠ ମା' ଲଙ୍କେଶ୍ୱରୀ : ଏକ ଐତିହାସିକ ଅନୁଶୀଳନ

ଲାୟନ ମାଣିକଚାନ୍ଦ ଅଗ୍ରୱାଲ୍

ରୀଙ୍ଗ ଚକ୍ର ବରାଭୟାଂ ପୂର୍ଣ୍ଣଚନ୍ଦ୍ର ନିଭାନନାମ୍
ପଦ୍ମ ପଦ୍ମାସନାସୀନାଂ ଧ୍ୟାୟେତ୍ ଦୁର୍ଗା ତ୍ରିଲୋଚନାମ୍ ।

ଜଗଜ୍ଜନନୀ, ଶଙ୍ଖଚକ୍ର ଧାରିଣୀ, ଚିରକଲ୍ୟାଣୀ, ବିଶ୍ୱବନ୍ଦିନୀ ଲହ ଲହ ଜିହ୍ୱା ମା' ଲଙ୍କେଶ୍ୱରୀ ପଦ୍ମାସୀନା ବର ଓ ଅଭୟ ମୁଦ୍ରାସୀନା ଦକ୍ଷିଣ କୋଶଳର ଶକ୍ତି ପୀଠାଧିଶ୍ୱରୀ ଭାବରେ କେଉଁ ଅନାଦି କାଳରୁ ଜେନାବଳି ପାଟଣା (ଜୁନାଗଡ଼)ର ଅଧିଷ୍ଠାତ୍ରୀ ଦେବୀ ଭାବରେ ଅଛନ୍ତି ତା' କଳନା କରିବା ଅତି କଷ୍ଟସାଧ୍ୟ । କଳାହାଣ୍ଡି ଇତିହାସର ପର୍ଯ୍ୟାଲୋଚନା କଲେ ଏହି ଗଡ଼ ଜେନାବଳି ପାଟଣା ବା ଜେନାଗଡ଼ ନାମରେ ପ୍ରସିଦ୍ଧ ହୋଇ ପାରିଥିଲା କେବଳ ମା ଲଙ୍କେଶ୍ୱରୀଙ୍କ ଅପାର କରୁଣା ଓ ଅଶେଷ ଶକ୍ତି ବଳରେ ।




ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, ରାଜା କୌଣସି ରାଜ୍ୟ ଜୟ କରି ସେହି ପରାଜିତ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀଙ୍କୁ ଆଣି ତାଙ୍କ ରାଜ୍ୟରେ ପ୍ରତିଷ୍ଠିତ କରାଇଥାନ୍ତି । ଏହିପରି ଜୁନାଗଡ଼ରେ ଲଙ୍କେଶ୍ୱରୀଙ୍କୁ ଆଣି ପ୍ରତିଷ୍ଠିତ କରାଇବାର ଐତିହାସିକ ଘଟଣା ଅଛି । ଦକ୍ଷିଣର ଜଣେ ରାଜା ଲଙ୍କା ବିଜୟ କରି ଲଙ୍କାର ଦେବୀ ଲଙ୍କେଶ୍ୱରୀଙ୍କୁ ଜୁନାଗଡ଼ରେ ସ୍ଥାପିତ କରାଇ ଥିଲେ । ରାଜାଙ୍କ ସହିତ ତାହାଙ୍କ ଅନୁଚର ଏହି ଜୁନାଗଡ଼ରେ ଅବସ୍ଥାପିତ ହୋଇ ବଙ୍କା ନାମରେ ନାମିତ ହେଲେ । ମୁଖ୍ୟତଃ ବଙ୍କାମାନେ ଥିଲେ ଏକ ପରାକ୍ରମୀ ଯୁଦ୍ଧଖୋର ଜାତି । କଳାହାଣ୍ଡି ଛଡ଼ା ଏହି ବଙ୍କା ରାଜପୁତ୍‌ମାନଙ୍କୁ କୌଣସିଠାରେ ଦେଖିବାକୁ ମିଳିବ ନାହିଁ । ବଙ୍କା ରାଜପୁତ୍‌ମାନେ ଲଙ୍କେଶ୍ୱରୀଙ୍କୁ ରାଜଦେବୀ ଭାବରେ ଉପାସନା କରି ଆସୁଛନ୍ତି । ବିଜୟର ସ୍ମାରକୀ ସ୍ୱରୂପ ଦେବୀଙ୍କ ଦୁଇ ପାର୍ଶ୍ୱରେ ଥିବା ଦୁଇଟି ଖଣ୍ଡା ପ୍ରମାଣିତ କରୁଛି ଯେ ସେ ହେଉଛନ୍ତି ଶକ୍ତିର ଉତ୍ସ, ରାଜ୍ୟଜୟ ବେଳେ ସୈନିକଙ୍କର ପ୍ରାଣର କେନ୍ଦ୍ର ବିନ୍ଦୁ । ଏଣୁ ଦେବୀଙ୍କ ସୁପରିଚିତ ପର୍ବ "ଖଣ୍ଡାବସା" ଏକ ଚିରାଚରିତ ବିଜୟ ପର୍ବର ଦ୍ୟୋତକ ବୋଲି ଅନୁମିତ ହୁଏ ।

ଲଙ୍କା ଓ ଲଙ୍କେଶ୍ୱରୀ ଉଭୟେ ପରିପୂରକ । ସୋନପୁର (ସୁବର୍ଣ୍ଣପୁର) ଦେଉର ଓ ଜୁନାଗଡ଼ରେ ଲଙ୍କେଶ୍ୱରୀ ଦେବୀ ସ୍ଥାପିତ ହୋଇଛନ୍ତି । ବସ୍ତର (ମଧ୍ୟପ୍ରଦେଶ)ର ଇଷ୍ଟଦେବୀ "ଦନ୍ତେଶ୍ୱରୀ"ଙ୍କୁ ମଧ୍ୟ ସେ ସମୟର ଜେନାଗଡ଼ର ରାଜା ଆଣି ଲୋକସରା ନିକଟସ୍ଥ ଦହଣୀଠାରେ ଅବସ୍ଥାପିତ କରାଇଛନ୍ତି । ସେ ସମୟରୁ ଦନ୍ତେଶ୍ୱରୀ କଳାହାଣ୍ଡିରେ ପୂଜା ପାଉଛନ୍ତି । ଲଙ୍କେଶ୍ୱରୀ ଓ ଦନ୍ତେଶ୍ୱରୀଙ୍କ ଏକ ନିଗୂଢ଼ ସମ୍ପର୍କ ଅଛି । ପର୍ବ ସମୟରେ ଲଙ୍କେଶ୍ୱରୀଙ୍କ ଫୁଲମାଳ (ଆଜ୍ଞାମାଳ) ଯାହାକି ଅନୁମତିର ଏକ ସଙ୍କେତ, ଦନ୍ତେଶ୍ୱରୀଙ୍କ-ଠାରେ ପହଞ୍ଚିଲେ ହିଁ ପର୍ବର ଶୁଭାରମ୍ଭ ହୁଏ ।

ଘେରା ବଣପାହାଡ଼ ଜୁନାଗଡ଼ । ସହରର ଅନତି ଦୂରରେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରତୀକ ଛାତିରେ ବହନ କରି ସ୍ୱାଭାବିକ ଗତିରେ କୁଳୁ କୁଳୁ ନାଦ କରି ବହି ଯାଉଛି ହାତୀ ନଦୀ । ମନ୍ଦିର ମାଳିନୀ ଏ ସହର । ସମୟର ସ୍ରୋତରେ ବୈଷ୍ଣବ, ଶୈବ ଓ ଶାକ୍ତ ଧର୍ମାବଲମ୍ବୀ ଶାସକମାନେ ନିଜ ଇଷ୍ଟ ଆରାଧ୍ୟଙ୍କ ପୂଜାର୍ଚ୍ଚନା ପାଇଁ ଏହା ଦେହରେ ତୋଳି ଯାଇଛନ୍ତି ରାମସ୍ୱାମୀ, ଜଗନ୍ନାଥ, ଦଧିବାମନ, ବାଲାଜୀ, ରାଧାକୃଷ୍ଣ, ସୋମେଶ୍ୱର, ବିଶ୍ୱେଶ୍ୱର, ନୀଳକଣ୍ଠେଶ୍ୱର (ଯୋଡ଼ା ମହାଦେବ) ଲଙ୍କେଶ୍ୱରୀ, ଜନକ ଦୁର୍ଗା ଓ ବୁଢ଼ାରାଜା ପ୍ରଭୃତି

ମନ୍ଦିର । ଏହି ସହରର ଖୁରିକୋଣରେ ଖୁଣ୍ଟୋଟି ଭୈରବଙ୍କୁ ସ୍ଥାପିତ କରାଯାଇଛି । ଅତୀତର ଛଅ କୋଡ଼ି ବନ୍ଧ ଓ ନଅ କୋଡ଼ି ତୋଟା ନିଜ ବକ୍ଷରେ ଧାରଣ କରି ରଖିଥିଲା ଜେନାବଳି ପାଟଣା (ଜୁନାଗଡ଼) । ଏହାର କେତେକାଂଶ ସେ ବର୍ତ୍ତମାନ ସୁଦ୍ଧା ବହନ



କରି ରଖିଅଛି । କଳାହାଣ୍ଡି ଇତିହାସରେ ଜେନାବଳି ପାଟଣା ବା ଜେନାଗଡ଼ ନାମ ସମଗ୍ର ମହାକାନ୍ତାରରେ ସ୍ୱନାମଧନ୍ୟ ହୋଇ ପାରିଥିଲା । ଏହି ଜେନାବଳି ପାଟଣା ବା ଜୁନାଗଡ଼ ସମଗ୍ର ମହାକାନ୍ତାରରେ ପଶ୍ଚିମ ଲଙ୍କା ଭାବରେ ପରିଚିତ ଥିଲା । ଦେବୀ ଲଙ୍କେଶ୍ୱରୀ ଏହି ଗଡ଼ର ରକ୍ଷାକାରିଣୀ ଓ ଅଧିକାରିଣୀ ହୋଇ ରାଜ ଦେବୀ ଭାବରେ ପୂଜା ପାଉଛନ୍ତି । ମହାକାନ୍ତାର (କଳାହାଣ୍ଡି, କୋରାପୁଟ, ବସ୍ତର)ରେ କାଳାଚୁରୀ ଶାସକ ଗୋଷ୍ଠୀଙ୍କୁ ପରାସ୍ତ କରି ଗଙ୍ଗବଂଶୀମାନେ ଦଖଲ କଲେ ଜେନାଗଡ଼କୁ । ଏମାନେ ତାଙ୍କ ରାଜ୍ୟ ସୀମା ଇନ୍ଦ୍ରାବତୀ ଉପତ୍ୟକା ଓ ବସ୍ତର ଅଞ୍ଚଳକୁ ନେଇ ବଡ଼କୋଟ ମଣ୍ଡଳ ଗଠନ କଲେ । ଗଙ୍ଗବଂଶୀ ପରେ ସୋମବଂଶୀ (ତାଙ୍କର କୀର୍ତ୍ତି ସୋମିଆ ବନ୍ଧ ଓ ସୋମେଶ୍ୱର ମହାଦେବ) ମାନେ, ଶାସନ କଲେ । ସୋମବଂଶୀ ପରେ ନାଗବଂଶୀମାନେ ଛୋଟନାଗପୁରରୁ ଆସି ଜେନାବଳି ପାଟଣାରେ ରାଜୁତି କଲେ । ବର୍ତ୍ତମାନ ସୁଦ୍ଧା ଏହି ସହରର ଦକ୍ଷିଣ ଓ ଉତ୍ତର ଦିଗରେ ଦୁଇଟି ରାଣୀ ବନ୍ଧ (ରାଣୀମାନଙ୍କ ସ୍ନାନ ପାଇଁ) ରହିଛି । କେଉଁ ଅନାଦି କାଳରୁ ବଡ଼ଖାଇ (ପ୍ରତିରୂପ) ଏହି ସହରରେ ଥିଲା । ତା'ର କିୟଦଂଶ ବର୍ତ୍ତମାନ ସୁଦ୍ଧା ସହରର ପ୍ରାଣକେନ୍ଦ୍ରରେ ଶୋଭା ପାଉଛି । ଚତୁର୍ଭୁଜା ମା ଲଙ୍କେଶ୍ୱରୀଙ୍କ ତିନି ହସ୍ତରେ ଆୟୁଧ ଓ ଏକ ହସ୍ତ ଅଭୟ ବରଦା । ବସ୍ତ୍ରକୋଟମଣ୍ଡଳର ଶକ୍ତି ପୀଠର ଅଧିଶ୍ୱରୀ ଭାବରେ ସେ ସମଗ୍ର ଦକ୍ଷିଣ କୋଶଳରେ ସୁପରିଚିତା ।

ମା'ଙ୍କ ପବିତ୍ର ପର୍ବ ଖଣ୍ଡାବସା ହୁଏ ଆଶ୍ୱିନ ମୂଳାଷ୍ଟମୀ ଦିନ । ଜେନାବଳି ଗଡ଼ର ନାଗବଂଶୀୟ ରାଜା ଦେବୀଙ୍କ ଖଣ୍ଡାକୁ ସ୍ୱଉଚ୍ଚ ଉପରେ ବସାଇ ଥାନ୍ତି । ତେଣୁ ଏହି ପାରମ୍ପରିକ ପର୍ବ ଖଣ୍ଡାବସା ନାମରେ ପ୍ରସିଦ୍ଧ । ଏହି ପର୍ବର ମୁଖ୍ୟ ପୁରୋଧା, କଳାହାଣ୍ଡି ମହାରାଜ ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେଓ । ଅମୃତ ମୁହୂର୍ତ୍ତ ବେଳାରେ 'ଷୋଡ଼ଶ କଳସ ସ୍ଥାପନ କରାଯାଇ' ସମ୍ପୃକ୍ତ ପଣ୍ଡିତମାନଙ୍କୁ ବରଣ କରି ମୁଖ୍ୟ ପୁରୋଧା ଶ୍ରୀ ଦେଓ ଦେବୀଙ୍କ ଦକ୍ଷିଣ ଓ ବାମ ପାର୍ଶ୍ୱରେ ଦୁଇଟି ଖଣ୍ଡାକୁ ବସାନ୍ତି । ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳିତ କରନ୍ତି ଓ ଦେବୀଙ୍କୁ ପୁଷ୍ପାଞ୍ଜଳୀ ଅର୍ପଣ କରାଯାଇ ପାଟ ଗଡ଼ରା ନାମକ ପଶୁ ଓ ମହାପଶୁ (ପୋଢ଼) ପ୍ରୋକ୍ଷଣ କରି ବଳି ଦିଅନ୍ତି । ତାହାପରେ ଲଙ୍କେଶ୍ୱରୀଙ୍କ ପାର୍ଶ୍ୱ ଦେବତା ବୁଢ଼ାରଜା ମନ୍ଦିରକୁ ବିଜେ କରନ୍ତି ଏବଂ ଦୁଇଟି ଦୀପ ପ୍ରଜ୍ୱଳନ ପୂର୍ବକ ଖଣ୍ଡା ବସାନ୍ତି । ଏହି ମହାପୂଜା ପନ୍ଦର ଦିନ ଧରି ଚାଲେ । ଏହାର ଉଦ୍‌ଯାପନୀ ପର୍ବ ହୁଏ ମହାଷ୍ଟମୀର ମଧ୍ୟ ରାତ୍ରରେ । ମହାପଶୁ ପ୍ରୋକ୍ଷଣ କରି ବଳି ଦିଆଯାଏ ଏବଂ ମନ୍ଦିର ପ୍ରାଙ୍ଗଣରେ କେତେକ ଚୋଦାକୁ ଜେନାଖାଳରେ ଜେନା (ପୋତି) ବା ଜୀବନ୍ତ ସମାଧି ଦିଆଯାଏ । ପୂଜାହାରୀ ଏକ ରକ୍ତପୂର୍ଣ୍ଣ ଖର୍ପର (ଖପରା) ମସ୍ତକରେ ଧାରଣ ପୂର୍ବକ ଜେନାଖାଳଠାରେ କଗୁଡ଼ି ଦିଅନ୍ତି । ଏହା ଖପରଚୁଆ ନାମରେ ବିଦିତ । ମା'ଙ୍କ ପବିତ୍ର ପର୍ବ ଏହିଭଳି ଭାବରେ ଯାକ ଜମକରେ ପାଳିତ ହୁଏ । ତନ୍ତ୍ର ଆରାଧନାର ଅନୁରୂପ ଏକ ବିଶେଷତ୍ୱ ଏ ମନ୍ଦିରରେ ଅଛି । ପ୍ରତି ସଂକ୍ରାନ୍ତିରେ ଦେବୀଙ୍କ ଚଣ୍ଡେଶ୍ୱରୀ ପୂଜାରେ ଅନେକ ପ୍ରତିଷ୍ଠିତ ବ୍ରାହ୍ମଣ ନିଶାର୍ଦ୍ଧରେ ଦେବୀଙ୍କ ପାଖରେ ବସି ଷୋଡ଼ଶୋପଚାରରେ ଉପାସନା କରନ୍ତି । ସେ ସମୟରେ ଶକ୍ତି ଆରାଧନାର ଏକ ମାତ୍ର ଲକ୍ଷ୍ୟ ଥିଲା, ନିଜ ରାଜ୍ୟସୀମାକୁ ବୃଦ୍ଧି କରି ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବା । ସେଥିପାଇଁ ଦେବୀଙ୍କ ଅଲୌକିକ ଆଶିଷ ବଳରେ ହିଁ ରାଜ୍ୟଜୟ କରି ପାରିବେ ବୋଲି ଦୃଢ଼ ଆଶା ପୋଷଣ କରି ରାଜା ଜୟ ପାଇଁ ବାହାରୁ ଥିଲେ । ଯୁଦ୍ଧ ଯାତ୍ରାରେ ଦେବୀ ଦୁଇ ହାତରେ ଦୁଇଟି ଖଣ୍ଡା ଧରି ସତେ ଯେପରି ଯୁଦ୍ଧ କ୍ଷେତ୍ରରେ ଅଗ୍ରଣୀ ହୋଇ ସେମାନଙ୍କୁ ଦେଇ ଯାଉଥିଲେ ଅଶେଷ ଶକ୍ତି, ଉତ୍ସାହ ଓ ପ୍ରେରଣା ।

ରାଜଧାନୀ ଜେନାଗଡ଼ର ବିଜୟ ବାର୍ତ୍ତା ବହନ କରି ତାଙ୍କ ଚରଣ ତଳେ ପ୍ରଳୟ ଓ ସୃଷ୍ଟିର ବିଳୟ ଓ ଆବିର୍ଭାବ ହୋଇଛି । ଏହି ଗଡ଼ର ହସରେ ସେ ଫୁଲି ଉଠୁଛନ୍ତି । କାନ୍ଦରେ ଆଖିରୁ ଲୁହ ଝରଉଛନ୍ତି । ତାଙ୍କରି ସ୍ନେହ, ଶ୍ରଦ୍ଧା ଓ ଆଶିଷରେ ଜୁନାଗଡ଼ବାସୀ ହସ ଖୁସିରେ ଅଛନ୍ତି । ଜେନାଗଡ଼ରୁ ଜୁନାଗଡ଼ ଇତିହାସ-ରେଖରେ ଧାରଣ କରି ମା' ଲଙ୍କେଶ୍ୱରୀ ଯୁଗେ ଯୁଗେ ପୂଜା ପାଉଥିବେ ।

---

ପୂର୍ବତନ ନଗରପାଳ,
ଜୁନାଗଡ଼, ଜିଲ୍ଲା—କଳାହାଣ୍ଡି

## ସ୍ମୃତି ରୋମନ୍ଥନ

ଶ୍ରୀ ବାବୁଲି ଚରଣ ପାତ୍ର

ଓଡ଼ିଆ ଜାତିର ଗଉରବ ଗାଇ
ଭଗ୍ନ ବାରବାଟୀ ଉଠିଛିରେ ଚେଇଁ,
ହଜି ଯାଇଥିବା ସ୍ମୃତି ଆଜି ତା'ର
କାଳ କାଳ ପାଇଁ ଅକ୍ଷୟ, ଅମର ।

ନୀଳ ମହାନଦୀ ହସି ଉଠେ ଆଜି
କୋଳାହଳ କେତେ ନାରୀ କଣ୍ଠେ
ଶଙ୍ଖ ହୁଳହୁଳି ଆ' କା' ମା' ବଇରେ
ନୀଳ ଜଳରାଶି ଫୁଲି ଉଠେ ।
ଫେରି ଆସିଛି ସେ ପୁଣ୍ୟ ଦିନ ପୁଣି
କାର୍ତ୍ତିକ ପୁନେଇଁ ପ୍ରତ୍ୟୁଷରେ
ଜାଭା, ସୁମାତ୍ରାରୁ ସାଧବ ପୁଅ କି
ଫେରିଛନ୍ତି ଏବେ ବୋଇତରେ !

କଳିଙ୍ଗ କୀରତି ଯାଇଛି ତ ହଜି
ରହିଛି ତା' ସ୍ମୃତି ପଦଚିହ୍ନ
ଯେତେ ଦିନ ଯାଏ ଏ ଜାତି ବଞ୍ଚିଛି
କରୁଥିବ ତା'ର ଗୁଣ ଗାନ ।

-ଗ୍ରାମ-ହାଟସାହି, ପୋ:-ଗଡ଼ିଆଗଡ଼ପୋଟଣା,
ଥାନା-ବିରିବାଟୀ, ଜି.-କଟକ-୭୫୪୧୦୦

## ବୋଇତ ବନ୍ଦାଣ

ଶ୍ରୀ ହରିରାମ ସିଂହ

କାର୍ତ୍ତିକ ମାସରେ ବୋଇତ ବନ୍ଦାଣ
ଯୁଗ ଯୁଗ ଧରି ରହିଛି କଥା
ସାଧବ ବୋହୂଏ ବୋଇତ ବନ୍ଦନ୍ତି
ଭକତିର ଭରେ ନୁଆଇଁ ମଥା
ବନ୍ଦନ୍ତି ସଭିଏଁ ସତେ ମା ମଙ୍ଗଳା
ସାଧବ କୁଳକୁ ସାହା ହୋଇବ
ଦେଶ ବିଦେଶରେ ବିକା କିଣା କରି
ଆମର ବୋଇତ ଫେରି ଆସିବ
ପଥେ ସାହା ହେବ ମା' ମଙ୍ଗଳା
ରକ୍ଷୁବ ତାହାଙ୍କୁ ପଣତ ଘୋଡ଼ାଇ
କରୁଛୁ ଗୁହାରି ସର୍ବ ଅବଳା ।
କାର୍ତ୍ତିକ ପୁନେଇ ଦେଉଛି ଚେତାଇ
ଓଡ଼ିଆ ପୁଅର ପୂରୁବ ଖ୍ୟାତି
କର୍ପୂର ଯାଇଛି କନା ରହିଅଛି
ମନେ ପଡୁଅଛି ଆଜି ସେ ସ୍ମୃତି
ମନେ ମଙ୍ଗଳାଙ୍କୁ ବନ୍ଦାଇ
କରନ୍ତି ଗୁହାରି ସର୍ବେ ଆଜି ମିଳି
ରକ୍ଷା କର ମା' ଜାଗୁଳାଇ

ଲାଲବାଗ ଥାନା ପଛପଟ,
ଚୁଙ୍ଗୀଚୌକ, କଟକ



# ସମ୍ବାଦ ପରିକ୍ରମା

## ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମତିଥି ପବିତ୍ର 'ଗାନ୍ଧୀ ଜୟନ୍ତୀ'ର ରାଜ୍ୟସ୍ତରୀୟ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି ।

ଏହି ଉପଲକ୍ଷେ ରାଜ୍ୟ ବିଧାନ ସଭା ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣଙ୍କୁ ଗାନ୍ଧୀ ଜୟନ୍ତୀର ଶପଥ ପାଠ କରାଇଥିଲେ । ପରେ ପରେ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ ଓ ରାମଧୂନ ପରିବେଷଣ କରାଯାଇଥିଲା ।

ଏହି ଅବସରରେ ବିଧାନ ସଭା ପ୍ରାଙ୍ଗଣ ମଧ୍ୟରେ ନବଉତ୍କଳର ଅନ୍ୟତମ ନିର୍ମାତା ପାରଳାର ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ବାଚସ୍ପତି ଶ୍ରୀ ଦ୍ୟାନ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍ୱତନ୍ତ୍ର ଉତ୍କଳ ନିର୍ମାଣରେ ପାରଳା ମହାରାଜାଙ୍କ ଅବଦାନ ଚିରସ୍ମରଣୀୟ ଏବଂ ତାଙ୍କର ନିଷ୍ଠାପର ଉଦ୍ୟମ ଫଳରେ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇ ପାରିଛି ।

ସମ୍ମାନିତ ଅତିଥି ରାଜ୍ୟ ବିରୋଧୀଦଳ ନେତା ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ।

ବିଧାନ ସଭାର ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ବୃନ୍ଦ, ବହୁ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା, ନିର୍ଦ୍ଦେଶକ ଶ୍ରୀ ରବିନ୍ଦ୍ରନାଥ ଦାଶ, ବିଭାଗୀୟ ଅଧିକାରୀ ବୃନ୍ଦ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଧାନସଭାର ଉପ-ବାଚସ୍ପତି ଶ୍ରୀ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ପ୍ରତ୍ୟୁଷରେ ବିଭାଗ ତରଫରୁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପ୍ରସ୍ତର କରାଯାଇଥିଲା ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରି ଅନୁଷ୍ଠିତ ହୋଇଥିଲା ।

## ଶହୀଦ ବାଜିରାଉତଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ସମାରୋହ

ଗତ ଅକ୍ଟୋବର ୧୧ ତାରିଖ ସନ୍ଧ୍ୟାରେ ଶହୀଦ ବାଜିରାଉତଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ସମାରୋହ ସ୍ଥାନୀୟ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ କହିଲେ ଯେ, ଭାରତ ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଶହୀଦ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ବାଜିରାଉତ ସର୍ବକନିଷ୍ଠ । ପ୍ରଜାମଣ୍ଡଳ କର୍ମୀ ଭାବେ କୋମଳମତି ବାଜିରାଉତ ମନରେ ଯେଉଁ ପ୍ରଜା ଆନ୍ଦୋଳନର ଜାଗରଣ ସୃଷ୍ଟି ହୋଇଥିଲା ଆଜି ମଧ୍ୟ ସେହିପରି ସଙ୍ଗଠନ ଆବଶ୍ୟକ । ଆଜି ଯେଉଁମାନେ ଗାଁ ଗହଳିରେ ଅବହେଳିତ ହୋଇଚନ୍ତି ଏବଂ ସ୍ୱାଧୀନତାର ସ୍ୱାଦ କ'ଣ ଜାଣି ନାହାନ୍ତି, ସେମାନଙ୍କୁ ସୁବିଧା ସୁଯୋଗ ଦିଆଯାଇ ପାରିଲେ ଆମ ସ୍ୱାଧୀନତାର ଲକ୍ଷ୍ୟ ପୂରଣ ହୋଇପାରିବ । ଏହି ଅବସରରେ କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

ଏଥିରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଯୋଗ ଦେଇ କହିଲେ ଯେ ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ବୀର ବାଜିରାଉତର ନିର୍ଭୀକତା ଓ କର୍ତ୍ତବ୍ୟନିଷ୍ଠା ନିଶ୍ଚିତ ଭାବେ ଇତିହାସରେ ଚିରସ୍ମରଣୀୟ ହୋଇରହିବ ।

ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଅଧ୍ୟକ୍ଷତା କରି କହିଲେ ଯେ ୧୨ ବର୍ଷର ବାଜିରାଉତ ଦୃଢ଼ ସଂକଳ୍ପ ପାଇଁ ଶହୀଦ ହେଲା । ଗୋରା ସିପାହୀ, ରାଜତନ୍ତ୍ର, କଂଗ୍ରେସ୍ ଏସବୁ କିଛି ବାଜିଆ ଜାଣି ନଥିଲା । ସେ ଏତିକି

ଜାଣିଥିଲା ଯେ ଭାରତ ମାତାର ଆଶାକୁ ପୂରଣ କରିବ । ଆଜି ମାନବିକତାର ମୂଲ୍ୟବୋଧ ଯେପରି କ୍ଷୟ ହେବାରେ ଲାଗିଛି, ଆମେ ଭାରତୀୟ କହି ଗର୍ବ ଅନୁଭବ କରିପାରୁ ନାହୁଁ । ଆଜି ଯଦି ଆମେ ସ୍ୱାଭିମାନର ଜାଗରଣ ମନ ଭିତରେ ସୃଷ୍ଟି କରି ପାରିବା, ତେବେ ବାଜିରାଉତ ପ୍ରତି ହେବ ଏହାହିଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ମୁଖ୍ୟବକ୍ତା ଭାବେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଭାରତ ସ୍ୱାଧୀନତାର ପ୍ରାକ୍‌କାଳୀନ ପ୍ରଜା ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରି କହିଲେ ଯେ ଏକନିଷ୍ଠ ଭାବରେ ଯିଏ ଦେଶ ଓ ଜାତି ପାଇଁ ନିଃସ୍ୱାର୍ଥପର ଭାବେ ପ୍ରାଣବଳି ଦେଇଥାଏ ସେ ହେଉଛି ଶହୀଦ । ସେ ଏକ ଅନିର୍ବାଣ ଦୀପଶିଖା । ସେହି ଅନିର୍ବାଣ ଶିଖାର ଆଲୋକ ଓ ଆଦର୍ଶ ଆମ ସମସ୍ତଙ୍କ ପାଇଁ ଧ୍ୟେୟ ହେଉ ବୋଲି ପ୍ରଫେସର ପଟ୍ଟନାୟକ ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମେଘନାଦ ଟୁଡୁ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ରନାଥ ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୋଗ ପୃଥିବୀକୁ ଭାରତବର୍ଷର ସର୍ବଶ୍ରେଷ୍ଠ ଦାନ
### ମୁଖ୍ୟମନ୍ତ୍ରୀ

ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜାତୀୟ ଯୋଗ ସମ୍ମିଳନୀର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଲେ ଯେ, ଯୋଗ ସମଗ୍ର ପୃଥିବୀକୁ ଭାରତବର୍ଷର ଏକ ମହନୀୟ ଦାନ ରୂପେ ସ୍ୱୀକୃତ । ବର୍ତ୍ତମାନ ପାଶ୍ଚାତ୍ୟ ଜଗତ ଯୋଗର ମହତ୍ୱ ଅନୁଭବ କରିଥିଲା ବେଳେ ଆମ ଦେଶରେ ଯୋଗର ପ୍ରସାର ଓ ପ୍ରଚାର ପାଇଁ କାର୍ଯ୍ୟ କରାଯିବା ଉଚିତ । ଯୋଗର ପ୍ରସାର ଓ ପ୍ରଚାର ପାଇଁ କାର୍ଯ୍ୟ କରାଯିବା ଉଚିତ ।
ପ୍ରାଚୀନ ଭାରତୀୟ ଜୀବନ ଦର୍ଶନରେ ଭୌତିକ ଉନ୍ନତି ସହ ଆଧ୍ୟାତ୍ମିକ ବିକାଶ ଉପରେ ସଦାସର୍ବଦା ଗୁରୁତ୍ୱ ଆରୋପ କରାଯାଇଛି । ଅତି ଅବହେଳିତ ମନୁଷ୍ୟର ଉନ୍ନତି ନ ହେଲେ ଭାରତବର୍ଷର ଉନ୍ନତି ଅସମ୍ଭବ ହୋଇପଡ଼ିବ । ଭାରତୀୟ ଋଷି–ସନ୍ନ୍ୟାସୀମାନେ ମନୁଷ୍ୟ ଜୀବନକୁ ଉନ୍ନତତର କରିବାପାଇଁ ଆଧ୍ୟାତ୍ମିକତା ଉପରେ ଜୋର ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍ୱାମୀ ସ୍ୱରୂପାନନ୍ଦଙ୍କ ନିଷ୍ଠା ଯୋଗୁଁ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ସାରା ରାଜ୍ୟରେ ଏକ ପ୍ରଧାନ ଯୋଗ ଅନୁଷ୍ଠାନ ରୂପେ ପ୍ରତିଷ୍ଠା ଲାଭ କରିଛି । ଯୋଗକୁ ଶିକ୍ଷା ପଦ୍ଧତିର ଏକ ଅଂଶ ରୂପେ ପ୍ରବର୍ତ୍ତନ କରିବାପାଇଁ ଶିକ୍ଷକମାନଙ୍କୁ ଏ ସମ୍ପର୍କରେ ତାଲିମ ଦେବା ପାଇଁ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଶଙ୍କରାନନ୍ଦ, ସ୍ୱାମୀ ସତ୍ୟଧର୍ମ, ସ୍ୱାମୀ ଯୋଗସିନ୍ଧୁ, ସ୍ୱାମୀ ଅଶେଷାନନ୍ଦ ଓ ସ୍ୱାମୀ ସତ୍ୟବିନ୍ଦୁ ପ୍ରମୁଖ ଭାଷଣ ଦେଇଥିଲେ । ଅବସରପ୍ରାପ୍ତ ବିଶ୍ୱପତି ଶରତ ଚନ୍ଦ୍ର ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଏବଂ ଆଶ୍ରମର ଅଧ୍ୟକ୍ଷ ଶ୍ରୀ ରାମମୂର୍ତ୍ତି ଯୋଗ ଦେଇଥିଲେ । ସତ୍ୟାନନ୍ଦ ଯୋଗ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ସ୍ୱାମୀ ଧର୍ମଭୂଷଣ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଅଞ୍ଚଳର ଯୋଗ ବିଶାରଦ, ଚିକିତ୍ସକ ଓ ସନ୍ନ୍ୟାସୀମାନେ ଅଂଶଗ୍ରହଣ କରିଥିଲେ ।

## ପୁରୀରେ ଦକ୍ଷିଣ ଏସିଆ ମୈତ୍ରୀ ଶିବିର

ଗତ ଅକ୍ଟୋବର ୨୦ ତାରିଖରେ ପୁରୀଠାରେ ଲୋକ ସେବକ ମଣ୍ଡଳ ଆନୁକୂଲ୍ୟରେ ଅନୁଷ୍ଠିତ ଦକ୍ଷିଣ ଏସିଆ ମୈତ୍ରୀ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ କହିଲେ ଯେ ଦେଶ ଦେଶ ମଧ୍ୟରେ ମୈତ୍ରୀ ଭାବର ସନ୍ଦେଶ କଳିଙ୍ଗ ଯୁଦ୍ଧ ପରେ ପରେ ଓଡ଼ିଶା ମାଟିରୁ ପ୍ରସ୍ଫୁରିତ ହୋଇଛି । ଏହି ଶିବିର ଆନ୍ତର୍ଦେଶୀୟ ମୈତ୍ରୀ ଭାବର ବିକାଶ ଦିଗରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରୁଥିଲେ ।

ଏହି ଶିବିରରେ ଭାରତର ବିଭିନ୍ନ ପ୍ରଦେଶରୁ ତଥା ପାକିସ୍ଥାନ, ବଙ୍ଗଳା ଦେଶ, ଜର୍ମାନ୍, ଜାପାନ ଓ ନେପାଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ସମାଜ'ର ସମ୍ପାଦିକା ଶ୍ରୀମତୀ ମନୋରମା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଶ୍ରୀଯୁକ୍ତ ସତ୍ୟ ପଲ୍ ପରିଚାଳନା କରିଥିଲେ ।

## ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀଙ୍କ ସହିତ ପାକିସ୍ଥାନୀ ପ୍ରତିନିଧି ଦଳଙ୍କ ସାକ୍ଷାତ

ପୁରୀଠାରେ ସମ୍ପ୍ରତି ଅନୁଷ୍ଠିତ ଦକ୍ଷିଣ ଏସିଆ ମୈତ୍ରୀ ଶିବିରରେ ଯୋଗ ଦେଇଥିବା ପାକିସ୍ଥାନୀ ପ୍ରତିନିଧିଗଣ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହଙ୍କୁ ତାଙ୍କ ସରକାରୀ ବାସଭବନରେ ଏକ ସୌହାର୍ଦ୍ଦ୍ୟମୂଳକ ସାକ୍ଷାତ କରିଥିଲେ । ଏହି ପ୍ରତିନିଧିଗଣ ମନ୍ତ୍ରୀ ଶ୍ରୀ ସିଂହଙ୍କ ମାନବିକ ଦୃଷ୍ଟିଭଙ୍ଗୀର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତାଙ୍କୁ ଏକ ଉପଢୌକନ ପ୍ରଦାନ କରିଥିଲେ ।

ମନ୍ତ୍ରୀ ଶ୍ରୀ ସିଂହଙ୍କ ପ୍ରଚେଷ୍ଟାରେ ପାକିସ୍ଥାନୀ ଚିତ୍ରକାର ଶ୍ରୀ ଜାଭେଦ୍ ଓ ଶ୍ରୀ ତାହିର୍‌ଙ୍କର ଏକ ଚିତ୍ରକଳା ପ୍ରଦର୍ଶନୀ ଭୁବନେଶ୍ୱର ଲଳିତ କଳା ଏକାଡ଼େମୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା ।

## ୧୧୮ ଜଣ ଘରଡ଼ିହ ନଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପଟ୍ଟା ବଣ୍ଟନ

ଗତ ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ବାସଭବନଠାରେ ଆୟୋଜିତ ଏକ

ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲର ଘରଡ଼ିହ ନଥିବା ୧୯୮ ଜଣ ବ୍ୟକ୍ତିଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ, ଆସନ୍ତା ୩ ମାସ ଭିତରେ ରାଜ୍ୟରେ ଘରଡ଼ିହ ନଥିବା ସବୁ ଲୋକଙ୍କୁ ସରକାର ଘରଡ଼ିହ ଯୋଗାଇ ଦେବାପାଇଁ ସଂକଳ୍ପବଦ୍ଧ । ଗରିବ ଲୋକଙ୍କ ସରଳତାର ସୁଯୋଗ ନେଇ କେତେକ ଟାଉଟର ଶ୍ରେଣୀର ଲୋକ ଏଥିରୁ ଫାଇଦା ଉଠାଇବା ପାଇଁ ଉଦ୍ୟମ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସତର୍କ କରାଇ ଦେଇଥିଲେ ଏବଂ ଏଥିପାଇଁ କଠୋର ଦଣ୍ଡବିଧାନ କରାଯିବ ବୋଲି କହିଥିଲେ । ଲୋକଙ୍କର ନ୍ୟାୟୋଚିତ ପ୍ରାପ୍ୟରୁ କେହି ତାଙ୍କୁ ବଞ୍ଚିତ କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଥିଲେ ।

ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସର୍ବେଶ୍ୱର ମହାନ୍ତି ରାଜ୍ୟ ସରକାରଙ୍କ ଏହି ବଳିଷ୍ଠ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାର ଲୋକେ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଘରଡ଼ିହ ପଟ୍ଟା ପାଇବେ ବୋଲି ପ୍ରକାଶ କରିଥିଲେ ।

## 'ଓଡ଼ିଶାରେ ଜଙ୍ଗଲ ଗବେଷଣାରେ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ' ସଂକ୍ରାନ୍ତୀୟ କର୍ମଶାଳା

'ଓଡ଼ିଶାରେ ଜଙ୍ଗଲ ଗବେଷଣାରେ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ' ସଂକ୍ରାନ୍ତୀୟ ଏକ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଜଙ୍ଗଲର ବିଭିନ୍ନ ବିଭବ ସମ୍ପର୍କରେ ଗବେଷଣାର ଆବଶ୍ୟକତା ଉପରେ ସେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଏଦିଗରେ ସ୍ୱେଚ୍ଛାସେବୀ ସଂସ୍ଥା, ଗଣମାଧ୍ୟମ ଓ ଜନସାଧାରଣଙ୍କୁ ନେଇ ଏକ ସମନ୍ୱିତ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଲେ ଯେ ବିକାଶ ଓ ଜଙ୍ଗଲ ସୁରକ୍ଷା ଉଭୟ ମାନବ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ । ତେଣୁ ବିଭିନ୍ନ ବୃହତ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଖଣି ଖାଦାନ ତଥା ଅନ୍ୟାନ୍ୟ ବୃହତ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଜଙ୍ଗଲକୁ ଭରଣା କରିବା ନିମନ୍ତେ ଆବଶ୍ୟକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେବା ନିମନ୍ତେ ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ । ଏହି ଗବେଷଣା କାର୍ଯ୍ୟକୁ ଫଳପ୍ରଦ କରିବା ନିମନ୍ତେ ରାଜ୍ୟରେ ଏକ ରାଜ୍ୟସ୍ତରୀୟ ଗବେଷଣା ସମନ୍ୱୟ ସଂସ୍ଥା ଗଢ଼ିବା ସପକ୍ଷରେ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ଭାରତୀୟ ଜଙ୍ଗଲ ଗବେଷଣା ଓ ଶିକ୍ଷା ପରିଷଦ ଡେରାଡୁନ୍‌ର ଏକ ଶାଖା ଓଡ଼ିଶାରେ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ ।

ଭାରତୀୟ ଜଙ୍ଗଲ ଗବେଷଣା ଓ ଶିକ୍ଷା ପରିଷଦ ଏବଂ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାରେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶ୍ରୀନିବାସ ରଥ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଜଙ୍ଗଲ ବିଭାଗର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ବି: ସି: ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବନ ସଂରକ୍ଷଣ (ବିକାଶ) ମଣ୍ଡଳ ଶ୍ରୀ ଏନ୍: ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେରାଡୁନ୍‌ସ୍ଥ ଆଇ: ସି: ଏବଂ ଆର୍: ଆଇ: ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ବାଲାପ୍ରସାଦ ଓ ଜବଲପୁର ଟି: ଏଫ୍ ଆର୍: ଆଇ:ର ଗବେଷଣା କୋର୍ଡିନେଟର ଶ୍ରୀ ଆର୍: ଏଲ୍: ଶ୍ରୀବାସ୍ତବ ଜଙ୍ଗଲ ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରଦର୍ଶନୀ ଓ ଭଜନ ସମାରୋହ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାଜ୍ୟ ସୂଚନା ଭବନଠାରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପରିଦର୍ଶନ ସମୟର ବିଭିନ୍ନ ସ୍ମରଣୀୟ ଘଟଣାବଳୀକୁ ନେଇ 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଏହାକୁ ବୁଲି ଦେଖିଥିଲେ । ତାଙ୍କ ସହିତ ଓଡ଼ିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ୍ ସାମନ୍ତରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା, ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର ନାଥ ଦାଶ, ବିଧାନ ସଭା ସଚିବ ଶ୍ରୀ ରବିନାରାୟଣ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ପରେ ପରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ଭଜନ ସମାରୋହ' ମୁଖ୍ୟମନ୍ତ୍ରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହି ସମାରୋହରେ ବାଚସ୍ପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

OGP-MP-PTS (I&PR) 33-10,000-28-10-1998



ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । (୨-୧୦-୧୯୯୮)



ସାର୍ବଜନୀନ ଦୁର୍ଗା ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଟକର ବିଭିନ୍ନ ଦୁର୍ଗା ପୂଜା ମଣ୍ଡପ ପରିଦର୍ଶନ କରୁଛନ୍ତି (୩୦-୯-୧୯୯୮)



ରାଜ୍ୟର ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା କେନ୍ଦ୍ର ପ୍ରତିନିଧି ଦଳଙ୍କ ସହିତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଓ ରାଜ୍ୟର ବରିଷ୍ଠ ପଦାଧିକାରୀମାନେ ଆଲୋଚନା କରୁଛନ୍ତି (୨୨-୧୦-୧୯୯୮)



ଓଡ଼ିଶାରେ ସୂଚନା ପ୍ରଯୁକ୍ତି ବୈଷୟିକ ଜ୍ଞାନ କୌଶଳର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତିରେ ମାଇକ୍ରୋସଫଟ୍ କର୍ପୋରେସନ ଓ ଇଣ୍ଡିକଲ୍ ଏବଂ ଓ.ଏସ୍.ଇ.ଡି.ସି. ଦ୍ୱାରା ପ୍ରତିଷ୍ଠିତ ଏକ ନୂତନ କମ୍ପାନୀ ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ (୨୩-୧୦-୧୯୯୭)





ଭୁବନେଶ୍ୱରର ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ମ୍ୟାନେଜମେଣ୍ଟର ବାର୍ଷିକ ଉତ୍ସବ 'ଏକ୍ସପ୍ରେସନ୍-୧୯୯୮' ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି



ସୂଚନା ଭବନଠାରେ ପ୍ରାଣନାଥ ପଟ୍ଟନାୟକଙ୍କ ଅଷ୍ଟ ବିଂଶତିତମ ଶ୍ରାଦ୍ଧବାର୍ଷିକୀ ଉତ୍ସବକୁ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି (୬-୧୦-୧୯୯୮)



ଦରଘାବଜାରଠାରେ ଲକ୍ଷ୍ମୀ ପୂଜା ଉପଲକ୍ଷେ ଆୟୋଜିତ 'ପଲ୍ଲୀଶ୍ରୀ ମେଳା' ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରି ପୂଜା ମଣ୍ଡପ ବୁଲି ଦେଖୁଛନ୍ତି (୬-୧୦-୧୯୯୮)



ବଙ୍ଗଳାଦେଶ ହାଇକମିସନର ଶ୍ରୀ ସି.ଏମ୍. ସାଫିଥାମି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି (୧୭-୧୦-୧୯୯୮)



ବିଭିନ୍ନ ନିଗମର ଅଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଲୋଚନା କରୁଛନ୍ତି (୨୨-୧୦-୧୯୯୮)



ରବୀନ୍ଦ୍ର ମଣ୍ଡପଠାରେ ଇନ୍‌ଫରମେସନ ଟେକ୍ନୋଲୋଜି ଆସୋସିଏସନ୍ ଅଫ ଓଡ଼ିଶା ପକ୍ଷରୁ ଆୟୋଜିତ 'ଓଡ଼ିଶା–ଦି ନିଉ ଆଇ.ଟି: ଡେଷ୍ଟିନେସନ, ଶୀର୍ଷକ ଆଲୋଚନାଚକ୍ରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି (୨୩-୧୦-୧୯୯୮)



କର୍ତ୍ତବ୍ୟରତ ଥାଇ ମୃତ୍ୟୁବରଣ କରିଥିବା ପୋଲିସ ଅଧିକାରୀ ବିନୋଦ ମେହେରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ବିନୋଦ ମେହେର ସ୍ମୃତି ସଦନର ନବନିର୍ମିତ ଗୃହ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି (୨୨-୧୦-୧୯୯୮)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସଭବନଠାରେ ଘରଡ଼ିହ ନଥିବା ଲୋକମାନଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରୁଛନ୍ତି (୯-୧୦-୧୯୯୮)



କଟକ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ଜାତୀୟ ମହିଳା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଖେଳାଳୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି (୧୬-୧୦-୧୯୯୮)



ସଚିବାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି



ରାଜ୍ୟରେ ଉତ୍କଟ ମରୁଡ଼ି ସମ୍ପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି (୨୬-୧୦-୧୯୯୬)



ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟଠାରେ ସ୍ଥାପିତ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉନ୍ମୋଚନ କରି ଭାଷଣ ଦେଉଛନ୍ତି (୫-୧୦-୧୯୯୮)




ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଢେଙ୍କାନାଳ ଡିଆରଡିଏର ନୂତନ ସୌଧ ଉଦ୍‌ଘାଟନ କରି ବିକଳାଙ୍ଗମାନଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରୁଛନ୍ତି (୨-୧୦-୧୯୯୮)





କଟକ ଦେଓ୍ୱାନବଜାରଠାରେ 'ହମାମଖାନା' ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ (୩୧-୮-୧୯୯୮)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସଭବନରେ ଆୟୋଜିତ ଏକ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ଓ
ବେଗୁନିଆ ବ୍ଲକକୁ ମନୋନୀତ ହୋଇଥିବା ଅଙ୍ଗନବାଡ଼ୀ ମହିଳା କର୍ମୀସ୍ୱରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି (୭-୧୦-୧୯୯୮)

VOL. LV No. 4 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ସ୍ୱାସ୍ଥ୍ୟ ସେବା ଉନ୍ନୟନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି (୧୮-୯-୧୯୯୮)



ହୋଟେଲ ଗାର୍ଡେନ୍ ଇନ୍‌ଠାରେ ଆୟୋଜିତ ୨୯ତମ ନିକ୍ଷେତ୍ର ସମ୍ମିଳନୀକୁ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି (୧୨-୧୦-୧୯୯୮)

PRINTED AT ORISSA GOVERNMENT PRESS, CUTTACK-753010

# ଉତ୍କଳ ପ୍ରସଙ୍ଗ

ଡିସେମ୍ବର - ୨୦୦୮



ମଗଧରାଜ ବୃହସ୍ପତି ମିତ୍ର ମହାରାଜା ଖାରବେଳଙ୍କ
ନିକଟରେ ଆତ୍ମ ସମର୍ପଣ କରୁଅଛନ୍ତି ।

## ଖାରବେଳ ମହୋତ୍ସବ ବିଶେଷାଙ୍କ